ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୨/୨୦୨୨ (୮+୮=୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 12/2022 ★★★★

୪୮ଶ ଭାଗ ୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଟି୨୦ ସିରିଜ ଖେଳିବେନି ରାହୁଲ**

ଆଘାତପ୍ରାପ୍ତ ଥିବାରୁ ଭାରତର ଲୋକେଶ ରାହୁଲ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜରେ ଖେଳିବେ ନାହିଁ।

୦୮

୦୭

**ଜୁଲାଇ ୨୨ରେ ରଣବୀର କପୁରଙ୍କ 'ଶମ୍‌ଶେରା'**

ରଣବୀର କପୁରଙ୍କ ଫିଲ୍ମ 'ଶମ୍‌ଶେରା'ର ଟ୍ରେଲର ଶୁକ୍ରବାର ରିଲିଜ୍ ହୋଇଛି। ମୁଭିଟି ଜୁଲାଇ ୨୨ରେ ୩ଟି ଭାଷାରେ ମୁକ୍ତିଲାଭ କରିବ।



## ଚାର୍ଜଶିଟ୍ ଦାଖଲ କଲା ବଲାଙ୍ଗୀର ପୋଲିସ

**ମମିତା ମେହେର ହତ୍ୟା ମାମଲା**



ବଲାଙ୍ଗୀର ଅଫିସ, ୧୧।୨

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ଚାର୍ଜଶିଟ୍‌କୁ ବଲାଙ୍ଗୀର ପୋଲିସ ଶୁକ୍ରବାର ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସି କୋର୍ଟରେ ଦାଖଲ କରିଥିବା ଜଣାପଡିଛି। ଏନେଇ ବଲାଙ୍ଗୀର ପୋଲିସ ପକ୍ଷରୁ ବିଧିବଦ୍ଧ ଭାବେ କିଛି ବି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଏହି ବହୁ ପ୍ରତୀକ୍ଷିତ ଚାର୍ଜଶିଟ୍‌କୁ କୋର୍ଟରେ ଦାଖଲ କରାଯାଇଥିବା ଜଣାପଡିଛି। ପୋଲିସ ପକ୍ଷରୁ ୨ ହଜାର ପୃଷ୍ଠାରୁ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ବିଳମ୍ବରେ ନିଯୁକ୍ତି**

## ସଂକଳ୍ପରେ ଅଟକିଛି ବିଧାନ ପରିଷଦ

- **କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର ଚକିତ କରିଛି: ବାଚସ୍ପତି**
- **କେନ୍ଦ୍ର ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ନାହିଁ: ଭର୍ତ୍ତୃହରି**

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ରାଜ୍ୟ ସରକାର ୨୦୧୫ରୁ ବିଧାନ ପରିଷଦ ଗଠନ ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏନେଇ ସରକାର ୫ ଜଣିଆ କମିଟି ଗଠନ କରିଛନ୍ତି। କମିଟି ସଦସ୍ୟମାନେ ବିଭିନ୍ନ ରାଜ୍ୟ ଗସ୍ତ କରି ସରକାରଙ୍କୁ ରିପୋର୍ଟ ମଧ୍ୟ ଦେଇଛନ୍ତି। ବିଧାନସଭାରେ ସଂକଳ୍ପ ପାରିତ ହେଲା। ବିଧାନସଭା ଗଠନ ପ୍ରକ୍ରିୟାକୁ ୭ ବର୍ଷ ପୂରିବାକୁ ବସିଥିବା ବେଳେ ଏହା କେବଳ ସଂକଳ୍ପରେ ଅଟକି ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ଓଡ଼ିଶା ସରକାରଙ୍କଠାରୁ ଏଭଳି କୌଣସି ପ୍ରସ୍ତାବ ମିଳି ନ ଥିବା କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ବିରୋଧୀ ଦଳ ସରକାରଙ୍କୁ କଡ଼ା ସମାଲୋଚନା କରିଥିବା ବେଳେ ଶାସକ ଦଳ ଏବଂ ଓଡ଼ିଶା ବିଧାନସଭାର ବାଚସ୍ପତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ବିଧାନ ପରିଷଦ ଗଠନ ପ୍ରସ୍ତାବ ସମ୍ପର୍କିତ କୌଣସି ସଂକଳ୍ପ ପାଇ ନ ଥିବା ନେଇ କେନ୍ଦ୍ର ଆଇନ ମନ୍ତ୍ରୀ କିରେନ୍ ରିଜିଜୁ କହିବା ପରେ ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶୁକ୍ରବାର ଏ ସମ୍ପର୍କିତ ଏକ ବିବୃତି ଜାରି କରିଛନ୍ତି। ବାଚସ୍ପତି କହିଛନ୍ତି ଯେ ୨୦୧୮ ସେପ୍ଟେମ୍ବର ୬ରେ ବିଧାନସଭାରେ ବିଧାନ ପରିଷଦ ନେଇ ସଂକଳ୍ପ ପାରିତ ହୋଇଥିଲା ଓ ଏହାକୁ ତୁରନ୍ତ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଥିଲା। କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ଉତ୍ତର ରାଜ୍ୟ ସରକାର, ବିଧାନସଭା ଓ ଜନସାଧାରଣଙ୍କୁ ସ୍ତମ୍ଭୀଭୂତ କରିଛି।

ବିଧାନ ପରିଷଦ ଗଠନ ନେଇ ୨୦୧୫ରେ ବିଧାୟକ ନୃସିଂହ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ କମିଟି ଗଠନ କରାଯାଇଥିଲା । ସେଥିରେ ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଭୁଜବଳ ମାଝି, ମନୋହର ରନ୍ଧାରୀ ଓ ନିତେଶ ଗଙ୍ଗଦେବ ପ୍ରମୁଖ ସଭ୍ୟ ଥିଲେ। ଏହି କମିଟିର ପ୍ରଥମ ବୈଠକ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ହୋଇଥିଲା। ୨୦୧୫ ଫେବୃୟାରୀ ୨, ମେ' ୨୦, ୨୦୧୮ ଜୁଲାଇ ୪ ଏବଂ ୧୬ରେ କମିଟି ସଦସ୍ୟମାନେ କର୍ଣ୍ଣାଟକ, ମହାରାଷ୍ଟ୍ର, ବିହାର ଓ ତେଲଙ୍ଗାନା ଗସ୍ତ କରି ସେଠାରେ ଥିବା ବିଧାନ ପରିଷଦ ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ । ରାଜ୍ୟ ସରକାର ଏହି ରିପୋର୍ଟ ପାଇବା ପରେ ୨୦୧୮ ଅଗଷ୍ଟ ୨୯ରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଓଡ଼ିଶାରେ ବିଧାନ ପରିଷଦ ଗଠନ କରିବା ନେଇ ଏକ ସଂକଳ୍ପ ବିଧାନସଭାକୁ ପଠାଇଥିଲେ। ଉକ୍ତ ପ୍ରସ୍ତାବକୁ ୨୦୧୮ ସେପ୍ଟେମ୍ବର ୫ ତାରିଖରେ ସମସ୍ତ ବିଧାୟକ, ବିଧାୟିକାଙ୍କ ମଧ୍ୟରେ ବଣ୍ଟା ଯାଇଥିଲା । ସେପ୍ଟେମ୍ବର ୬ରେ ଏହି ପ୍ରସ୍ତାବ ବିଧାନସଭାରେ ଆଲୋଚନା ହୋଇ ଭୋଟିଂ ହୋଇଥିଲା। ବିଧାନସଭାର ୧୪୭ ଜଣ ସଦସ୍ୟଙ୍କ ମଧ୍ୟରୁ ୧୦୪ ଜଣ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ପ୍ରସ୍ତାବଟି ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ବିଧାନ ପରିଷଦ ଗଠନ ସକାଶେ ୨୦୧୮ ସେପ୍ଟେମ୍ବର ୧୮ରେ ବିଧାନସଭା ପକ୍ଷରୁ ପାରିତ ପ୍ରସ୍ତାବର ନକଲ ଲୋକ ସଭା ସେକ୍ରେଟାରି ଜେନେରାଲ ଓ ରାଜ୍ୟ ସଭା ସେକ୍ରେଟାରି ଜେନେରାଲ, କେନ୍ଦ୍ର ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ସଚିବ, ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ସଚିବ ଏବଂ ଓଡ଼ିଶା ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ଏପରି ପ୍ରସ୍ତାବ ପାଇ ନ ଥିବା ନେଇ କେନ୍ଦ୍ରମନ୍ତ୍ରୀ କହିବା ରାଜ୍ୟ ସରକାର, ବିଧାନସଭା ଓ ଓଡ଼ିଶାର ଜନସାଧାରଣଙ୍କୁ ଚକିତ କରିଛି ବୋଲି ବାଚସ୍ପତି କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତରକୁ ନେଇ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ସରକାର ୩ ବର୍ଷ ପୂର୍ବରୁ ବିଧାନ ପରିଷଦ ଗଠନ ନେଇ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ଅଭାବକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଗୋଟିଏ ମନ୍ତ୍ରଣାଳୟ ଖବର ଅନ୍ୟ ମନ୍ତ୍ରଣାଳୟ ନିକଟରେ ରହୁନାହିଁ। ବିଜେଡି ସଂସଦୀୟ ଦଳର ସଦସ୍ୟମାନେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟି ସଂକଳ୍ପ ଦେଇଥିଲେ। ଏହା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପାର୍ଲାମେଣ୍ଟରେ ଏହାକୁ ବିଲ୍ ଆକାରରେ ଉପସ୍ଥାପନ କରିବା କଥା । କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ଅନୁମୋଦନ କଲା ପରେ ରାଜ୍ୟ ସରକାର ବିଧାନ ପରିଷଦ ଗଠନ ନେଇ ପ୍ରକ୍ରିୟା ଆରମ୍ଭ କରିପାରିବେ। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଖାମଖିଆଲ ଉତ୍ତର ଦେବା ଉଚିତ ନୁହେଁ। କେନ୍ଦ୍ର ସରକାର ଏଭଳି ଭୁଲକୁ ସଂଶୋଧନ କରିବେ ବୋଲି ସେ ଆଶା କରିଛନ୍ତି। ତେବେ ବିଧାନ ପରିଷଦ ଗଠନ ସଂକଳ୍ପ ପଠାଇବା ନେଇ କେନ୍ଦ୍ର ନା ରାଜ୍ୟ କିଏ ସତ କହୁଛନ୍ତି ତାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି।

## 'ନୋଟା' ବିକଳ୍ପ ରହିବ

**ପୌର ନିର୍ବାଚନ**

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଆସନ୍ତା ପୌର ନିର୍ବାଚନରେ ମତଦାତାଙ୍କ ପାଇଁ 'ନୋଟା' (ନନ୍ ଅଫ୍ ଦି ଏବଭ) ବା ଉପରୋକ୍ତ ପ୍ରାର୍ଥୀଙ୍କ ମଧ୍ୟରୁ କେହି ନୁହନ୍ତି ବିକଳ୍ପ ରହିବ। ଯଦି କୌଣସି ମତଦାତା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ କାହାକୁ ପସନ୍ଦ କରିବେ ନାହିଁ ତେବେ ସେ ନୋଟାରେ ନିଜର ଭୋଟ ଦେଇପାରିବେ। ଇଭିଏମ୍ ପ୍ୟାନେଲର ଶେଷ ପ୍ରାର୍ଥୀଙ୍କ ନାଁ ପରେ 'ଉପରୋକ୍ତ ପ୍ରାର୍ଥୀଙ୍କ ମଧ୍ୟରୁ କେହି ନୁହନ୍ତି' ବୋଲି ଉଲ୍ଲେଖ ରହିବ ଓ ଏଥିସହିତ ପ୍ରାର୍ଥୀଙ୍କ ନିର୍ବାଚନ ଚିହ୍ନ ଭଳି 'ନୋଟା' ପାଇଁ ମଧ୍ୟ ଏକ ଚିହ୍ନ ରହିବ। ଆସନ୍ତା ନିର୍ବାଚନରେ ଏଭଳି ବିକଳ୍ପ ରଖାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସମ୍ବିଧାନର ଧାରା ୨୪୩–ଜେଡ୍‌ଏରେ ଦିଆଯାଇଥିବା କ୍ଷମତାର ଉପଯୋଗ କରି ରାଜ୍ୟ ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ବିଧାନସଭା ଓ ଲୋକ ସଭା ନିର୍ବାଚନରେ 'ନୋଟା'ର ବ୍ୟବହାର ହୋଇଆସୁଥିଲା। ଏବେ ପୌର ନିର୍ବାଚନରେ ମଧ୍ୟ ମତଦାତାଙ୍କ ପାଇଁ ନୋଟା ବିକଳ୍ପ ରହିବ।




ପଞ୍ଚାୟତ ନିର୍ବାଚନ ପରେ ଆସନ୍ତା ଏପ୍ରିଲରେ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରସୋର ଚାଲିଛି। ପୌର ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ କରିବାକୁ ଇଭିଏମ୍ ବ୍ୟବହାର କରାଯିବ। ଗୁରୁବାର ରାଜ୍ୟ ନିର୍ବାଚନ କମିଶନ ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକରେ ପୌର ନିର୍ବାଚନରେ ଇଭିଏମ୍ ବ୍ୟବହାର କରାଯିବା ନେଇ ରାଜ୍ୟ ନିର୍ବାଚନ କମିଶନର ରାଜନୈତିକ ଦଳର ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଏହାଛଡ଼ା ଆସନ୍ତା ପୌର ନିର୍ବାଚନରେ ପ୍ରାର୍ଥୀମାନଙ୍କୁ ନାମାଙ୍କନପତ୍ର ଦାଖଲ ବେଳେ ସତ୍ୟପାଠ ମଧ୍ୟ ଦାଖଲ କରିବାକୁ ପଡ଼ିବ। ଶିକ୍ଷାଗତ ଯୋଗ୍ୟତା ସହ ସମ୍ପତ୍ତି ଏବଂ ଆପରାଧିକ ମାମଲା ବିଷୟ ଉଲ୍ଲେଖ ☞ପୃଷ୍ଠା–୪



## ସଂକ୍ଷେପରେ

### ନିଟ୍ ପରୀକ୍ଷା ଦେବାକୁ ଯାଇ ପୁଅ ନିଖୋଜ



ନବରଙ୍ଗପୁର,୧୧।୨(ବି.ପ୍ର.): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସନ୍ଦିମୁଣ୍ଡା ଗ୍ରାମର ପବିତ୍ର ମାଳିଙ୍କ ପୁଅ ବିଦ୍ୟାଧର ମାସ ତଳେ ନିଟ୍ ପରୀକ୍ଷା ଦେବାକୁ ବ୍ରହ୍ମପୁର ଯାଇ ନିଖୋଜ ଥିବା ଥାନାରେ ଅଭିଯୋଗ ହୋଇଛି। ବିଦ୍ୟାଧର ଜୟପୁର ବିକ୍ରମଦେବ କଲେଜରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଜାନୁୟାରୀ ୨ରେ ସେ ଜୟପୁର ଯାଇ ଚନ୍ଦାହାଣ୍ଡି ବ୍ଲକ ଚାନ୍ଦଗିରି ଗ୍ରାମର ତାଙ୍କ ସାଙ୍ଗ ପାଖରେ ରହିଥିଲେ। ପରଦିନ ସକାଳେ ନିଟ୍ ପରୀକ୍ଷା ଦେବାକୁ ବ୍ରହ୍ମପୁର ଯାଇଥିଲେ। ପରୀକ୍ଷା ସରିବା ପରେ ସାଙ୍ଗମାନେ ଘରକୁ ଫେରିଥିବାବେଳେ ବିଦ୍ୟାଧର ବ୍ରହ୍ମପୁରରେ କିଛିଦିନ ରହିବେ ବୋଲି ସାଙ୍ଗମାନଙ୍କୁ କହିଥିଲେ। ଇତିମଧ୍ୟରେ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସେ ଘରକୁ ଫେରିନାହାନ୍ତି। ତାଙ୍କ ସହ ଯୋଗାଯୋଗ ହୋଇପାରୁ ନ ଥିବାବେଳେ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଏ ନେଇ ବିଦ୍ୟାଧରଙ୍କ ବାପା ପବିତ୍ର ଶୁକ୍ରବାର ତାଙ୍କ ସମ୍ପର୍କୀୟ ତଥା ପାନାବେଡ଼ା ମହାବିଦ୍ୟାଳୟ ମୁଖ୍ୟ କିରାଣି ତ୍ରିଜନ ନାୟକଙ୍କୁ ଜଣାଇବା ସହ ତାଙ୍କ ସହାୟତାରେ ଚନ୍ଦାହାଣ୍ଡି ଥାନାରେ ନିଖୋଜ ନେଇ ଏତଲା ଦେଇଛନ୍ତି।

### ପୂର୍ବତନ ବିଧାୟକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ସୋର, ୧୧।୨(ଡି.ଏନ୍.ଏ.): ନିର୍ବାଚନୀ ପ୍ରଚାର ବେଳେ ସୋର ବିଧାୟକ ପର୍ଶୁରାମ ଧଡାଙ୍କ ଉପସ୍ଥିତିରେ ତାଙ୍କ ସମର୍ଥକ ପ୍ରାକ୍ତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପରମାଣିକଙ୍କୁ ଦୁର୍ବ୍ୟବହାର ଓ ଠେଲାପେଲା କରିବା ନେଇ ସୋର ଥାନାରେ ଲିଖିତ ଅଭିଯୋଗ ହୋଇଛି। ବିଧାୟକ ଧଡା ଅନନ୍ତପୁର ପଞ୍ଚାୟତ ବାଙ୍କେଶ୍ୱରପୁର ରାସ୍ତାରେ ପ୍ରଚାର କରିବାକୁ ଯାଉଥିବା ବେଳେ ପୂର୍ବତନ ବିଧାୟକ ପରମାଣିକଙ୍କ ସହ ଉନ୍ନତିମୂଳକ ଯୋଜନା ପାଇଁ ଅନୁମୋଦିତ ଅର୍ଥ ଫେରସ୍ତ ନେଇ ଯୁକ୍ତିତର୍କ ହୋଇଥିଲା। ପରମାଣିକ ବିଧାୟକ ଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଫଣ୍ଡରୁ ୧କୋଟି ୩୩ଲକ୍ଷ ଟଙ୍କା ଅନୁଦାନରେ ବିଦ୍ୟୁତୀକରଣ ସହ ବିଭିନ୍ନ ପ୍ରକଳ୍ପ ପାଇଁ ଅର୍ଥ ଅନୁମୋଦିତ ହୋଇଥିଲା। ପରବର୍ତ୍ତୀ ସମୟରେ ଧଡା ବିଧାୟକ ଭାବେ ନିର୍ବାଚିତ ହେବା ପରେ ଏହି ଅନୁମୋଦିତ ଅର୍ଥ ଅନୁମୋଦିତ ଫେରସ୍ତ କରାଯାଇଥିବା ସମ୍ପର୍କରେ କାରଣ ଜାଣିବାକୁ ପରମାଣିକ ପ୍ରଶ୍ନ କରିବାରୁ ବିଧାୟକ ଧଡା ଉତ୍କ୍ଷିପ୍ତ ହୋଇପଡିଥିଲେ। ଏହି ସମୟରେ ଧଡାଙ୍କ ସୁରକ୍ଷାକର୍ମୀ, ଅନନ୍ତପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ବିଶ୍ୱନାଥ ବେହେରା ଓ ବାହାନଗା ବ୍ଲକର ଅଜୟ କୁମାର ପଣ୍ଡା ପରମାଣିକଙ୍କୁ ଦୁର୍ବ୍ୟବହାର କରିବା ସହ ଠେଲାପେଲା କରିଥିବା ଶୁକ୍ରବାର ସୋର ଥାନାରେ ଅଭିଯୋଗ ହୋଇଛି। ଗଣମାଧ୍ୟମରେ ଏହି ଘଟଣାର ଭିଡିଓ ଏବେ ଭାଇରାଲ ହୋଇଥିବା ବେଳେ ପୋଲିସ ତଦନ୍ତ କରୁଛି।

# ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ

**୧୯ରେ ଦୁଇଦିନିଆ ପୁରୀ ଗସ୍ତ**

- ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ
- ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ପୂର୍ତ୍ତି ଆବିର୍ଭାବ ମହୋତ୍ସବରେ ଯୋଗଦେବେ

ପୁରୀ ଅଫିସ ୧୧।୨

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସନ୍ତା ୧୯ ତାରିଖରେ ଦୁଇଦିନିଆ ପୁରୀ ଗସ୍ତରେ ଆସିବେ। ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀଚୈତନ୍ୟ ଗୌଡୀୟ ମଠର ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ବର୍ଷ ପୂର୍ତ୍ତି ଆବିର୍ଭାବ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପୋଲିସ ଓ ଜିଲା ପ୍ରଶାସନ ସମେତ ଗୌଡୀୟ ମଠ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ଲୁ ବୁକ୍ ଅନୁଯାୟୀ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଉଛି। କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଶୁକ୍ରବାର ପୁରୀ ଗସ୍ତରେ ଆସି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ସେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏସ୍‌ପି କନୱର ବିଶାଲ ସିଂ ଏବଂ ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଶ୍ରୀମନ୍ଦିର, ଗୌଡୀୟ ମଠ ଓ ଶରଧାବାଲିକୁ ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଆଇଜି କହିଛନ୍ତି, ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଛି। ରାଷ୍ଟ୍ରପତି ଯିବାକୁ ଥିବା କାର୍ଯ୍ୟକ୍ରମ ସ୍ଥଳରେ ବ୍ୟାପକ ପୋଲିସ ମୁତୟନ ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ ସମେତ ଶରଧାବାଲିରେ ରାଷ୍ଟ୍ରପତିଙ୍କର ପ୍ରାୟ ଏକ ଘଣ୍ଟାର କାର୍ଯ୍ୟକ୍ରମ ରହିଛି। ସମ୍ପୃକ୍ତ ସମସ୍ତ ସ୍ଥାନକୁ ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛୁ। ଗସ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୁରେ କାର୍ଯ୍ୟକାରୀ କରାଇବା ଉପରେ ସ୍ୱତନ୍ତ୍ର ଧ୍ୟାନ ରହିବ। ସେହିପରି ପୁରୀକୁ ଆସୁଥିବା ଶ୍ରଦ୍ଧାଳୁଙ୍କର ଯେପରି କୌଣସି ଅସୁବିଧା ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ।

ସୂଚନା ଅନୁଯାୟୀ, ରାଷ୍ଟ୍ରପତି କୋବିନ୍ଦ ୧୯ତାରିଖ ଅପରାହ୍ନ ୨ଟା ୫୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ବାହାରି ଅପରାହ୍ନ ୩ଟା ୨୫ରେ ପୁରୀ ହେଲିପ୍ୟାଡ୍ ଓ ପରେ ୩ଟା ୪୦ରେ ସ୍ଥାନୀୟ ମେ’ ଫେୟାର ହୋଟେଲରେ ପହଞ୍ଚିବେ। ଅପରାହ୍ନ ୪ଟା ୫୫ରେ ଉକ୍ତ ହୋଟେଲରୁ ବାହାରି ୫ଟାରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବେ। ଶ୍ରୀମନ୍ଦିରକୁ ଯାଇ ପ୍ରାୟ ୪୫ମିନିଟ ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ଦର୍ଶନ କରିସାରିବା ପରେ ପୁଣି ମେ’ ଫେୟାରକୁ ଫେରିଯିବେ। ସେଠାରେ ରାତ୍ରିଯାପନ କରିବେ। ୨୦ ତାରିଖ ପୂର୍ବାହ୍ନ ୧୦ଟା ୩୫ରେ ରାଷ୍ଟ୍ରପତି ବଡ଼ଦାଣ୍ଡସ୍ଥିତ ଶ୍ରୀଚୈତନ୍ୟ ଗୌଡୀୟ ମଠକୁ ଯାଇ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କୁ ଅର୍ଘ୍ୟ ଓ ପୁଷ୍ପାଞ୍ଜଳି ଅର୍ପଣ କରିବେ। ପରେ ୧୦ଟା ୫୦ରେ ଶରଧାବାଲିରେ ହେବାକୁ ଥିବା ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଆବିର୍ଭାବ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସେଠାରୁ କାର୍ଯ୍ୟକ୍ରମ ସାରି ମଧ୍ୟାହ୍ନ ୧୨ଟା ୦୫ରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି କୋବିନ୍ଦ ପୂର୍ବରୁ ୨୦୧୮ ମାର୍ଚ୍ଚ ୧୮ ଓ ପରେ ୨୦୨୧ ମାର୍ଚ୍ଚ ୨୨ରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏଥର ସେ ତୃତୀୟ ଥର ପାଇଁ ପୁରୀ ଗସ୍ତରେ ଆସୁଥିବାରୁ ସେବାୟତ ଓ ସହରବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।



ଶରଧାବାଲି ସଭାସ୍ଥଳରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

# ଖୋଲିବ ଅଙ୍ଗନୱାଡି କେନ୍ଦ୍ର

**୧୬ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି। ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୮ ତାରିଖରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପିଲାମାନେ ସ୍କୁଲକୁ ଯିବେ। ପ୍ଲେ ସ୍କୁଲ ଖୋଲିବାକୁ ମଧ୍ୟ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଗତ ୨ ବର୍ଷ ଧରି ବନ୍ଦ ରହିଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଖୁବ୍‌ଶୀଘ୍ର ଖୋଲିବାକୁ ଯାଉଛି। ଦୀର୍ଘଦିନ ଧରି ବନ୍ଦ ରହିଥିବାରୁ ଅଙ୍ଗନୱାଡି କେନ୍ଦ୍ର ଓ ଏଥିରେ ଥିବା ବିଭିନ୍ନ ଆସବାବପତ୍ରଗୁଡ଼ିକୁ ଯାଞ୍ଚ କରିବାକୁ ଜିଲାପାଳଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୬ ତାରିଖ ସୁଦ୍ଧା ଏ ନେଇ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଶୁକ୍ରବାର ଚିଠି ଲେଖାଯାଇଛି। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ପ୍ରସ୍ତୁତ କରିବା ପରେ ରାଜ୍ୟ ସରକାର ଏହାକୁ ଖୋଲିବା ନେଇ ନିଷ୍ପତ୍ତି ନେବେ। ଚଳିତ ପଞ୍ଚାୟତ ନିର୍ବାଚନ ପରେ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ନେଇ ସରକାର ଘୋଷଣା କରିପାରନ୍ତି।

# ଆଇଟିଡିଏ କାର୍ଯ୍ୟାଳୟରେ ଜିଏସ୍‌ଟି ଚଢ଼ାଉ

ବାରିପଦା ଅଫିସ,୧୧।୨

ମୟୂରଭଞ୍ଜ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) କାର୍ଯ୍ୟାଳୟରେ ଶୁକ୍ରବାର ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଯାଜପୁର ମୁଖ୍ୟ କାର୍ଯ୍ୟାଳୟରୁ ଆସିଥିବା ଏକ ସ୍ୱତନ୍ତ୍ର ଟିମ୍‌ରେ ୪ ଜଣ ଅଧିକାରୀ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ସେମାନେ ସରକାରୀ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଫାଇଲ୍ ଓ କମ୍ପ୍ୟୁଟରକୁ ଅନୁଧ୍ୟାନ କରୁଛନ୍ତି। ଜିଏସ୍‌ଟି ଠକେଇ ହୋଇଥିବା ନେଇ ୨୦୧୨-୧୩ର ପ୍ରକଳ୍ପଗୁଡ଼ିକର ନ ଥିପତ୍ରକୁ ଯାଞ୍ଚ କରିବା ସହ ଜେରକ୍ସ କପି ସଂଗ୍ରହ କରୁଛନ୍ତି। ଏହି ପ୍ରକ୍ରିୟା ଦୁଇଦିନ ଧରି ଚାଲିବାକୁ ଥିବାବେଳେ ଠକେଇକୁ ନେଇ ଅଧିକାରୀମାନେ ମୁହଁ ଖୋଲି ନାହାନ୍ତି।

ଆଇଟିଡିଏ କାର୍ଯ୍ୟାଳୟ ପକ୍ଷରୁ ହେଉଥିବା ପ୍ରକଳ୍ପ ଗୁଡିକରେ ଜିଏସ୍‌ଟି ଠକେଇ ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ ୬୧ଟି ଜିଏସଟି ଠକେଇ ମାମଲା ହୋଇଥିଲା। ତେବେ କାର୍ଯ୍ୟାଳୟ ପକ୍ଷରୁ ପୁରୁଣା ଫାଇଲ ହଜିଯିବା ନେଇ ଅଧିକାରୀମାନେ ପ୍ରକାଶ କରୁଥିବା ବେଳେ ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ କାର୍ଯ୍ୟାଳୟର ପ୍ରକଳ୍ପ ପ୍ରଶାସକ ବସନ୍ତ କୁମାର ସେଠୀ କୁହନ୍ତି, ଯାଞ୍ଚ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରାଯାଉଛି।




ଭୁବନେଶ୍ୱର ଖଣ୍ଡଗିରି କୁମ୍ଭମେଳାରେ ଜଣେ ସାଧୁ ଯଜ୍ଞକୁଣ୍ଡରୁ ଶ୍ରଦ୍ଧାଳୁଙ୍କୁ ବିଭୂତି ଦେଉଛନ୍ତି।

# ପ୍ରକାଶ ପଟ୍ଟନାୟକ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ‘ବରିଷ୍ଠ ପ୍ରଫେସର’ ମନୋନୀତ

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆଧୁନିକ ଭାରତୀୟ ଭାଷା ଓ ସାହିତ୍ୟ ଅଧ୍ୟୟନ ବିଭାଗର ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ୟୁଜିସିର କ୍ୟାରିୟର ଆଡ୍‌ଭାନ୍ସମେଣ୍ଟ ସ୍କିମ୍-୨୦୧୮ ଅନୁସାରେ ‘ବରିଷ୍ଠ ପ୍ରଫେସର’ ରୂପେ ମନୋନୀତ ହୋଇଛନ୍ତି। ଏହି ସମ୍ମାନଜନକ ପଦବୀ ପାଇବାରେ ସେ ପ୍ରଥମ ଓଡ଼ିଆ ପ୍ରଫେସର। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ରଫେସର ପଟ୍ଟନାୟକ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର ଶିକ୍ଷାଲାଭ କରିବା ପରେ ୧୯୮୭ରେ ପ୍ରଥମେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବେ ଯୋଗଦେଇଥିଲେ। ୧୯୯୨ରେ ବରିଷ୍ଠ ଅଧ୍ୟାପକ ଓ ୧୯୯୮ରେ ପ୍ରାଧ୍ୟାପକ ହେବା ପରେ ୨୦୦୬ରେ ପ୍ରଫେସର ହୋଇଥିଲେ। ସେହିଦିନଠାରୁ ଦୀର୍ଘ ୧୬ବର୍ଷ ଧରି ସେ ଉକ୍ତ ବିଭାଗର ପ୍ରଫେସର ରହିଛନ୍ତି ଓ ବିଭାଗୀୟ ମୁଖ୍ୟ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଛନ୍ତି। ୟୁଜିସିର ୨୦୧୮ ନିର୍ଦ୍ଧାରଣ ଅନୁଯାୟୀ, ପ୍ରକାଶ ପଟ୍ଟନାୟକଙ୍କ ଅବସର ପରେ ସେହି ପଦବୀ(ବରିଷ୍ଠ ପ୍ରଫେସର)ପୂରଣ କରା ନ ଯାଇ ଖାଲି ରହିବ। ୟୁଜିସିର ଏହି ନିର୍ଦ୍ଧାରଣକୁ ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏଯାଏ କାର୍ଯ୍ୟକାରୀ କରାଯାଇ ନ ଥିବାବେଳେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଥମ କରି ଏହାକୁ କାର୍ଯ୍ୟକାରୀ କରି ପ୍ରଫେସର ପଟ୍ଟନାୟକଙ୍କ ସମେତ ଅନ୍ୟ କେତେଜଣଙ୍କୁ ନିଜ ନିଜ ବିଭାଗର ଦାୟିତ୍ୱ, କୃତିତ୍ୱ ଓ ବରିଷ୍ଠତା ଭିତ୍ତିରେ ଏହି ସମ୍ମାନଜନକ ପଦୋନ୍ନତି ଓ ପଦବୀ ପ୍ରଦାନ କରିଛି।



ଡ. ପ୍ରକାଶ ଚନ୍ଦ୍ର ପଟ୍ଟନାୟକ

ଏଠାରେ ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସଂସ୍କୃତି ବିଭାଗ ଓ ସାହିତ୍ୟ ଏକାଡେମୀର ନିମନ୍ତ୍ରଣକ୍ରମେ ପ୍ରଫେସର ପଟ୍ଟନାୟକ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନର ଚୂଡ଼ାନ୍ତ ବୈଠକରେ ଭାଷା ବିଶେଷଜ୍ଞ ଭାବରେ ଯୋଗଦେଇଥିଲେ। ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା କ୍ଷେତ୍ରରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

# ଅପ୍ରତିଦ୍ୱନ୍ଦ୍ୱୀ ସମିତିସଭ୍ୟା, ସ୍ୱାମୀ ନିଖୋଜ ଅଭିଯୋଗ

ଗଞ୍ଜାମ,୧୧।୨(ଡି.ଏନ.ଏ.): ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତର ଅପ୍ରତିଦ୍ୱନ୍ଦ୍ୱୀ ସମିତିସଭ୍ୟା ପ୍ରାର୍ଥୀ ବି.ବାହାଡାପଲ୍ଲୀ ଗ୍ରାମର ମାମି ଦାସ ଓ ତାଙ୍କ ସ୍ୱାମୀ ଗତ ଗୁରୁବାରଠାରୁ ନିଖୋଜ ଅଛନ୍ତି। ଏ ନେଇ ରମ୍ଭା ଥାନାରେ ଶୁକ୍ରବାର ମାମିଙ୍କ ଶାଶୁ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୫୮/୨୨ରେ ମାମଲା ରୁଜୁ କରିଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଠାକୁର ପ୍ରସାଦ ପାତ୍ର, ଏସ୍‌ଡିପିଓ ଗୌତମ କିଷାନ, ରମ୍ଭା ଥାନାଧିକାରୀ ଦୀପ୍ତି ରଞ୍ଜନ ବେହେରା ଓ ଗଞ୍ଜାମ ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ରମ୍ଭା ଥାନାରେ ଏକାଠି ହୋଇ ବିଭିନ୍ନ ରାଜନୈତିକ ଦଳୀୟ ନେତୃବୃନ୍ଦଙ୍କୁ ଡାକି ଖୋଳତାଡ଼ କରୁଛି। ସୂଚନାଥାଉକି, ସୁବଳୟା ସରପଞ୍ଚ ଓ ସମିତିସଭ୍ୟା ଉଭୟ ପ୍ରାର୍ଥିନି ଅପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଗଞ୍ଜାମ ବ୍ଲକର ଅଧ୍ୟକ୍ଷ ପଦ ହାତେଇବାକୁ ରାଜନୈତିକ ଉଦ୍ଦେଶ୍ୟ ନେଇ ଉଭୟଙ୍କୁ ଅଜ୍ଞାତବାସରେ ରଖାଯାଇଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଅତିଶୀଘ୍ର ତାଙ୍କୁ ଠାବ କରାଯିବା ନେଇ ରମ୍ଭା ଆଇଆଇସି ସୂଚନା ଦେଇଛନ୍ତି।

# ‘ନିଶା କାରବାର ଜଗ, ସୀମାନ୍ତରେ ନଜର ରଖ’

**ପଞ୍ଚାୟତ ନିର୍ବାଚନ ପୂର୍ବରୁ ଅବକାରୀ କମିଶନରଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ସମୟରେ ବେଆଇନ ନିଶା କାରବାର ରୋକିବା ପାଇଁ ରାଜ୍ୟର ସୀମାନ୍ତ ଅଞ୍ଚଳରେ ନଜର ରଖିବାକୁ ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ବେଆଇନ ମଦ ପ୍ରସ୍ତୁତକାରୀ, ବ୍ୟବସାୟୀ ଓ ବିକ୍ରୟସ୍ଥଳ ଉପରେ ନିୟମିତ ଚଢ଼ାଉ କରିବା ସହିତ ରାତ୍ରିକାଳୀନ ପାଟ୍ରୋଲିଂକୁ ଜୋର୍‌ଦାର କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ନିର୍ବାଚନ ବେଳେ ମାଦକ ଦ୍ରବ୍ୟ କାରବାର ଯଥା ସମ୍ଭବ ବନ୍ଦ କରିବା ଲାଗି ଯୋଜନା କରିବାକୁ ଶୁକ୍ରବାର ଅବକାରୀ କମିଶନର ବିଭାଗୀୟ ଅଧିକାରୀଙ୍କ ସହିତ ସମୀକ୍ଷା କରିଛନ୍ତି। ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଅବକାରୀ ବିଭାଗ ଉପ କମିଶନର, ଅବକାରୀ ଅଧୀକ୍ଷକ, ଏନ୍‌ଫୋର୍ସମେଣ୍ଟ ସେଲ୍‌ର ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନ ଯେଭଳି ସୁରୁଖୁରୁରେ ହେବ, ସେଥିପାଇଁ ପ୍ରସ୍ତୁତ ରଣନୀତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ବୈଠକରେ ଚଳିତ ଆର୍ଥିକ ବର୍ଷରେ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକଳାପର ସମୀକ୍ଷା ହୋଇଥିଲା। ୨୦୨୧-୨୨ ବର୍ଷରେ ଜାନୁୟାରୀ ଶେଷ ସୁଦ୍ଧା ୩୧,୧୩୩ ଅବକାରୀ ମାମଲା ରୁଜୁ ହୋଇଛି। ୨୫,୬୪୧ ଜଣ ଗିରଫ ହୋଇଛନ୍ତି। ଏହି ସମୟରେ ୮,୪୬,୪୯୩ ଲିଟର କାରଖାନା ପ୍ରସ୍ତୁତ ଦେଶୀ ମଦ, ୮୯,୨୧,୫୩୧ କିଲୋ ମହୁଲି ମଦ ପ୍ରସ୍ତୁତି ସାମଗ୍ରୀ, ୭,୪୮୩ ଲିଟର ନକଲି ବିଦେଶୀ ମଦ, ୨,୧୪୬ ଲିଟର ଡିଫେସ ଫାଙ୍କି ବିଦେଶୀ ମଦ, ୩,୭୦୧ ଲିଟର ସ୍ପିରିଟ୍, ୨୫,୭୫୭ କିଲୋ ଗଞ୍ଜେଇ, ୧୦ କେଜି ୩୯୪ ଗ୍ରାମ ବ୍ରାଉନସୁଗାର, ୫୯୧ ଲିଟର କଫ୍‌ସିରପ, ୧,୬୭୫ ଯାନବାହନ ଜବତ ହୋଇଛି । ସମସ୍ତ ଜବତ ସାମଗ୍ରୀ ମୂଲ୍ୟ ୧୧୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିପରି ଗତ ଜାନୁୟାରୀରେ ମୋଟ ୪,୦୨୬ ଅବକାରୀ ମାମଲା ରୁଜୁ ହୋଇଛି। ୩,୨୯୯ ଜଣ ଗିରଫ ହୋଇଥିବା ସୂଚନା ଦିଆଯାଇଛି।

# ଚପଲ ପିନ୍ଧି ମଠକୁ ଯିବାରୁ ହତ୍ୟା

**ଉଦ୍ଧବ ପାତ୍ର ହତ୍ୟାକାଣ୍ଡ ରହସ୍ୟ ଉନ୍ମୋଚିତ**

- ଖୋଲିଲା ଅଭିଯୁକ୍ତ ମହନ୍ତଙ୍କ ଅପରାଧର ଚିଠା
- ୧୧ବର୍ଷ ତଳେ ସ୍ତ୍ରୀଙ୍କୁ ହତ୍ୟା କରି ଫେରାର ଥିଲେ

ଢେଙ୍କାନାଳ ଅଫିସ, ୧୧।୨

ଢେଙ୍କାନାଳ ଜିଲା ଗଁଦିଆ ଥାନା ମନ୍ଦାର ନିକଟ ରାସ୍ତାପାର୍ଶ୍ୱରେ ଥିବା ଶ୍ରୀ ଚୈତନ୍ୟ ଗୋସାଇଁ ମଠରେ ଗତ ବୁଧବାର ଘଟିଥିବା ବହୁ ଚର୍ଚ୍ଚିତ ଉଦ୍ଧବ ପାତ୍ର (୩୨) ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହୋଇଛି। ଏଥିସହିତ ଖୋଲିଛି ୫୫ ବର୍ଷୀୟ ହତ୍ୟା ଅଭିଯୁକ୍ତ ମଠ ମହନ୍ତ ଦାଶରଥି ବେହେରାଙ୍କ ଆପରାଧିକ କାର୍ଯ୍ୟକଳାପର ଚିଠା। ୧୧ବର୍ଷ ତଳେ ନିଜର ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା କରି ଦାଶରଥି ଫେରାର ହୋଇଯାଇଥିଲେ। ପରେ ସାଧୁବେଶ ଧରି ଲୋକଙ୍କ ବିଶ୍ୱାସ ସହିତ ଖେଳି ଚାଲିଥିଲେ। ଘଟଣା ଦିନ ଉଦ୍ଧବ ନିଶାସକ୍ତ ଅବସ୍ଥାରେ ଚପଲ ପିନ୍ଧି ମଠ ଭିତରକୁ ପ୍ରବେଶ କରିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଦାଶରଥି ତାଙ୍କୁ ଏକ ଫୁଙ୍କନଳାରେ ଆକ୍ରମଣ କରି ନିର୍ମମ ଭାବେ ହତ୍ୟା କରିଥିଲେ। ଉଦ୍ଧବ ହତ୍ୟା ଘଟଣା ପରେ ନରବଳିକୁ ନେଇ ଯେଉଁ ଚର୍ଚ୍ଚା ହେଉଥିଲା, ତାହା ଅମୂଳକ ବୋଲି ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି।



ଗିରଫ ମହନ୍ତ ଦାଶରଥି ବେହେରା।

ଅନ୍ୟପଟେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ଭୁବନ ଏନ୍‌ଏସି ବାଜିଛକ ଅଞ୍ଚଳର ଉଦ୍ଧବ ଗଁଦିଆ ଏବଂ ଭୁବନ ଅଞ୍ଚଳରେ ବୁଲି ସ୍କ୍ରାପ୍ ସଂଗ୍ରହ କରି କବାଡ଼ିଆ ବ୍ୟବସାୟୀଙ୍କୁ ଯୋଗାଇ ଥାଆନ୍ତି। ସେ ଅଧିକାଂଶ ସମୟରେ ଶ୍ରୀଚୈତନ୍ୟ ଗୋସାଇଁ ମଠକୁ ଯିବାଆସିବା କରନ୍ତି। ଇତିମଧ୍ୟରେ ଅଭିଯୁକ୍ତ ଦାଶରଥିଙ୍କ ସହିତ ତାଙ୍କ ସମ୍ପର୍କ ନିବିଡ଼ ହୋଇଥିଲା। ତେବେ ଅନେକ ସମୟରେ ଉଦ୍ଧବ ଚପଲ ପିନ୍ଧି ମଠକୁ ପଶିଯାଉଥିଲେ, ଯାହାକୁ ନେଇ ମହନ୍ତଙ୍କ ସହିତ ତାଙ୍କର ଯୁକ୍ତିତର୍କ ହେଉଥିଲା। ଘଟଣା ଦିନ ଉଦ୍ଧବ ନିଶାସକ୍ତ ଅବସ୍ଥାରେ ଚପଲ ପିନ୍ଧି ମଠକୁ ପଶିଯିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ବିବାଦ ଉଗ୍ରରୂପ ନେଇଥିଲା। ପ୍ରଥମେ ଉଦ୍ଧବ ମହନ୍ତଙ୍କ ମୁଣ୍ଡକୁ ଏକ ଶକ୍ତ ଆଘାତ ଦେଇଥିଲେ। ମଠ ପରିସରରେ ନିଜର ମୋପେଡ୍ (ନଂ. ଓଡି ୦୬ ଏଫ୍ ୫୬୭୬)ରେ ବସିଥିବାବେଳେ ପ୍ରତିଶୋଧ ପରାୟଣ ହୋଇ ଦାଶରଥି ଏକ ଫୁଙ୍କନଳାରେ ଉଦ୍ଧବଙ୍କ ମୁଣ୍ଡକୁ ପଛପଟୁ ଆକ୍ରମଣ କରିଥିଲେ। ତଳେ ପଡ଼ିଯିବା ପରେ ମୁଣ୍ଡକୁ ଛେଚି ପକାଇଥିଲେ। ଏକ କମଣ୍ଡଳୁରେ ତାଙ୍କ ମୁହଁକୁ ବାରମ୍ବାର ଆଘାତ କରିବାରୁ ପ୍ରବଳ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ଉଦ୍ଧବଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଦାଶରଥି ନିଜକୁ ମଠର ଏକ ପ୍ରକୋଷ୍ଠରେ କଏଦ କରିଦେଇଥିଲେ। ସୂଚନା ପାଇ ସଦର ଏସ୍‌ଡିପିଓ ବିକାଶ ବେଉରା, ଗଁଦିଆ ଥାନାଧିକାରୀ ବିଷ୍ଣୁଚରଣ ବାରିକ ପୋଲିସ ଫୋର୍ସ ସହିତ ପହଞ୍ଚି କବାଟ ଭାଙ୍ଗି ଅଭିଯୁକ୍ତ ମହନ୍ତଙ୍କୁ ଉଦ୍ଧାର କରିଥିଲେ। ଡାକ୍ତରଖାନାରେ ମୁଣ୍ଡରେ ସୃଷ୍ଟି ହୋଇଥିବା କ୍ଷତର ପ୍ରାଥମିକ ଚିକିତ୍ସା ପରେ ଥାନାରେ ଅଟକ ରଖି ପଚରାଉଚରା କରାଯାଇଥିଲା। ଜେରା ବେଳେ ସେ ଦୋଷ ସ୍ୱୀକାର କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

### ବେଶ ବଦଳାଇ ବିଶ୍ୱାସ ସହ ଖେଳ

ଦାଶରଥିଙ୍କ ଘର ଭୁବନ ଥାନା ଅଁଳାଝରି ଅଞ୍ଚଳରେ। ସେ ୧୯୯୨ରେ ଜଣେ ମହିଳାଙ୍କୁ ବିବାହ କରି ପରେ ଛାଡ଼ିଦେଇଥିଲେ। ୨୦୦୭ରେ ଦ୍ୱିତୀୟ ବିବାହ କରିଥିଲେ। ସେମାନଙ୍କର ଏକ କନ୍ୟାସନ୍ତାନ ଅଛି। ତେବେ ୨୦୧୧ରେ ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା କରି ସେ ଫେରାର ହୋଇଯାଇଥିଲେ। ଏ ନେଇ ସେହି ସମୟରେ ନଂ. ୧୩/୧୧ରେ ହତ୍ୟା ମାମଲା ରୁଜୁ ହୋଇଥିଲା। ପୋଲିସ ତାଙ୍କୁ ଫେରାର ଦର୍ଶାଇ ଚାର୍ଜସିଟ୍ ଦାଖଲ କରିଥିଲା। ଇତିମଧ୍ୟରେ ଦାଶରଥି ବିଭିନ୍ନ ସ୍ଥାନ ଘୁରି ବୁଲୁଥିଲେ। ସେ କିଛିଦିନ ନୂଆପଡ଼ାରେ ଗୁପ୍‌ଚୁପ୍ ବ୍ୟବସାୟ କରିଥିଲେ। ପରେ ବାବା ବେଶ ଧରି ୪ବର୍ଷ ତଳେ ମନ୍ଦାରରେ ଆସି ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କୁ ଅନୁରୋଧ କରି ଶ୍ରୀଚୈତନ୍ୟଙ୍କ ପୀଠରେ ରହି ପୂଜାନୀତି କରୁଥିଲେ। ଦାଶରଥିଙ୍କ ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ଉଦ୍ଧବ ଜାଣିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ପୂର୍ବରୁ ବାକ୍‌ବିତଣ୍ଡା ହୋଇଥିବା ଅଭିଯୁକ୍ତଙ୍କୁ ଜେରା ବେଳେ ପୋଲିସ ଜାଣିବାକୁ ପାଇଛି। ବେଶ ବଦଳାଇ ଲୋକଙ୍କ ବିଶ୍ୱାସ ସହିତ ଖେଳି ଚାଲିଥିବା ଏଭଳି ଜଣେ ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ସାଧାରଣରେ ଦାବି ହୋଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୦,୭୬,୫୨,୨୨୧ | ୫୮,୧୨,୫୪୪ | ୩୨,୭୭,୧୧,୦୮୪ |
| ଭାରତ | ୪,୨୫,୩୬,୧୩୭ | ୫,୦୭,୨୦୮ | ୪,୧୩,୩୧,୧୫୮ |
| ଓଡ଼ିଶା | ୧୨,୭୪,୫୭୫ | ୮୮୩୮(+୫୩) | ୧୨,୫୧,୪୩୧ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ପୂର୍ବତନ ବିଧାୟିକା ରୋଶନୀ ସିଂଦେଓଙ୍କ ପରଲୋକ

■ କଳାହାଣ୍ଡି ଜିଲାର ପ୍ରଥମ ମହିଳା ବିଧାୟିକା ଥିଲେ
■ ବିଧାନସଭା ପରିସରରେ ଦିଆଗଲା ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ବ୍ୟୁରୋ)/ ଭବାନୀପାଟଣା,୧୧।୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ତତ୍କାଳୀନ କୋକସରା ନିର୍ବାଚନମଣ୍ଡଳୀର ପୂର୍ବତନ ତଥା ଜିଲାର ପ୍ରଥମ ମହିଳା ବିଧାୟିକା ରୋଶନୀ ସିଂଦେଓଙ୍କ ଶୁକ୍ରବାର ସକାଳେ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ବିଧାନସଭା ସମେତ ଜିଲାରେ ଶୋକର ଛାୟା ଖେଳିଯାଇଛି। ମଧ୍ୟାହ୍ନରେ ତାଙ୍କ ମରଶରୀରକୁ ବିଧାନସଭା ପରିସରକୁ ନିଆଯାଇଥିଲା। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଓ ଅନ୍ୟମାନେ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶନିବାର ସକାଳେ ନିଜ ଗାଁ ଜୟପାଟଣାରେ ଦିବଂଗତ ନେତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ସୂଚନା ମିଳିଛି।



୧୯୪୦ରେ ଜନ୍ମିତ ସ୍ୱର୍ଗତା ସିଂଦେଓଙ୍କ ସ୍ୱାମୀ ଚନ୍ଦ୍ରଭାନୁ ସିଂଦେଓ ମଧ୍ୟ ଉକ୍ତ ନିର୍ବାଚନ ମଣ୍ଡଳୀର ବିଧାୟକ ଥିଲେ। ଏକ ରାଜନୈତିକ ବିବାଦକ୍ରମେ ତାଙ୍କର ମୃତ୍ୟୁ ଘଟିବା ପରେ ରୋଶନୀ ୧୯୯୫ ମସିହାରେ ଜନତା ଦଳରୁ ପ୍ରଥମଥର ପାଇଁ ବିଧାୟିକା ହୋଇଥିଲେ। ପରେ ୨୦୦୦ରେ ବିଜେଡିରୁ ଦ୍ୱିତୀୟଥର ପାଇଁ ନିର୍ବାଚିତ ହୋଇ ବିଧାୟିକା ହୋଇଥିଲେ। ତାଙ୍କ ବଡ଼ ପୁଅ ବରିଷ୍ଠ ବିଜେଡି ନେତା ଜିତେନ୍ଦ୍ର ନାରାୟଣ ସିଂଦେଓ ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଥିବାବେଳେ ସାନପୁଅ ପୁଷ୍ପେନ୍ଦ୍ର ସିଂଦେଓ ପ୍ରଥମେ କୋକସରା ଓ ପରେ ଧର୍ମଗଡ଼ରୁ ଦୁଇଥର ନିର୍ବାଚିତ ହୋଇ ବିଭିନ୍ନ ସମୟରେ ମନ୍ତ୍ରୀ ବି ହୋଇଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର କଳାହାଣ୍ଡି ସ୍ତବ୍ଧ ହୋଇଯାଇଥିବାବେଳେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଏମ୍‌ପି ବସନ୍ତ ପଣ୍ଡା, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# କୋଟିଆରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ପଟ୍ଟାଙ୍ଗୀ,୧୧।୨(ଡି.ଏନ.ଏ.)

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି ସବୁ ଦଳ ମଧ୍ୟରେ ସେତିକି ତତ୍ପରତା ପ୍ରକାଶ ପାଉଛି। ଏକ୍ଷେତ୍ରରେ ମଧ୍ୟ ପ୍ରଶାସନ ପଛରେ ପଡିନାହିଁ। ଶୁକ୍ରବାର ପ୍ରଶାସନ ପକ୍ଷରୁ କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆରେ ନିର୍ବାଚନ ସ୍ଥିତି ପରଖାଯିବା ସହ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ନିର୍ବାଚନରେ ଯେପରି କୌଣସି ବିଶୃଙ୍ଖଳା ସୃଷ୍ଟି ନହୁଏ ଏହାକୁ ଦୃଷ୍ଟିରେ ରଖି କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶରେ ସୁନାବେଡା ଏସ୍‌ଡିପିଓ ମନୋଜ ବେହେରାଙ୍କ ନେତୃତ୍ୱରେ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇଥିବା ଫ୍ଲାଗ୍ ମାର୍ଚ୍ଚ ମାଡକାର, ଫଗୁଣସିନେରି, ଉପରସେମ୍ଭି, ନେରିଡିବାଲସା, ତାଡିବାଲସା, ଗଞ୍ଜେଇପଦର ଆଦି ଗ୍ରାମରେ ପହଞ୍ଚି ଲୋକମାନଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଇଥିଲା। ଶାନ୍ତିଶୃଙ୍ଖଳାର ସହ ଲୋକେ ନିଜ ନିଜ ବୁଥ୍‌ରେ ପହଞ୍ଚି ନିର୍ଭୟରେ ଭୋଟ ଦେବାକୁ ଅବଗତ କରାଯାଇଥିଲା। ଏଏସ୍‌ଆଇ ପ୍ରତାପ ଚନ୍ଦ୍ର ଦଣ୍ଡସେନା, ଏଏସ୍‌ଆଇ ଧନୁର୍ଜୟ ମୁର୍ମୁ , ଏଏସ୍‌ଆଇ ନରସିଂହ ଦୋରାଙ୍କ ସମେତ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ହୋଇଥିଲେ।



କୋଟିଆରେ ପୋଲିସ ପକ୍ଷରୁ କରାଯାଉଥିବା ଫ୍ଲାଗ୍‌ମାର୍ଚ୍ଚ।

# ନୂଆଗଡ଼ ବିଇଓ, ଆକାଉଣ୍ଟାଣ୍ଟ ଗିରଫ

**ଶିକ୍ଷକଙ୍କ ବିଲ୍ ପାସ୍ ପାଇଁ ୩୦ ହଜାର ଲାଞ୍ଚ**

ବ୍ରହ୍ମପୁର ଅଫିସ/ପାରଳାଖେମୁଣ୍ଡି (ଡି.ଏନ୍.ଏ.),୧୧।୨

ଜଣେ ଶିକ୍ଷକଙ୍କ ବକେୟା ଦରମା ବିଲ୍ ପାସ୍ କରିବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ଗଜପତି ଜିଲା ନୂଆଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଓ ତାଙ୍କ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ଶୁକ୍ରବାର ଗିରଫ ହୋଇଛନ୍ତି। ବିଇଓ ବ୍ରଜକୁମାର ନାୟକ (ଓଇଇଏସ) ଓ ଡାଟା ଏଣ୍ଟ୍ରି ଅପରେଟର ତଥା ଆକାଉଣ୍ଟାଣ୍ଟ ଦିଲୀପ କୁମାର ସ୍ୱାଇଁଙ୍କୁ ମାମଲା ନଂ.୧/୨୨ରେ ଗିରଫ କରାଯାଇଥିବା ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ତ୍ରିଲୋଚନ ସ୍ୱାଇଁ ସୂଚନା ଦେଇଛନ୍ତି। ଏଥିସହ ଉଭୟଙ୍କ ବାସଭବନ, ସରକାରୀ କାର୍ଯ୍ୟାଳୟ ଓ ଅନ୍ୟ କେତେକ ସ୍ଥାନରେ ଭିଜିଲାନ୍ସ ଟିମ ଚଢ଼ାଉ ଜାରି ରଖିଛି ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।

ନୂଆଗଡ ବ୍ଲକ ଅଧୀନ ସମ୍ବଲପୁର ପଞ୍ଚାୟତରେ ଥିବା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ନାୟକ କୌଣସି କାରଣରୁ ଦରମା ପାଇ ପାରି ନ ଥିଲେ। ୨୦୨୦ ନଭେମ୍ବରରୁ ୨୦୨୧ ଅକ୍ଟୋବର ପର୍ଯ୍ୟନ୍ତ ତାଙ୍କୁ ଦରମା ମିଳି ନ ଥିଲା। ତେଣୁ ସେ ବିଇଓ ନାୟକଙ୍କୁ ଭେଟିଥିଲେ। ବକେୟା ଦରମା ବିଲ୍ ପାସ୍ ପାଇଁ ବିଇଓ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ଆବେଦନକାରୀ ଶିକ୍ଷକ ଏ ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଶୁକ୍ରବାର ଶିକ୍ଷକ ନାୟକ କାର୍ଯ୍ୟାଳୟକୁ ଯାଇ ବିଇଓଙ୍କୁ ଭେଟି ୩୦ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ବିଇଓ ତାଙ୍କ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ତଥା ଆକାଉଣ୍ଟାଣ୍ଟ ଦିଲୀପଙ୍କୁ ଉକ୍ତ ଟଙ୍କା ରଖିବାକୁ କହିଥିଲେ। ଦିଲୀପ ଉକ୍ତ ଟଙ୍କା ଟେବଲ ଡ୍ର'ରେ ରଖିଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ ଚଢ଼ାଉ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ବିଇଓ ବ୍ରଜ ଓ ଆକାଉଣ୍ଟାଣ୍ଟ ଦିଲୀପଙ୍କୁ କାବୁ କରିଥିଲେ।

# ବଟି ପାଇଁ ସାଇଟ୍ ଇନ୍‌ଚାର୍ଜଙ୍କୁ ଅପହରଣ



■ ୬ ଗିରଫ, ମାରଣାସ୍ତ୍ର ସମେତ ୪୫୭୦ ଟଙ୍କା ଜବତ

ପୁରୀ ଅଫିସ, ୧୧।୨

ବଟି ଆଦାୟ ଓ ଅପହରଣ ଅଭିଯୋଗରେ ଚନ୍ଦନପୁର ଥାନା ପୋଲିସ ୬ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅଧୀନ ପିତେଇପୁର ଗ୍ରାମର ପ୍ରକାଶ ସ୍ୱାଇଁ, ଦାଣ୍ଡସାହିର ସୋମନାଥ ବାରିକ, ଦାସଗୋବା ଗ୍ରାମର ସୁଶାନ୍ତ ବାରିକ, ଜୟ ମୁଦୁଲି, ଜାନକୀଦେଇପୁର ଗ୍ରାମର ଉମେଶ ଦାଶ ଏବଂ ମହେଶ ସେଠୀ। ଏମାନଙ୍କଠାରୁ ଦୁଇଟି ବନ୍ଧୁକ, ଦୁଇଟି ଖଣ୍ଡା, ୫ ମୋବାଇଲ ଫୋନ୍, ଦୁଇଟି ବାଇକ୍, ନଗଦ ୪୫୭୦ ଟଙ୍କା ଏବଂ ଗୋଟିଏ ପାଇପ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଗତ ୯ ତାରିଖରେ ଗବକୁଣ୍ଡ ବ୍ରିଜ ନିର୍ମାଣ କରୁଥିବା କଣ୍ଟ୍ରାକ୍ଟର ସୁବାସ ସ୍ୱାଇଁଙ୍କୁ ଫୋନ କରି ଧମକ ଦେବା ସହ କାମର ୨ପ୍ରତିଶତ ଅର୍ଥ ବଟି ମାଗିଥିଲେ। ପରେ ୧୦ ତାରିଖରେ ଅଭିଯୁକ୍ତମାନେ ଘଟଣାସ୍ଥଳକୁ ଆସି ସାଇଟ୍ ଇନ୍‌ଚାର୍ଜ ଭାବେ କାର୍ଯ୍ୟ କରୁଥିବା ପ୍ରଦୀପ ସ୍ୱାଇଁଙ୍କୁ ଅପହରଣ କରି ୧୦ ଲକ୍ଷ ଟଙ୍କା ବଟି ମାଗିଥିଲେ। ଏ ସମ୍ପର୍କରେ ସୁବାସ ଥାନାରେ ଏତଲା ଦେବା ପରେ ପୋଲିସର ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସେହିଦିନ ରାତି ସାଢେ ୧୦ଟାରେ ପିତେଇପୁର ଗ୍ରାମରୁ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଅପହୃତ ପ୍ରଦୀପଙ୍କୁ ଉଦ୍ଧାର କରିଥିଲା।

# ସାଉଦି ଆରବରୁ ୩ ଓଡ଼ିଆ ଶ୍ରମିକ ଉଦ୍ଧାର

ଯାଜପୁର ଅଫିସ,୧୧।୨

ସାଉଦି ଆରବର ତାଇଫ୍ ସହରର ସୋରଫତ୍ ଇଣ୍ଡିଆ ରେଷ୍ଟୁରାଣ୍ଟ ଓ ହୋଟେଲରେ କାମ କରି ଶୋଷଣ ଓ ନିର୍ଯ୍ୟାତନାର ଶିକାର ହୋଇ ଆସୁଥିବା ଯାଜପୁର ଜିଲାର ୩ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ରାଜ୍ୟ ଶ୍ରମ ବିଭାଗ, ଯାଜପୁର ଜିଲା ପ୍ରଶାସନ, ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ, ସାଉଦି ଆରବସ୍ଥିତ ଭାରତୀୟ ଦୂତାବାସ, ଗ୍ଲୋବାଲ ଓଡ଼ିଆ ଫାଉଣ୍ଡେଶନ, ବାହାରିନର ମିଳିତ ଉଦ୍ୟମରେ ଏହି ସଫଳତା ମିଳି ପାରିଛି। ଯାଜପୁର ସଦର (ବରୁଆଁ) ଥାନା ଅନ୍ତର୍ଗତ ଅଡ଼ଙ୍ଗ ପୁରୁଷୋତମପୁର ଓ ଜମଧର ଗାଁକୁ ଶ୍ରମିକମାନେ ଫେରି ଆସିଛନ୍ତି। ପ୍ରକାଶଥାଉକି, ଅଡ଼ଙ୍ଗ ପୁରୁଷୋତ୍ତମପୁର ଗ୍ରାମର ସେକ ଅବଦୁଲ ରହେମାନଙ୍କ ଦୁଇ ପୁଅ ସେକ୍ ସଲମନ(୨୮) ଓ ସେକ୍ ଇମ୍ରାନ ଏବଂ ସେକ୍ ସାଇରୁଦ୍ଦିନଙ୍କ ପୁଅ ସେକ୍ ଜଲ୍ଲାଉଦ୍ଦିନ(୨୭), ଜମଧର ଗ୍ରାମର ସେକ୍ ଅବୁଜାଫରଙ୍କ ପୁଅ ସେକ୍ ଅବଦୁଲ ଖଲିଫ୍(୨୬) ଓ ସେକ ନାବିକ୍‌ଙ୍କ ପୁଅ ସେକ୍ ନାସଦ ଆଲମ(୪୧) ସେହି ହୋଟେଲରେ ରୋଷେୟା ଏବଂ ୱେଟର ଭାବେ କାମ କରୁଥିଲେ। କରୋନା ମହାମାରୀ ବ୍ୟାପିବା ପରେ ୨୦୨୦ରେ ଏମାନେ ଘରକୁ ଫେରିବାକୁ ଚାହିଁଥିଲେ। ହେଲେ ହୋଟେଲ ମାଲିକ ଛାଡ଼ି ନ ଥିଲେ। ବରଂ ବିଭିନ୍ନ ପ୍ରକାରର ଧମକ ଚମକ ଦେବା ସହ କାଳେ ଲୁଚି ପଳାଇ ଯିବେ ସେଥିପାଇଁ ସେମାନଙ୍କ ପାସପୋର୍ଟ ଆଦି ଦରକାରୀ କାଗଜପତ୍ରକୁ ଛଡ଼ାଇ ନେଇଯାଇଥିଲେ। ନିରୁପାୟ ହୋଇ ଏମାନେ ରେଷ୍ଟୁରାଣ୍ଟରେ କାମ କରୁଥିଲେ ହେଁ ଠିକ୍ କରି ଦରମା ମିଳୁ ନ ଥିଲା କି ଖାଇବାକୁ ଭଲ ଭାବେ ଦିଆଯାଉ ନ ଥିଲା। ଏ ଘଟଣା ସମ୍ପର୍କରେ ଘର ଲୋକଙ୍କୁ ଜଣାଇବା ପରେ ୨୦୨୧ ଡିସେମ୍ବରରେ ସେକ୍ ଜଲ୍ଲାଉଦ୍ଦିନଙ୍କ ବାପା ସେକ୍ ସାଇରୁଦ୍ଦିନ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଅବଗତ କରି ସାହାଯ୍ୟ ଲୋଡ଼ିଥିଲେ। ଜିଲାପାଳ ଏହି ଅଭିଯୋଗକୁ ଯାଜପୁରରୋଡ୍ ସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ନିକଟକୁ ପଠାଇଥିଲେ। ଯାଜପୁର ଯୁଗ୍ମ ଶ୍ରମ ଆୟୁକ୍ତ ସୁନୀଲ କୁମାର ସାହୁ ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତିଙ୍କ ଜରିଆରେ ତଦନ୍ତ କରାଇଥିଲେ। ତଦନ୍ତ ରିପୋର୍ଟ ରାଜ୍ୟ ଶ୍ରମ କମିଶନର ତିରୁମାଲା ନାଏକଙ୍କୁ ଦିଆଯିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବହିର୍ବ୍ୟାପାର ମନ୍ତ୍ରଣାଳୟଙ୍କୁ ଅବଗତ କରଯାଇ ୫ ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାର ଲାଗି ନିବେଦନ କରାଯାଇଥିଲା। ବହିର୍ବ୍ୟାପାର ମନ୍ତ୍ରଣାଳୟ ଓ ସାଉଦି ଆରବ ସ୍ଥିତ ଭାରତୀୟ ଦୂତାବାସର ହସ୍ତକ୍ଷେପ ଫଳରେ ୩ ଓଡ଼ିଆ ଶ୍ରମିକ ସେକ୍ ନାସଦ ଆଲମ, ସେକ୍ ସଲମନ ଓ ଅବଦୁଲ ଖଲିଫ ଘରକୁ ଫେରିପାରିଥିବା ବେଳେ ସେକ୍ ଜଲ୍ଲାଉଦ୍ଦିନ ଓ ସେକ୍ ଇମ୍ରାନଙ୍କ ନାମରେ ସେଠାରେ ଫୌଜଦାରି ମାମଲା ଥିବା କାରଣରୁ ସେମାନେ ଫସି ରହିଛନ୍ତି। ସେମାନଙ୍କୁ ଆଣିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଜିଲା ଶ୍ରମ ଅଧିକାରୀ ମହାନ୍ତି ପ୍ରକାଶ କରିଛନ୍ତି। ଗ୍ଲୋବାଲ ଓଡ଼ିଆର ଅରୁଣ କୁମାର ପ୍ରତିହାରୀ ସେମାନଙ୍କୁ ବହୁ ସହଯୋଗ କରିଥିଲେ। ଗୁରୁବାର ଶ୍ରମିକମାନେ ଯାଜପୁରରୋଡ ସ୍ଥିତ ଶ୍ରମ କାର୍ଯ୍ୟାଳୟକୁ ଆସି କାଗଜପତ୍ର ତନଖି କାର୍ଯ୍ୟରେ ସହଯୋଗ କରିଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବ୍ୟକ୍ତିଗତ ହାଜର ହେଲେ ୩ ଅଧିକାରୀ

## ଚିଲିକା ମଙ୍ଗଳାଯୋଡ଼ିରେ ମୋଟରଚାଳିତ ଡଙ୍ଗା ଚାଲିବା ଘଟଣା

କଟକ ଅଫିସ,୧୧।୨- ଚିଲିକା ମଙ୍ଗଳାଯୋଡିରେ ମୋଟରଚାଳିତ ଡଙ୍ଗା ଚାଲିବା ଘଟଣାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ମୁତାବକ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡ଼ିଏ)ର ୩ ଅଧିକାରୀ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ସିଡ଼ିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ନନ୍ଦ, ଚିଲିକା ବନଖଣ୍ଡ ଅଧିକାରୀ ଶରତ ମିଶ୍ର ଓ ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ସାହୁ ଭର୍ଚୁଆଲ୍‌ରେ ହାଜର ହୋଇ ମଙ୍ଗଳାଯୋଡିରେ ମୋଟର ଚାଳିତ ଡଙ୍ଗା ଚାଲୁଥିବା ଘଟଣାକୁ ସ୍ୱୀକାର କରିଥିଲେ। ଯେଉଁମାନଙ୍କୁ ଲାଇସେନ୍ସ ଦିଆଯାଇଛି ସେମାନେ ମଙ୍ଗଳାଯୋଡି ଅତିକ୍ରମ କରିବାବେଳେ ମୋଟରର ବ୍ୟବହାର କରିବେ ନାହିଁ ବୋଲି ସର୍ତ୍ତ ରଖାଯାଇଥିବା ସେମାନେ ଅଦାଲତଙ୍କୁ ଅବଗତ କରାଇଥିଲେ। ସେହିପରି ବିଦେଶାଗତ ପକ୍ଷୀଙ୍କ ଆଗମନ ସମୟରେ ମଙ୍ଗଳାଯୋଡି ଅଞ୍ଚଳରେ କୌଣସି ପ୍ରକାର ବ୍ୟାଘାତ ସୃଷ୍ଟି ନ ହେବା ପାଇଁ ମତ୍ସ୍ୟଜୀବୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ ବୋଲି ଅଦାଲତଙ୍କୁ ଅବଗତ କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ବିଚାର କରି ଆସନ୍ତା ୩ ଦିନ ମଧ୍ୟରେ ମଙ୍ଗଳାଯୋଡିର ମତ୍ସ୍ୟଜୀବୀଙ୍କ ସହ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏହି ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହୋଇଛି ସେ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ସିଡିଏ କର୍ତ୍ତୃପକ୍ଷ ସତ୍ୟପାଠ ଜରିଆରେ ଜବାବ ଦାଖଲ କରିବେ। ତେବେ ଶୁକ୍ରବାର ଶୁଣାଣିବେଳେ ଏହି ଅଞ୍ଚଳର ମତ୍ସ୍ୟଜୀବୀ ପ୍ରଦୀପ ବେହେରା ଓ ନାବାସ ବେହେରା ପକ୍ଷଭୁକ୍ତ ହୋଇ କେବଳ ମଙ୍ଗଳାଯୋଡି ନୁହେଁ ଚିଲିକାର ନଳବଣ ପକ୍ଷୀବିହାରରେ ମଧ୍ୟ ଏହି ମୋଟର ଚାଳିତ ଡଙ୍ଗାର ବ୍ୟବହାର ଉପରେ କଟକଣା ଲାଗୁ ପାଇଁ ଅଦାଲତଙ୍କୁ ନିବେଦନ କରିଥିଲେ। ଅଦାଲତ ଏହାକୁ ଗ୍ରହଣ କରି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଏ ସଂକ୍ରାନ୍ତରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପରର ଦେଖି
ମୋର ଡେଇଁଲା ଡାହାଣ ଆଖି।**

ଅନ୍ୟର ଭଲ ବା ଉନ୍ନତି ଦେଖିଲେ କେତେ ଲୋକଙ୍କ ମନ ହାଇଁପାଇଁ ହୋଇଯାଏ। ଏଭଳି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରିପାରି ନ ଥାନ୍ତି। ଅନ୍ୟର ଧନ ଦଉଲତ ଦେଖି ଲାଳାୟିତ ହୋଇପଡୁଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପାଇଟି ସାରି ବସ
ଶତ୍ରୁ ମାରି ବସ।**

ପାଇଟି ବା କାମଦାମ ସାରିଦେଲେ ମଣିଷ ଚିନ୍ତାଶୂନ୍ୟ ହୋଇଯାଏ। ତେଣିକି ବସି ବିଶ୍ରାମ କରିବାରେ ଅସୁବିଧା ରହି ନ ଥାଏ। ସେହିପରି ଶତ୍ରୁକୁ ଦମନ କରିଦେଲେ ଦାଉ ସାଧିବାକୁ ଆଉ କେହି ନ ଥାଏ। ଫଳସ୍ୱରୂପ ଶତ୍ରୁକୁ ନେଇ ଭୟଭୀତ ହେବାର ଆଉ କିଛି ଅବକାଶ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

**ଆଜିର ମନ୍ତବ୍ୟ**

"ସ୍ୱଚ୍ଛତା ହେଉଛି ଗଣତନ୍ତ୍ରରେ ସୁଶାସନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ।
-ରାମନାଥ କୋବିନ୍ଦ, ରାଷ୍ଟ୍ରପତି

# ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ, ୧୮ ଆହତ

## ବିବାହ ଉତ୍ସବକୁ ଯାଉଥିଲା ଗାଡ଼ି

ଉମରକୋଟ,୧୧।୨(ସ୍ୱ.ପ୍ର.) ବିବାହ ଉତ୍ସବରେ ଯୋଗଦେବାକୁ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ହୋଇ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୧୮ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଉମରକୋଟ ବ୍ଲକ ମୁର୍ତ୍ତୁମା ପଞ୍ଚାୟତ ବଡ଼ଖଡ଼କା ଗ୍ରାମର ବଳରାମ ଭତ୍ରା(୫୩)। ଘଟଣାରୁ ପ୍ରକାଶ, ବଡ଼ଖଡ଼କା ଗ୍ରାମରୁ ପିକ୍‌ଅପ୍(ଓଡି ୨୪ ସି ୬୭୯୦) ଯୋଗେ ୫୦ରୁ ଊର୍ଦ୍ଧ୍ୱ ଲୋକ ବେହେଡ଼ା ପଞ୍ଚାୟତର ଡାଇବେଡ଼ା ଗ୍ରାମକୁ ଯାଉଥିଲେ। ବେହେଡା ଜଙ୍ଗଲ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ଏଥିରେ ବଳରାମଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ୧୮ ଆହତ ହୋଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ଉଦ୍ଧାରକରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗାଡ଼ିକୁ ଜବତ କରିଛି। ଏ ନେଇ ୬୦/୨୨ ରେ ଏକ ମାମଲା ରୁଜୁ କରାଯାଇ ଚାଳକଙ୍କୁ ପଚରାଉଚରା କରାଯାଉଥିବା ପୋଲିସ ସୂଚନା ଦେଇଛି।



ଦୁର୍ଘଟଣାଗ୍ରସ୍ତ ଗାଡ଼ି।

# ପଶ୍ଚିମ ଓଡ଼ିଶା ଐତିହ୍ୟ ସ୍ଥଳ ବିକାଶ ପାଇଁ କେନ୍ଦ୍ର ବ୍ଲୁ ପ୍ରିଣ୍ଟ କରୁ

## ଶୂନ୍ୟକାଳରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ଦାବି

ଭୁବନେଶ୍ୱର,୧୧।୨(ବ୍ୟୁରୋ) ପଶ୍ଚିମ ଓଡ଼ିଶାରେ ଥିବା ଐତିହାସିକ ଏବଂ ସାଂସ୍କୃତିକ ଐତିହ୍ୟଗୁଡ଼ିକର ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରନ୍ତୁ। ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଏହି ଦାବି କରିଛନ୍ତି। ଶୁକ୍ରବାର ରାଜ୍ୟ ସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ପଶ୍ଚିମ ଓଡ଼ିଶା ପ୍ରାକୃତିକ ବୈଭବ, ଐତିହାସିକ ଓ ସାଂସ୍କୃତିକ ଐତିହ୍ୟରେ ପରିପୂର୍ଣ୍ଣ। ସମ୍ବଲପୁର ଜିଲା ମହାନଦୀ କୂଳରେ ଥିବା ହୁମା ମନ୍ଦିର ବିଶ୍ୱପ୍ରସିଦ୍ଧ। ସେହିପରି ଷୋଡ଼ଶ ଶତାବ୍ଦୀରେ ନିର୍ମିତ ସମଲେଶ୍ୱରୀ ମନ୍ଦିର, ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ନୃସିଂହନାଥ ମନ୍ଦିର, ଗନ୍ଧମାର୍ଦ୍ଦନ ପର୍ବତମାଳା, ଦେବ୍ରିଗଡ଼ ବନ୍ୟଜନ୍ତୁ ସାଙ୍କଚୁଆରି ଆଦି ପଶ୍ଚିମ ଓଡ଼ିଶାରେ ରହିଛି। ସେହିପରି ବୌଦ୍ଧ ଜିଲାରେ ବୌଦ୍ଧ ସ୍ତୁପ, ରେଢ଼ାଖୋଲର ପୁରାତନ ଭୀମମଣ୍ଡଳୀ, ସମ୍ବଲପୁର ଜିଲାର ବଡ଼ରମା ବନ୍ୟଜନ୍ତୁ ସାଙ୍କଚୁଆରି ଏବଂ ଗୁଡ଼ଗୁଡ଼ା ଜଳପ୍ରପାତ, ଆଠମଲ୍ଲିକର ଦେଉଳଝରି ଉଷ୍ମପ୍ରସ୍ରବଣ, ବଲାଙ୍ଗୀର ଜିଲାର ହରିଶଙ୍କର ୱାଟରଫଲ୍ ଭଳି ଅନେକ ଐତିହ୍ୟଗୁଡ଼ିକର ସଂରକ୍ଷଣ ଓ ବିକାଶ ହେବାର ଆବଶ୍ୟକତା ରହିଛି । ରାଜ୍ୟ ସରକାର ଉକ୍ତ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ କରି ଆସୁଛନ୍ତି। କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରଣାଳୟ ଏସବୁ ସ୍ଥାନଗୁଡ଼ିକର ସଂରକ୍ଷଣ ଓ ବିକାଶ କରିବା ପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ସେ ଅନୁରୋଧ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଚାର୍ଜଶିଟ୍ ଦାଖଲ ...

ଊର୍ଦ୍ଧ୍ୱ ଏହି ଚାର୍ଜଶିଟ୍ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି। ଉକ୍ତ ଚାର୍ଜଶିଟ୍‌ରେ ମମିତା ହତ୍ୟାକାଣ୍ଡର ସମସ୍ତ ଗୁମର, ପ୍ରମାଣ ଓ ତଥ୍ୟ ରହିଥିବା କୁହାଯାଉଛି। ପୋଲିସ ପକ୍ଷରୁ କେସ୍ ଡାଏରୀ, ତଦନ୍ତ ସମୟରେ ସମସ୍ତ ଅଭିଯୁକ୍ତ, ସାକ୍ଷୀ, ଆନୁଷଙ୍ଗିକ ପ୍ରମାଣ, ସାଇଣ୍ଟିଫିକ୍ ଡକ୍ୟୁମେଣ୍ଟ, ୧୬୪ ବୟାନ ରେକର୍ଡ ତଥ୍ୟ, କ୍ରାଇମ୍ ମ୍ୟାପ୍, ଆରେଷ୍ଟ ମେମୋ, କ୍ରାଇମ ଡିଟେଲ୍ସ ଫର୍ମ ପ୍ରସ୍ତୁତ କରାଯାଇ ଚାର୍ଜଶିଟ୍‌ରେ ସନ୍ନିବେଶିତ କରାଯାଇଥିବା ଜଣାପଡିଛି। ମମିତା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ଓ ତାଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡିଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ରହିଥିବା ଜଣାପଡିଛି। ଚାର୍ଜଶିଟ୍ ଦାଖଲ ସମ୍ପର୍କରେ ମାମଲାର ତଦନ୍ତକାରୀ ଅଧିକାରୀ ବଟକୃଷ୍ଣ ମିଶ୍ରଙ୍କୁ ପଚରାଯିବାରୁ ସେ ଏନେଇ କିଛି ବି ସୂଚନା ଦେଇ ନ ଥିଲେ।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୮ ତାରିଖରେ ବଲାଙ୍ଗୀର ଜିଲା ଝରଣୀ ଗାଁର ମମିତା ମେହେର ତାଙ୍କ ଘରୁ କଳାହାଣ୍ଡି ଜିଲାର ମହାଲିଙ୍ଗ ଅଭିମୁଖେ ବାହାରିଥିଲେ। କଣ୍ଟାବାଞ୍ଜିରୁ ଏକ ଘରୋଇ ବସ୍ ଯୋଗେ ସେ ଚାନ୍ଦୋତରା ପର୍ଯ୍ୟନ୍ତ ଯାଇଥିଲେ। ଚାନ୍ଦୋତରାରୁ ଅଭିଯୁକ୍ତ ଗୋବିନ୍ଦ ଏକ କାର୍ ଯୋଗେ ମମିତାଙ୍କୁ ନେଇ ପ୍ରଥମେ ଭବାନୀପାଟଣା ଓ ପରେ ମହାଲିଙ୍ଗ ଯାଇଥିଲେ। ବାଟରେ ମମିତାଙ୍କୁ କାର ଭିତରେ ତଣ୍ଟି ଚିପି ହତ୍ୟା କରିବା ପରେ ମୃତଦେହକୁ ମହାଲିଙ୍ଗର ନିର୍ମାଣାଧୀନ ମିନି ଷ୍ଟାଡିୟମ ଭିତରେ ପୂର୍ବରୁ ଖୋଳା ଯାଇଥିବା ଗାତରେ ପୋତି ନିଆଁରେ ପୋଡି ଦେଇଥିଲେ। ମମିତାଙ୍କ ନିଖୋଜ ସମ୍ପର୍କରେ ତାଙ୍କ ପରିବାର ପକ୍ଷରୁ ଅକ୍ଟୋବର ୧୩ ତାରିଖ ଦିନ ସିନ୍ଧେକେଲା ଥାନାରେ ଅଭିଯୋଗ କରାଯାଇଥିଲା। ୧୫ ତାରିଖ ଦିନ ପୋଲିସ ଗୋବିନ୍ଦ ସାହୁଙ୍କୁ ଗିରଫ କରିଥିଲା। ୧୭ ତାରିଖରେ ଟିଟିଲାଗଡ ପୋଲିସ ବାରାକ୍‌ରୁ ଅଭିଯୁକ୍ତ ଗୋବିନ୍ଦ ଫେରାର ହୋଇଯାଇଥିଲେ। ୧୯ ତାରିଖ ଦିନ ପୋଲିସ ବଙ୍ଗୋମୁଣ୍ଡା ନିକଟ ବୁଢ଼ୀପଦର ନିକଟ ଆଖୁ କିଆରିରୁ ଫେରାର ଗୋବିନ୍ଦଙ୍କୁ ପୋଲିସ କାବୁ କରିଥିଲା। ଏହାପରେ ଅଭିଯୁକ୍ତ ଗୋବିନ୍ଦଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡିଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ଓ ସହଯୋଗୀ ରାଧେଶ୍ୟାମ ସେହିଦିନରୁ କଣ୍ଟାବାଞ୍ଜି ଉପକାରାଗାରରେ ରହିଛନ୍ତି। ଜେଏମ୍ଏଫ୍‌ସି, ଏଡିଜେ ଏବଂ ହାଇକୋର୍ଟରେ ଜାମିନ୍ ଆବେଦନ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଜାମିନ୍ ମିଳିନାହିଁ।

## 'ନୋଟା' ବିକଳ୍ପ ...

କରିବାକୁ ପଡ଼ିବ। ଯେଉଁ ପ୍ରାର୍ଥୀମାନେ ସତ୍ୟପାଠରେ ଭୁଲ ତଥ୍ୟ ଦେବେ ସେମାନଙ୍କ ପ୍ରାର୍ଥୀପତ୍ର ନାକଚ କରାଯିବ ବୋଲି କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ମଧ୍ୟ ବୃଦ୍ଧି କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଦ୍ୱିଜା ନକ୍ଷତ୍ରର ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମନ ଖୁସି ରହିପାରେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ସାଧାରଣ କେତେକ ବ୍ୟତିକ୍ରମ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ବୃଷ** ଆଶା କରୁଥିବା ଧନ ପାଇଁ କଳହ ଓ ବିତର୍କ ସୃଷ୍ଟିର ସୂଚନା ରହିଛି। ଉପରିସ୍ଥ କର୍ମଚାରୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ବାଧ୍ୟବାଧକତାବଶତଃ ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ କଳହର ସୂଚନା ଦେଖାଦେଇପାରେ।

**ମିଥୁନ** ସମ୍ପର୍କୀୟଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସମାଲୋଚିତ ହୋଇପାରନ୍ତି। ଆଜିର ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ଆର୍ଥିକ ସ୍ଥିତିର ଦୁରବସ୍ଥା ସାଙ୍ଗକୁ ଖର୍ଚ୍ଚଭାର ବୃଦ୍ଧି ପାଇବାରୁ ମନରେ ସରସତା ରହିବ ନାହିଁ।

**କର୍କଟ** ନୂତନ ଉଦ୍ୟୋଗ କିମ୍ବା ପ୍ରକଳ୍ପ କାମରେ ବିଭିନ୍ନ ଯୋଜନା କରିବାରେ ମନ ଦେବେ। ସଭାସମିତିର ଆଲୋଚନାରେ ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ବନ୍ଧୁଙ୍କ ସହାୟତାରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ** ମାନସିକ ଅସୁସ୍ଥତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଭୁଲ୍ ବୁଝାମଣା ଲାଗି ରହିବ। ପରିବାରରେ ଅଧିକାଂଶ ସମୟ ଆର୍ଥିକ ଅନଟନ, ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ଏକାଧିକ ଅଫିସ୍ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିଯାଇପାରେ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ କଳହ ସୃଷ୍ଟି କରିବାର ସୂଚନା ରହିଛି। ସରକାରୀ ସ୍ତରରୁ ଆର୍ଥିକ ସାହାଯ୍ୟ ପାଇବାର ସୂଚନା ମନକୁ ଉଲ୍ଲସିତ କରିପାରେ।

**ତୁଳା** ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଜିନିଷଟି ନ ପାଇ ନିରାଶ ହେବେ। ପାଖ ପଡ଼ୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ଶାନ୍ତି ଫେରି ଆସିବ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**ବିଛା** ମନ ଅନୁଯାୟୀ କାମ ନ ହେବା ସହ ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଶନି ଓ ରାହୁଙ୍କ କୁପ୍ରଭାବରେ ଭୁଲ୍ ନିଷ୍ପତ୍ତି ପରିପ୍ରେକ୍ଷୀରେ ସମାଲୋଚିତ ହେବେ। ପରିବାରର ଆବଶ୍ୟକତା ତୁଲାଇବା ସକାଶେ କରଜ କରିବାକୁ ପଡ଼ିପାରେ। କାମ ହାସଲ ସକାଶେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**ଧନୁ** ପ୍ରତ୍ୟେକ କାମକୁ ମନ୍ଥର ଗତିରେ କରିବା କାରଣରୁ କୌଣସି ବ୍ୟକ୍ତି କଡ଼ା କଥା ଶୁଣାଇପାରନ୍ତି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରସଙ୍ଗକ୍ରମେ କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି।

**ମକର** ଶତ୍ରୁ କ୍ଷେତ୍ରସ୍ଥ ଚନ୍ଦ୍ର ହେତୁ ସୁସମ୍ପର୍କ ରହିଥିବା ଲୋକଟି ବିଗିଡ଼ିଯିବାର ଆଶଙ୍କା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସାମାଜିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଉପରିସ୍ଥଙ୍କ ଆଦେଶାନୁକ୍ରମେ ଦୂରଯାତ୍ରାର ସୁଯୋଗ ପାଇପାରନ୍ତି।

**କୁମ୍ଭ** ଗୁରୁଙ୍କ ସୁପ୍ରଭାବରୁ ଆଜି ଯେଉଁ କାମରେ ହାତ ଦେବେ ସୁବିଧାରେ କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ବନ୍ଧୁମାନେ ଅସହଯୋଗ କଲେ ମଧ୍ୟ ଆପଣଙ୍କ କୌଣସି କାମ ଅଟକିବ ନାହିଁ। ଦୀର୍ଘ ଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ମୀନ** ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ପରିବାରରେ ମତଭେଦ ଓ ଭୁଲ୍ ବୁଝାମଣାରୁ ଅଶାନ୍ତି ସୃଷ୍ଟି ହେବ। ବାଣିଜ୍ୟ,ବ୍ୟବସାୟ, ନିର୍ମାଣ, ଶେୟାର ବଜାର ଓ ପରିବହନରେ ଲାଭବାନ ହେବେ। ପୂର୍ବରୁ ଲାଗିରହିଥିବା ରୋଗରେ ସ୍ୱାସ୍ଥ୍ୟହାନି କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ରହିପାରନ୍ତି।

# classifieds Everyday
0674-2580101, 2549302

real estate

**SALE**

ଭୁବନେଶ୍ୱର ଜଟଣୀଗେଟ୍ ଠାରୁ ଅଳ୍ପ ଦୂରତାରେ (per sqft.- 600/-ରୁ 300/-) ରାସ୍ତା ଥିବା ପ୍ଲଟ୍ ମିଳୁଛି। Contact: 7606015965, 8114994259. D-23040

ବ୍ରାହ୍ମଣଝରିଲୋ ବଜାରରୁ **1K.M.** ମଧ୍ୟରେ ଘରବାରି, **road,** ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି **plot/simplex** ସୁଲଭ ମୂଲ୍ୟରେ ମିଳୁଛି। **(Bank finance available). 9938163369, 8093053603.** D-71787

Puri Jagannath Temple 1/2 BHK Flat RERA, PKDA approval buy a dream home book @2 lakhs, 9078263828. D-23081

ଭୁବନେଶ୍ୱର ହଂସପାଳଛକରୁ **5K.M.** ମଧ୍ୟରେ **(New BDA Planing Area) 30'** ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ **plot** ମିଳୁଛି। **9938014369, 8093053602.** D-71788

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ପିତାପଲ୍ଲୀରେ ଘରବାଡ଼ି ପ୍ଲଟ୍ 19,50,000/- କିଣି ଆଜି ଘର କରନ୍ତୁ - 9938016295. D-71791

**Duplex house for sale at Gadakana. Bhubaneswar, Contact Owner: 9348695941.** D-23119

5BHK triplex 52,00,000/- finishing Hanspal (Bank finance available)- 8093465134, 9668194157 D-70996

ଭୁବନେଶ୍ୱର ଯାଆଁଳା **NH-5** ରୁ **400** ମିଟର ଦୂରତାରେ ପଟ୍ଟା, **boundary,** ଇଲେକ୍ଟ୍ରିସିଟି ସୁବିଧା ଥାଇ **immediate** ଘର କଲାଭଳି ପ୍ଲଟ୍ **15,60,000/-. 9437691481.** D-71783

Demarcated 1500sqft. plot sale @ 13,50,000 just 200 mtrs from Lakhmi Apartment, Jagannathpur, Atala. 6371976306. D-23108

**30' road** ଘରବାରି ପ୍ଲଟ୍ ପାଚେରି ସହ **Sum Hospital**ରୁ **4K.M.** ଘଙ୍ଗାପାଟଣାରେ ମିଳୁଛି। **Owner- 8249779595.** D-71763

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71944

**ଘରବାରି ପ୍ଲଟ୍ ବାଉଣ୍ଡାରି ୱାଲ୍ ସହିତ ସୁନ୍ଦରପଦାରେ 480 Sqft., Limited offer available. Mob.: 9437216666.** D-23018

ଭୁବନେଶ୍ୱର Gita/ Gandhi କଲେଜରୁ 1K.M. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary plot sqft.- 700/- କିଣନ୍ତୁ। 9348767829. D-71784

**Bhubaneswar Vingarpur Oxford College** ଛକ ନିକଟରେ ମୁଖ୍ୟ ପିଚୁ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି **plot** ବିକ୍ରିହେବ। **6370025920, 9937674302.** D-71793

Ready to move flat Rs.28.50lakh, near BJEM School-II Rangabazar Tankapani road, Bhubaneswar. Contact: 9776080988, 9238361409. D-70771

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22911

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22912

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ମୁଖ୍ୟରାସ୍ତା ୩୦ ଫୁଟ ଥାଇ ଘରବାରି ପ୍ଲଟ୍ **Boundary, Road, Electrification** ଏବଂ ବୃକ୍ଷରୋପଣ ସହ ବାଲିଅନ୍ତାଠାରେ ବିକ୍ରି କରାଯାଉଅଛି। ଯୋଗାଯୋଗ: **6370469894.** D-23087

ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ **yellowzone sqft.- 550/-,** ଚନ୍ଦକା **NH** ପାଖରେ ଘରବାଡ଼ି ପ୍ଲଟ୍ **sqft.- 1100/-,** ବାରଙ୍ଗରୁ ତ୍ରିଶୂଳିଆ **NH** ପାଖରେ **sqft.- 1300/-. 7539895510.** D-71780

**Gated community township gharabari plot sale in Gudiapokhari near KEC College with 30' road, Electricity, boundarywall. 8763887357, 8144730854.** D-71786

construction

Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334

to-let

3BHK for rent-2nd floor 12500 per month Ratnakarbag-1. 9902406161. D-23125

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

healthcare

Newly open full body massage ladies and gents. 8327740003. D-71859

Refreshing your mind and body with the best therapy, 7873794731. D-23024

All types body massage with hiprofile smart lady room service available. 9142145769. D-71337

Newly opening SPA positively health benefits with expert therapist. 8917332216. D-71941

Full body massage in homely atmosphere all therapy. Contact: 8114881641. D-60896

**Relax, Refresh your body, Mind at SAIKRUPA Spa with best therapies. 8984068077.** D-23068

**LOST**

ମୁଁ ମମତା ଦାସ, ସ୍ୱା: କୈଳାଶ ଚନ୍ଦ୍ର ଦାସ, ଗ୍ରା/ପୋ- ଅର୍ଜୁନପୁର, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱର ମୋର ପ୍ଲଟ୍ ନଂ.- ୫୬୬/୧୫୩୧, ୫୬୬/୧୫୩୧/୧୫୪୪ ଖାତା ନଂ.- ୨୧୬/୪୭୨, ମୁଁ କିଣିଥିବା ପ୍ଲଟ୍‌ର ପୂର୍ବ ଅରିଜିନାଲ୍ କବଲା ନଂ.- 10111301297 ଯାହାଙ୍କର ନାମ ଅଧିକାରୀ ଦାସ ତାହା ହଜି ଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି 7609904221 ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୭୩୧୭୬

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ହ୍ରାସ ପାଇଲା ବଜାର କାରବାର

ମୁମ୍ବାଇ,୧୧।୨: ଦଲାଲ ଷ୍ଟ୍ରିଟ୍‌ର ଟପ୍‌ଲାଇନ ଇକ୍ୱିଟି ଇଣ୍ଡେକ୍ସ କ୍ରମାଗତ ୩ ଦିନ ବୃଦ୍ଧି ପରେ ଶୁକ୍ରବାର ପୁଣି ଥରେ ବଡ଼ ଧରଣର ହ୍ରାସ ଘଟିଛି। ବିଶେଷ କରି ଆଇଟି ଏବଂ ଆର୍ଥିକ ଷ୍ଟକ୍‌ଗୁଡିକର କାରବାର ଖରାପ ହେବା କାରଣରୁ ଶେୟାର ମୂଲ୍ୟ ପ୍ରାୟ ୧.୩୧% ହ୍ରାସ ଘଟିଥିଲା। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୭୩ ପଏଣ୍ଟ ହ୍ରାସ ଘଟି ୫୮,୧୫୩ ଅଙ୍କରେ ରହିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି ୫୦ରେ ୨୩୧ ପଏଣ୍ଟ କମି ୧୭,୩୭୫ ଅଙ୍କରେ କାରବାର ଶେଷ କରିଥିଲା। ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୭୭୩.୧୧ ପଏଣ୍ଟ (୧.୩୧%) ହ୍ରାସ ଘଟି ୫୮,୧୫୨.୯୨ ଅଙ୍କରେ ଶେଷ ହୋଇଥିବା ବେଳେ ନିଫ୍ଟିରେ ମଧ୍ୟ ୨୩୧.୧୦ ପଏଣ୍ଟ (୧.୩୧%) କମି ୧୭,୩୭୪.୭୫ ରେ ରହିଥିବା ସୂଚନା ମିଳିଛି।

### ନୁଭୋକୋ ଭିଷ୍ଟାର ଆଗାମୀ ରଣନୀତି ଘୋଷଣା

ଭୁବନେଶ୍ୱର,୧୧।୨: ଦେଶର ଅଗ୍ରଣୀ କୋଠା ଉପକରଣ ନିର୍ମାତା ନୁଭୋକୋ ଭିଷ୍ଟା କର୍ପୋରେଶନ ଲିମିଟେଡ୍ ପକ୍ଷରୁ ଏହାର ବ୍ୟବସାୟ ରଣନୀତି ଅନୁସାରେ ନିବେଶ ଓ ସମ୍ପ୍ରସାରଣ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ନୁଭୋକୋ ଭିଷ୍ଟାର ଅଧକ୍ଷ ହିରେନ୍ ପଟେଲ କହିଛନ୍ତି, ଚଳିତ ବଜେଟରେ ଭିତ୍ତିଭୂମି ପ୍ରତି ଗୁରୁତ୍ୱ ଦେଇ ଭାରତର ଅଭିବୃଦ୍ଧି କାହାଣୀ ଉପରେ ଧ୍ୟାନ ଦିଆଯାଇଛି। ଗତି ଶକ୍ତି ଭଳି ପ୍ରକଳ୍ପ ଅର୍ଥନୈତିକ ସଫଳତା ପାଇଁ ଭାରତରେ ଆରମ୍ଭ ହେଉଥିବା ମେଗା ଭିତ୍ତିଭୂମି ପ୍ରକଳ୍ପ ଲାଗି ଆବଶ୍ୟକ ଶକ୍ତି,ବେଗ ଓ ଦକ୍ଷତା ପ୍ରଦାନ କରିବ। ସେହିଭଳି ନୁଭୋକୋ ଭିଷ୍ଟାର ପରିଚାଳନା ନିର୍ଦ୍ଦେଶକ ଜୟକୁମାର କ୍ରିଷ୍ଣସ୍ୱାମୀ କହିଛନ୍ତି, ଭାରତରେ ସିମେଣ୍ଟ ଚାହିଦା ସିଏଜିଆର୍ ୬-୭% ହାରରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଥିବା ବେଳେ ଆମେ ଲମ୍ବା ସମୟ ପାଇଁ ଅଭିବୃଦ୍ଧି ପଥରେ ରହିଛୁ। ବିକଳ୍ପ ଇନ୍ଧନ ପରିଚାଳନା ବ୍ୟବସ୍ଥାରେ ଆମର ନିବେଶ ହେଉଛି ଭବିଷ୍ୟତ ପ୍ରତି ପ୍ରତିବଦ୍ଧତାର ପ୍ରମାଣ।

### ଆଇସିଆଇସିଆଇ ଇନ୍‌ଷ୍ଟାବିଜ୍ ଇଣ୍ଟର ଅପରେବଲ୍ ସୁବିଧା

ଭୁବନେଶ୍ୱର,୧୧।୨: ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଇନ୍‌ଷ୍ଟାବିଜ୍ ଇଣ୍ଟର ଅପରେବଲ୍ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ଏହାଦ୍ୱାରା ଅନ୍ୟ ବ୍ୟାଙ୍କର ଗ୍ରାହକମାନେ ମଧ୍ୟ ଏହାକୁ ବ୍ୟବହାର କରିପାରିବେ। ଏହା ଜରିଆରେ ଉପଭୋକ୍ତା ସବୁ ସ୍ତରର କାରବାର ଜରିଆରେ ୟୁପିଆଇ ଆଇଡି ଓ କ୍ୟୁଆର୍ କୋଡ୍ ଭଳି ଡିଜିଟାଲ ସମାଧାନ ସୃଷ୍ଟି କରିପାରିବେ ଏବଂ ଗ୍ରାହକଙ୍କଠାରୁ ପେମେଣ୍ଟ ପାଇପାରିବେ। ସେମାନେ ଡିଜିଟାଲ ମାଧ୍ୟମରେ ପଏଣ୍ଟ ଅଫ୍ ସେଲ୍ ମେଶିନ (ପିଓଏସ୍)ର ବରାଦ ଦେଇପାରିବେ। ପୁନଶ୍ଚ ସେମାନେ ନିଜ ଷ୍ଟୋରକୁ ମାତ୍ର ୩୦ମିନିଟ୍‌ରେ ଅନ୍‌ଲାଇନ ଷ୍ଟୋରରେ ରୂପାନ୍ତରିତ କରିପାରିବେ ଏବଂ ଏକ ଭଏସ୍ ମେସେଜ୍ ଡିଭାଇସ୍ ପାଇଁ ଆବେଦନ କରିପାରିବେ। ଏହା ପେମେଣ୍ଟ ଆସିଥିବା ନେଇ ସ୍ପଷ୍ଟ କରିବ। ଆଇସିଆଇସିଆଇ ବ୍ୟାଙ୍କରେ ସଞ୍ଚୟ କିମ୍ବା ଚଳନ୍ତି ଖାତା ନ ଥିଲେ ମଧ୍ୟ ଗ୍ରାହକମାନେ ପ୍ଲେ ଷ୍ଟୋରରୁ ଇନ୍‌ଷ୍ଟାବିଜ୍ ଆପ୍‌କୁ ଡାଉନ୍‌ଲୋଡ୍ କରି ସେଥିରେ ନିଜ ବ୍ୟାଙ୍କ ଖାତାକୁ ଲିଙ୍କ୍ କରିପାରିବେ। ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଅନ୍‌ଲାଇନରେ ହେବ ଏବଂ ତୁରନ୍ତ ନୋ ୟୋର କଷ୍ଟମର (କେୱାଇସି) ପ୍ରକ୍ରିୟା ସମ୍ପାଦିତ ହେବ। ଗ୍ରାହକଙ୍କୁ ବ୍ୟାଙ୍କ ଶାଖା ପରିଦର୍ଶନ କରିବାକୁ କି ଆଉ କୌଣସି କାଗଜପତ୍ର ଅପ୍‌ଲୋଡ୍ କରିବାକୁ ପଡ଼ିବନାହିଁ। ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୁପ ବାଗ୍‌ଚୀ କହିଛନ୍ତି, ସ୍ୱାବଲମ୍ବୀ ଓ ଏମ୍‌ଏସ୍ଏମ୍‌ଇ କ୍ଷେତ୍ର ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ଏହି କ୍ଷେତ୍ରର ଏକ ବଡ଼ ଭାଗ ହେଉଛି ରିଟେଲ ବ୍ୟବସାୟୀ। ସାରା ଦେଶରେ ଥିବା ପ୍ରାୟ ୨କୋଟି ବ୍ୟବସାୟୀଙ୍କୁ ସହାୟତା ପ୍ରଦାନ କରିବା ଲାଗି ଉଦ୍ୟମ ସ୍ୱରୂପ ଆମେ ସେମାନଙ୍କୁ ଏଭଳି ସମାଧାନ ପ୍ରଦାନ କରୁଛୁ, ଯାହା ସେମାନଙ୍କ ବ୍ୟବସାୟ କରିବାକୁ ସହଜ କରିଛି।

# ଅଟୋ ପିଏଲ୍‌ଆଇ ସ୍କିମ୍‌ରେ ୨୦ ମନୋନୀତ

ନୂଆଦିଲ୍ଲୀ,୧୧।୨



**ମାରୁତି ସୁଜୁକି,ଟାଟା ମୋଟର୍ସ, ଏମ୍ ଆଣ୍ଡ ଏମ୍, ବଜାଜ୍ ସାମିଲ**

ଚଳିତ ବଜେଟରେ କେନ୍ଦ୍ର ସରକାର ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ମେକ୍ ଇନ୍ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ଯୋଜନାରେ ସ୍ୱଦେଶୀ ଉତ୍ପାଦକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଏହାକୁ ସଶକ୍ତ କରିବା ପାଇଁ ଗତି ଶକ୍ତି ଓ ପିଏଲ୍‌ଆଇ ଭଳି ପ୍ରମୁଖ ଯୋଜନାର କାର୍ଯ୍ୟକାରିତାକୁ ଦ୍ରୁତଗତିରେ ପ୍ରସାର କରାଯାଉଛି। ଫଳ ସ୍ୱରୂପ ନିକଟରେ ସଂସଦରେ ଘୋଷଣା ହୋଇଥିବା ଉତ୍ପାଦନ ଲିଙ୍କ୍ ଇନ୍‌ସେଣ୍ଟିଭ୍(ପିଏଲ୍‌ଆଇ) ଯୋଜନାର ଚାମ୍ପିୟନ ଓଇଏମ୍ ଇନ୍‌ସେଣ୍ଟିଭ ସ୍କିମ୍ ଅଧୀନରେ ୨୦ ଆବେଦନକାରୀଙ୍କୁ ଅନୁମୋଦନ ପ୍ରଦାନ କରାଯାଇଛି।

ଅଟୋମୋବାଇଲ ଏବଂ ପ୍ରମୁଖ ଚାରିଚକିଆ ଯାନ ଉତ୍ପାଦନକାରୀ କମ୍ପାନୀ ହୁଣ୍ଡାଇ,ସୁଜୁକି, କିଆ, ମହିନ୍ଦ୍ରା, ଫୋର୍ଡ , ଟାଟା ମୋଟର୍ସ ସାଙ୍ଗକୁ ବଜାଜ୍, ହିରୋ, ଟିଭିଏସ୍ ଭଳି ଦୁଇଚକିଆ ଯାନ ନିର୍ମାତା ମଧ୍ୟ ସାମିଲ ରହିଛନ୍ତି। ସେହିଭଳି ହପ୍ ଇଲେକ୍ଟ୍ରିକ୍ ଉତ୍ପାଦନ ପ୍ରାଇଭେଟ ଲିମିଟେଡ୍, ଓଲା ଇଲେକ୍ଟ୍ରିକ୍ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ଭଳି ନୂଆ କରି ପ୍ରବେଶ କରିଥିବା କମ୍ପାନୀଗୁଡ଼ିକ ମଧ୍ୟ ଏହି ଯୋଜନା ଅଧୀନରେ ମନୋନୀତ ହୋଇଛନ୍ତି। ଏ ସମ୍ପର୍କରେ ଭାରିଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ ପିଏଲ୍‌ଆଇ ଯୋଜନା ଅଧୀନରେ ଅନୁମୋଦିତ ହୋଇଥିବା ଆବେଦନକାରୀଙ୍କଠାରୁ ମୋଟ ୪୫,୦୧୬ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ସହିତ ଅନ୍ୟାନ୍ୟ ସୁବିଧା ଦେଶବାସୀଙ୍କୁ ମିଳିବ ବୋଲି ଆଶା ରହିଛି। ଏ ନେଇ ମଧ୍ୟ ମନ୍ତ୍ରଣାଳୟର ବିଭାଗୀୟ ସଚିବ ଅରୁଣ ଗୋଏଲ କହିଛନ୍ତି, ଅଟୋ କମ୍ପୋନେଣ୍ଟ ଇଣ୍ଡଷ୍ଟ୍ରି ପାଇଁ କମ୍ପାନୀଗୁଡ଼ିକ ପୃଥକ୍ ଭାବେ ଘୋଷଣା କରାଯିବ, ଯେଉଁଠାରେ ପ୍ରାୟ ୯୨ ଜଣ ଆବେଦନକାରୀ ଅଛନ୍ତି। ସେହିଭଳି ୧୮% ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଯାହା ଅଟୋମୋବାଇଲ୍ କ୍ଷେତ୍ର ପାଇଁ ପିଏଲ୍‌ଆଇ ଯୋଜନାର ଆଡଭାନ୍ସ ଅଟୋମୋବାଇଲ ଟେକ୍ନୋଲୋଜି (ଏଏଟି) ଉତ୍ପାଦର ସ୍ୱଦେଶୀ ଯୋଗାଣ ଶୃଙ୍ଖଳରେ ଶିଳ୍ପକୁ ନୂତନ ପୁଞ୍ଜି ବିନିଯୋଗ କରିବାକୁ ଉତ୍ସାହିତ କରିବ। ପିଏଲ୍‌ଆଇ ସ୍କିମ୍ ଜରିଆରେ ଅଟୋମୋବାଇଲ ଏବଂ ଅଟୋ ଉପାଦାନଗୁଡ଼ିକ ପାଇଁ ୨୫,୯୩୮ କୋଟି ଏବଂ ଏସିସି ପାଇଁ ୧୮,୧୦୦ କୋଟି ଟଙ୍କା ଓ ଏହା ସହ ଫେମ୍ ସ୍କିମ୍ ପାଇଁ ୧୦,୦୦୦ କୋଟି ଟଙ୍କାର ବ୍ୟୟବରାଦ ରହିଛି।

## ୟଶଙ୍କୁ ବ୍ରାଣ୍ଡ ଆମ୍ବାସାଡର କଲା ରାମରାଜ୍ କଟନ

ନୂଆଦିଲ୍ଲୀ,୧୧।୨



ଅଭିନେତା ୟଶ୍‌ଙ୍କ ସହ କେ. ଆର୍. ନାଗରାଜନ।

ରାମରାଜ୍ କଟନ ପକ୍ଷରୁ ଅଭିନେତା ୟଶ୍‌ଙ୍କୁ କମ୍ପାନୀ ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ରାମରାଜ୍ କଟନର ପ୍ରତିଷ୍ଠାତା କେ. ଆର୍. ନାଗରାଜନଙ୍କ ମତରେ ୟଶ୍ ଯେ କେବଳ ଜଣେ ସୁପରଷ୍ଟାର ତା' ନୁହେଁ ବରଂ ସେ ଜଣେ ଦୃଢ଼ମନା ଓ ପରିଶ୍ରମୀ କଳାକାର। ସେ ସ୍ତ୍ରୀ ରାଧିକାଙ୍କ ସହ ମିଶି ବିଭିନ୍ନ ଜନ ହିତକର କାର୍ଯ୍ୟ ମଧ୍ୟ କରୁଛନ୍ତି। ଏସବୁ ଗୁଣାବଳୀକୁ ଆଖି ଆଗରେ ରଖି କମ୍ପାନୀ ପକ୍ଷରୁ ତାଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରାଯାଇଛି। ନାଗରାଜନଙ୍କ ଦୂରଦୃଷ୍ଟି ଫଳରେ ଏହା ଏକ ଛୋଟ ଅନୁଷ୍ଠାନରୁ ବଡ଼ କମ୍ପାନୀରେ ପରିଣତ ହୋଇପାରିଛି। ବର୍ତ୍ତମାନ ୫୦ ହଜାର ବୁଣାକାର ପରିବାରଙ୍କୁ ରୋଜଗାର ସାଙ୍ଗକୁ ନିୟୋଜିତ ମଧ୍ୟ କରିପାରିଛନ୍ତି। କମ୍ପାନୀ ଦୀର୍ଘ ବର୍ଷ ଧରି ବିଶେଷକରି ଧୋତି, ସାର୍ଟ, ଇନର ୱେର୍ସ, ନିଟ୍ ୱେର୍ସ, ଫେବ୍ରିକ୍ ଏବଂ ପିଲା ତଥା ମହିଳାଙ୍କ ପାଇଁ ବିଭିନ୍ନ ବସ୍ତ୍ର ପ୍ରସ୍ତୁତ ସାଙ୍ଗକୁ ଉଭୟ ବିକ୍ରି ଓ ରପ୍ତାନି ଭଳି କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରୁଛି। ଏହା ସହିତ କମ୍ପାନୀ ସଂସ୍କୃତି, ପରମ୍ପରାକୁ ନେଇ ଉତ୍ପାଦନ କରି କପଡ଼ା ଶିଳ୍ପରେ ଏକ ଉଦାହରଣ ସୃଷ୍ଟି କରିପାରିଛି।

# ଅଲ୍-ନ୍ୟୁ ବିଏମ୍‌ଡବ୍ଲ୍ୟୁ ଏମ୍୪ କମ୍ପିଟିଶନ କୁପେର ଶୁଭାରମ୍ଭ

ଭୁବନେଶ୍ୱର,୧୧।୨



ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ପକ୍ଷରୁ ନିକଟରେ ଏହାର ଅଲ-ନ୍ୟୁ ବିଏମ୍‌ଡବ୍ଲ୍ୟୁ ଏମ୍୪ କମ୍ପିଟିଶନ କୁପେର ଶୁଭାରମ୍ଭ କରାଯାଇଛି। ଏହି ପେସ୍-ସେଟିଂ ହାଇ-ପରଫରମାନ୍ସ ସ୍ପୋର୍ଟସ କାର୍ ଶପ୍ ଡଟ୍ ବିଏମ୍‌ଡବ୍ଲ୍ୟୁ ଡଟ୍ ଇନ୍‌ରେ ଏକ କମ୍ପ୍ଲିଟଲି ବିଲ୍ଟ-ଅପ୍ ୟୁନିଟ (ସିବିୟୁ) ଭାବେ ଉପଲବ୍ଧ ହୋଇଯାଇଛି । ଏ ସମ୍ପର୍କରେ ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ଅଧକ୍ଷ ବିକ୍ରମ ପୱା କହିଛନ୍ତି, ଗତ ୫୦ବର୍ଷ ଧରି ବିଏମ୍‌ଡବ୍ଲ୍ୟୁ ଏମ୍ ସେହିମାନଙ୍କ ପାଇଁ ଦଣ୍ଡାୟମାନ ହୋଇ ରହିଛି, ଯେଉଁମାନେ ଉଚ୍ଚ କ୍ଷମତା ଏବଂ ସର୍ବୋଚ୍ଚତାକୁ ଉପଭୋଗ କରନ୍ତି । ଅଲ ନ୍ୟୁ ବିଏମ୍‌ଡବ୍ଲ୍ୟୁ ଏମ୍୪ କମ୍ପିଟିଶନ କୁପେ ଭିନ୍ନ ମିଶ୍ରଣ ସହିତ ଏକ ସମ୍ପୂର୍ଣ୍ଣ ନୂଆ ସ୍ତରରେ ଏକ ସାଲିସବିହୀନ ଟ୍ରାକ୍ ଏବଂ ଷ୍ଟ୍ରିଟ୍ ଅନୁଭୂତି ପ୍ରଦାନ କରୁଛି । ଏହାର ଉନ୍ନତ ଇଞ୍ଜିନିୟରିଂ ଓ ଅନନ୍ୟ ଡ୍ରାଇଭିଂ ଡାଇନାମିକ୍ସ, ଆଡ୍ରେନାଲାଇନ-ଫ୍ୟୁଏଲଡ ବଡି ଷ୍ଟାଇଲିଂ, ଆକର୍ଷକ ରାସ୍ତା ଉପସ୍ଥିତିର ପ୍ରତିଶ୍ରୁତି ଦେଇଥାଏ ବୋଲି ବିକ୍ରମ ମତବ୍ୟକ୍ତ କରିଛନ୍ତି। ସେହିଭଳି ଏହି ନୂଆ ଯାନରେ ୩.୦ ଲିଟର ଷ୍ଟ୍ରେଟ-ସିକ୍ସ ୟୁନିଟ ଏନ୍ ଟୁଇନ ପାୱାର ଟର୍ବୋ ଟେକ୍ନୋଲୋଜିର ଲାଟେଷ୍ଟ ଭର୍ସନ ସହିତ ବିଏମ୍‌ଡବ୍ଲ୍ୟୁ ଏମ୍ ଜିଏମ୍‌ବିଏଚ୍ ଇଞ୍ଜିନର ହଲ୍‌ମାର୍କ ହାଇ-ରିଭାଇଭିଂ କ୍ୟାରେକ୍ଟରକୁ ଏକତ୍ର କରିଛି। ବିଏମ୍‌ଡବ୍ଲ୍ୟୁ ଏମ୍୪ର ପେଟ୍ରୋଲଇଞ୍ଜିନ ୫୧୦ ଏଚ୍‌ପିର ଏକ ଆଉଟପୁଟ୍ ଏବଂ ୨,୭୫୦-୫,୫୦୦ ଆର୍‌ପିଏମ୍‌ରେ ୬୫୦ ଏନ୍‌ଏମ୍‌ର ସର୍ବାଧିକ ଟର୍କ ଉତ୍ପନ୍ନ କରିଥାଏ। ଏହି କାର ମାତ୍ର ୩.୫ ସେକେଣ୍ଡରେ ୦-୧୦୦ କି.ମି. ପ୍ରତି ଘଣ୍ଟା ବେଗରେ ଗତି କରିଥାଏ। ଅଲ-ନ୍ୟୁ ବିଏମ୍‌ଡବ୍ଲ୍ୟୁ ଏମ୍୪ କମ୍ପିଟିଶନ କୁପେ ଏମ୍ ଏକ୍ସଟ୍ରା ଡ୍ରାଇଭର ମୂଲ୍ୟ ପ୍ରାୟ ୧.୪୪ କୋଟି ଟଙ୍କା ରହିଛି। ଏକ୍ସ ଶୋ'ରୁମ୍ ମୂଲ୍ୟ ୧,୪୩,୯୦,୦୦୦ ଟଙ୍କାରେ ପେଟ୍ରୋଲ ଭାରିଆଣ୍ଟରେ ଉପଲବ୍ଧ ହେଉଛି।

# ବିଜିୟୁର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧।୨

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ର ସ୍କୁଲ ଅଫ୍ ଲ ପକ୍ଷରୁ ଫାକଲ୍ଟି, ରିସର୍ଚ୍ଚ ସ୍କଲାର ଏବଂ ପ୍ରାକ୍ଟିସନରଙ୍କ ପାଇଁ ଟିଚିଂ ପେଡାଗୋଜି ଓ ରିସର୍ଚ୍ଚ ସ୍କିଲ୍ ବିଷୟବସ୍ତୁ ଉପରେ ନିକଟରେ ଏକ ୭ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନ୍‌ଲାଇନ ଜରିଆରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦେଶର ୪୧ଟି ପ୍ରମୁଖ ଶିକ୍ଷାନୁଷ୍ଠାନରୁ ୩୬ଜଣ ରିସର୍ଚ୍ଚ ସ୍କଲାର, ୨୯ ଜଣ ଶିକ୍ଷାବିତ୍ ଏବଂ ୨ ଜଣ ଆଇନ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ସେହିପରି ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ସପ୍ତାହବ୍ୟାପୀ 'ଆପ୍ଲାଏଡ୍ ଫାଇନାନ୍ସିଆଲ ଇକୋନୋମେଟ୍ରିକ୍ସ ଫର୍ ରିସର୍ଚ୍ଚ' ଉପରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ଫାକଲ୍ଟି ଏବଂ ରିସର୍ଚ୍ଚ ସ୍କଲାରମାନେ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଫାଇନାନ୍ସିଆଲ ଇକୋନୋମେଟ୍ରିକ୍ସ ଓ ଟାଇମ୍ ସିରିଜ୍ ଡାଟା ଆନାଲିସିସ୍ କ୍ଷେତ୍ରରେ ଅଂଶଗ୍ରହଣକାରୀଙ୍କୁ ବ୍ୟାବହାରିକ ଆଭିମୁଖ୍ୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫାଇନାନ୍ସିଆଲ ଇକୋନୋମେଟ୍ରିକ୍ସର ଉଭୟ ତାତ୍ତ୍ୱିକ ଏବଂ ପ୍ରାୟୋଗିକ ଦିଗଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଜିୟୁର କୁଳପତି ପ୍ରଫେସର ପି.ପି.ମାଥୁର ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବା ବେଳେ ରେଜିଷ୍ଟ୍ରାର ଡ. ବି.କେ. ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଭାବନା ଶର୍ମା ଏବଂ ପ୍ରଫେସର ପି.କେ.ସାନ୍ୟାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

DSPL - 412

ଓଡ଼ିଶା ଶାସନ

**ଅଦ୍ୟାବଧି କୋଭିଡ୍-୧୯ ଟୀକା ନେଇନଥିବା ବ୍ୟକ୍ତିଙ୍କ ୧ମ,୨ୟ କିମ୍ବା ପ୍ରିକସନ୍ ଡୋଜ୍ ଟୀକାକରଣ ସମ୍ବନ୍ଧୀୟ ସୂଚନା ପାଇଁ ଜିଲ୍ଲାୱାରୀ ହେଲ୍ପଲାଇନ୍ ନମ୍ବର**

| ଜିଲ୍ଲାର ନାମ | ହେଲ୍ପ ଲାଇନ୍ ନମ୍ବର |
|---|---|
| ଅନୁଗୁଳ | ୦୬୭୬୪ - ୨୩୦୬୧୨ |
| ବାଲେଶ୍ୱର | ୦୬୭୮୨ - ୨୬୮୮୩୦ |
| ବରଗଡ | ୦୬୬୪୬ - ୨୩୦୮୦୪ |
| ଭଦ୍ରକ | ୯୪୩୯୯୮୬୭୫୦ |
| ଭୁବନେଶ୍ୱର | ୧୯୨୯ |
| ବଲାଙ୍ଗିର | ୦୬୬୫୨ - ୨୩୨୬୩୮ |
| ବୌଦ୍ଧ | ୦୬୮୪୧୨୨୨୨୨୫/ ୯୪୩୯୯୯୧୦୫୯ |
| କଟକ | ୦୬୭୧-୨୩୦୫୩୫୩୭୭ |
| ଦେଓଗଡ | ୦୬୬୪୧ - ୨୨୬୪୪୨୮ |
| ଢେଙ୍କାନାଳ | ୭୬୫୫୦୫୦୮୭୭ |
| ଗଜପତି | ୦୬୮୧୫ - ୨୨୩୮୩୪ |
| ଗଞ୍ଜାମ | ୯୪୩୯୯୮୫୦୦୭ |
| ଜଗତସିଂହପୁର | ୦୬୭୨୪ - ୨୨୧୦୧୬ |
| ଯାଜପୁର | ୦୬୭୨୮ - ୨୨୫୨୨୮ |
| ଝାରସୁଗୁଡା | ୭୮୪୮୦ ୩୭୫୮୭ |
| କଳାହାଣ୍ଡି | ୦୬୬୭୦-୨୩୦୨୬୭ / ୯୯୩୮୯୩୫୨୨୭ |
| କନ୍ଧମାଳ | ୦୬୮୪୨୨୫୩୨୨୯ |
| କେନ୍ଦ୍ରାପଡା | ୯୪୩୭୦୮୦୫୮୨ / ୯୪୩୯୯୯୬୦୦୪ |
| କେନ୍ଦୁଝର | ୦୬୭୬୬ - ୨୫୫୪୨୬ |
| ଖୋର୍ଦ୍ଧା | ୦୬୭୫୫ - ୨୨୩୧୭୮ |
| କୋରାପୁଟ | ୯୪୩୯୯୯୦୫୦୯ / ୯୪୩୭୭୭୮୭୩୩ |
| ମାଲକାନଗିରି | ୭୬୦୬୮୭୫୨୬୧ |
| ମୟୁରଭଞ୍ଜ | ୦୬୭୯୨ - ୨୫୨୭୦୨ |
| ନବରଙ୍ଗପୁର | ୦୬୮୫୮ - ୨୨୨୪୫୯ / ୨୨୨୦୫୭ |
| ନୟାଗଡ | ୯୩୩୭୦୮୨୭୮୧ |
| ନୂଆପଡା | ୬୬୭୮୨୨୫୬୧୪ |
| ପୁରୀ | ୧୮୦୦୩୪୫୭୪୯୧ |
| ରାୟଗଡା | ୭୦୦୮୯୨୭୦୧୭ |
| ସମ୍ବଲପୁର | ୦୬୬୩୨୪୧୨୦୮୭ / ୦୬୬୩୨୪୧୨୦୨୬ |
| ସୋନପୁର | ୭୮୪୬୮୫୦୫୫୩ |
| ସୁନ୍ଦରଗଡ | ୯୪୩୯୯୩୪୮୪ / ୯୪୩୯୯୩୨୦୦ / ୯୪୩୭୨୧୨୩୧୩ |

ଟୀକା ନେବା ସହିତ କୋଭିଡ୍ ପ୍ରତିରୋଧି ନିୟମ ଗୁଡିକୁ କଡାକଡି ପାଳନ କରିବା

ଅଧିକ ସୂଚନା ପାଇଁ ସ୍ୱାସ୍ଥ୍ୟ ସହାୟତା ନଂ **୧୦୪**କୁ କଲ୍ କରନ୍ତୁ

NATIONAL HEALTH MISSION

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**

facebook.com/HFWOdisha
http://www.health.odisha.gov.in/
@HFWOdisha

OIPR-10003/13/0141/2122

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 1311/PSC Dt.11.02.2022**
**(1R-101-21-22) (DR-V)**

No. D-309: It is for information of all concerned that, document verification of candidates having **PPSAN** mentioned below for the post of **Professor in "Anthropology"** pursuant to Advertisement No. 10 of 2021-22 shall be held on **22.02.2022** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 22.02.2022 | 2.30 P.M. | 00111507 & 00091023 = **02 Candidates** |

The candidates are required to submit the following documents at the time of verification.
1. The hard copies of **online application forms** indicating their **PPSAN at the top right hand corner.**
2. Three passport size **photographs.**
3. Duly filled in & attested **"Attestation Form"** and duly filled in **"Bio-data Form",** (downloaded from the website of the Commission).
4. Duly filled in forms **"Appendix-I & II"** to be downloaded from the website of the Commission
5. Ph.D. Thesis
6. Certificate of teaching experience (Separately for UG Teaching and PG Teaching certified by competent authority i.e. Principal/Registrar/Dean of the Institution).
7. Following documents in Original (as per table-2 of Appendix-II of UGC regulation - 2018)
   a. All original research publications/books.
   b. Creation of ICT mediated Teaching/Learning/Pedagogy
   c. Research Guidance
   d. Patents if any.
   e. Invited lectures/resource person/paper presentation in Seminar/Conference.

Besides :
   i. Copies of the 1st Pages of each Research Publications/Papers - 01 Set
   ii. Copies of front and back cover pages of the Published Books - 01 Set

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID Guidelines** as notified by the Government from time to time.

**OIPR-12002/11/0242/2122** **Sd./- Secretary**

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 1307/PSC Dt.11.02.2022**
**(1R-100-21-22) (DR-V)**

No. D-310: It is for information of all concerned that, document verification of candidates having **PPSAN** mentioned below for the post of **Associate Professor in "Anthropology"** pursuant to Advertisement No. 06 of 2021-22 shall be held on **21.02.2022 & 22.02.2022** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 21.02.2022 | 10.30 A.M. | 00109220, 00109013, 00089921, 00110014, 00110606, 00110281 & 00109049 = **7 Candidates** |
| | 2.30 P.M. | 00109931, 00095976, 00110645 & 00089471 = **4 Candidates** |
| 22.02.2022 | 10.30 A.M. | 00110333, 00087722, 00109952, 00110710, 00091023, 00109920, 00110768 & 00108912 = **8 Candidates** |

The candidates are required to submit the following documents at the time of verification.
1. The hard copies of **online application forms** indicating their **PPSAN at the top right hand corner.**
2. Three passport size **photographs.**
3. Duly filled in & attested **"Attestation Form"** and duly filled in **"Bio-data Form",** (downloaded from the website of the Commission).
4. Duly filled in forms **"Appendix-I & II"** to be downloaded from the website of the Commission
5. P.G. Degree mark sheet in support of percentage of mark.
6. Ph.D. Thesis
7. Certificate of teaching experience. (Separately for UG Teaching and PG Teaching Certified by Competent Authority i.e. Principal/Registrar/Dean of the Institution).
8. Following documents in Original (as per table-2 of Appendix-II of UGC regulation - 2018)
   a. All original research publications/books.
   b. Creation of ICT mediated Teaching/Learning/Pedagogy
   c. Research Guidance
   d. Patents if any.
   e. Invited lectures/resource person/paper presentation in Seminar/Conference.

Besides :
   i. Copies of the 1st Pages of each Research Publications/Papers - **01 Set**
   ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID Guidelines** as notified by the Government from time to time.

**OIPR-12002/11/0243/2122** **Sd./- Secretary**

ସବୁ ଅଭ୍ୟାସ ଭିତରେ– ମୃତ୍ୟୁ ହେଉଛି ସବୁଠାରୁ ଅବାଧ ଅଭ୍ୟାସ । .. କିନ୍ତୁ ଭୟ କରନା । ଭଗବାନ ମୃତ୍ୟୁଠାରୁ ଅଧିକ ଶକ୍ତିଶାଳୀ ଏବଂ ସେ ତୁମ ପାଖେ ପାଖେ ଅଛନ୍ତି । ... ମୃତ୍ୟୁକୁ ଇଚ୍ଛା କରନା କି ମୃତ୍ୟୁକୁ ସମ୍ମତି ଦିଅନା ଏବଂ ମୃତ୍ୟୁକୁ ଭୟ ମଧ୍ୟ କରନା । –ଶ୍ରୀମା



# ବିଳମ୍ବରେ ନିଯୁକ୍ତି



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ପୂର୍ବତନ ତୈଳ ସଚିବ ତରୁନ କପୁର ପେଟ୍ରୋଲିୟମ ଆଣ୍ଡ୍ ନ୍ୟାଚୁରାଲ ଗ୍ୟାସ୍ ରେଗୁଲେଟୋରି ବୋର୍ଡ ବା ତୈଳ ଓ ପ୍ରାକୃତିକ ଗ୍ୟାସ ନିୟାମକ ବୋର୍ଡ (ପିଏନ୍‌ଜିଆର୍‌ବି)ର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି । ସାଧାରଣତଃ ଶିଳ୍ପ କ୍ଷେତ୍ରରେ ଅନେକ ବର୍ଷ ପରେ ଅର୍ଥାତ ବିଳମ୍ବରେ ଯଦି ସରକାର ଏକ ନିୟାମକ ବୋର୍ଡରେ ଜଣେ ରେଗୁଲେଟରଙ୍କୁ ନିଯୁକ୍ତ କରନ୍ତି ସେଥିରେ ତାଙ୍କର ସ୍ୱାର୍ଥ ନିହିତ ଥାଏ । ସେଥିପାଇଁ ଏବେ ଏହାକୁ ନେଇ ଅଏଲ୍ ସେକ୍ଟର ସହ ଜଡ଼ିତ ବ୍ୟକ୍ତି, ସଂସ୍ଥା ଓ କମ୍ପାନୀଗୁଡ଼ିକ ବିବ୍ରତ ହେଉଛନ୍ତି । ଏବକାର ରେଗୁଲେଟର ତୈଳ ସେକ୍ଟର୍ ଓ ଏହାର ସମସ୍ୟା ଉପରେ କିଛି ନୂଆ ବିଚାର ନେଇ କାମ କରିବେ କି ନାହିଁ ତାହାକୁ ନେଇ ତୈଳ ବିଜ୍‌ନେସ ସହ ଜଡ଼ିତ ସଂସ୍ଥା ବା ବ୍ୟକ୍ତିମାନେ ଚିନ୍ତାରେ ପଡ଼ିଯାଇଛନ୍ତି । ବିଶେଷ କରି ପ୍ରସ୍ତାବିତ ବିପିସିଏଲ୍ ବିକ୍ରି ଲାଗି ଅଧିକ ପଦକ୍ଷେପ ନିଆଯାଇ ନ ଥିବାରୁ ଏଭଳି ଚିନ୍ତା ପ୍ରକାଶ ପାଇବା ସ୍ୱାଭାବିକ । କିନ୍ତୁ ବଡ଼ କଥା ହେଉଛି, ସବୁ ତୈଳ କମ୍ପାନୀ ଏବଂ ନିୟାମକର ରଣନୀତିକ ଗୁରୁତ୍ୱ ଦୃଷ୍ଟିରୁ ଅଧିକାଂଶ ବ୍ୟବସାୟୀ, ସଂସ୍ଥା ଏବଂ ନିବେଶକ ବିଜ୍‌ନେସ ସଞ୍ଚାଳନରେ ଅନିଶ୍ଚିତତା ଦୂର କରିବାରେ କପୁରଙ୍କ ବିଚାର କ'ଣ ରହୁଛି ତାହା ଦେଖିବାକୁ ଚାହିଁବେ । ଗତ ନଭେମ୍ବରରେ ପିଏନ୍‌ଜିଆର୍‌ବି ଅଧ୍ୟକ୍ଷ ପଦ ଲାଗି ସରକାର ପୁନର୍ବାର ବିଜ୍ଞାପନ ପ୍ରକାଶ କରିଥିଲେ । ଏହା ଅନୁଯାୟୀ ତୈଳ ଓ ପ୍ରାକୃତିକ ଗ୍ୟାସ ନିଗମ (ଓଏନ୍‌ଜିସି)ର ପୂର୍ବତନ ଅଧ୍ୟକ୍ଷ ସୁଭାଷ କୁମାର ଓ ଶଶି ଶଙ୍କର ଏବଂ ଭାରତୀୟ ତୈଳ ନିଗମ ( ଆଇଓସି)ର ପୂର୍ବତନ ନିର୍ଦ୍ଦେଶକ ଜି.କେ. ସତିଶଙ୍କ ସମେତ ୧୩ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରୁ କପୁରଙ୍କୁ ଚୟନ କରାଯାଇଥିଲା । ଏହି ପଦବୀରେ ଦିନେଶ କେ.ସରିଫ୍ ତାଙ୍କ ତିନି ବର୍ଷ କାର୍ଯ୍ୟକାଳ ଶେଷ କରିବା ପରେ ଡିସେମ୍ବର ୨୦୨୦ରୁ ଏହା ଖାଲି ପଡ଼ିଥିଲା । କୌତୂହଳର ବିଷୟ, ଉକ୍ତ ପଦବୀ ପାଇଁ ଚୟନ କମିଟି ପ୍ରଥମେ ପୂର୍ବତନ ଶକ୍ତି ସଚିବ ଏସ୍.ଏନ୍. ଶାହିଙ୍କୁ ବାଛିଥିଲେ ମଧ୍ୟ ସରକାର ତାଙ୍କ ନିଯୁକ୍ତି ନିଶ୍ଚିତ ନ କରି ସେହି ପଦବୀ ଲାଗି ପୁନର୍ବାର ବିଜ୍ଞାପନ ଦେଇଥିଲେ ।

### ଆଇବି କ୍ୟାଡର ପୁନର୍ଗଠନ

ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ପୁନର୍ଗଠନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ) ସୁପାରିସ୍ କରିବାର ପାଖାପାଖି ଦୁଇବର୍ଷ ପରେ ଏବେ ପୁନର୍ବାର ଆଗକୁ ବଢ଼ିଛି । ଆଇବି କ୍ୟାଡର୍‌ର କାର୍ଯ୍ୟଧାରାକୁ ଅଧିକ ପ୍ରଭାବୀ କରିବା ଏହାର ଲକ୍ଷ୍ୟ ବୋଲି ସୂତ୍ରରୁ ଜଣାପଡ଼ିଛି । ମନ୍ତ୍ରଣାଳୟ ନିଯୁକ୍ତିର ପ୍ରବେଶ ସ୍ତରରେ ଆସିଷ୍ଟାଣ୍ଟ ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଅଫିସର–II (ଏସିଆଇଓ–II)କୁ ୭,୮୯୮ରୁ ୫,୮୯୮କୁ ହ୍ରାସ କରିବାକୁ ସ୍ୱୀକୃତି ଦେଇଛି । ଏସିଆଇଓ–I, ଡେପୁଟି ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଅଫିସର, ଆସିଷ୍ଟାଣ୍ଟ ଡାଇରେକ୍ଟର, ଜଏଣ୍ଟ ଡେପୁଟି ଡାଇରେକ୍ଟର ଏବଂ ଆଡିଶନାଲ ଡେପୁଟି ଡାଇରେକ୍ଟର ପଦବୀଗୁଡ଼ିକ ସଂଖ୍ୟା ୧,୫୫୮କୁ ବୃଦ୍ଧି କରାଯାଇଛି । ଏହା ସହ ସ୍ପେଶିଆଲ ଆସିଷ୍ଟାଣ୍ଟ ସଂଖ୍ୟା ୩,୮୪୮ରୁ ୪,୨୯୦କୁ ବୃଦ୍ଧି କରାଯାଇଛି । ନିଃସନ୍ଦେହ, ପାରପାର୍ଶ୍ୱିକ ସ୍ଥିତିରେ ଦ୍ରୁତ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଆନ୍ତଃ ସୁରକ୍ଷା ବ୍ୟବସ୍ଥାର କ୍ଷମତା ବୃଦ୍ଧି କରିବା ପାଇଁ ଏଭଳି ପୁନର୍ଗଠନ କରାଯାଇଛି । ଆଇବି ଯେଭଳି ଦେଶ ଭିତରେ ବ୍ୟାପକ ଗୋଇନ୍ଦା ତଥ୍ୟ ସଂଗ୍ରହ କରୁଛି ଅନ୍ୟ କୌଣସି ସଂସ୍ଥା ସେଭଳି କରୁନାହିଁ । ଏମ୍‌ଏଚ୍‌ଏ ସହ ଜଡ଼ିତ ଥିବାରୁ ସନ୍ତ୍ରାସବାଦ ମୁକାବିଲା କ୍ଷେତ୍ରରେ ଗୁପ୍ତ ତଥ୍ୟ ହାସଲ କରିବା ଏହାର ଦାୟିତ୍ୱ । ରାଜନୈତିକ ଏବଂ ସାମାଜିକ ବିକାଶ କ୍ଷେତ୍ରରେ ଏହାର ଭୂମିକା ରହୁଛି । ଏଥିପାଇଁ ଆଇବି ରାଜନୈତିକ ଗୁରୁଙ୍କ ବୋଲକରା ସାଜୁଛି ବୋଲି ସରକାରଙ୍କ ବିରୋଧୀମାନେ ବହୁସମୟରେ ଅଭିଯୋଗ କରୁଛନ୍ତି । ଆଇବିକୁ ଉତ୍ତମ ଏବଂ ଅଧିକ ଦକ୍ଷ ସଂସ୍ଥା ଭାବେ ଗଢ଼ି ତୋଳିବାକୁ କରାଯାଇଥିବା କ୍ୟାଡର୍ ପୁନର୍ଗଠନରୁ କି ସୁଫଳ ମିଳୁଛି ତାହା ଦେଖିବାକୁ ବାକି ରହିଲା ।

### ଘର ଅଭାବ

ଅବସର ପରେ ବିଶେଷକରି ଯେଉଁ ବାବୁମାନଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରାଯାଇଥାଏ ସେମାନେ ସରକାରୀ ଘରେ ରହିଥାଆନ୍ତି । ବାବୁମାନଙ୍କର ଏଭଳି ପ୍ରବୃତ୍ତି ବନ୍ଦ କରିବା ଲାଗି ମହାରାଷ୍ଟ୍ର ସରକାର ପଦକ୍ଷେପ ନେଇଛନ୍ତି । ରାଜ୍ୟରେ ଅଧିକାରୀମାନଙ୍କ ପାଇଁ ଘରର ଘୋର ଅଭାବ ରହିଥିବାରୁ ସାଧାରଣ ପ୍ରଶାସନ ବିଭାଗ(ଜିଏଡି) ଅବସର ନେଉଥିବା ଏପରିକି ଅବସର ପରେ ସରକାରୀ ଦାୟିତ୍ୱରେ ଥିବା ବାବୁମାନଙ୍କୁ ଘର ନ ଦେବା ଲାଗି ନିଷ୍ପତ୍ତି ନେଇଛି । ଜିଏଡିର ଉପ ସଚିବ ଡି.ପି. ଦେଶମୁଖ ଏହି ନିଷ୍ପତ୍ତି ହାଉସିଂ ଡିପାର୍ଟମେଣ୍ଟକୁ ଜଣାଇ ଦେଇଛନ୍ତି । ଏହି ନିଷ୍ପତ୍ତିରେ ଏବେ ଅତିକମ୍‌ରେ ଦୁଇଜଣ ବରିଷ୍ଠ ବାବୁ କେ.ଶବ୍‌ଜି ଏବଂ ଏସ୍.ଆର୍.ଜଗତାପ୍ ପ୍ରଭାବିତ ହୋଇଛନ୍ତି । ସେବାନିବୃତ୍ତ ପରେ ସେମାନଙ୍କୁ ମହାରେରା ଆପିଲେଟ ଟ୍ରିବ୍ୟୁନାଲର ସଦସ୍ୟ ଭାବେ ନିଯୁକ୍ତ କରାଯାଇଥିଲା । ଦେଶମୁଖଙ୍କ ଅନୁଯାୟୀ,ବଦଳି ହୋଇଥିବା କିମ୍ବା ଅବସର ନେଇଥିବା ୭୦ରୁ ଊର୍ଦ୍ଧ୍ୱ ବାବୁ ସେମାନଙ୍କ ସରକାରୀ ଘର ଛାଡିନାହାନ୍ତି । ଫଳରେ କାର୍ଯ୍ୟରତ ବାବୁମାନପାଇଁ ଘର ଅଭାବ ପଡୁଛି ଓ ସେମାନେ ଅଧିକାରରୁ ବଞ୍ଚିତ ହେଉଛନ୍ତି । ବହୁ ଘଟଣାରେ ବାବୁମାନେ ଘର ବାବଦରେ ସରକାରଙ୍କୁ ଭଡ଼ା ଦେଉଛନ୍ତି ଏବଂ ଜିଏଡି ମଧ୍ୟ ସେମାନଙ୍କଠାରୁ ଦେୟ ଆଦାୟ କରିବାରେ ସଫଳ ହୋଇପରିନାହାନ୍ତି । ତେବେ ସରକାରଙ୍କର ଏବକାର ନିଷ୍ପତ୍ତି ପରେ ସ୍ଥିତି ଭିନ୍ନ ହେବ କି ?

Email: dilipcherian@gmail.com

# ପୁସ୍ତକ ପରିବର୍ତ୍ତେ ପୋଷ୍ଟର



**ଅକ୍ଷୟ କୁମାର ମିଶ୍ର**

ରାଜ୍ୟରେ ପଞ୍ଚାୟତ ନିର୍ବାଚନର ଉଷ୍ମତା ବେଶ୍ ପ୍ରଖର ହେବାରେ ଲାଗିଲାଣି । ସୀମିତ ସାଥୀ ସମର୍ଥକଙ୍କୁ ସାଙ୍ଗରେ ଧରି ପ୍ରାର୍ଥୀମାନେ ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି । କାନ୍ଥବାଡ଼ ସବୁଠି ବ୍ୟାନର ଓ ପୋଷ୍ଟର ଛାଇ ହୋଇଗଲାଣି । ପ୍ରତିଶ୍ରୁତି ଭିତରେ ଭୋଟ ଗ୍ରହଣ ସରିବ । ତା'ପରେ ନୂଆ ନିୟମ ଅନୁଯାୟୀ ଭୋଟ ଗଣନା ହେବ । ପ୍ରଥମକରି ଭୋଟ ଦାନ କେନ୍ଦ୍ରରେ ସେହିଦିନ ଭୋଟ ଗଣତି ନ ହୋଇ ରାଜ୍ୟତମାମ ଗୋଟିଏ ଦିନ ଗଣନା କରାଯାଇ ଫଳ ପ୍ରକାଶ ପାଇବ । ତା'ପରେ ପଞ୍ଚାୟତ ସମିତି ଓ ଜିଲା ପରିଷଦ ଗଠନ ସରିବ ।

ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ପଞ୍ଚାୟତିରାଜର ଭୂମିକା ଯେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏଥିରେ କେହି ଅସ୍ୱୀକାର କରିପାରିବେ ନାହିଁ । ସେହି ଦୃଷ୍ଟିରୁ ବୋଧହୁଏ ରାଜ୍ୟ ନିର୍ବାଚନ ଆୟୋଗ ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିର୍ବାଚନ କରେଇବା ନିଷ୍ପତ୍ତି ଗ୍ରହଣ କରିଛନ୍ତି । କରୋନା ସଂକ୍ରମଣ ସମୟରେ ଆରମ୍ଭ ହୋଇଛି ଏପ୍ରକାର ଗଣତାନ୍ତ୍ରିକ ମହାମିଳନ । ଅବଶ୍ୟ କୋଭିଡ କଟକଣାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନର କିଛି ପ୍ରାବଧାନ ଜାରି କରିଛନ୍ତି । ସଭା ଶୋଭାଯାତ୍ରାକୁ ନିଷିଦ୍ଧ କରିଛନ୍ତି । ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ । କିନ୍ତୁ ଗ୍ରାମାଞ୍ଚଳରେ କିଛି ବେଦନାଦାୟକ ଦୃଶ୍ୟ ମୋତେ ଗଭୀର ଭାବେ କ୍ଷତାକ୍ତ କରିଛି । ମନରେ ଜାତ ଅସନ୍ତୋଷକୁ ସମ୍ବରଣ କରି ନ ପାରି ଏଭଳି ଏକ ଆଲେଖ୍ୟ ଲେଖିବାକୁ ବାଧ୍ୟ ହେଲି ।

କଥାଟି ହେଲା କିଏ ଅବା ନ ଜାଣିଛି ମାନବ ସମ୍ବଳ ବିକାଶର ଅସଲ ଚାବିକାଠିଟି ଶିକ୍ଷା ନିକଟରେ ଅଛି ବୋଲି । ସଭାସମିତି, ଆଲୋଚନା ପର୍ଯ୍ୟାଲୋଚନା ସବୁଠି ଶିକ୍ଷା ଉପରେ ବେଶ୍ ଭାବଗର୍ଭକ କଥାମାନ ଶୁଣିବାକୁ ମିଳିଥାଏ । ପୁଣି ପିଲାମାନେ ଆମ ଦେଶର ଭବିଷ୍ୟତ ବୋଲି ଆମେ ସଭିଏଁ କଥା କଥାକେ ଉଚ୍ଚାରଣ କରିଥାଉ । କିନ୍ତୁ ଆମ ଆଚରଣରେ ଏହା କେତେ ପ୍ରତିଫଳିତ ହେଉଛି, ପିଲାମାନଙ୍କର ବୌଦ୍ଧିକ ବିକାଶ ନିମନ୍ତେ ଆମେ କେତେ ତତ୍ପର ତାହାହିଁ ବିଚାର୍ଯ୍ୟ ।

ଗୋଟିଏ ଦେଶର ବିକାଶ ସେ ଦେଶର ସରକାର ଅବା ଜନସାଧାରଣଙ୍କର ଶିକ୍ଷା ବିଭାଗ ଉପରେ ଥିବା ଦୃଷ୍ଟିଭଙ୍ଗୀରୁ ପରିଷ୍କାର ହୋଇଥାଏ । କିନ୍ତୁ ବିଡ଼ମ୍ବନା ହେଉଛି ଶିକ୍ଷା ଏକ ଅଣଉତ୍ପାଦିତ କ୍ଷେତ୍ର ବୋଲି ଥିବା ମାନସିକତାରୁ ଏ ଯାଏ ଆମ୍ଭେ ମୁକ୍ତ ହୋଇପାରି ନାହୁଁ । ଏହାର ଚାକ୍ଷୁସ ପ୍ରମାଣ ହେଲା ବର୍ତ୍ତମାନର ଘଟଣାବଳୀ । ଶିକ୍ଷାକୁ ନେଇ ଆମର ଭାବାବେଗ ଓ ଚିନ୍ତନର କଙ୍କାଳସାର ଚେହେରା କରୋନାଜନିତ ମହାମାରୀ ସମୟରେ ସମସ୍ତଙ୍କ ସାମ୍ନାରେ ପ୍ରକଟିତ ହୋଇଛି ।

ସ୍ମରଣ କରାଇଦେଉଛି ୨୦୨୦ ମାର୍ଚ୍ଚ ୧୭ରେ ଆମ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ତାଲା ପକାଇ ଦିଆଗଲା । ଏମିତିକି ଉଚ୍ଚ ମାଧ୍ୟମିକ ପରୀକ୍ଷାକୁ ମଧ୍ୟ ଅଧାରୁ ବନ୍ଦ କରିଦିଆଗଲା । ପ୍ରଥମରୁ ନବମ ଶ୍ରେଣୀ ପିଲାଙ୍କର ପରୀକ୍ଷା କରାଗଲା ନାହିଁ । ବିନା ପରୀକ୍ଷାରେ ସେମାନେ ଉପର ଶ୍ରେଣୀକୁ ପଦୋନ୍ନତି ପାଇଲେ । ସେହିଦିନଠାରୁ ଅଦ୍ୟାବଧି ପ୍ରଥମରୁ ପଞ୍ଚମଶ୍ରେଣୀରେ ପଢୁଥିବା ପିଲାମାନେ ବିଦ୍ୟାଳୟ ବାରଣ୍ଡା ମାଡ଼ିବାର ସୁଯୋଗରୁ ବଞ୍ଚିତ । ଅର୍ଥାତ୍ ଯେଉଁ ଶିଶୁଟି ପ୍ରଥମ ଶ୍ରେଣୀରେ ପଢୁଥିଲା ସେ ଏବେ ତୃତୀୟ ଶ୍ରେଣୀରେ । ଆଉ କିଛି ଦିନ ପରେ ସେ ଚତୁର୍ଥକୁ ଯିବ, ବିଦ୍ୟାଳୟକୁ ନ ଯାଇ । ତଦନୁଯାୟୀ ଅନ୍ୟ ପିଲାମାନେ ମଧ୍ୟ ପାଠ ନ ପଢ଼ି ସେମିତି ପାହାଚ ଚଢ଼ିଲେ । ପରୀକ୍ଷା ବନ୍ଦ କରିବା ପାଇଁ କିଛି ପିଲା ରାସ୍ତାକୁ ଆସି ଆନ୍ଦୋଳନ କଲେ । ଏହା ପଛରେ କିଏ ? ଏହା ସପକ୍ଷରେ କେତେ ? ପରୀକ୍ଷା ବାତିଲ ହେଲେ କ'ଣ ପ୍ରଭାବ ପଡ଼ିବ ? ଏସବୁ ବିଷୟରେ ତର୍ଜମା ହେଲା ନାହିଁ । ହଠାତ୍ ଘୋଷଣା ହେଲା ପରୀକ୍ଷା ବାତିଲ । ମନେ ହେଲା ସତେଯେମିତି ସରକାର ଏହାହିଁ ଚାହିଁଥିଲେ । ଉଚ୍ଚ ଶିକ୍ଷାରେ ମଧ୍ୟ ସମାନ ଚିତ୍ର । ଅବଶ୍ୟ ସରକାର ଅନ୍‌ଲାଇନ୍ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇ ୟୁ–ଟ୍ୟୁବ୍ ଓ ଦୂରଦର୍ଶନ ମାଧ୍ୟମରେ ପାଠପଢ଼ା ଜାରି କରିଥିଲେ । କନ୍ତୁ ବିଭିନ୍ନ ଅସୁବିଧା କାରଣରୁ ୮୦ପ୍ରତିଶତରୁ ଅଧିକ ପିଲାଙ୍କ ନିକଟରେ ତାହା ଉପଲବ୍ଧ ହେଲା ନାହିଁ । ଫଳରେ ନାନାଦି ସମସ୍ୟା ସାଙ୍ଗକୁ ଅସଙ୍ଗତି ଓ ଅସାମ୍ୟ ଜନ୍ମ ନେଲା ।

୨୦୧୯–୨୦ ଓ ୨୦୨୦–୨୧ ଶିକ୍ଷାବର୍ଷ ଧୋଇ ହୋଇଗଲା ପରେ ଆଶା କରାଯାଉଥିଲା ୨୦୨୧–୨୨ ଶିକ୍ଷାବର୍ଷରେ ସୁଧାର ଆସିବ । ସାଙ୍ଗ ସାଥୀ ମେଳରେ ପିଲାମାନେ ସ୍କୁଲ ଯିବେ । ସେମାନଙ୍କ ମୁହଁରେ ହସ ଫୁଟିବ । ବିଦ୍ୟାଳୟ ଚଳଚଞ୍ଚଳ ହେବ । ଆମ ଭବିଷ୍ୟତ ସମୃଦ୍ଧ ହେବ । ତାହାହିଁ ହେଲା । ବିଳମ୍ବରେ ହେଲେ ମଧ୍ୟ ଜୁଲାଇ ୨୬ରେ ଦଶମ ଓ ଦ୍ୱାଦଶ ଏବଂ ଅଗଷ୍ଟ ୧୬ତାରିଖ ଦିନ ନବମ ଓ ଏକାଦଶ ଶ୍ରେଣୀ ଖୋଲିଲା । ଅକ୍ଟୋବର ୨୬ରେ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହେଲା । ତା'ପରେ ଷଷ୍ଠ ଓ ସପ୍ତମ ଶ୍ରେଣୀ । ଅନୁରୂପ ଭାବେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ହେଲା । ଲୋକେ ଆଶ୍ୱସ୍ତ ହେଲେ । ପ୍ରଥମରୁ ପଞ୍ଚମ ପରେ ପରେ ଖୋଲିଯିବ ବୋଲି ସୂଚନା ମିଳୁଥିଲା । ସମସ୍ତେ ସେହି ଶୁଭ ଖବର ଶୁଣିବା ପାଇଁ ଅନାଇ ବସିଥିଲେ । କେବେ ଆମ ରାଜ୍ୟର କୁନାକୁନି କାନ୍ଧରେ ବହି ବସ୍ତାନି ପକାଇ ବିଦ୍ୟାଳୟ ଅଭିମୁଖୀ ହେବେ । ସବୁକିଛି ସ୍ୱାଭାବିକ ଅବସ୍ଥାକୁ ଫେରି ଆସୁଥିବା ବେଳେ ପୁଣି ଆରମ୍ଭ ହୋଇଗଲା କରୋନାର ତୃତୀୟ ଲହର । ଓମିକ୍ରନ୍ ଭୂତାଣୁର ଜୟଯାତ୍ରା । କଥା ସରିଲା । ପ୍ରତିଷେଧାତ୍ମକ ପଦକ୍ଷେପ ଗ୍ରହଣ କରିବାରେ ଆମେ ଅଦ୍ୱିତୀୟ । କାହାକୁ ଅଙ୍ଗୁଳି ଉଠାଇବାର ସୁଯୋଗ ନ ଦେଇ ଜାନୁୟାରୀ ୮ତାରିଖଠାରୁ ପୁଣି ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଗଲା । ଘରର ଚାରି କାନ୍ଥ ଭିତରେ ଆବଦ୍ଧ ହୋଇଗଲେ କେଜିରୁ ପିଜି ପଢୁଥିବା ରାଜ୍ୟର ସମସ୍ତ ବିଦ୍ୟାର୍ଥୀ । ବ୍ୟତିକ୍ରମ ହେଉଛି କୋଭିଡ କଟକଣା ସହିତ ହାଟ ବଜାର, କଳକାରଖାନା, ଖଣିଖାଦାନ, ଅଫିସ ଦପ୍ତର ସବୁକିଛି ଚାଲୁଥିବା ବେଳେ ମଣିଷ ଗଢ଼ା କାରଖାନାଗୁଡ଼ିକରେ ତାଲା ପଡ଼ିବା କଥାଟିକୁ ସହଜରେ ବହୁ ଲୋକ ଗ୍ରହଣ କରି ପାରି ନ ଥିଲେ । ନିଜ ପିଲାଙ୍କ ଭବିଷ୍ୟତକୁ ନେଇ ପିତାମାତାଙ୍କର ଚିନ୍ତା ଅନୁଭବୀ ବ୍ୟତୀତ କେହି ଉପଲବ୍ଧି କରିପାରିବେ ନାହିଁ । ଭବିଷ୍ୟତ ପିଢ଼ିର ଧୀଶକ୍ତିର ଅଭିବୃଦ୍ଧିରେ ଏହା ଯେ ପ୍ରତିବନ୍ଧକ ସାଜୁଛି ଏଥିରେ ଆଦୌ ସନ୍ଦେହ ନାହିଁ ।

ଏଭଳି ଏକ ଦୋଛକିରେ ଆମେ ଦଣ୍ଡାୟମାନ ହୋଇଥିବା ବେଳେ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତାରିଖ ଘୋଷଣା ହୋଇଛି । ଲୋକେ ଭାବିଥିଲେ କରୋନାର ତୃତୀୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ରାଜନୈତିକ ଦଳ ସହମତ ହୋଇ ନିର୍ବାଚନ ଘୁଞ୍ଚାଇବା ସପକ୍ଷରେ ନିର୍ବାଚନ ଆୟୋଗଙ୍କ ନିକଟରେ ଦାବି ରଖିବେ । କିନ୍ତୁ ତାହା ହେଲା ନାହିଁ । ନିଜର ସ୍ଥିତିକୁ ଲକ୍ଷ୍ୟକରି ଭିନ୍ନ ଭିନ୍ନ ମତ ଦେଲେ, ଯାହା ନିର୍ବାଚନ ଅନୁଷ୍ଠିତ ହେବାର ପଥକୁ ସୁଗମ କରିଦେଲା । ଏବେ ସାରା ରାଜ୍ୟ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ।

ଏହିସମୟରେ ଗାଁ ଭୂଇଁରେ ଘେରାଏ ବୁଲିଆସିଲେ ବେଶ୍ କିଛି ଅଭାବନୀୟ ଦୃଶ୍ୟ ଆଖିରେ ପଡ଼ିବ । ସବୁଠି ଯେ କରୋନା କଟକଣାକୁ ଅକ୍ଷରେ ଅକ୍ଷରେ ପାଳନ କରାଯାଉଛି ଏ କଥା ଜୋର୍‌ଦେଇ କହିହେବ ନାହିଁ । ନିର୍ବାଚନ ଆଚରଣ ବିଧିର ଖୁଲମ୍‌ଖୁଲା ଉଲ୍ଲଂଘନ ଆଜିକାଲି ଏକ ସାଧାରଣ ଘଟଣା ପାଲଟିଗଲାଣି । ଜଣେ ସରପଞ୍ଚ ପ୍ରାର୍ଥୀ ସର୍ବାଧିକ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବାର ବିଧି ଧର୍ମକୁ ଆଖିଠାର କହିଲେ ଅତ୍ୟୁକ୍ତି ହେବନାହିଁ । ଏସବୁ ହେଲା ନୈତିକତାର ପ୍ରଶ୍ନ । ଏହାକୁ ଛାଡ଼ିଦେଲେ ଆଉ ଏକ ଦୃଶ୍ୟ ସାମ୍ନାକୁ ଆସୁଛି । ତାହା ହେଲା ଅପ୍ରାପ୍ତବୟସ୍କ ପିଲାମାନଙ୍କର ସମ୍ପୃକ୍ତି । ଯେଉଁ ବୟସରେ ପିଲାଟି ପୁସ୍ତକ ଧରି ବସନ୍ତା ତା' ହାତରେ ଆଜି ପୋଷ୍ଟର । କଲମ ପରିବର୍ତ୍ତେ ଅଠାର ବୋତଲ । ପାଠପଢ଼ାର ଚାପ ନାହିଁ । ଏ ପଟେ ନିର୍ବାଚନର ପ୍ରଚାର ଚାଲିଛି । ରଙ୍ଗବେରଙ୍ଗର ପୋଷ୍ଟର, ପୁଣି ଚକୋଲେଟର ଲୋଭ । କାହାର କେହି ଆତ୍ମୀୟ ହୁଏତ ନିର୍ବାଚନ ଦୌଡ଼ରେ ସାମିଲ । ଏ ବେଳରେ ପାଠପଢ଼ା ନ ଥିବା କାରଣଟି ଆଜିର କଳୁଷିତ ରାଜନୀତି ସହିତ ପିଲାଙ୍କ ଯୁକ୍ତ ହେବାରେ ଖୋରାକ ଯୋଗାଇଦେଇଛି ।

ଜାଣି ଜଗତକୁ ଜିଣିବାରେ ଜିଜ୍ଞାସା ଜାତ କରିବା ପାଇଁ ପୁସ୍ତକ ପରିବର୍ତ୍ତେ ପୋଷ୍ଟର ଧରାଇଦେଲେ ପିଲାଟି ବିପଥଗାମୀ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ । ଏହି ବାସ୍ତବତାକୁ ହୃଦୟଙ୍ଗମ କରିବା ଆବଶ୍ୟକ । ପିଲାମାନେ ହେଉଛନ୍ତି ଆମ ଜାତିର ସମ୍ପଦ । ଖୁବ୍‌ଶୀଘ୍ର ସେମାନଙ୍କ ପାଇଁ ପଠନର ପବିତ୍ର ପରିବେଶଟିଏ ଗଢ଼ିଦେବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ।

ଅବଶ୍ୟ ସ୍କୁଲ ଓ କଲେଜ ଖୋଲିବାର ନିଷ୍ପତ୍ତି କାନରେ ବାଜିଛି । ଆଶା ରଖିବା ନିଷ୍ପତ୍ତିରେ ଆଉ ପରିବର୍ତ୍ତନ ନ ହେଉ । ଦୀର୍ଘଦିନ ଧରି ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିବା ଶୁଭ ସଂକେତ ନୁହେଁ । ପରିସଂଖ୍ୟାନ ନିଆଗଲେ କେତେ ପିଲା ପାଠପଢ଼ା ଛାଡ଼ିଦେଲେଣି ତା'ର ହିସାବ ମିଳିବ । ଏହି ସଂଖ୍ୟା କେମିତି ନ ବଢ଼ିବ ଏବଂ ପଢ଼ା ଛାଡ଼ିଥିବା ପିଲାମାନେ ପୁନର୍ବାର କେମିତି ପ୍ରତ୍ୟାବର୍ତ୍ତନ କରିବେ ସେ ଦିଗରେ ଯୋଜନା ପ୍ରସ୍ତୁତ ହେବା ବାଞ୍ଛନୀୟ ।

**ପ୍ରାକ୍ତନ୍ ଯୁଗ୍ମ ସାଧାରଣ ସମ୍ପାଦକ (ଓସ୍ଟା)**
**ମୋ: ୭୦୦୮୦୭୩୫୯୯**

# ପ୍ରେମ ପଞ୍ଚାୟତୀ



**ଡ. କୁଳାଙ୍ଗାର**

କଥା କ'ଣ କି ଲୋକଙ୍କ ସେବାରେ ଯାବତୀୟ ଠିକାଦାରି ଓ ଯୋଜନାର ବିଲ୍ କରିବାରେ ବ୍ୟସ୍ତ ସରପଞ୍ଚ ପନ୍ଦାରି ପୁହାଣ ନିଜେ ବିବାହ କରିବା ଭୁଲି ଯାଇଥିଲେ । ଯଦିଓ ନିନ୍ଦୁକଙ୍କ ମତରେ ଅନେକଙ୍କ ଘରେ ସିଏ ଜ୍ୱାଇଁ ମର୍ଯ୍ୟାଦା ପାଇ ସାରିଥିଲେ, ଆଇନଗତ ଭାବରେ ବାବୁ କିନ୍ତୁ ଅବିବାହିତ ଥିଲେ । ତେବେ କରୋନା କାଳରେ ସହରରେ ରହୁଥିବା ଜନୈକ ସଫ୍ଟୱେର ଇଞ୍ଜିନିୟର ବିବାହିତ ଗ୍ରାମବାସୀ ଯେବେ ଘରୁ କାମ କରିବାକୁ ଚାଲିଆସିଲେ ଏବଂ ଗାଁ ଟୋକାଙ୍କ ପାଇଁ ସୌକରେ ଖର୍ଚ୍ଚବାର୍ଚ୍ଚ କରୁକରୁ ସରପଞ୍ଚ ପ୍ରାର୍ଥୀ ଭାବରେ ଉଭା ହେଲେ, ଏଥିରେ ପନ୍ଦାରି ପୁହାଣେ ଆତଙ୍କିତ ହେଲେ । ବିରୋଧୀମାନେ ପ୍ରଚାର କଲେ କି ପନ୍ଦାରି ଅବିବାହିତ ହୋଇଥିବାରୁ ତା'ର ଅଭିଜ୍ଞତା ଓ ଅନୁଭବର ଘୋର ଅଭାବ ରହୁଛି । ସିଏ ଅଭିଯୋଗ ନେଇ ଯାଉଥିବା ଲୋକଙ୍କର ଅସୁବିଧା ନ ଦେଖି ସେମାନଙ୍କ ଝିଅକୁ ଦେଖୁଛି । ସିଏ ବିବାହ କରି ନ ଥିବାରୁ ଦୁଃଖକୁ ନିଜେ ତ ଅଙ୍ଗେ ନିଭାଇ ନାହିଁ, ଅନ୍ୟର ଦୁଃଖ କେମିତି ବୁଝିବ ! ତେଣୁ ଏଥର ପନ୍ଦାରିର ପୂର୍ଣ୍ଣଚ୍ଛେଦ ପକାଇ ଜଣେ ବିବାହିତ ସରପଞ୍ଚ ବାଛିବାକୁ ହେବ !

ଏହି ବିରୋଧୀ ହାୱାକୁ ପ୍ରତିହତ କରିବା ପାଇଁ ଗଲା ଦି ମାସ ତଳେ ପନ୍ଦାରି ବିବାହ କରିବାକୁ ନିଷ୍ପତ୍ତି ନେଲା । ଅନେକ ପ୍ରସ୍ତାବ ଚାଖି ଚାଖି ଶେଷରେ ପେଁକାଳି ଦେବୀ ପସନ୍ଦ ହେଲେ । ପେଁକାଳି ଦେବୀ ଯଦିଓ ଗାଁ କଲେଜ ଯାଏଁ ପଢିଛନ୍ତି, କେବଳ ନିଜର ନାମ ଦସ୍ତଖତ କରିବା ଜ୍ଞାନ ଅର୍ଜନ କରିଛନ୍ତି । ବାହାଘରଟାକୁ ଜାକଜମକର ସହ ପାଳନ କରି ସାରା ପଞ୍ଚାୟତଟାକୁ ଖିଆପିଆରେ ଭସାଇ ଦେଇ ତାଙ୍କ ବିରୋଧରେ ବହୁଥିବା ଜନମତର ବେକ ମୋଡ଼ିଦେବାକୁ ପନ୍ଦାରି ପୁହାଣେ ଆୟୋଜନ କରିଥିଲେ । ହେଲେ କରୋନା ମହାମାରୀଜନିତ କଟକଣାର କଣ୍ଟା ତାଙ୍କର ସ୍ୱପ୍ନ ବେଲୁନ୍‌କୁ ଫୁସ୍‌କରି ଫଟେଇଦେଲା ।

ଅନ୍ୟ କେହି ହୋଇଥିଲେ ଅବା ଆଇନକୁ ଆଖି ମାରି ଲୁଚାଚୋରାରେ ଆୟୋଜନ କରି ଦେଇଥାଆନ୍ତା । କିନ୍ତୁ ତାଙ୍କର ତ ଶତ୍ରୁର ଅଭାବ ନାହିଁ । ତେଣୁ କିଛି ଗୋଟେ ଆଇନ ଭଙ୍ଗର ଫଟୋ କି ଭିଡିଓ ପାଇଗଲେ, ଦେଖନ୍ତୁ.... ସ୍ୱୟଂ ସରପଞ୍ଚ କ'ଣ କରୁଛନ୍ତି ବୋଲି କହି କଥାଟାକୁ ଡିବିଡିବି କରିଥାଆନ୍ତେ । ତେଣୁ ଏସବୁକୁ ଡରି ଉଭୟ ପକ୍ଷର ୨୦ ଜଣଙ୍କର ଉପସ୍ଥିତିରେ ସରପଞ୍ଚ ପନ୍ଦାରି ପୁହାଣେ ବାହା ହୋଇଗଲେ । ହେଲେ ଆନୁଷ୍ଠାନିକ ପ୍ରୀତିଭୋଜନ, ଉପହାର ଗ୍ରହଣ ଓ ଫଟୋଉଠା ନୋହିଲା । ଲୁଚାଚୋରାରେ ଯାହା ଦି ଚାରିଟା ଅଲଗା ଅଲଗା ଖିଆପିଆ ପାଇଁ ପୁହାଣେ ଖର୍ଚ୍ଚ କରିଥିଲେ, ତାହା କୌଣସି ପ୍ରକାରେ ଲୋକପ୍ରିୟତା ଅର୍ଜନରେ ସହାୟକ ନ ଥିଲା ।

ପୁହାଣେ ଚିନ୍ତା କରିଥିଲେ କରୋନା କଟକଣା କାଳ ଯିବା ପରେ ପରିସ୍ଥିତି ସୁଧୁରିଲେ ବିବାହ ଭୋଜି ନାମରେ ଚପାକଷିଆ ଆୟୋଜନ କରି ସମସ୍ତଙ୍କର ମୁହଁ ବନ୍ଦ କରିବା ସହିତ ମୁଣ୍ଡ କିଣିନେବେ ! ସେତେବେଳକୁ ନିର୍ବାଚନ ମଧ୍ୟ ପାଖେଇ ଆସିଥିବ ! ତେବେ ଚତୁର୍ଥୀ ଦିନ ପେଁକାଳି ଦେବୀ ଜ୍ୱର ଓ କାଶରେ ଅଣାୟତ୍ତ ହୋଇପଡ଼ିଲେ । ଅତଏବ ନୂଆବୋହୂର ବେଶଭୂଷାରୁ ସିଏ ଓହ୍ଲେଇପଡି ନିଜର ଅସଲ ରୂପରେ ଯେବେ ଦର୍ଶନ ଦେଲେ, ପନ୍ଦାରିଙ୍କ ସମେତ ପରିବାରବର୍ଗ ଭେଟେଣା ହେଉ ହେଉ ଅଳ୍ପକେ ଅଟକିଗଲେ ।

ସୂଚନା ଯୋଗ୍ୟ ଯେଉଁ ପେଁକାଳି ଦେବୀଙ୍କୁ ମଧ୍ୟସ୍ଥଙ୍କ ସହିତ ପନ୍ଦାରି ବାବୁ ଦେଖିବାକୁ ଯାଇଥିଲେ, ସେଇ ସୁନ୍ଦରୀ ମହିଳା ଅସଲରେ ପେଁକାଳି ଦେବୀଙ୍କ ବଡ଼ ଭଉଣୀ କେଁକଳି ଦେବୀ ଥିଲେ । ଦୁହେଁ ସିନା ଗୋଟିଏ ମାତାଗର୍ଭରୁ ଜନ୍ମିତ ରୂପଲାବଣ୍ୟ ଓ ଗୁଣଗ୍ରାମରେ କିନ୍ତୁ ଦୁହିଁଙ୍କର ସାମଞ୍ଜସ୍ୟ ଶାସକ ଓ ବିରୋଧୀ ଦଳ ପରି । ଅତଏବ କେଁକଳି ଦେବୀଙ୍କ ପାଇଁ ତ ଠିକ୍ ସମୟରେ ଉପଯୁକ୍ତ ବିବାହ ପ୍ରସ୍ତାବ ମିଳିଗଲା, ପେଁକାଳି ଦେବୀଙ୍କ ବେଳକୁ କିନ୍ତୁ ମୁସ୍କିଲ୍ ହେଲା । ଏପଟେ ପନ୍ଦାରି ବାବୁ ମଧ୍ୟ ପନ୍ଦର ବର୍ଷକାଳ ପ୍ରସ୍ତାବ ମାନ ଚାଖି ଚାଲିଥିଲେ । ତେଣୁ ଝିଅର ପରିବାର ବିକଳି ପନ୍ଦାରିଙ୍କୁ କେଁକଳି ଦେବୀଙ୍କୁ ଦେଖେଇ ପେଁକାଳି ଦେବୀଙ୍କୁ ବାହା କରିଦେଲେ ।

ନିପୁଣ ରୂପକାର ଓ କେଶସଜ୍ଜାକାରୀଙ୍କ ଦ୍ୱାରା ପେଁକାଳି ଦେବୀଙ୍କୁ କେଁକଳିଙ୍କ ପରି ପ୍ରସ୍ତୁତ କରି ବସାଇ ଦିଆଗଲା । ତେବେ ଚତୁର୍ଥୀ ଦିନ ସିଏ କୋଭିଡ ଆକ୍ରାନ୍ତ ହେବା କାରଣରୁ ମୁହଁର ରଙ୍ଗ ବୋହିଯାଆନ୍ତେ ଏବଂ ମୁଣ୍ଡର ଚୁଟି ଉଲୁରି ଯାଆନ୍ତେ ପନ୍ଦାରି ପୁହାଣଙ୍କ ମନଗାଡ଼ିର ଚକା ଫାଟିଗଲା । ସିଏ ସେଇଦିନୁ ଚୁପ୍ । ପରିସ୍ଥିତି ସୁଧୁରିଲା ପରେ ମଧ୍ୟ ଭୋଜିଭାତ ନୋହିଲା । ବିବାହ କିମ୍ବା ବୋହୂର ଫଟୋ ପ୍ରସାରିତ ନ ହୋଇ ସେମିତି ମୋବାଇଲରେ ରହିଲା । ସେ କଥା କେହି ପଚାରିଲେ ଅନ୍ୟ ଆଳ ଦେଖାଇ ପୁହାଣେ ଏଡାଇ ଯାଉଥିଲେ । ଅତଏବ ଆଜି ପନ୍ଦାରିଙ୍କ ମୁହଁରୁ ଅତର୍କିତ ପତ୍ନୀଙ୍କ ପ୍ରଶଂସା ଶୁଣି ଗ୍ରାମବାସୀ ଚକିତ ହେବା ସ୍ୱାଭାବିକ । କେବଳ ଗ୍ରାମବାସୀ ନୁହେଁ ପନ୍ଦାରି ଓରଫ ସ୍ୱାମୀଙ୍କଠାରୁ ଅଚାନକ ଆଦର ସମ୍ବୋଧନ ପାଇ ପେଁକାଳି ଦେବୀ ନିଜକୁ ନିଜେ ଚିମୁଟି ଏହା ସତ କି ସପନ ବୋଲି ପରୀକ୍ଷା କରିନେଲେ ।

ପନ୍ଦାରି କହିଲେ – ମୁଁ ଗୋଟେ ମେକଅପ ମ୍ୟାନ ଠିକ୍ କରିଦେଇଛି । ସିଏ ସବୁଦିନ ଭୋରରୁ ଆସି ତମକୁ ମେକଅପ କରିଦେଇ ଯିବ । ସିଏ କାଲି ଆସି ମେକଅପ କଲା ପରେ ତମର ଗଣ୍ଡେ ଭଲ ଫଟୋ ଉଠାଯିବ । ହଠାତ୍ ପତିଙ୍କର ଏମିତି ସୁହାଗର କାରଣକୁ ପେଁକାଳି ଦେବୀ ଠିକରେ ଠଉରାଇ ପାରିଲେନି । ତେବେ ଗ୍ରାମବାସୀ ଯେବେ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ତାଲିକାଟି ପାଇଗଲେ, ଏହି ଘଟଣାଟିକୁ ଠିକ୍‌ରେ ବୁଝିଗଲେ ଯେ ଆଗାମୀ ନିର୍ବାଚନରେ ପଞ୍ଚାୟତର ସରପଞ୍ଚ ପଦବୀଟି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିବାରୁ ପନ୍ଦାରି ପୁହାଣେ ତାଙ୍କ ଜାଗାରେ ପତ୍ନୀଙ୍କୁ ପ୍ରାର୍ଥୀ କରି କ୍ଷମତା ବଜାୟ ରଖିବାକୁ ଏହି ଫନ୍ଦି କରିଛନ୍ତି ।

ତେବେ ଗାଁଦାଣ୍ଡରେ ପନ୍ଦାରିଙ୍କ ମୁହଁରୁ ପେଁକାଳି ଦେବୀଙ୍କ ରୂପଗୁଣ ସମ୍ପର୍କରେ ଶୁଣି ଟୋକାଏ କହିଲେ – ଆମେ ଭାଉଜଙ୍କୁ ଦେଖିବୁ! ବୁଢ଼ାଏ କହିଲେ – ଆମେ ଟିକେ ବୋହୂକୁ ଦେଖିବୁ । କୌଶଳ କାମରେ ଲାଗୁଚି ଦେଖି ପନ୍ଦାରି ପୁଲକିତ ହୋଇ କହିଲେ – ନିଶ୍ଚୟ...ନିଶ୍ଚୟ... । ହେଲେ ମୁଁ କ'ଣ କହୁଥିଲି କି, ମୁହଁଦେଖା ପାଇଁ ତମେମାନେ ଅଯଥା ଖର୍ଚ୍ଚାନ୍ତ ହେବ କାହିଁକି ? ବରଂ ସେ ବାବଦରେ ନିଜର ଭୋଟ୍ ଖଣ୍ଡିକ ନୂଆ ବୋହୂଟାକୁ ଦେଇଦେବ....!!!

**ଅଲରା, ନରସିଂହପୁର, କଟକ**
**ମୋ: ୮୮୯୫୮୨୫୮୬୩**

## ଏଇ ଭାରତରେ

ଚାଷୀମାନେ ବହୁ ସମୟରେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ରାସ୍ତାରେ ପରିବା ଫିଙ୍ଗି ଦେଉଥିବା ଦୃଶ୍ୟ ଦେଖିବାକୁ ମିଳେ । ତେବେ ଏହି ସମସ୍ୟା ଦୂର କରିବା ଲାଗି ଆଇଆଇଟିରୁ ଡିଗ୍ରୀ ହାସଲ କରିଥିବା ନୀତୀନ କୁମାର ଏବଂ ତାଙ୍କ ଭଉଣୀ ରଶ୍ମି ଝା ଚାଷୀମାନଙ୍କ ପାଇଁ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଫ୍ରିଜ୍ ନିର୍ମାଣ କରିଛନ୍ତି । ସେମାନଙ୍କ ଦ୍ୱାରା ନିର୍ମିତ ଫ୍ରିଜ୍‌ରେ ପରିବା ଓ ଫଳ ବହୁଦିନ ତଟକା ରହିପାରୁଛି । ଏଣୁ ଏଥିରେ ଚାଷୀମାନେ ସେମାନଙ୍କ ବଳକା ଉତ୍ପାଦ ରଖି ଧୀରେ ଧୀରେ ବିକ୍ରି କରି ଲାଭ ପାଇପାରିବେ । ଏହି ଫ୍ରିଜ୍‌ର ନାମ ସେମାନେ ଦେଇଛନ୍ତି 'ସବ୍‌ଜିକୋଠି' । ଏହା ସାଧାରଣ ରେଫ୍ରିଜରେଟରଠାରୁ ୧୦ଗୁଣ ଅଧିକ କ୍ଷମତାଶାଳୀ ଓ ଏହାର ଅଧା ଖର୍ଚ୍ଚରେ ତିଆରି କରାଯାଇଛି । ଏଥିରେ ୩ରୁ ୩୦ ଦିନ ଯାଏ ଫଳ ଓ ପରିବା ସତେଜ ରହିପାରୁଛି । ସବ୍‌ଜିକୋଠି ପାଇଁ ଦିନକୁ ମାତ୍ର ୧ ଲିଟର ପାଣି ଓ ୨୦ ୱାଟ୍ ବିଦ୍ୟୁତ୍ ଦରକାର ହେଉଛି । ଏହାକୁ ସହଜରେ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ମଧ୍ୟ ନିଆଯାଇପାରୁଛି ।

## ୨୫ ବର୍ଷ ତଳର ଧରିତ୍ରୀ

**୧୨ ଫେବୃୟାରୀ ୧୯୯୭**

- ତାମିଲର ବିଦ୍ରୋହୀମାନେ ଉତ୍ତର–ପୂର୍ବ ଶ୍ରୀଲଙ୍କାର ଏକ ପୋଲିସ ପୋଷ୍ଟ ଉପରେ ଆକ୍ରମଣ କରି ୧୫ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିଛନ୍ତି ।
- ସୁଇସ୍ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ଗୁପ୍ତ ବୋଫର୍ସ ଦଲିଲପତ୍ରରେ ଓଟାଭିଓ କ୍ୱାଟ୍ରୋକି ଓ ୱିନ ଚଢ଼ା ଦମ୍ପତି ସମେତ ୫ ଜଣ ଲାଞ୍ଚଗ୍ରହୀତାଙ୍କ ନାମ ସିବିଆଇ ପ୍ରକାଶ କରିଛି ।

## ଚିରନ୍ତନୀ

ନ ଥାଏ ଶିଖି ଭାଷା ଅଧର ବେନି
କହିବା ପାଇଁ କଥା ମନକୁ ଘେନି ।
କହିବା ପାଇଁ ମୋର ବାସନା ଦୁଃଖ
ଦହିଲା ଦେହ ସିନା ମଣିଲି ସୁଖ
ସୁଖରେ ମିଶି କେତେ ବେଦନା
ମଧୁରତର କଲା ସାଧନା !
ସତ୍ୟ ଥିଲା ଯେତେ ଜୀବନ–ଅନୁଭୂତି
ନାହିଁଛି ଲେଶ ତା'ର, ରହିଛି ଯାହା ସ୍ମୃତି
ନାହିଁଛି ରୂପ ଆଜି ରହିଛି ରସ ବାକି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି !
–(ଦୁଇଟି କଳା ଆଖି)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 9 | 8 | 1 | | |
| | | 3 | | 1 | 4 | | | |
| | | | 3 | | | | 4 | 5 |
| 4 | | 8 | 7 | | 2 | | | 3 |
| | | 1 | | 3 | | | | |
| | 2 | | | | | 6 | | 4 |
| | | | | | 7 | | 5 | 9 |
| | 5 | | | | | 8 | | |
| 8 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 2 | 3 | 8 | 4 | 7 | 9 | 1 |
| 4 | 9 | 3 | 7 | 2 | 1 | 8 | 6 | 5 |
| 7 | 1 | 8 | 5 | 6 | 9 | 3 | 2 | 4 |
| 9 | 3 | 1 | 8 | 4 | 5 | 2 | 7 | 6 |
| 2 | 4 | 7 | 6 | 9 | 3 | 5 | 1 | 8 |
| 6 | 8 | 5 | 1 | 7 | 2 | 9 | 4 | 3 |
| 3 | 5 | 4 | 9 | 1 | 7 | 6 | 8 | 2 |
| 1 | 7 | 6 | 2 | 3 | 8 | 4 | 5 | 9 |
| 8 | 2 | 9 | 4 | 5 | 6 | 1 | 3 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଗୋପାଳନ ପାଇଁ ଆଗ୍ରହ ନାହିଁ

ମହାଶୟ,

କେଉଁ ଆଦିମ କାଳରୁ ଭାରତରେ କୃଷି ସଭ୍ୟତାର ବିକାଶ ସହିତ ଗୋପାଳନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଆଜି କିନ୍ତୁ ଗୋସମ୍ପଦ ଅବକ୍ଷୟମୁଖୀ । ଗାଁଦାଣ୍ଡରେ ଆଜି ଦେଖିବାକୁ ମିଳୁନି ଗୋଧୂଳିବେଳାରେ ଗୋଷ୍ଠ ବାହୁଡ଼ାର ଦୃଶ୍ୟ । ଶୁଭୁନି ଆଉ ବସାମାନଙ୍କର ହମା ସ୍ୱନ । ବେଳେ ବେଳେ ଗୋରୁଙ୍କୁ ନିର୍ମମ ଭାବରେ ଚାଲାଣ କରାଯାଉଥିବାବେଳେ ପୋଲିସର ଦୃଷ୍ଟି ଆକର୍ଷଣ କଲେବି କାର୍ଯ୍ୟାନୁଷ୍ଠାନ ଶୂନ୍ । କିଛିଦିନ ପୂର୍ବେ ଓଡ଼ିଶାର ଦକ୍ଷିଣବର୍ତ୍ତୀ ସୀମାନ୍ତରେ ଏକ ପୂର୍ଣ୍ଣଗର୍ଭା ନଦୀ ମଧ୍ୟରେ ଡଙ୍ଗାରେ ଦଉଡ଼ି ବାନ୍ଧି ଗୋରୁଙ୍କୁ ଜଳସ୍ରୋତରେ ଟାଣି ଟାଣି ପାର କରାଉଥିବାର ନିର୍ମମ ଦୃଶ୍ୟ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା । କୃଷିକ୍ଷେତ୍ରରେ ଆଜି ବଳଦର ବିନିଯୋଗ ହେଉନି । ହଳ, ଶଗଡ଼ ଆଉ ଦେଖିବାକୁ ମିଳୁନି । ଭବିଷ୍ୟତରେ ପିଲାମାନେ ହୁଏତ ଚିତ୍ର ମାଧ୍ୟମରେ ଦେଖିବାକୁ ପାଇବେ । ଟ୍ରାକ୍ଟର ଭଳି ବିଭିନ୍ନ କୃଷି ଯନ୍ତ୍ରପାତିର ବ୍ୟବହାର ଯୋଗୁ ବଳଦ ଆଜି ଅଲୋଡ଼ା ହୋଇପଡ଼ିଛି । ଗ୍ରାମାଞ୍ଚଳରେ ପୂର୍ବଭଳି ଗୋପାଳନ ଦେଖିବାକୁ ମିଳୁନି । ଗୋଖାଦ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ଦୁଗ୍ଧଚାଷୀଙ୍କ ଆଜି ଗୋପାଳନ ପାଇଁ ଆଗ୍ରହ ନାହିଁ । ବେଳେ ବେଳେ ଦୁଗ୍ଧ ମୂଲ୍ୟବୃଦ୍ଧି ପାଇଁ ପ୍ରତିବାଦ କରି ବିକ୍ଷୋଭକାରୀମାନେ ବାଲ୍‌ଟି ବାଲ୍‌ଟି କ୍ଷୀର ରାସ୍ତାରେ ଢାଳୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଦିନ ଆସିବ ବନ୍ୟଜନ୍ତୁଙ୍କ ଭଳି ଗୋସମ୍ପଦର ମଧ୍ୟ ବିଲୁପ୍ତି ଘଟିବ ।

**–ଲକ୍ଷ୍ମୀଧର ଦାସ, ବିଜୟମଣ୍ଡପ ସାହି, ଓଡ଼ଗାଁ, ନୟାଗଡ଼**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୈବ ବିବର୍ତ୍ତନରେ ଜୀବ ସୃଷ୍ଟିର ରହସ୍ୟ

**ଚା**ଲ୍‌ର୍ସ ଡାରୱିନ୍‌ଙ୍କ ଜୈବ ବିବର୍ତ୍ତନବାଦରେ ଜୀବ ସୃଷ୍ଟିର ରହସ୍ୟ ଲୁଚି ରହିଛି। ୧୮୦୯ ଫେବୃୟାରୀ ୧୨ରେ ଚାଲ୍‌ର୍ସ ଡାରୱିନ୍ ଜନ୍ମଗ୍ରହଣ କରିଥିଲେ। ବିଜ୍ଞାନ କ୍ଷେତ୍ରରେ ଥିବା ଡାରୱିନ୍‌ଙ୍କ ଉଲ୍ଲେଖନୀୟ ଅବଦାନକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ତାଙ୍କର ଜନ୍ମ ଦିନକୁ ଡାରୱିନ୍ ଦିବସ ଭାବେ ପାଳନ କରାଯାଇଥାଏ। ଡାରୱିନ୍‌ଙ୍କ ଥିଓରିରେ ଇଭୋଲ୍ୟୁଶନ ଆଜ୍ ସଚ୍, କମନ୍ ଡିସେଣ୍ଟ, ଗ୍ରାଜୁଆଲିଜମ୍, ମଲ୍ଟିପ୍ଲିକେଶନ ଅଫ୍ ସ୍ପେସିସ୍ ଏବଂ ନାଚୁରାଲ ସିଲେକଶନ୍ ଆଦିକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଏହି ଦିବସ ପାଳନ ଅବସରରେ ବିଜ୍ଞାନରେ ଡାରୱିନ୍‌ଙ୍କ ଅବଦାନକୁ ପ୍ରତିପାଦିତ କରିବା ଲାଗି ସଚେତନତା ସୃଷ୍ଟି ହୋଇଥାଏ। ୧୯ ଏପ୍ରିଲ ୧୮୮୨ରେ, ୭୩ ବର୍ଷ ବୟସରେ



ତାଙ୍କର ମୃତ୍ୟୁ ଘଟିଥିଲା। ୧୮୪୨ରେ ତାଙ୍କ ସ୍ତ୍ରୀ ଏମା ଡାରୱିନ୍‌ଙ୍କ ମୃତ୍ୟୁ ପରେ ୧୯୦୯ରେ ୧୬୭ଟି ଦେଶର ୪୦୦ରୁ ଅଧିକ ବୈଜ୍ଞାନିକଙ୍କ ଉଦ୍ୟମରେ ଏହି

## ଡାରୱିନ୍ ଦିବସ

ଦିବସ ପାଳନ ଲାଗି ଉଦ୍ୟମ ହୋଇଥିଲା। ସେମାନେ କେମ୍ବ୍ରିଜରେ ଏକତ୍ରିତ ହୋଇ ଡାରୱିନ୍‌ଙ୍କ ଅବଦାନକୁ ସମ୍ମାନିତ କରିଥିଲେ। ୧୯୦୯ ଫେବୃୟାରୀ ୧୨ରେ ତାଙ୍କର ୧୦୦ ତମ ଜନ୍ମ ବାର୍ଷିକୀ ତଥା ଜୈବ ବିବର୍ତ୍ତନବାଦର ୫୦ ବର୍ଷ ପୂର୍ତ୍ତି ପାଳନକୁ ଡାରୱିନ୍ ଦିବସ ଭାବେ ପ୍ରସ୍ତାବିତ କରିଥିଲେ। ସେବେଠାରୁ ଏହି ଦିବସ ବିଶ୍ୱସ୍ତରରେ ପାଳିତ ହୋଇଆସୁଛି।

# 'ଲକ୍ ଅପ୍'ରେ ବଲିଉଡ୍ କୁଇନ୍

ମୁମ୍ବାଇ

ବଲିଉଡ୍ କୁଇନ୍ କଙ୍ଗନା ରାଣାୱତ୍ ଖୁବ୍‌ଶୀଘ୍ର ଡିଜିଟାଲ ଦୁନିଆରେ ପାଦ ଥାପିବାକୁ ଯାଉଛନ୍ତି। ସେ ଏକ ରିଆଲିଟି ଶୋ' 'ଲକ୍ ଅପ୍' ହୋଷ୍ଟ କରୁଥିବା ନଜରକୁ ଆସିବେ। ନିକଟରେ ଶୋ'ର ପୋଷ୍ଟର ରିଲିଜ୍ ହୋଇଥିଲା। ଶୁକ୍ରବାର ଏହି ଶୋ'ର ଟିଜର ରିଲିଜ୍ ହୋଇଯାଇଛି। ଶୋ'ଟି ଆସନ୍ତା ୨୭ ତାରିଖରୁ ଏମ୍‌ଏକ୍ସ ପ୍ଲେୟାର ଏବଂ ଅଲ୍ଟ ବାଲାଜୀରେ ପ୍ରସାରିତ ହେବ। ତେବେ ଶୋ'ର ଟ୍ରେଲର ଫେବୃୟାରୀ ୧୬ରେ ରିଲିଜ୍ ହେବ। 'ପଙ୍ଗା କୁଇନ୍' ମଧ୍ୟ ନିଜ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଶୋ'ର ଟିଜର ଶେୟାର କରିଛନ୍ତି। ଏଥିରେ କଙ୍ଗନା ନିଜର କଡକ୍ ରୂପ ଦର୍ଶକଙ୍କୁ ଦେଖାଇଛନ୍ତି। ସେ କହିଛନ୍ତି, ଜେଲ ତାଙ୍କର ଏବଂ ସେଠାରେ ରୁଲ୍ ମଧ୍ୟ ତାଙ୍କର ଚାଲିବ। ତାଙ୍କ ଜେଲରେ ୧୬ ଜଣ ବିବାଦୀୟ ସେଲିବ୍ରିଟି ରହିବେ।




CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ଶେଷ ଦୋକାନ




**ଡେରାଡୁନ୍:** ଚାଇନା ସୀମାକୁ ଲାଗିଥିବା ଏକ ଦୋକାନର ନାଁ ହେଉଛି ଭାରତର ଶେଷ ଦୋକାନ। ଉତ୍ତରାଖଣ୍ଡର ଚାମେଲି ଜିଲାରେ ରହିଛି ଏହି ଦୋକାନ। ଏହିଠାରେ ଭାରତର ଶେଷ ଗାଁ ରହିଛି, ଯାହାର ନାଁ ମାଣା। ଏହିଠାରୁ ହିଁ ଭାରତର ସୀମା ଶେଷ ହେଉଛି। ଏହି ଶେଷ ଦୋକାନକୁ ବ୍ୟବସାୟୀ ଆନନ୍ଦ ମହିନ୍ଦ୍ରା ସୋସିଆଲ ମିଡିଆରେ ଶେୟାର କରିବା ପରେ ଏହାକୁ ନେଇ ଚର୍ଚ୍ଚା ହେଉଛି। ଦୋକାନଟିକୁ ପ୍ରଥମେ ମାଣା ଗାଁର ଚନ୍ଦ୍ର ସିଂହ ବଡୱାଲ୍ ନାମକ ଜଣେ ବ୍ୟକ୍ତି ଖୋଲିଥିଲେ। ୨୫ ବର୍ଷ ତଳେ ଏହି ଦୋକାନ ଆରମ୍ଭ ହୋଇଥିଲା କିନ୍ତୁ ଆଜି ବି ଏହାକୁ ଦେଖିବା ପାଇଁ ଲୋକଙ୍କର ଆକର୍ଷଣ ବଢ଼ିବାରେ ଲାଗିଛି। ଏହି ଗାଁର ଏକ ସ୍ୱତନ୍ତ୍ର ମାନ୍ୟତା ମଧ୍ୟ ରହିଛି। କୁହାଯାଏ ମହାଭାରତ କାବ୍ୟ ଅନୁସାରେ ଏହିଠାରୁ ହିଁ ପାଣ୍ଡବମାନେ ସ୍ୱର୍ଗାରୋହଣ କରିଥିଲେ। ତେଣୁ ଏହି ଗାଁ ସ୍ୱର୍ଗକୁ ଯିବା ପାଇଁ ରାସ୍ତା ବୋଲି କୁହାଯାଏ।

# ବଡ଼ ପରଦାରେ ଆସିବ 'ଶକ୍ତିମାନ'

**ନୂଆଦିଲ୍ଲୀ:** ଏବେ ବଡ଼ ପରଦାରେ ରିଲିଜ୍ ହେବ ୨୦ ବର୍ଷ ପୂର୍ବେ ସାରା ଭାରତରେ ଅତ୍ୟନ୍ତ ଲୋକପ୍ରିୟ ହୋଇଥିବା ମୁକେଶ ଖାନ୍ନାଙ୍କ ଶୋ' 'ଶକ୍ତିମାନ'। ଗୁରୁବାର ସନି ପିକ୍ଚର୍ସ ଏହାର ରିଲିଜ୍ ସମ୍ପର୍କରେ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଛି। ସନି ପିକ୍ଚର୍ସ ଟୁଇଟ୍‌ରେ ଲେଖିଛି, ଅନେକ ସୁପରହିଟ୍ ହିରୋଙ୍କ ଲୋକପ୍ରିୟତା ପରେ ଏବେ ଦେଶୀ ସୁପର ହିରୋର ସମୟ ଆସିଛି। ଧାରାବାହିକ ନିର୍ମାତା ମୁକେଶଙ୍କ ପ୍ରଡକ୍ସନ୍ ହାଉସ୍ ଭୀଷ୍ମ ଇଣ୍ଟରନ୍ୟାଶନାଲ ସହିତ ସନି ପିକ୍ଚର୍ସ ହାତ ମିଶାଇଛି। ଲୋକେ ଏହି ସିନେମା ନେଇ ଅତ୍ୟନ୍ତ ଉତ୍ସାହିତ ରହିଥିବା ଦେଖାଯାଇଛି। କିନ୍ତୁ ଏଥିରେ କେଉଁମାନେ ଅଭିନୟ କରିବେ ତାହା ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ଅନ୍ୟପଟେ ଶୋ'ର ହାସ୍ୟ ଅଭିନେତା ଗଙ୍ଗାଧରଙ୍କ ଚରିତ୍ର ପାଇଁ ବଲିଉଡ୍ ଆକ୍ସନ୍ ଷ୍ଟାର ଅକ୍ଷୟ କୁମାର ଉପଯୁକ୍ତ ବୋଲି ଚର୍ଚ୍ଚା ହେଉଛି।



# ଜୁଲାଇ ୨୨ରେ 'ଶମ୍‌ଶେରା'

**ମୁମ୍ବାଇ:** ରଣବୀର କପୁରଙ୍କ ମୋଷ୍ଟ ୱାଣ୍ଟେଡ୍ ଫିଲ୍ମ 'ଶମ୍‌ଶେରା'ର ଟ୍ରେଲର ଶୁକ୍ରବାର ରିଲିଜ୍ ହୋଇଯାଇଛି, ଯେଉଁଥିରେ ରଣବୀର, ସଞ୍ଜୟ ଦତ୍ତ, ବାଣୀ କପୁର 'ଶମ୍‌ଶେରା'ର ପରିଚୟ ଦେଉଥିବା ନଜରକୁ ଆସିଛନ୍ତି। ଏଥିସହ ସିନେମାର ରିଲିଜ୍ ତାରିଖ ମଧ୍ୟ ସାମ୍ନାକୁ ଆସିଛି। ମୁଭିଟି ଜୁଲାଇ ୨୨ରେ ୩ଟି ଭାଷା– ହିନ୍ଦୀ, ତେଲୁଗୁ, ତାମିଲରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। କରନ୍ ମାଲହୋତ୍ରାଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ରଟି ନିର୍ମାଣ ହୋଇଛି। ଫିଲ୍ମଟି ଆକ୍ସନ୍ ଡ୍ରାମାରେ ଭରି ରହିଛି। ଏଥିରେ ଆଶୁତୋଷ ରାଣା, ସୌରଭ ଶୁକ୍ଲା ଏବଂ ରୋନିତ ରାୟ ନଜରକୁ ଆସିବେ। ପୂର୍ବରୁ ସିନେମାଟି ମାର୍ଚ୍ଚ ୧୮ରେ ରିଲିଜ୍ ହେବାର ଥିଲା। କିନ୍ତୁ କରୋନା ପାଇଁ ଏହାର ରିଲିଜ୍‌କୁ ସ୍ଥଗିତ ରଖାଯାଇଥିଲା।



ରଣବୀର କପୁର

# ନିର୍ଦ୍ଦେଶକ ରବି ଟଣ୍ଡନଙ୍କ ଦେହାନ୍ତ

**ମୁମ୍ବାଇ:** ଜଣାଶୁଣା ଚଳଚ୍ଚିତ୍ର ନିର୍ମାତା ରବି ଟଣ୍ଡନଙ୍କ ଶୁକ୍ରବାର ସକାଳେ ଦେହାନ୍ତ ହୋଇଛି। ସେ ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ଏନେଇ ତାଙ୍କ ଝିଅ ରବିନା ଟଣ୍ଡନ୍ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ୧୯୬୦ରେ ରବି ଟଣ୍ଡନ୍ ସିନେମା 'ଲଭ ଇନ୍ ଶିମଲା'ରେ ଅଭିନେତା ଭାବେ ଡେବ୍ୟୁ କରିଥିଲେ। ଏଥିସହ ସେ ମୁଭିରେ ସହକାରୀ ନିର୍ଦ୍ଦେଶକ ଭାବେ କାମ କରିଥିଲେ। ୧୯୭୩ରେ 'ଅନହୋନି' ସିନେମାର ଲେଖକ, ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଭାର ସମ୍ଭାଳିଥିଲେ। ପିତାଙ୍କ ମୃତ୍ୟୁ ଖବର ଶେୟାର କରି ରବିନା ଲେଖିଛନ୍ତି, 'ତମେ ସବୁବେଳେ ମୋ ସହ ରହିବ, ଲଭ ୟୁ ପାପା।'



**REQUIRED**
**SUPERVISOR**
**[Construction (Civil)]**
Age limit- 20 to 30 years (Male)
Salary: 6000/- to 8000/- only per month. Accommodation facility.
**Cont: 9937644417**

**Job Opportunity**
भुवनेश्वर में हो रही हैं भर्तियां!
• सेल्स एग्जीक्यूटिव • सेल्स मैनेजर
की positions के लिए अप्लाई करें।
Companies : Paytm, Bajaj Allianz, BharatPe
कुल पद: 103 | पगार: ₹15,000 - ₹30,000
अभी HR से बात करें:
080-47185518
apna

ହାଇଦ୍ରାବାଦରେ ଘର ଓ ଚାଷଜମିରେ କାମ କରିବା ପାଇଁ ପୁରୁଷ ଓ ମହିଳା ଆବଶ୍ୟକ। ଭଲ ଦରମା ସହିତ ରହିବା ସୁବିଧା ଦିଆଯିବ। ଯୋଗାଯୋଗ କରନ୍ତୁ: **9499999007**

**ଆବଶ୍ୟକ**
ଅଫିସ୍ କାର୍ଯ୍ୟ ପାଇଁ ଝିଅ, ମହିଳା ଆବଶ୍ୟକ। ଯୋଗ୍ୟତା 12th – ସ୍ନାତକ, ବେତନ– 5,000/-ରୁ 15,000/- + କମିଶନ + ବୋନସ୍। ଯୋଗାଯୋଗ କରନ୍ତୁ:–PP-11, ପାଣ୍ଡବ ନଗର, ଟଙ୍କପାଣି ରୋଡ୍, ଭୁବନେଶ୍ୱର
**7205095200**
**9302748862**

**INCOME OPPORTUNITY**
JIOZEE VARIOUS SOFT DRINK MFG.CO.Jagatpur
INVITES
Blockwise Business Coordinator
Machine Operators, ITI Skill,
Helper, Plant Incharge,
Office Incharge(f), Driver,
Salary+facilities
Whatsapp:8260466061

**REQUIRED**
SHOWROOM MANAGER : 01 No.
ASSISTANT WORKSHOP MANAGER : 01 No.
SALES EXECUTIVE (M/F) : 04 Nos.
SERVICE ADVISOR : 04 Nos.
Send the resume by email or WhatsApp
**SUNNY MOTORS**
Kanika Chhak, Cuttack - 753008
E-mail: sunnymotorsherohonda@gmail.com
WhatsApp: 9937018504

See Career Appointment on every Wednesday & Saturday

**JOB OPPORTUNITIES**
A Reputed Civil Construction company Requires, the following staff's immediate requirement for strictly the relevant qualification & Experience may to apply.
**Receptionist:** Lady candidate will conversed in English & good communication skill Required.
**Accountant:** Lady candidate with 3-5 year experience on Tally prime and Ms. Office.
Interested Candidate may be allowed send C.V. with color photo / Resume With Experience certificate with mobile number to our E-mail: **adityadevinfratech.p.ltd@gmail.com**
Selected candidate we will contact through mobile and calling for interview.
**Aditya Dev Infratech Pvt. Ltd.** | Utkal Signature, NH-16, Bhubaneswar

MARUTI SUZUKI
Way of Life!
**APPOINTMENT**
MARUTI SUZUKI authorized Dealership at Berhampur require the following Personnel:
**TEAM LEADER / RURAL OUTLET IN-CHARGE:**
Graduate with minimum 7 years of experience in Sales & Service in Automobile Sector persons can apply.
**LOCATION:** Phulbani, Bhanjanagar, Aska, Baliguda, Paralakhemundi
**WALK-IN-INTERVIEW**
13th February, 2022 (Sunday), Time: 11 A.M. to 3 P.M.
VENUE **SKY AUTOMOBILES**
NH - 5, Ambapua between Gopalpur-Jagannathpur Junction, Berhampur, Ganjam - 761119
Contact No. 7381045091, E-mail: arena.berhampur@gmail.com

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
**8901110759**

**BIDISHA FINANCE**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଇ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245
7653803952
Asrayagad, Gulaijang, Gajapati

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
**Mudra Finance**
Mob. 8987604637
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**✓ଶୁକଦେବ ମହାନ୍ତି**
ଆବିର୍ଭାବ-୧୫।୦୨।୧୯୫୦
ତିରୋଧାନ- ୦୨।୦୨।୨୦୨୨
ଆପଣଙ୍କ ଅନାବିଳ ସ୍ନେହ, ଆଦର୍ଶ ଆମ ସମସ୍ତଙ୍କ ହୃଦୟରେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆନ୍ତରିକ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ଝିଅ: ଲିପୁ, ଇତୁ, ଦୀପୁ, ନିହାର, ରାଜ, ମାମୁନୁ, ଗୁଗୁଲ୍
ଧ-୭୧୭୯୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ସୁରେଖା ପାଇକରାୟ**
ସ୍ଥାନ: ମକରବାଗ ସାହି, କଟକ
ଆବିର୍ଭାବ: ତା୦୧।୦୧।୧୯୩୭
ତିରୋଧାନ: ତା୨୩।୦୨।୨୦୨୧
ବୋଉ, ତୁ ଏଇଠି ଅଛୁ, ଏଇଠି ନାହୁଁ। ତୋର ଅନୁପସ୍ଥିତି ଖୁବ୍ ଯନ୍ତ୍ରଣାଦାୟକ। ତୋର ସେଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହିତ: ତୋ ଝିଅ: ଧୋବଳି, ଶଚି, ରଞ୍ଜି, ନମି ଓ ପରିବାରବର୍ଗ।
ଧ-୨୩୦୯୮

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ଅନୁସୂୟା ପଟ୍ଟନାୟକ**
ଗ୍ରାମ - ନରଣଗଡ଼, ଖୋର୍ଦ୍ଧା
ତିରୋଧାନ : ତା. ୦୨.୦୨.୨୦୨୨
ବାହାବେଶ ସିନା ମଉଳି ଗଲାତୋ
ଅହ୍ୟ ବେଶେ ଝଟକିଲୁ,
ଚଞ୍ଚଳା ଝରଣା ନୀରବୀ ଗଲୁତୁ
ସ୍ୱର୍ଗପୁର ଆବୋରିଲୁ।
ଝୁରୁଛି ଅଗଣା ଝୁରେ ପରିବାର
ଖୋଜୁଛନ୍ତି ଛୁଆତୋର,
ଅସମୟେ ସିନା ଛାଡ଼ି ଚାଲିଗଲୁ
ଆତ୍ମା ଶାନ୍ତି ଲଭୁତୋର।
.... ଅପା (ମିନି)
ଧ-୨୩୧୨୧

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସୌଦାମିନୀ ବରିଶାଲ (ବାଉରୀ)**
ସ୍ୱାମୀ: ଶ୍ରୀ ହରିହର ବରିଶାଲ
ଉପର ସାହି, ବଡଗଡ଼, ଭୁବନେଶ୍ୱର
ଆବିର୍ଭାବ: ୧୮।୧୦।୧୯୫୨
ତିରୋଧାନ: ୦୨।୦୨।୨୦୨୨
ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ–ବୋହୂ, ଝିଅ–ଜ୍ୱାଇଁ, ନାତି–ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୦୭୭୦

**୧୭ତମ ଶ୍ରାଦ୍ଧବାର୍ଷିକୀ**



**✓ଶ୍ୟାମସୁନ୍ଦର ଚୌଧୁରୀ**
ଆବିର୍ଭାବ-୨୫.୦୯.୧୯୩୦
ତିରୋଧାନ-୧୯.୦୨.୨୦୦୫
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା ଏବଂ ସମସ୍ତ ଆତ୍ମୀୟ ସ୍ୱଜନ ଓ ପରିବାରବର୍ଗ।
ସ୍ଥାନ : ଚିନ୍ତାମଣିଶ୍ୱର ଲେନ୍, ଭୁବନେଶ୍ୱର - ୭୫୧ ୦୦୬
ଫୋନ୍ - ୨୩୧୩୫୧୨
ଧ-୨୩୧୧୮

# ସୁଶାନ୍ତ ବିସିସିଆଇ ପର୍ଯ୍ୟବେକ୍ଷକ



**ଭୁବନେଶ୍ୱର, ୧୧।୨ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସଦସ୍ୟ ସୁଶାନ୍ତ କୁମାର ମହାନ୍ତି ଆଗାମୀ ଭାରତ-ୱେଷ୍ଟଇଣ୍ଡିଜ ଟି୨୦ ସିରିଜ ପାଇଁ ବିସିସିଆଇ (ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ) ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ କୋଲ୍‌କାତାରେ ଚଳିତ ମାସ ୧୬, ୧୮ ଓ ୨୦ରେ ଅନୁଷ୍ଠିତ ହେବ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସୁଶାନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆସାର ୩ ପ୍ରତିନିଧି ସମ୍ବର୍ଦ୍ଧିତ




**ଭୁବନେଶ୍ୱର, ୧୧।୨ (କ୍ରୀଡ଼ା ପ୍ରତିନିଧି):** ଆସୋସିଏଶନ ଫର ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆସା)ର ୩ ପ୍ରତିନିଧି ନିତୁ ବିଷୋୟୀ, ତ୍ରିନାଥ ପ୍ରଧାନ ଓ ଜି. ରାଜେଶ ୩୮ତମ ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲର ଉଦ୍‌ଯାପନୀ ସମାରୋହରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଚଣ୍ଡିଗଡ଼ ସରକାରଙ୍କ ଅର୍ଥ ସଚିବ ଏସ.ଏସ. ପ୍ରସାଦ, ପୂର୍ବତନ ମୁଖ୍ୟ ଶାସନ ସଚିବ ଏସ୍.ଏସ୍. ଚୌଧୁରୀ ଓ ଆର.ଏସ୍. ବର୍ମା ଅତିଥିଭାବେ ଯୋଗଦେଇଥିଲେ। ପ୍ରଶଂସନୀୟ କାର୍ଯ୍ୟ ଯୋଗୁ ସମ୍ବର୍ଦ୍ଧିତ ହୋଇଥିବା ନିତୁ, ତ୍ରିନାଥ ଓ ରାଜେଶଙ୍କୁ ଆସା ପରାମର୍ଶଦାତା ଅଶୋକ ମହାନ୍ତି, ସମ୍ପାଦକ ତଥା ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା, ଉପସଭାପତି ଶକ୍ତି ରଞ୍ଜନ ମହାନ୍ତି ଓ ବିକ୍ରମ ଦାସ, ଇନ୍‌ଷ୍ଟ୍ରକ୍ଟର ଚିନ୍ମୟ ମହାରଣା, ଅନିତା ସ୍ୱାଇଁ ଓ ସସ୍ମିତା ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି।

# ଦାମୀ ହୋଇପାରନ୍ତି ଶାର୍ଦ୍ଦୂଳ, କିଶାନ, ଆୟାର

**ବେଙ୍ଗାଲୁରୁ, ୧୧।୨ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଲାଗି ମେଗା ନିଲାମ ଶନିବାର ହେବ। ଏଥିରେ ବିସ୍ଫୋରକ ବ୍ୟାଟର ଶ୍ରେୟାସ ଆୟାର ଓ ବହୁ ପ୍ରତିଭାସମ୍ପନ୍ନ ଶାର୍ଦ୍ଦୂଳ ଠାକୁର ଟୁର୍ନାମେଣ୍ଟ ଇତିହାସରେ ସବୁଠାରୁ ଅଧିକ ମୂଲ୍ୟରେ ବିକ୍ରି ହୋଇପାରନ୍ତି ବୋଲି ଆଶା କରାଯାଉଛି। ଗୁଜରାଟ ଟାଇଟନ୍ସ ଓ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସର ଯୋଗଦାନ ପରେ ବ୍ୟୟବହୁଳ ଟି୨୦ ଲିଗ୍‌ର ମୋଟ ଦଳ ସଂଖ୍ୟା ୧୦କୁ ବୃଦ୍ଧିପାଇଛି।

## ଆଇପିଏଲ୍ ଖେଳାଳି ନିଲାମ ଆଜି

ଦୁଇଦିନିଆ ମେଗା ନିଲାମରେ ୨୨୭ ବିଦେଶୀ ସମେତ ୫୯୦ କ୍ରିକେଟର ଅଂଶଗ୍ରହଣ କରିବେ। ଚଳିତବର୍ଷ ଅନ୍ୟ ବର୍ଷ ତୁଳନାରେ ବହୁ ସଂଖ୍ୟାରେ ଭାରତୀୟ ଖେଳାଳି ଅଧିକ ମୂଲ୍ୟରେ ବିକ୍ରି ହୋଇପାରନ୍ତି। ୧୦ରୁ ଅଧିକ ଭାରତୀୟ କ୍ରିକେଟର ୧୦କୋଟି ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହୋଇପାରନ୍ତି। କେତେଜଣଙ୍କର ମୂଲ୍ୟ ୨୦ କୋଟି ଟଙ୍କା ପାଖାପାଖି ପହଞ୍ଚି ଯାଇପାରେ। ଆୟାର ସବୁଠାରୁ ଦାମୀ ଖେଳାଳି (୨୦କୋଟି ଟଙ୍କା ପାଖାପାଖି) ହୋଇପାରନ୍ତି। ଶାର୍ଦ୍ଦୂଳ ଓ ଇଶାନ କିଶାନ ୧୨ରୁ ୧୫ କୋଟି ଟଙ୍କା ଭିତରେ ବିକ୍ରି ହୋଇପାରନ୍ତି। ସେମାନଙ୍କୁ ନେବା ଲାଗି ଯଦି ଫ୍ରାଞ୍ଚାଇଜ୍‌ଗୁଡ଼ିକ ମଧ୍ୟରେ ଲଢେଇ ହୁଏ ତେବେ ସେମାନଙ୍କ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ। ସେହିପରି ଦୀପକ ଚହର ଓ ଯୁଜବେନ୍ଦ୍ର ଚହଲ ୨ ନିୟୁତ ଡଲାର (୧୫ କୋଟି ଟଙ୍କା) ପାଖାପାଖି ବିକ୍ରି ହୋଇପାରନ୍ତି। ଉଭୟେ ନିକଟରେ ଅନ୍ତର୍ଜାତୀୟ ମ୍ୟାଚରେ ସେମାନଙ୍କ ଦକ୍ଷତାର ପ୍ରମାଣ ଦେଇ ସାରିଛନ୍ତି। ମହେନ୍ଦ୍ର ସିଂ ଧୋନୀ (ଚେନ୍ନାଇ ସୁପର କିଙ୍ଗ୍ସ), ବିରାଟ କୋହଲି (ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର) ଓ ରୋହିତ ଶର୍ମା (ମୁମ୍ବାଇ ଇଣ୍ଡିଆନ୍ସ)ଙ୍କ ଭଳି ମେଗାଷ୍ଟାରଙ୍କୁ ସେମାନଙ୍କ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଦଳରେ ରଖିଛନ୍ତି। ତେବେ ଟି୨୦ରେ ମିଡ୍‌ଲ ଅର୍ଡର ବିସ୍ଫୋରକ ବ୍ୟାଟର, ଦକ୍ଷ ରିଷ୍ଟ ସ୍ପିନର ଓ ଅଲରାଉଣ୍ଡରମାନଙ୍କର ସବୁବେଳେ ଡିମାଣ୍ଡ ରହିଥାଏ। ଫ୍ରାଞ୍ଚାଇଜ୍ ନିଲାମକୁ ଛାଡ଼ି ନ ଥିବା ଖେଳାଳିମାନଙ୍କ ମଧ୍ୟରେ କେ.ଏଲ୍. ରାହୁଲଙ୍କ ମୂଲ୍ୟ ସବୁଠାରୁ ଅଧିକ ୧୭ କୋଟି ଟଙ୍କା ରହିଛି। ପୂର୍ବତନ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଆୟାରଙ୍କୁ ନେବା ଲାଗି ପଞ୍ଜାବ କିଙ୍ଗ୍ସ (ବ୍ୟୟ ପାଇଁ ରହିଛି ୭୨କୋଟି ଟଙ୍କା), ସନରାଇଜର୍ସ ହାଇଦ୍ରାବାଦ (୬୮କୋଟି ଟଙ୍କା) ଓ ରାଜସ୍ଥାନ ରୟାଲ୍ସ (୬୨କୋଟି ଟଙ୍କା) ହାତଖୋଲା ଅର୍ଥ ବ୍ୟୟ କରିବାକୁ କୁଣ୍ଠାବୋଧ ନ କରିପାରନ୍ତି। ନିଲାମରେ ଫ୍ରାଞ୍ଚାଇଜଗୁଡ଼ିକର ଅନ୍ୟ ଯେଉଁ ଭାରତୀୟ ଖେଳାଳିମାନଙ୍କ ଉପରେ ବିଶେଷ ନଜର ରହିବ ସେମାନଙ୍କ ମଧ୍ୟରେ ଶାହରୁଖ ଖାନ୍, ନୀତିଶ ରାଣା, ରାହୁଲ ତ୍ରିପାଠୀ ଓ ଦେବଦତ୍ତ ପଡ଼ିକାଲ ରହିଛନ୍ତି। ସେମାନଙ୍କ ମୂଲ୍ୟ ୫ରୁ ୮ କୋଟି ଟଙ୍କା ପର୍ଯ୍ୟନ୍ତ ହୋଇପାରେ। ନିଲାମ ବେଳେ ଯେଉଁ ବିଦେଶୀ ଖେଳାଳିମାନେ ଷ୍ଟାର ଆକର୍ଷଣ ରହିବେ ସେମାନଙ୍କ ମଧ୍ୟରେ ଡେଭିଡ ୱାର୍ନର, କ୍ୱିଣ୍ଟନ ଡି'କକ୍, କାଗିସୋ ରାବାଡା ଓ ଜାସନ ହୋଲ୍ଡର ଅନ୍ୟତମ। ସେମାନେ ୧.୫ ରୁ ୨ ନିୟୁତ ଆମେରିକୀୟ ଡଲାର ମୂଲ୍ୟ ମଧ୍ୟରେ ବିକ୍ରି ହୋଇପାରନ୍ତି।


ଶାର୍ଦ୍ଦୂଳ ଠାକୁର, ଇଶାନ କିଶାନ ଓ ଶ୍ରେୟାସ ଆୟାର।

# ଟି୨୦ ସିରିଜରୁ ରାହୁଲ, ଅକ୍ଷର ବାଦ୍

**ନୂଆଦିଲ୍ଲୀ, ୧୧।୨ (ପି.ଟି.)**

ଆଘାତପ୍ରାପ୍ତ ଥିବାରୁ ଭାରତର ଉପଅଧିନାୟକ କେ.ଏଲ୍. ରାହୁଲ ଓ ଅଲରାଉଣ୍ଡର ଅକ୍ଷର ପଟେଲ ଫେବୃୟାରୀ ୧୪ରୁ କୋଲକାତାଠାରେ ଆରମ୍ଭ ହେବାକୁଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜରୁ ବାଦ୍ ପଡ଼ିଛନ୍ତି। ସର୍ବଭାରତୀୟ ସିନିୟର ଚୟନ କମିଟି ସେମାନଙ୍କ ସ୍ଥାନରେ ଋତୁରାଜ ଗାଏକ୍ୱାଡ ଓ ଦୀପକ ହୁଡାଙ୍କୁ ଦଳରେ ସାମିଲ କରିଛି। ଫେବୃୟାରୀ ୯ରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ବେଳେ ରାହୁଲଙ୍କ ହାମଷ୍ଟ୍ରିଙ୍ଗ ଇଞ୍ଜୁରି ହୋଇଛି। ଅକ୍ଷର ପଟେଲଙ୍କ ପେଣ୍ଡାରେ ଇଞ୍ଜୁରି ହୋଇଛି। ଏଥିପାଇଁ ସେ ଦକ୍ଷିଣ ଆଫ୍ରିକା ଟୁର୍‌ରେ ସାମିଲ ହୋଇ ପାରି ନ ଥିଲେ। ଏହି ସ୍ପିନର ନିକଟରେ କରୋନା ସଂକ୍ରମିତ ହୋଇଥିଲେ। ଦୁଇ ଖେଳାଳି ନିଜକୁ ଫିଟ୍ କରିବା ଲାଗି ବର୍ତ୍ତମାନ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ) ଗସ୍ତ କରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କହିଛି। ଫେବୃୟାରୀ ୨୫ରୁ ଶ୍ରୀଲଙ୍କା ବିପକ୍ଷ ଘରୋଇ ସିରିଜ ଆରମ୍ଭ ହେବ। ରାହୁଲ ଓ ଅକ୍ଷର ସେତେବେଳେ ଉପଲବ୍ଧ ହେବେକି ନା ତାହା ସେମାନଙ୍କ ଫିଟ୍‌ନେସ ଉପରେ ନିର୍ଭର କରେ।

**ଭାରତ ଟି୨୦ ଦଳ:** ରୋହିତ ଶର୍ମା (ଅଧିନାୟକ), ଇଶାନ କିଶାନ, ବିରାଟ କୋହଲି, ଶ୍ରେୟାସ ଆୟାର, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟକିପର), ଭେଙ୍କଟେଶ ଆୟାର, ଦୀପକ ଚହର, ଶାର୍ଦ୍ଦୂଳ ଠାକୁର, ରବି ବିଷ୍ଣୋଇ, ଯୁଜବେନ୍ଦ୍ର ଚହଲ, ୱାଶିଂଟନ ସୁନ୍ଦର, ମହମଦ ସିରାଜ, ଭୁବନେଶ୍ୱର କୁମାର, ଆଭେଶ ଖାଁ, ହର୍ଷଲ ପଟେଲ, ଋତୁରାଜ ଗାଏକ୍ୱାଡ ଓ ଦୀପକ ହୁଡା।

# ୟୁନାଇଟେଡ କପ୍: କୁତାମଚଣ୍ଡୀ ଫାଇନାଲରେ

**କଣ୍ଟାପଡା, ୧୧।୨ (ଡି.ଏନ୍.ଏ.):** ନାରାୟଣୀ ୟୁଥ୍ କ୍ଲବ ବାଇରୋଇ ପକ୍ଷରୁ ସ୍ଥାନୀୟ କେଳାପଡିଆରେ ଆୟୋଜିତ ୟୁନାଇଟେଡ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ୨ୟ ସେମିଫାଇନାଲ ମ୍ୟାଚରେ ସ୍ମାଇଲ ୧୧ କଟକକୁ ୩୫ ରନରେ ହରାଇ କୁତାମଚଣ୍ଡୀ କ୍ରିକେଟ କ୍ଲବ ନିଆଳି ଫାଇନାଲରେ ପ୍ରବେଶ କରିଛି। ଟସ ଜିତି କୁତାମଚଣ୍ଡୀ ଦଳ ପ୍ରଥମେ ବ୍ୟାଟିଂକରି ଅଭିଷେକ ପଟ୍ଟନାୟକଙ୍କ ୩୩ ରନ ବଳରେ ୧୭.୫ ଓଭରରେ ୧୦ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ବିପକ୍ଷ ଦଳର ସୁଶିଲ ୪ ଓ ରବୀନ୍ଦ୍ର ୩ ଉଇକେଟ ନେଇଥିଲେ। ଜବାବରେ ସ୍ମାଇଲ କ୍ଲବ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ କରିବାକୁ ସକ୍ଷମ ହୋଇଥିଲା। ଅସିମ ନନ୍ଦ ୫ ଉଇକେଟ ନେଇ କୁତାମଚଣ୍ଡୀ ଦଳର ବିଜୟରେ ପ୍ରମୁଖ ଭୂମିକାନେଇ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ଶେଷଦେବ ନନ୍ଦ ଓ ମାଧବ ଦାସ ମ୍ୟାଚ ପରିଚାଳନା କରିଥିଲେ।

# ପ୍ରଶାସକ ନିଯୁକ୍ତି ପାଇଁ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୧।୨(ପି.ଟି.):** ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ (ଟିଟିଏଫ୍‌ଆଇ)ର କାର୍ଯ୍ୟଶୈଳୀରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଦିଲ୍ଲୀ ହାଇକୋର୍ଟ। ଫେଡେରେଶନର ସୁପରିଚାଳନା ପାଇଁ ବର୍ତ୍ତମାନ ପାଇଁ ଜଣେ ପ୍ରଶାସକଙ୍କୁ ନିଯୁକ୍ତି ଦେବାଲାଗି ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଏବଂ ଖେଲରତ୍ନ ପୁରସ୍କାର ବିଜେତା ମନିକା ବାତ୍ରା ତାଙ୍କର ଏକ ପିଟିଶନରେ ମ୍ୟାଚ ଫିକ୍ସିଂ କରାଯାଉଥିବା ଅଭିଯୋଗ କରିଥିଲେ। ତଦନ୍ତ ପାଇଁ ଏକ ୩ ଜଣ ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଥିଲା। କମିଟି ଏହାର ରିପୋର୍ଟରେ ଉଲ୍ଲେଖ କରିଛି ଯେ, ଟିଟିଏଫ୍‌ଆଇ ଖେଳାଳିମାନଙ୍କୁ ପ୍ରମୋଟ କରିବା ପରିବର୍ତ୍ତେ ଏହାର ଅଫିସିଆଲଙ୍କ ଦୋଷ ଦୁର୍ବଳତାକୁ ଘଣ୍ଟ ଘୋଡାଉଛି। କୋର୍ଟ ନିଯୁକ୍ତି ପାଇବାକୁ ଥିବା ପ୍ରଶାସକଙ୍କ ନାମ ଏବଂ ସର୍ତ୍ତାବଳୀ ପରେ ଘୋଷଣା କରିବେ। ଗତବର୍ଷ ଏସିଆନ ଟେବୁଲ ଟେନିସ ଚାମ୍ପିୟନଶିପ୍ ପାଇଁ ମନୋନୟନ କରାଯାଇଥିବା ଭାରତୀୟ ଦଳରେ ସ୍ଥାନ ନ ପାଇବା ପରେ ସେ

## ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ

କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଅଭିଯୋଗ କରିଥିଲେ, ଏକ ଅଲିମ୍ପିକ କ୍ୱାଲିଫାୟର ମ୍ୟାଚରେ ଜାଣିଶୁଣି ଖରାପ ଖେଳି ହାରିଯିବାକୁ ଜାତୀୟ କୋଚ୍ ସୌମ୍ୟଦୀପ ରୟ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତିଯୋଗୀ ଜଣକ କୋଚ୍‌ଙ୍କ ଦ୍ୱାରା ପରିଚାଳିତ ଏକ ଘରୋଇ ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ଫଳତଃ ସୌମ୍ୟଦୀପଙ୍କ ନିଯୁକ୍ତିରେ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ରହିଥିବା ସ୍ପଷ୍ଟ ହୋଇଛି।




# ନକ୍‌ଆଉଟରୁ ଓଡ଼ିଶାର ଅଭିଯାନ ଶେଷ


ଓଡ଼ିଶା ମହିଳା ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୧୧।୨ (କ୍ରୀଡ଼ା ପ୍ରତିନିଧି)**

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୭୦ତମ ଜାତୀୟ ଭଲିବଲ (ମହିଳା/ପୁରୁଷ) ଚାମ୍ପିୟନଶିପର ନକ୍‌ଆଉଟରୁ ଓଡ଼ିଶା ମହିଳା ଓ ପୁରୁଷ ଦଳର ଅଭିଯାନ ଶେଷ ହୋଇଛି। ଓଡ଼ିଶାର ଉଭୟ

## ଜାତୀୟ ସିନିୟର ଭଲିବଲ

ଦଳ ପ୍ରଶଂସନୀୟ ପ୍ରଦର୍ଶନ କରି କ୍ରମାଗତ ୪ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଶୁକ୍ରବାର ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ ଓଡ଼ିଶା କଡ଼ା ଚ୍ୟାଲେଞ୍ଜ ଦେଇ ୧-୩ (୨୨-୨୫, ୨୨-୨୫, ୨୬-୨୪, ୨୩-୨୫) ସେଟ୍‌ରେ ଚଣ୍ଡିଗଡ଼ଠାରୁ ହାରି ଯାଇଥିଲା। ସେହିପରି ମହିଳା ବିଭାଗରେ ଓଡ଼ିଶା ଦଳ ୧-୩(୨୩-୨୫, ୨୫-୨୨, ୨୧-୨୫, ୧୬-୨୫) ସେଟ୍‌ରେ ତାମିଲନାଡୁଠାରୁ ହାରି ଯାଇଥିଲା। ମହିଳା ବିଭାଗର ଅନ୍ୟ ମ୍ୟାଚରେ ରାଜସ୍ଥାନ ୩-୦ (୨୭-୨୫, ୨୫-୧୫, ୨୫-୧୮) ସେଟ୍‌ରେ ଗୁଜରାଟ, ତାମିଲନାଡୁ ୩-୦ (୨୫-୮, ୨୫-୧୩, ୨୫-୧୦)ରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ସେହିପରି ପୁରୁଷ ବିଭାଗରେ ପଞ୍ଜାବ ୩-୨ (୨୫-୨୨, ୧୮-୨୫, ୧୭-୨୫, ୨୬-୨୪, ୧୫-୧୧) ସେଟ୍‌ରେ ଦିଲ୍ଲୀକୁ ହରାଇ ଦେଇଛି।




# ପ୍ରମେୟକୁ ହରାଇ ଧରିତ୍ରୀ ସେମିରେ

**ସମ୍ବଲପୁର, ୧୧।୨(ବ୍ୟୁରୋ)**

ସମ୍ବଲପୁର କମିଶନର୍ସ କଲୋନୀ (ହାୱା ମଇଦାନ)ରେ ସମଲେଶ୍ୱରୀ ମିଡିଆ କପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ପ୍ରମେୟ /ନ୍ୟୁଜ୍ - ୭କୁ ହରାଇ ଧରିତ୍ରୀ ସେମିଫାଇନାଲରେ ପ୍ରବେଶ କରିଛି । ଉକ୍ତ ଟୁର୍ନାମେଣ୍ଟରେ ମୋଟ ୬ଟି ଦଳ ଭାଗ ନେଇଛନ୍ତି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଧରିତ୍ରୀ ଦଳ ନିର୍ଦ୍ଧାରିତ ୧୦ ଓଭରରେ

## ସମଲେଶ୍ୱରୀ ମିଡିଆ କପ୍ ଉଦ୍‌ଘାଟିତ

୭ ଉଇକେଟ ହରାଇ ୯୧ ରନ କରିଥିଲା। ଟୁକୁମଣି ଭୋଇ ୨୧ ବଲରୁ ସର୍ବାଧିକ ୪୧ ରନ କରିଥିଲେ । ବିପକ୍ଷ ଦଳର ଦୀପକ ଚାନ୍ଦ ସର୍ବାଧିକ ୩ ଉଇକେଟ ପାଇଥିଲେ । ୯୨ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ପ୍ରମେୟ ଦଳ ଧରିତ୍ରୀ ଦଳର ବୋଲରଙ୍କ ଆଗରେ ବେଶି ସମୟ ତିଷ୍ଠିପାରି ନ ଥିଲା। ଦଳ ୧୦ ଓଭର ଖେଳି ୭ ଉଇକେଟରେ ମାତ୍ର ୪୧ ରନ ସଂଗ୍ରହ କରିବାରେ ସଫଳ ହୋଇଥିଲା। ଦିନେଶ ମହାନନ୍ଦ ସର୍ବାଧିକ ୧୨ ରନ କରିଥିଲେ। ଧରିତ୍ରୀ ଦଳର ବୋଲର ରୋଶନ ପଣ୍ଡିତ ଗୋଟିଏ ମେଡେନ ଓଭର ସହ ୨ ଓଭରରେ ୭ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଧରିତ୍ରୀ ଦଳ ପକ୍ଷରୁ ଶିବବ୍ରତ ଦାଶ, ଶୁଭାଶିଷ ପାଢୀ, ରୋଶନ ପଣ୍ଡିତ, ମିଲନ ବେହେରା, ପୀତାମ୍ବର ସାହୁ, ଟୁକୁମଣି ଭୋଇ, ସୌମ୍ୟରଞ୍ଜନ ମହାରଣା, ଦିନେଶ ବିଶ୍ୱକର୍ମା, ନିଖିଳ ପଟେଲ, ଉମେଶ ବେହେରା, ରୋଶନ ଖର୍ସେଲ ମ୍ୟାଚ ଖେଳିଥିଲେ । ସଞ୍ଜୟ ବେହେରା, ନରୋତ୍ତମ ଜେନା, କୁନାରାମ ବାଗ, ମନୋଜ ମହାନ୍ତି, ଟିମ୍ ମ୍ୟାନେଜର ଶଙ୍କର ବେହେରା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଯୁଧିଷ୍ଠିର ନାରାୟଣ ସିଂ ଓ ଦିଲୁ ଦାସଭାୟା ଅମ୍ପାୟରିଂ କରିଥିଲେ। କିରଣ କୁମାର ଭୋଇ ସ୍କୋରର ଥିବାବେଳେ କେଶବ କୁମାର ପଢ଼ିହାରୀ ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ।

ଦ୍ୱିତୀୟ ମ୍ୟାଚ ସମାଜ ଓ ସକାଳ/ନନ୍ଦିଘୋଷ ଟିଭି ମଧ୍ୟରେ ହୋଇଥିଲା। ଏଥିରେ ସକାଳ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ମିଡିଆ ଅଲଟିମେଟ ବନାମ ପାଟନର ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ପାଟନର ଏକାଦଶ ସହଜ ବିଜୟ ହାସଲ କରିଥିଲା। ନରୋତ୍ତମ ଗୁରୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆୟୋଜକ ସକାଳ ଖବରକାଗଜର ପ୍ରସାର ବିଭାଗ ଡିଜିଏମ୍ ବିଜୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ନନ୍ଦିଘୋଷ ଟିଭି ମାର୍କେଟିଂ ଡିଜିଏମ୍ ପବିତ୍ର ବେହେରା ଓ ଓସିଏର ପୂର୍ବତନ ଉପସଭାପତି ସାବିର ହୁସେନ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ନ୍ୟୁଟନ୍ କଲେଜ ପକ୍ଷରୁ ସହଯୋଗ କରାଯାଇଥିଲା।



ସମ୍ବଲପୁର ହାୱା ମଇଦାନରେ ଧରିତ୍ରୀ ଦଳର ଖେଳାଳିମାନେ ।

# ରାମକୁମାର-ସାକେଥ୍ ବେଙ୍ଗାଲୁରୁ ଓପନ୍ ଫାଇନାଲରେ

**ବେଙ୍ଗାଲୁରୁ, ୧୧।୨ (ପି.ଟି.):** ସାକେଥ୍ ମାଇନେନି ଓ ରାମକୁମାର ରମାନାଥନ ବେଙ୍ଗାଲୁରୁ ଓପନ ଏଟିପି ଚ୍ୟାଲେଞ୍ଜର ପୁରୁଷ ଡବଲ୍ସ ଇଭେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ ସିଡ୍ ଭାରତୀୟ ଯୋଡ଼ି ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଗ୍ରେଟ୍‌ବ୍ରିଟେନ ଅଷ୍ଟ୍ରେଲିଆ ଯୋଡ଼ି ଜେ' କ୍ଲାର୍କ ଓ ମାର୍କ ପୋଲମାନ୍ସଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଫାଇନାଲରେ ସେମାନେ ଫ୍ରେଞ୍ଚ ଯୋଡ଼ି ହୁଗୋ ଗ୍ରେନିଅର୍ ଓ ଆଲେଜାଣ୍ଡର ମୁଲରଙ୍କୁ ଭେଟିବେ। ଏହି ଯୋଡ଼ି ଦ୍ୱିତୀୟ ଅଷ୍ଟ୍ରିଆନ-ଚେକ୍ ଯୋଡ଼ି ଆଲେଜାଣ୍ଡର ଏର୍ଲର ଓ ଭିଟ୍ କୋଭିଟାଙ୍କ ବିପକ୍ଷରେ ୬-୩, ୬-୪ ସେଟ୍‌ରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ସିଙ୍ଗଲ୍ସ ଇଭେଣ୍ଟରେ କ୍ୱାଲିଫାୟର ତଥା କ୍ରୋଏସିଆର ବୋର୍ନା ଜୋକୋ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଂପ୍ରାପ୍ତ ବେଲଜିୟମର କିମର କୋପେଜାନ୍ସଙ୍କୁ ୭-୫,୬-୪ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୨/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Saturday, February 12/2022 | ପୃଷ୍ଠା-୧




**ଟାଇଟଲ ଜିତିଲେ ତସନିମ୍**

ଭାରତର ତସନିମ୍ ମୀର୍ ଇରାନ ଫାଜର ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି।

୦୮

୦୩

**ଇସ୍ତଫା ଦେଲେ ବିଚାରପତି ଗଣେଡିୱାଲା**

'ସ୍କିନ୍-ଟୁ-ସ୍କିନ୍ କଣ୍ଟାକ୍ଟ' ରାୟକୁ ନେଇ ସମାଲୋଚିତ ଜଷ୍ଟିସ୍ ପୁଷ୍ପା ବୀରେନ୍ଦ୍ର ଗଣେଡିୱାଲା ଗୁରୁବାର ବିଚାରପତି ପଦରୁ ଇସ୍ତଫା ଦେଇଛନ୍ତି।






ୱେଷ୍ଟଇଣ୍ଡିଜ ବିପକ୍ଷରେ ୩-୦ରେ ଏକଦିବସୀୟ କ୍ରିକେଟ ସିରିଜ ବିଜୟୀ ଭାରତୀୟ ଦଳ। (ରିପୋର୍ଟ ଖେଳପୃଷ୍ଠା)

# ଜିନ୍ଦଲ, ହିଣ୍ଡାଲ୍‌କୋକୁ ମିଳିଲା ଓଡ଼ିଶାର ୨ କୋଲ୍ ବ୍ଲକ୍

**ନୂଆଦିଲ୍ଲୀ,୧୧।୨**

ବ୍ୟବସାୟିକ ବ୍ୟବହାର ପାଇଁ କୋଲ୍ ବ୍ଲକ୍ ନିଲାମିର ଦ୍ୱିତୀୟ ଓ ତୃତୀୟ ଦିନରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରକୁ ଓଡ଼ିଶାର ଉତ୍କଳ-ସି କୋଇଲା ଖଣି ମିଳିଥିବାବେଳେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ମୀନାକ୍ଷୀ ଖଣି ପାଇଁ ସର୍ବୋଚ୍ଚ ବିଡିଂ କରିଛି। ସେହିପରି ବିଏସ୍ ଇସ୍ପାତ୍ ଲିମିଟେଡ୍ ମହାରାଷ୍ଟ୍ରର ମାଜ୍‌ରା ଖଣି ନେବା ପାଇଁ ସବୁଠୁ ବଡ଼ ବିଡର ଭାବେ ଉଭା ହୋଇଛି। ଆସାମ ମିନେରାଲ ଡେଭେଲପ୍‌ମେଣ୍ଟ କର୍ପୋରେଶନକୁ ଆସାମର ଗରମପାଣି କୋଲ୍ ବ୍ଲକ୍ ମିଳିଛି। ଅରୁଣାଚଳ ପ୍ରଦେଶର ନାମ୍‌ଫୁକ୍ ଖଣି ପାଇଁ ହୋଇଥିବା ଇ-ଅକ୍ସନ ପ୍ରକ୍ରିୟା



ଶୁକ୍ରବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିଥିଲା ବୋଲି କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି।

କେନ୍ଦ୍ର ସରକାର କମର୍ସିଆଲ କୋଲ୍ ମାଇନିଂର ତୃତୀୟ ପର୍ଯ୍ୟାୟରେ ୧୦ଟି କୋଇଲା ଖଣି ନିଲାମ ପାଇଁ ପ୍ରସ୍ତାବ ରଖିଥିଲେ। ଫେବୃୟାରୀ ୯-୧୦ରେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଇ-ଅକ୍ସନ ବେଳେ ୫ଟି କୋଇଲା ଖଣି ନିଲାମ କରାଯାଇଥିଲା। ଏହି ୫ ଖଣିରେ ମୋଟ ୫୨୮.୦୫୧ ନିୟୁତ ଟନ୍ କୋଇଲା ମହଜୁଦ ରହିଛି। ଉକ୍ତ ଖଣିଗୁଡ଼ିକର କ୍ୟୁମୁଲେଟିଭ୍ ପିକ୍ ରେଟେଡ୍ କାପାସିଟି (ପିଆର୍‌ସି) ହେଉଛି ବାର୍ଷିକ ୧୬.୭ ନିୟୁତ ଟନ୍। ଗତ ୮ ତାରିଖରେ ନିଲାମିର ପ୍ରଥମ ଦିନ ୫ ବ୍ଲକ୍ ଆବଣ୍ଟନ କରାଯାଇଥିଲା। ଡାଲମିଆ ଭାରତ ସିମେଣ୍ଟ ଲିମିଟେଡ୍ ଝାଡ଼ଖଣ୍ଡର ଦୁଇଟି କୋଲ୍ ବ୍ଲକ୍‌କୁ ସର୍ବୋଚ୍ଚ ଦରରେ ନେବା ପାଇଁ ବିଡିଂ କରିଥିଲା। ମହାନଦୀ ମାଇନ୍ସ ଆଣ୍ଡ ମିନେରାଲ୍ସ ଓଡ଼ିଶାର ଗୋଟିଏ ବ୍ଲକ୍ ପାଇଁ ସର୍ବାଧିକ ଅର୍ଥ ପଇଠ କରିବାକୁ ବିଡିଂ କରିଥିବାବେଳେ ଯାଜ୍‌ଦାନି ଷ୍ଟିଲ୍ ଆଣ୍ଡ ପାୱାର ରାଜ୍ୟର ଅନ୍ୟ ଏକ ଖଣି ପାଇଁ ହାଇଏଷ୍ଟ ବିଡର୍ ଥିଲା।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

**ଅନୁଗୋଳ ଅଫିସ,୧୧।୨:** ଅନୁଗୋଳ ଜିଲା ଆଡ-ହକ୍ ଆଡିଶନାଲ ଜିଲା ଦୌରାଜଜ୍ (ଫାଷ୍ଟ ଟ୍ରାକ୍) କୋର୍ଟର ବିଚାରପତି ପି.ଆର୍. ବହିଦାର ଏକ ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ଖମାର ଥାନା ଅଞ୍ଚଳର ଗୁରୁଚରଣ ପୁର୍ତ୍ତି (୨୮)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାରୁ ପ୍ରକାଶ ଯେ, ଅନୁଗୋଳ ଜିଲା ଖମାର ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକା ୨୦୧୬ ଜୁନ୍ ୧୫ ତାରିଖ ରାତିରେ ଘର ବାରଣ୍ଡାରେ ୪ ଭଉଣୀଭାଇଙ୍କ ସହିତ ଶୋଇଥିଲେ। ତାଙ୍କ ମା' ପଡ଼ୋଶୀ ଭାଇଙ୍କ ଘରକୁ ମାଛ ତରକାରୀ ନେଇ ଯାଇଥିବାବେଳେ ଏହି ସୁଯୋଗରେ ଅଭିଯୁକ୍ତ ଗୁରୁଚରଣ ନାବାଳିକାଙ୍କୁ ଏକ କୋଠରି ମଧକୁ ନେଇଯାଇ ବଳାତ୍କାର ☞ପୃଷ୍ଠା-୭

## ଆଉ ୨୦ ମୃତ, ୧,୪୭୨ ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ରାଜ୍ୟରେ ଆଉ ୨୦ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୮୩୮କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସୂଚନାନୁସାରେ, ଯାଜପୁର ଜିଲାରୁ ସର୍ବାଧିକ ୪ଜଣ ଆଖି ବୁଜିଥିବାବେଳେ ଏମାନଙ୍କ ମଧ୍ୟରେ ଜଣେ ୬ ମାସର ଶିଶୁପୁତ୍ର ରହିଛନ୍ତି। ସେ ଅନ୍ୟ କୌଣସି ରୋଗରେ ପୀଡ଼ିତ ନ ଥିଲେ। ସେହିଭଳି ବାଲେଶ୍ୱର, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ଜିଲାରେ ୩ ଜଣ ଲେଖାଏ, ମୟୂରଭଞ୍ଜରେ ୨ଜଣ, ଭଦ୍ରକ, କଟକ, ଜଗତ୍‌ସିଂହପୁର, ନବରଙ୍ଗପୁର ଓ କେନ୍ଦୁଝର ଜିଲାରେ ଜଣେ ଲେଖାଏ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୧,୪୭୨ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୯୧୮ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୬୫୪ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩୦୯ ଜଣ ୧୮ ବର୍ଷରୁ କମ୍ ବୟସ୍କ ରହିଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୩୩ଜଣ ଆକ୍ରାନ୍ତ ଥିବାବେଳେ କଟକରୁ ୧୬୧ଜଣ, ସୁନ୍ଦରଗଡ଼ରୁ ୧୧୩ ଜଣ ଓ ବାକିସବୁ ଜିଲାରେ ସଂକ୍ରମିତ ସଂଖ୍ୟା ଶହେ ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨, ୭୪, ୫୭୫ରେ ପହଞ୍ଚିଛି।

ଅପରପକ୍ଷେ ରାଜ୍ୟରେ କରୋନା ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ☞ପୃଷ୍ଠା-୭

# ଠିକ୍ ସମୟରେ ହସ୍ତକ୍ଷେପ କରିବୁ

**ହିଜାବ ବିବାଦରେ ସୁପ୍ରିମ୍‌କୋର୍ଟଙ୍କ ମତ**

**ନୂଆଦିଲ୍ଲୀ,୧୧।୨(ପି.ଟି.)**



ପ୍ରତ୍ୟେକ ନାଗରିକଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା କରାଯିବ ଏବଂ ଉପଯୁକ୍ତ ସମୟରେ ହିଜାବ ପିଟିଶନର ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ଶିକ୍ଷାନୁଷ୍ଠାନରେ ଧର୍ମୀୟ ପୋଷାକ ନ ପିନ୍ଧିବାକୁ କର୍ନାଟକ ହାଇକୋର୍ଟ ତାଙ୍କ ଅନ୍ତରୀଣ ରାୟରେ କହିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ଏଭଳି ପ୍ରସଙ୍ଗକୁ ଜାତୀୟ ସ୍ତରକୁ ନେବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଯୋଗୁ ସମ୍ବିଧାନର ଅନୁଚ୍ଛେଦ ୨୫ରେ ନାଗରିକଙ୍କୁ ଦିଆଯାଇଥିବା ଧର୍ମ ଗ୍ରହଣର ମୌଳିକ ଅଧିକାର କ୍ଷୁଣ୍ଣ ହୋଇଥିବା ଛାତ୍ରୀମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବଦତ୍ତ କାମାତ୍ ସର୍ବୋଚ୍ଚ ଅଦାଲତଙ୍କୁ କହିବା ସହ ସୋମବାର ପିଟିଶନର ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଅନୁରୋଧ କରିଥିଲେ। ତେବେ ପ୍ରଧାନ ବିଚାରପତି ଏନ୍.ଭି. ରମନା, ଜଷ୍ଟିସ୍ ଏ.ଏସ୍. ବୋପନ୍ନା ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କାମାତ୍‌ଙ୍କ ଅନୁରୋଧକୁ ଗ୍ରହଣ କରି ନ ଥିଲେ। ହାଇକୋର୍ଟରେ ଶୁଣାଣି ଜାରି ରହିଛି। ଉପଯୁକ୍ତ ସମୟରେ ସୁପ୍ରିମକୋର୍ଟ ମାମଲାକୁ ହାତକୁ ନେବେ ଏବଂ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା କରିବେ ବୋଲି ଖଣ୍ଡପୀଠ କହିଛନ୍ତି।

## ବିକ୍ଷୋଭ ପରିବର୍ତ୍ତେ ଶ୍ରେଣୀଗୃହକୁ ଯାଅ

**ବେଙ୍ଗାଲୁରୁ,୧୧।୨(ପି.ଟି.)**

**କର୍ନାଟକ ହାଇକୋର୍ଟ**




**ପରବର୍ତ୍ତୀ ଶୁଣାଣି ଯାଏ ଧର୍ମୀୟ ପୋଷାକ ଉପରେ ରୋକ**

ହିଜାବ ବିବାଦରେ ସମସ୍ତ ପିଟିଶନକୁ ବିଚାରକୁ ନେଇ କର୍ନାଟକ ହାଇକୋର୍ଟ ଶୁକ୍ରବାର ତାଙ୍କ ଅନ୍ତରୀଣ ରାୟରେ ରାଜ୍ୟ ସରକାରଙ୍କୁ ଶିକ୍ଷାନୁଷ୍ଠାନ ଖୋଲିବା ଲାଗି ଅନୁରୋଧ କରିଛନ୍ତି। ଏଥିସହିତ ସମସ୍ତ ପିଲାଙ୍କୁ ଶ୍ରେଣୀ ଗୃହରେ ହିଜାବ୍, ଗୈରିକ ଉତ୍ତରୀୟ ଏବଂ ଅନ୍ୟାନ୍ୟ ଧର୍ମୀୟ ପୋଷାକ ନ ପିନ୍ଧିବାକୁ କହିଛନ୍ତି। ପିଲାମାନେ ହିଜାବ ଭଳି ପ୍ରସଙ୍ଗରେ ବିକ୍ଷୋଭ ନ କରି ଶ୍ରେଣୀଗୃହକୁ ଗଲେ ସେମାନଙ୍କ ସ୍ୱାର୍ଥ ସୁରକ୍ଷିତ ହେବ ବୋଲି ହାଇକୋର୍ଟର ବୃହତ୍ତର ଖଣ୍ଡପୀଠ ୭ ପୃଷ୍ଠାର ଅନ୍ତରୀଣ ରାୟରେ କହିଛନ୍ତି। ଗୁରୁବାର ମଧ୍ୟ ହାଇକୋର୍ଟ ସମାନ କଥା କହିଥିଲେ। ଶିକ୍ଷାବର୍ଷ ଖୁବ୍‌ଶୀଘ୍ର ଶେଷ ହୋଇଯିବ ବୋଲି ମୁଖ୍ୟ ବିଚାରପତି ରିତୁ ରାଜ ଅୱସ୍ଥି, ଜଷ୍ଟିସ କ୍ରିଷ୍ଣା ଏସ୍. ଦୀକ୍ଷିତ ଏବଂ ଜଷ୍ଟିସ୍ ଜେ.ଏମ୍. ଖାଜିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

କର୍ନାଟକର କେତେକ କଲେଜ ଶ୍ରେଣୀଗୃହରେ ହିଜାବ ପରିଧାନକୁ ବାରଣ କରାଯିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାର ପ୍ରତିବାଦରେ ମୁସଲମାନ ଛାତ୍ରୀମାନେ ବିକ୍ଷୋଭ କରିବା ପରେ ହିନ୍ଦୁ ଛାତ୍ରୀଛାତ୍ରମାନେ ଗୈରିକ ଉତ୍ତରୀୟ ପିନ୍ଧି କଲେଜକୁ ଆସିବାରୁ ବିବାଦ ବଢ଼ିଥିଲା। ଛାତ୍ରୀଛାତ୍ରଙ୍କ ଡ୍ରେସ୍ କୋଡ୍ ନିର୍ଦ୍ଧାରଣ କରିବା କଲେଜ ଉନ୍ନୟନ କମିଟିର ଦାୟିତ୍ୱ ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରିଛନ୍ତି। ହିଜାବକୁ ନେଇ ଆନ୍ଦୋଳନ ଓ ଶିକ୍ଷାନୁଷ୍ଠାନ କିଛିଦିନ ହେଲା ବନ୍ଦ ରହିବାକୁ ନେଇ ହାଇକୋର୍ଟ ମର୍ମାହତ ହୋଇଥିଲେ। ☞ପୃଷ୍ଠା-୭




# ମା'ବାପା କୋଳକୁ ଫେରିଲା ଶିଶୁପୁତ୍ର

**ନୟାଗଡ଼ ଶିଶୁ ବିକ୍ରି ଘଟଣା ସମାଧାନକୁ ୧୪ ଦିନ ଲାଗିଲା**

**ଆତ୍ମାହୁତି ଧମକ ପରେ ନଇଁଲା ପ୍ରଶାସନ**

**ନୟାଗଡ଼ ଅଫିସ,୧୧।୨**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ବିକ୍ରି ହୋଇଥିବା ନବଜାତ ଶିଶୁପୁତ୍ର ଉଦ୍ଧାର ହେବାର ୧୪ ଦିନ ପରେ ମା'ବାପାଙ୍କ କୋଳକୁ ଶୁକ୍ରବାର ଫେରିଛି। ମା'ବାପାଙ୍କ ଆତ୍ମାହୁତି ଧମକ 'ଧରିତ୍ରୀ' ଶିରୋନାମାରେ ଶୁକ୍ରବାର ପ୍ରକାଶ ପାଇବା ପରେ ପ୍ରଶାସନ ବାଧହୋଇ ନବଜାତ ଶିଶୁକୁ ମା'ବାପାଙ୍କୁ ହସ୍ତାନ୍ତର କରିଛି। ଜିଲାପାଳ ପୋମା ଟୁଡୁଙ୍କ ନିର୍ଦ୍ଦେଶରେ ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି), ଜିଲା ଶିଶୁ ସୁରକ୍ଷା ୟୁନିଟ୍, ନୟାଗଡ଼ ଟାଉନ ଥାନା ପୋଲିସ ସହାୟତା କରିଥିଲା। ନୟାଗଡ଼ ଟାଉନ ଥାନା ପୋଲିସ ଇଟାମାଟି ଥାନାର ନୋଉର ଗାଁକୁ ଯାଇ ରବୀନ୍ଦ୍ର ସ୍ୱାଇଁ ଓ ସ୍ତ୍ରୀ ଜଲିଙ୍କୁ ପୋଲିସ ଭ୍ୟାନ୍‌ରେ ନୟାଗଡ଼ ଆଣିଥିଲା। ଶିଶୁପୁତ୍ରକୁ ପ୍ରଶାସନ ହସ୍ତାନ୍ତର କରିବା ପରେ ପୁଣି ଘରକୁ ନେଇ ଛାଡିଥିଲା।

ଜାନୁୟାରୀ ୨୮ରେ ନୋଉର ଗାଁର ଜଲି ସ୍ୱାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ହେଲେ ଆଶା, ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଲେବରରୁମ୍‌ର ୱାର୍ଡ ଇନ୍‌ଚାର୍ଜ ଓ ୱାର୍ଡ ଆଟେଣ୍ଡାଣ୍ଟ ପ୍ରମୁଖ ମଲାଝିଅ ଜନ୍ମ ହୋଇଛି କହି ପୁଅକୁ ଗାଏବ କରି ବିକ୍ରିକରି ଦେଇଥିଲେ। ତେବେ ଶିଶୁପୁତ୍ର ବିକ୍ରି ନେଇ ମା'ବାପା ଫେବୃୟାରୀ ୨ରେ ଅଭିଯୋଗ କରିବା ପରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ନୟାଗଡ଼ ଟାଉନ ଥାନା ପୋଲିସ ମାମଲା ରୁଜୁ ନ କରି ୩ ତାରିଖରେ ଶିଶୁପୁତ୍ରକୁ ଭୁବନେଶ୍ୱରରୁ ଉଦ୍ଧାର କରିଥିଲା। ଶିଶୁପୁତ୍ର ଉଦ୍ଧାର ପରେ ଜିଲା ଶିଶୁ ସୁରକ୍ଷା ☞ପୃଷ୍ଠା-୭

# ରାହୁଲଙ୍କୁ ରାଜୀବଙ୍କ ପୁଅ ବୋଲି ପ୍ରମାଣ ମାଗିଛୁ କି

ନୂଆଦିଲ୍ଲୀ,୧୧।୨

## ହିମନ୍ତଙ୍କ ବିବାଦୀୟ ମନ୍ତବ୍ୟ


ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା

ଆସାମ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ହିମନ୍ତ ବିଶ୍ୱଶର୍ମା ଦଳୀୟ ନିର୍ବାଚନ ପ୍ରଚାର ପାଇଁ ଶୁକ୍ରବାର ଉତ୍ତରାଖଣ୍ଡ ଯାଇଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ନେଇ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ରାହୁଲ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ପୁଅ ବୋଲି ଭାଜପା କେବେ ପ୍ରମାଣ ମାଗିନାହିଁ ବୋଲି ହିମନ୍ତ କହିଛନ୍ତି। ୨୦୧୬ରେ ଉରି ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ପାକିସ୍ତାନ ଉପରେ କରିଥିବା ସର୍ଜିକାଲ ଷ୍ଟ୍ରାଇକ୍ ଏବଂ କରୋନା ଭୂତାଣୁ ବିରୋଧୀ ଲଢ଼େଇରେ ଭାକ୍ସିନକୁ ନେଇ କଂଗ୍ରେସ ବାରମ୍ବାର ସନ୍ଦେହ ବ୍ୟକ୍ତ କରୁଥିବାରୁ ସେ ଏପରି ଟାର୍ଗେଟ କରିଛନ୍ତି।

ହିମନ୍ତ ପୂର୍ବରୁ କଂଗ୍ରେସରେ ଥିଲେ। ୨୦୧୫ରେ ସେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ। ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ସେ ଏବେ ପ୍ରଚାରରେ ଲାଗିଛନ୍ତି। ଏହି ଅବସରରେ ହିମନ୍ତ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, କଂଗ୍ରେସ ସବୁବେଳେ ଜେନେରାଲ ବିପିନ ରାୱତ୍‌ଙ୍କ ନେତୃତ୍ୱାଧୀନ ସର୍ଜିକାଲ ଷ୍ଟ୍ରାଇକ୍‌ର ପ୍ରମାଣ ମାଗୁଛି ଏବଂ କୋଭିଡ୍‌-୧୯ ଟିକାର ସତ୍ୟତା ଉପରେ ପ୍ରଶ୍ନ କରୁଛି। ଆମେ କେବେ ରାହୁଲଙ୍କୁ ରାଜୀବଙ୍କ ପୁଅ ଭାବେ ପ୍ରମାଣ ମାଗିଛୁ କି? ତୁମେ କେଉଁ ବାପର ପୁଅ? ସେନାକୁ ପ୍ରମାଣ ମାଗିବାକୁ ତୁମକୁ କିଏ ଅଧିକାର ଦେଲା? ଯଦି ଆମ ଯବାନମାନେ ପାକିସ୍ତାନରେ ପ୍ରବେଶ କରି ଆକାଶମାର୍ଗରୁ ଆକ୍ରମଣ କରିଥିବା କହୁଛନ୍ତି ତେବେ ତାହା ଚୂଡ଼ାନ୍ତ।

ଆସାମ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, କଂଗ୍ରେସ ଧ୍ରୁବୀକରଣ ରାଜନୀତି କରୁଛି। ସେମାନଙ୍କ ମତରେ ଭାରତ ଏକ ରାଷ୍ଟ୍ର ନୁହେଁ, ବରଂ କେତୋଟି ରାଜ୍ୟର ମିଶ୍ରଣ। ଏସବୁ ଶୁଣିବା ପରେ ଜଣେ ମନେକରିବ ଯେ ଜିନ୍ନାଙ୍କ ଆତ୍ମା କଂଗ୍ରେସ ଭିତରକୁ ପ୍ରବେଶ କରିଛି। ସେମାନେ କହୁଛନ୍ତି, ମଦ୍ରାସା ଓ ମୁସଲିମ୍ ୟୁନିଭର୍ସିଟି ଖୋଲାଯିବା ଉଚିତ ପଦକ୍ଷେପ। ହିଜାବ ପିନ୍ଧିବା ଯୁକ୍ତିଯୁକ୍ତ ବୋଲି ସେମାନେ ଯୁକ୍ତି ବାଢୁଛନ୍ତି। ସ୍କୁଲ କଲେଜଗୁଡ଼ିକ ପାଠପଢ଼ା ପାଇଁ ଉଦ୍ଦିଷ୍ଟ, ଫ୍ୟାଶନ ଶୋ' କରିବାକୁ ନୁହେଁ। କିଏ କ'ଣ ପିନ୍ଧିଲା ଆମର କିଛି କହିବାର ନାହିଁ। କିନ୍ତୁ ଆଜି ଶିକ୍ଷାନୁଷ୍ଠାନଗୁଡ଼ିକରେ ମୁସଲମାନ ଝିଅମାନେ ହିଜାବ ପିନ୍ଧିଲେ କାଲି ହିନ୍ଦୁମାନେ ଆଉ କେଉଁ ସ୍ୱତନ୍ତ୍ର ପୋଷାକ ପିନ୍ଧିବାକୁ ଚାହିଁବେ। ଖ୍ରୀଷ୍ଟିଆନ୍‌ମାନେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଡ୍ରେସ୍ ପିନ୍ଧିବେ। ମୁସଲମାନ ସମ୍ପ୍ରଦାୟର ଝିଅମାନଙ୍କୁ ହିଜାବ ଏଜେଣ୍ଡାରେ ଛନ୍ଦିଦେଲେ ସେମାନେ କେବେ ଡାକ୍ତର କି ଇଞ୍ଜିନିୟର ହୋଇପାରିବେ ନାହିଁ ବୋଲି କଂଗ୍ରେସ ମନେକରୁଥିବାରୁ ଏହାର ଧ୍ରୁବୀକରଣ ରାଜନୀତିକୁ ଶେଷ କରାଯିବା ଉଚିତ। ୫ ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହେବା ପରେ କଂଗ୍ରେସ ମୂଳପୋଛ ହୋଇଯିବ ବୋଲି ହିମନ୍ତ କହିଛନ୍ତି।


ୟୁପିର ରାମପୁରରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ରୋଡ୍ ଶୋ' ବେଳେ ଜନସମୁଦ୍ର। ତାଙ୍କ ସହ ସ୍ୱାର ବିଧାୟକ ତଥା ଦଳୀୟ ପ୍ରାର୍ଥୀ ଅବ୍‌ଦୁଲ୍ଲା ଆଜମ୍।

# ସରପଞ୍ଚ, ସମିତିସଭ୍ୟଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି ମନ୍ତ୍ରୀ

## ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କଲା ଭାଜପା



ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ରାଜ୍ୟ ପଞ୍ଚାୟତ ନିର୍ବାଚନ ଆଇନ ଅନୁଯାୟୀ ୱାର୍ଡ ମେମ୍ବର, ସମିତିସଭ୍ୟ ଏବଂ ସରପଞ୍ଚ ପ୍ରାର୍ଥିତ୍ୱ ଅଣରାଜନୈତିକ ହେବା ଉଚିତ। ମାତ୍ର ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୱାର୍ଡ ମେମ୍ବର, ସମିତି ସଭ୍ୟ ଏବଂ ସରପଞ୍ଚ ପଦ ପାଇଁ ଶାସକ ବିଜେଡିର ମନ୍ତ୍ରୀ ଓ ନେତାମାନେ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳର ବିକାଶ ପାଇଁ ଗଠନ ହୋଇଥିବା ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ବଡ଼ ବିପଦ ସୃଷ୍ଟି କରିଛି।

ଭାଜପା ନିର୍ବାଚନ କମିଶନଙ୍କୁ ଶୁକ୍ରବାର ଭେଟି ଅଭିଯୋଗ କରିଛି, ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଅରୁଣ ସାହୁ ଗତ ୯ ତାରିଖରେ ନିଜ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଡ଼ପଣ୍ଡୁସର ଗ୍ରାମପଞ୍ଚାୟତର ସୁନାଲଟି ଗ୍ରାମରେ ଦଳୀୟ ଆଧାରରେ ସମିତି ସଭ୍ୟ ଏବଂ ସରପଞ୍ଚ ପ୍ରାର୍ଥିନୀଙ୍କ ସପକ୍ଷରେ ଭୋଟ ପ୍ରଚାର କରୁଥିଲେ। ମନ୍ତ୍ରୀ ପଦରେ ରହି ସାହୁ ନିଜ ନିର୍ବାଚନମଣ୍ଡଳୀରେ ଭୋଟ ପ୍ରଚାର କରିବା ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ। ମନ୍ତ୍ରୀଙ୍କ ଏଭଳି ଅସାମ୍ବିଧାନିକ କାର୍ଯ୍ୟର ସମସ୍ତ ତଥ୍ୟ ଓ ପ୍ରମାଣ ଏକ ସିଡି ଜରିଆରେ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ରାଜ୍ୟରେ ଅବାଧ, ମୁକ୍ତ ଓ ନିରପେକ୍ଷ ପଞ୍ଚାୟତ ଏବଂ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ତୁରନ୍ତ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ଦାବି କରିଛି।

## ବିଜେଡି ଆକ୍ରମଣର ଶିକାର ହେଉଛନ୍ତି ଆଦିବାସୀ ନେତା

ନିଜ ଦୋଷକୁ ଅନ୍ୟ ଉପରେ ଜୋର ଜବରଦସ୍ତ ଲଦି ଦେଇ ଦାୟିତ୍ୱରୁ ଖସିଯିବାରେ ଶାସକ ବିଜେଡି ସିଦ୍ଧହସ୍ତ। ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାର ବହୁମୂଲ୍ୟ ଏଥର ଓଡ଼ିଶାବାସୀ ଶାସକ ବିଜେଡିକୁ ଦେବେ ବୋଲି ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ଆଦିବାସୀଙ୍କ କଲ୍ୟାଣ ଓ ବିକାଶ ପାଇଁ କାର୍ଯ୍ୟ କଲେ ବିରୋଧୀ ଦଳର ଆଦିବାସୀ ନେତୃବୃନ୍ଦ ବିଜେଡିର ଆକ୍ରମଣର ଶିକାର ହେଉଛନ୍ତି। ଷଡ଼ଯନ୍ତ୍ର ରଚାଯାଇ ତାଙ୍କୁ ବଦନାମ କରାଯିବାର ଅପପ୍ରୟାସ କରାଯାଉଛି। ଭାଜପାର ଆଦିବାସୀ ନେତାଙ୍କୁ ଅପମାନିତ କରାଯାଉଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କୁ ଅତୀତରେ ଅପମାନ କରାଯାଇଥିଲା। ଆଦିବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟରତ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସାଂସଦଙ୍କ ଆଞ୍ଚଳିକ ବିକାଶ ପାଣ୍ଠିର ହରିଲୁଟ୍ ସମ୍ପର୍କରେ ପଚାରିବାରୁ ତାଙ୍କୁ ମଧ୍ୟ ଷଡ଼ଯନ୍ତ୍ର କରି ଅପମାନିତ କରାଯାଉଛି ବୋଲି ଗୋଲକ କହିଛନ୍ତି।

# ୨୫% ପ୍ରାର୍ଥୀଙ୍କ ନାଁରେ ଆପରାଧିକ ମାମଲା

## ପଞ୍ଜାବ ନିର୍ବାଚନ: ମଇଦାନରେ ୫୨୧ କୋଟିପତି

ଚଣ୍ଡିଗଡ଼,୧୧।୨

ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୨୫ ପ୍ରତିଶତଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ୧୧୭ ନିର୍ବାଚନମଣ୍ଡଳୀ ମଧ୍ୟରୁ ୫୭ ଆସନ (୪୯%)ରେ ୩ କିମ୍ବା ତଦୂର୍ଦ୍ଧ୍ୱ ପ୍ରାର୍ଥୀ ସେମାନଙ୍କ ନାମରେ ଆପରାଧିକ ମାମଲା ବିଚାରାଧୀନ ଥିବା ଘୋଷଣା କରିଛନ୍ତି। ତେଣୁ ସେଗୁଡ଼ିକୁ ଅତି ସମ୍ବେଦନଶୀଳ ବା ରେଡ୍ ଆଲର୍ଟ ଆସନ ଘୋଷଣା କରାଯାଇଛି। ଏଥର ମଇଦାନକୁ ୫୨୧ କୋଟିପତି ଓହ୍ଲାଇଛନ୍ତି। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ଏଡିଆର୍ ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଟିକେଟରେ ଏସ୍‌ଏଏସ୍ ନଗରରୁ ପ୍ରାର୍ଥୀ ହୋଇଥିବା କୁଲୱନ୍ତ ସିଂ ହେଉଛନ୍ତି ସବୁଠୁ ଧନୀ, ଯାହାଙ୍କର ୨୩୮ କୋଟି ଟଙ୍କାର ସମ୍ପତ୍ତି ଅଛି। ଜଲାଲାବାଦ ଆସନରୁ ଲଢୁଥିବା ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ମୁଖ୍ୟ ସୁଖବୀର ସିଂ ବାଦଲ ୨୦୨ କୋଟି ଟଙ୍କା ସମ୍ପତ୍ତିର ଅଧିକାରୀ ବୋଲି ନିଜ ସତ୍ୟପାଠରେ ଦର୍ଶାଇଛନ୍ତି। ଗତ ବିଧାନସଭା ନିର୍ବାଚନରେ ପ୍ରାର୍ଥୀମାନଙ୍କ ହାରାହାରି ସମ୍ପତ୍ତିର ମୂଲ୍ୟ ୩.୪୯ କୋଟି ଥିବାବେଳେ ଏଥର ୪.୩୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅନ୍ୟପକ୍ଷେ ୫ ପ୍ରାର୍ଥୀ ସେମାନଙ୍କର କୌଣସି ସମ୍ପତ୍ତି ନ ଥିବା ଦର୍ଶାଇଛନ୍ତି।

ମୋଟ ୧,୩୦୪ ପ୍ରାର୍ଥୀଙ୍କ ମଧ୍ୟରୁ ୧,୨୭୬ ଜଣଙ୍କ ସତ୍ୟପାଠକୁ ଏଡିଆର୍ ବିଶ୍ଳେଷଣ କରିଥିଲା। ସେମାନଙ୍କ ମଧ୍ୟରୁ ୨୫% ଅର୍ଥାତ୍ ୩୧୫ ଜଣ ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ୨୧୮ ଜଣ(୧୭%) ନିଜ ବିରୋଧରେ ସଙ୍ଗିନ ମାମଲା ବିଚାରାଧୀନ ଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ୨୨୮ ପ୍ରାର୍ଥୀ ଜାତୀୟ ଦଳର ହୋଇଥିବାବେଳେ ୨୫୬ ଆଞ୍ଚଳିକ ଓ ୩୪୫ ଜଣ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ଦଳର ପ୍ରାର୍ଥୀ। ଏହାବାଦ୍ ୪୪୭ ଜଣ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି। ଅନ୍ୟ ୨୮ ଜଣଙ୍କ ସତ୍ୟପାଠ ସମ୍ପୂର୍ଣ୍ଣ ନ ଥିବା କିମ୍ବା ସେଗୁଡ଼ିକୁ ଠିକ୍ ଭାବେ ସ୍କାନ୍ କରାଯାଇ ନ ଥିବାରୁ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇ ନାହିଁ।

# ସରପଞ୍ଚ ପ୍ରାର୍ଥୀଙ୍କୁ ପରୀକ୍ଷା କରାଇଲେ ଭୋଟର

କୁତ୍ରା, ୧୧।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ପ୍ରଚାର ଜମୁଥିବାବେଳେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ମାଲୁପଡ଼ାଠାରେ ଏକ ନୂଆ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ସମସ୍ତ ଭୋଟର ଏକଜୁଟ ହୋଇ କୁତ୍ରା ପଞ୍ଚାୟତ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କୁ ପରୀକ୍ଷା କରାଇଛନ୍ତି। ଗୁରୁବାର ସନ୍ଧ୍ୟାରେ ମାଲୁପଡ଼ା ଗ୍ରାମବାସୀ ନିଜ ଗ୍ରାମକୁ ୯ ସରପଞ୍ଚ ପ୍ରାର୍ଥୀଙ୍କୁ ଡ଼କାଇଥିଲେ। ସେଥିମଧ୍ୟରୁ ୮ଜଣ ଯାଇଥିଲେ। ଗ୍ରାମପଞ୍ଚାୟତ ତଥା ଗ୍ରାମର ଉନ୍ନତି ସକାଶେ ନିଆରା ଢଙ୍ଗରେ ୭ଟି ପ୍ରଶ୍ନ ଦେଇ ପରୀକ୍ଷା କରିଥିଲେ। ଏଥିରେ ଯେଉଁ ପ୍ରାର୍ଥୀ ଉତ୍ତୀର୍ଣ୍ଣ ହେବେ ତାଙ୍କୁ ଭୋଟ ଦେବୁ ବୋଲି କହିଥିଲେ। ଭୋଟରମାନଙ୍କର ପ୍ରଥମ ପ୍ରଶ୍ନ ହେଲା ଆପଣ ସରପଞ୍ଚ ପ୍ରାର୍ଥୀ ହେବାର ୫ଟି ଉଦ୍ଦେଶ୍ୟ କଣ। ଦ୍ୱିତୀୟ ପ୍ରଶ୍ନ ଆପଣ ସରପଞ୍ଚ ଭାବେ ନିର୍ବାଚିତ ହେଲେ ଆଗାମୀ ୫ ବର୍ଷ ପାଇଁ କଣ ଲକ୍ଷ୍ୟ ରହିବ। ତୃତୀୟ ପ୍ରଶ୍ନ ଯଦି ଆପଣ ଲୋକଙ୍କ ସେବା କରିବା ପାଇଁ ଆସିଛନ୍ତି, ତାହେଲେ ପୂର୍ବରୁ କରିଥିବା ୫ଟି ନିଃସ୍ୱାର୍ଥ ସେବା କଣ। ଚତୁର୍ଥ ପ୍ରଶ୍ନ ଏବେ ଯେମିତି ଘର ଘର ବୁଲି ଭୋଟ ମାଗୁଛନ୍ତି ସେହିଭଳି ନିର୍ବାଚିତ ହେବା ପରେ ଘର ଘର ବୁଲି ଲୋକଙ୍କ ସମସ୍ୟା ସମାଧାନ କରିବେ କି? ପଞ୍ଚମ ପ୍ରଶ୍ନ ଆପଣଙ୍କ ସ୍ୱପ୍ନର ଗ୍ରାମ ପଞ୍ଚାୟତ କିଭଳି ହେବା ଆବଶ୍ୟକ। ଷଷ୍ଠ ପ୍ରଶ୍ନ ହେଲା ଆପଣଙ୍କ ଗ୍ରାମ ପଞ୍ଚାୟତରେ କେତୋଟି ଗ୍ରାମ, କେତୋଟି ୱାର୍ଡ ଓ କେତେ ଜନସଂଖ୍ୟା ଅଛନ୍ତି। ସପ୍ତମ ପ୍ରଶ୍ନ ପୂର୍ବରୁ ଥିବା ସରପଞ୍ଚଙ୍କ ବିଷୟରେ ବର୍ଣ୍ଣନା। ତେବେ ଏଥିରେ ୩ଜଣ ଉତ୍ତୀର୍ଣ୍ଣ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ବିଞ୍ଝାରପୁର ବିଧାୟିକାଙ୍କୁ ଜବାବ ତଲବ

## ଭୋଟରଙ୍କ ଉପରେ ଚାପ ଭିଡିଓ ଭାଇରାଲ ଘଟଣା

ଯାଜପୁର ଅଫିସ,୧୧।୨


COLLECTORATE,JAJPUR
Ph No. 06728-222592(O). Fax - 222087
E-mail Id. dm-jajpur@nic.in web site. www.jajpur.nic.in
(Gram Panchayat Section)

No 594 /dated 11/2/22

To
The B.D.O.-cum-Election Officer, Binjharpur

Sub: Service of show cause notice to Smt. Pramila Mallik, M.L.A., Binjharpur for violation of Model Code of Conduct

Madam,

In enclosing here with the show cause notice No.593/dated 11.2.2022 in triplicate with instruction to serve on the person concerned & return a copy with her dated signature to this Office. The third copy is to be retained your Office for future reference.

Yours faithfully,
COLLECTOR,JAJPUR

Memo No. 595 /dated 11/2/22
Copy along with its enclosures forwarded to Secretary, SEC, Odisha for information.

COLLECTOR,JAJPUR

ଯାଜପୁର ଜିଲାପାଳଙ୍କ ନିକଟରୁ ପଠାଯାଇଥିବା ନୋଟିସ।


ବିଧାୟିକା ପ୍ରମିଳା ମଲ୍ଲିକ

ଚଳିତ ପଞ୍ଚାୟତ ନିର୍ବାଚନରେ ଯାଜପୁର ଜିଲାରେ ବିଜେଡି ପୂର୍ବର ସଫଳତା ଦୋହରାଇବାକୁ ଉଦ୍ୟମ କରୁଥିବାବେଳେ ଭାଜପା କଡ଼ା ଟକ୍କର ଦେଉଛି। ଏଭଳିସ୍ଥଳେ ବିଞ୍ଝାରପୁର ବ୍ଲକରେ ବିଜେଡି କର୍ମୀଙ୍କ ବିଦ୍ରୋହ ଦଳୀୟ ନେତାଙ୍କୁ ଚିନ୍ତିତ କରିଛି। ଇତିମଧ୍ୟରେ ବ୍ଲକର ୬ ଜଣ ଆଗଧାଡ଼ିର ବିଜେଡି କର୍ମୀଙ୍କୁ ନିଲମ୍ବନ କରାଯାଇଛି। ତଥାପି ଦଳୀୟ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ଏବଂ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ବିଜୟ ନେଇ ଦଳ ଆଶଙ୍କାରେ ରହିଛି। ଏହିକ୍ରମରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଅଲକୁଣ୍ଡ ପଞ୍ଚାୟତ ଅଞ୍ଚଳରେ ଏକ ନିର୍ବାଚନୀ ବୈଠକରେ ଆପଣ ଯଦି ଆଉ କାହାକୁ ଭୋଟ ଦେବେ କିଏ କ'ଣ ନେଇଗଲା, ଇନ୍ଦିରା ଆବାସ ନ ହେଲା, ଗୁହାଳ ନ ହେଲା, ରାସ୍ତା ନ ହେଲା, ଚାଉଳ ନ ହେଲା, ସେହି କଥା ମୋତେ ଆଉ କହିବେ ନାହିଁ ବୋଲି ଭୋଟରଙ୍କୁ ଚାପ ପକାଉଥିବା ଏକ ଭିଡିଓ ଭାଇରାଲ ହୋଇଛି। ଏହାକୁ ଭିତ୍ତିକରି ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ତାଙ୍କ ପତ୍ରସଂଖ୍ୟା ୫୯୪/୧୧।୨।୨୦୨୨ରେ ବିଧାୟିକା ମଲ୍ଲିକଙ୍କୁ ବିଡିଓଙ୍କ ଜରିଆରେ ଜବାବ ତଲବ ନୋଟିସ ଜାରି କରିଛନ୍ତି। ଏହି ନୋଟିସର ଏକ ଅବିକଳ ନକଲରେ ବିଧାୟିକା ମଲ୍ଲିକଙ୍କ ସ୍ୱାକ୍ଷର ଓ ତାରିଖ ଆଣିବାକୁ ନିର୍ଦ୍ଦେଶ ପତ୍ରରେ ଦର୍ଶାଯାଇଛି। ଏହି ଘଟଣା ସାରା ଜିଲାରେ ଚହଳ ପକାଇଛି। ଏହାପୂର୍ବରୁ କୋରେଇ ବ୍ଲକରେ ଭୋଟ ନ ଦେଲେ ରାଶନ କାର୍ଡ କାଟି ଦିଆଯିବ ଓ ସମର୍ଥନ ନ ଦେବାରୁ ଧାନ କ୍ରୟ ବନ୍ଦ କରିଥିବା ଭଳି ସମ୍ବେଦନଶୀଳ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ ଯେ, ବିଞ୍ଝାରପୁର ବ୍ଲକର ୨୭ ନମ୍ବର ଜୋନ୍‌ରେ ବିଜେଡିରୁ ସୁନିତା ନାଏକ, ଭାଜପାରୁ ନିର୍ଝରିଣୀ ନାୟକ, କଂଗ୍ରେସରୁ ରେଖା ମଲିକ ଓ ସ୍ୱାଧୀନ ଭାବେ ମାଧବୀ ଲତା ମଲିକ ନିର୍ବାଚନ ଲଢୁଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ଏଠାରେ ବିଜେଡି ୫୭.୪୦%, ଭାଜପା ୧୧.୮୩% ଓ କଂଗ୍ରେସ ୨୭.୯୯% ଭୋଟ ପାଇଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଞ୍ଝାରପୁରବାସୀ ଭାଜପା ଆଡ଼କୁ ଢଳୁଥିବା ଆଭାସ ଦେଇଥିଲେ। ଏହି ପଞ୍ଚାୟତ ନିର୍ବାଚନରେ ବିଜେଡି ୪୯.୭୬%, ଭାଜପା ୪୨.୬୦% ଓ କଂଗ୍ରେସ ୯.୯୮% ଭୋଟ ପାଇଥିଲା। ୨୭ ନମ୍ବର ଜୋନ୍‌ରେ ଭାଜପାରୁ ଶ୍ରବଣ ଜେନା ବିଜୟୀ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ବିଜେଡି ସହ ଭାଜପା କଡ଼ା ଟକ୍କର ଦେଇଥିଲା। ବିଜେଡି ୫୫.୧୮%, ଭାଜପା ୪୦.୩୭% ଓ କଂଗ୍ରେସକୁ ମାତ୍ର ୨.୭୯% ଭୋଟ ମିଳିଥିଲା। ଏହି ଭୋଟହାରକୁ ଅବଲୋକନ କଲେ ବିଜେଡି ଚିନ୍ତିତ ହେବା ସ୍ୱାଭାବିକ। ତେଣୁ କଳେବଳେ କୌଶଳେ ଭୋଟ ଅକ୍ତିଆର କରିବାକୁ ଯୋଜନା ହେଉଥିବା ଆଲୋଚନା ହେଉଛି। ତେବେ ସରକାରୀ ଯୋଜନାକୁ ଆଳ କରି ଚେତାବନୀ ସମ୍ପର୍କରେ ବିଧାୟିକା ମଲ୍ଲିକ କହିଛନ୍ତି, ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛି, ଲୋକମାନଙ୍କୁ ତାଙ୍କ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଛି, ଏଥିରେ ଅସୁବିଧା କ'ଣ ହେଲା ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି।
































ନାଇସ୍ କାର୍ନିଭାଲ ପାଇଁ ଏକ ୱେରହାଉସ୍‌ରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ବ୍ୟଙ୍ଗାତ୍ମକ ଚେହେରା ପ୍ରସ୍ତୁତ କରିଛନ୍ତି ଜଣେ ଆର୍ଟିଷ୍ଟ।

# ନାଇସ୍ କାର୍ନିଭାଲରେ ବିପୁଳ ଉତ୍ସାହ

ନାଇସ୍,୧୧।୨

କରୋନା ମହାମାରୀଜନିତ ଶଟ୍‌ଡାଉନ୍‌ର ଦୁଇବର୍ଷ ପରେ ଫ୍ରାନ୍ସର ନାଇସ୍ ସହରରେ ପୁଣି ଆରମ୍ଭ ହୋଇଛି କାର୍ନିଭାଲ। କଳାକାର, ଫ୍ଲୋରିଷ୍ଟ, ଅଭିନେତା, ଟେକ୍ନିସିଆନ୍ ଓ ଡ୍ରାଇଭରମାନେ ସେମାନଙ୍କ କଷ୍ଟ୍ୟୁମ୍ସ, ଆକର୍ଷଣୀୟ ଫୁଲ ସଜ୍ଜା ଓ ବିଶାଳକାୟ ଭେଳାଗୁଡ଼ିକ ଉପରେ ଶେଷସ୍ପର୍ଶ ଦେଉଛନ୍ତି। କାର୍ନିଭାଲ ୧୪୯ତମ ସଂସ୍କରଣର ବିଷୟବସ୍ତୁ ରହିଛି 'କିଙ୍ଗ୍ ଅଫ୍ ଆନିମଲ୍ସ'। ଏଥର ସାମାଜିକ ଦୂରତ୍ୱକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ପର୍ବରେ ଲୋକେ ପାରମ୍ପରିକ ଭାବେ ଦର୍ଶକଙ୍କୁ ଫୁଲ ଫିଙ୍ଗିଥାଆନ୍ତି। କିନ୍ତୁ ଏଥର ସେମାନଙ୍କୁ ହାତରେ ଧରାଇଦେବାକୁ ନିଷ୍ପତ୍ତି ହୋଇଛି। ସାଧାରଣ ଜନତାଙ୍କ ସହ ପୁନଃ ଯୋଗସୂତ୍ର ସ୍ଥାପନର ଆଗ୍ରହକୁ ପରିପ୍ରକାଶ କରିବା ନିମନ୍ତେ ଏପରି କରାଯାଉଥିବା ଫ୍ଲୋରିଷ୍ଟ ଆସୋସିଏଶନ ନିର୍ଦ୍ଦେଶକ ନିକୋଲେ ବ୍ରାଭି ସୂଚନା ଦେଇଛନ୍ତି।

# ଲଦାଖ ଲୋକଙ୍କୁ ଅଟକାଇଲା ପିଏଲ୍‌ଏ

ନୂଆଦିଲ୍ଲୀ,୧୧।୨(ଆଇଏଏନ୍‌ଏସ୍)



ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟମାନେ ଗତ ମାସରେ ଲଦାଖକୁ ଅନୁପ୍ରବେଶ କରି ସ୍ଥାନୀୟ ଲୋକଙ୍କୁ ଗୋରୁ ଚରାଇବାକୁ ଛାଡ଼ି ନ ଥିଲେ। ଏନେଇ ନ୍ୟୋମା ଅଞ୍ଚଳର ପୂର୍ବତନ ଭାଜପା କାଉନସିଲର ଉର୍ଗାଇନ୍ ଚୋଡନ୍ ଶୁକ୍ରବାର ଏହି ସୂଚନା ଦେବା ସହ ସୋସିଆଲ ମିଡିଆରେ ଏକ ଭିଡିଓ ଛାଡ଼ିଛନ୍ତି। ଗୋରୁପଲ ପଛରେ ଚାଇନା ସୈନ୍ୟ ଧାଉଁଥିବା ଭିଡିଓରେ ଦେଖାଯାଇଛି। ଚୋଡନ୍ କରିଥିବା ଟୁଇଟ୍ ଅନୁଯାୟୀ ଜାନୁୟାରୀରେ ପିଏଲ୍‌ଏ ସୈନ୍ୟ ଭାରତୀୟ ଅଞ୍ଚଳରେ ପ୍ରବେଶ କରି ଆମ ଗୋରୁଙ୍କୁ ଆମ ଅଞ୍ଚଳରେ ଚରିବାକୁ ଦେଇ ନ ଥିଲେ ବୋଲି କହିଛନ୍ତି। ତେବେ ଭାରତୀୟ ସୈନ୍ୟଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏପରିକି ଜଣେ ଗୋପାଳକ ନିଜ ଚମରି ଗାଈ ଆଣିବା ପାଇଁ ଚାଇନା ପାର୍ଶ୍ୱକୁ ଯାଇ ଫେରୁଥିବାବେଳେ ଭାରତୀୟ ଯବାନ ତାଙ୍କୁ ଅଟକାଇ ଥାନାକୁ ପଠାଇଦେଇଥିଲେ ବୋଲି ଚୋଡନ୍ ଅଭିଯୋଗ କରିଛନ୍ତି। ଗତ ୨୨ ମାସ ହେଲା ଭାରତ ଓ ଚାଇନ ମଧ୍ୟରେ ସୀମା ବିବାଦ ଜାରି ରହିଛି। ଇତିମଧ୍ୟରେ ଉଭୟ ଦେଶର ସାମରିକ ପ୍ରତିନିଧିମାନଙ୍କ ମଧ୍ୟରେ ୧୪ ପର୍ଯ୍ୟାୟ ଆଲୋଚନା ସରିଲାଣି। ସୀମାନ୍ତ ସ୍ଥିତିରେ ଏକପାଖିଆ ପରିବର୍ତ୍ତନ ଉଦ୍ୟମକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ଗତମାସରେ ଭାରତର ସେନାଧ୍ୟକ୍ଷ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ କହିଥିଲେ।

## ସଂକ୍ଷେପରେ

### ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶେଷ

**ମାର୍ଚ୍ଚ ୧୪ରେ ପରବର୍ତ୍ତୀ ପର୍ଯ୍ୟାୟ**

**ନୂଆଦିଲ୍ଲୀ,୧୧।୨(ପି.ଟି.):** ସାଧାରଣ ବଜେଟ ଓ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ପରେ ପାର୍ଲାମେଣ୍ଟ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଜାନୁୟାରୀ ୩୧ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଭିଭାଷଣ ସହ ଅଧିବେଶନ ଆରମ୍ଭ ହୋଇଥିଲା ଏବଂ ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୨-୨୩ ବର୍ଷ ଲାଗି ବଜେଟ ଉପସ୍ଥାପନ କରିଥିଲେ। ବଜେଟ ପ୍ରସ୍ତାବ ଉପରେ ଅଧ୍ୟୟନ ଲାଗି ତିନି ସପ୍ତାହ ବିରତି ପରେ ମାର୍ଚ୍ଚ ୧୪ରୁ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ଏପ୍ରିଲ ୮ରେ ଶେଷ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ଅନୁଦାନ ଦାବି, ବିନିଯୋଗ ବିଧେୟକ, ଅର୍ଥ ବିଧେୟକ ସମେତ ଅନ୍ୟାନ୍ୟ ବିଲ୍ ଅଣାଯିବ। କୋଭିଡ୍-୧୯ ଚ୍ୟାଲେଞ୍ଜ ସତ୍ତ୍ୱେ ସଦସ୍ୟମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ, ଯେଉଁଥିପାଇଁ ଲୋକ ସଭା ୧୨୧ ପ୍ରତିଶତ ସଫଳ ହୋଇଥିବା ଓମ୍ ବିର୍ଲା କହିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ପାଇଁ ୧୨ ଘଣ୍ଟା ପରିବର୍ତ୍ତେ ୧୫ ଘଣ୍ଟା ୧୩ ମିନିଟ ସମୟ ଦିଆଯାଇଥିଲା। ଏଥରେ ୬୦ ସଦସ୍ୟ ଆଲୋଚନାରେ ଭାଗନେବା ସହ ଅନ୍ୟ ୬୦ ଜଣ ଲିଖିତ ବକ୍ତବ୍ୟ ଦାଖଲ କରିଥିଲେ। ତେବେ ପ୍ରଥମ ପର୍ଯ୍ୟାୟ ଅଧିବେଶନର ଶେଷ ଦିନରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମନ୍ତବ୍ୟକୁ ବିରୋଧ କରି କଂଗ୍ରେସ, ଟିଏମ୍‌ସି, ନ୍ୟାଶନାଲ କନ୍‌ଫରେନ୍ସ ଆଦି ଦଳ କକ୍ଷତ୍ୟାଗ କରିଥିଲେ। ସୂଚନାଯୋଗ୍ୟ, ଭାଜପା ୟୁପିରେ କ୍ଷମତାକୁ ନ ଆସିଲେ, ଏହା କଶ୍ମୀର, କେରଳ କିମ୍ବା ପଶ୍ଚିମବଙ୍ଗରେ ପରିଣତ ହୋଇପାରେ ବୋଲି ଯୋଗୀ ଏକ ସଭାରେ କହିଥିଲେ। ଏହାର ପ୍ରତିବାଦରେ କେରଳ କଂଗ୍ରେସର ସଦସ୍ୟମାନେ ମୁଲତବୀ ପ୍ରସ୍ତାବ ଆଣିଥିଲେ। ସେହିପରି ରାଜ୍ୟ ସଭାରେ ଧାର୍ଯ୍ୟ ସମୟଠାରୁ ଅଧଘଣ୍ଟା ଅଧିକ କାର୍ଯ୍ୟ ହୋଇଛି। ଅଧିବେଶନ ସମୟରେ ବାଧବାଧକତାରେ ମୁଲତବୀ ହୋଇ ନ ଥିବା ଉପାଧ୍ୟକ୍ଷ ହରିବଂଶ କହିଛନ୍ତି। ଉଚ୍ଚ ସଦନରେ ବିଶୃଙ୍ଖଳା ବିହୀନ କାର୍ଯ୍ୟଧାରା ପାଇଁ ହରିବଂଶ ଆନନ୍ଦ ବ୍ୟକ୍ତ କରିଥିଲେ।

### ସମାନ ଆଚାର ସଂହିତା ସମୟର ଆବଶ୍ୟକତା: ଗିରିରାଜ

**ନୂଆଦିଲ୍ଲୀ,୧୧।୨(ପି.ଟି.):** ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବାକୁ ନେଇ ବିବାଦ ଦେଖାଦେଇଥିବାବେଳେ ସମାନ ଆଚାର ସଂହିତ ସମୟର ଆବଶ୍ୟକତା ବୋଲି ଶୁକ୍ରବାର ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି। ଏହି ପ୍ରସଙ୍ଗରେ ପାର୍ଲାମେଣ୍ଟର ଉଭୟ ଗୃହ ଏବଂ ସମାଜରେ ଆଲୋଚନା ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। କର୍ନାଟକର ଉଡୁପି ଜିଲାରେ ଥିବା ଏକ ସରକାରୀ ପ୍ରି-ୟୁନିଭର୍ସିଟି କଲେଜରେ ଡିସେମ୍ବର ମାସରେ କେତେଜଣ ଛାତ୍ରୀ ହିଜାବ ପିନ୍ଧି କଲେଜ ଆସିବାରୁ ସେମାନଙ୍କୁ କ୍ୟାମ୍ପସ୍‌ରୁ ବାହାର କରିଦିଆଯାଇଥିଲା। ଏହାକୁ ନେଇ ବିବାଦ ଦେଖାଯିବା ସହ ଏହା ରାଜ୍ୟର ବିଭିନ୍ନ ଭାଗକୁ ବ୍ୟାପିଥିଲା। ଏନେଇ ଗିରିରାଜ କହିଛନ୍ତି, ଦେଶରେ ଅସ୍ଥିରତା ସୃଷ୍ଟି ଲାଗି ହିଜାବ ବିବାଦ ଏକ ପ୍ରବୃତ୍ତି। କେତେଜଣ ଭୋଟ ସୌଦାଗର ରାଜନୈତିକ ଫାଇଦା ପାଇଁ ସ୍କୁଲ୍‌ରେ ହିଜାବ ପିନ୍ଧିବାକୁ ସମର୍ଥନ କରୁଛନ୍ତି। ସେମାନେ ଭୋଟ ପାଇଁ ଝିଅମାନଙ୍କ ଜୀବନ ସହ ଖେଳୁଛନ୍ତି।

# ମୁକ୍ତ ଇଣ୍ଡୋ-ପାସିଫିକ୍ ପାଇଁ ସଂକଳ୍ପ

ମେଲବୋର୍ନ,୧୧।୨


ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର

ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନକୁ ନେଇ ଗଠିତ କ୍ୱାଡ୍ ରାଷ୍ଟ୍ରଗୋଷ୍ଠୀର ବହିର୍ବ୍ୟାପାର ମନ୍ତ୍ରୀମାନେ ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଲାଗି ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ମିଳିତ ଲକ୍ଷ୍ୟ ହାସଲ ଦିଗରେ ଏକତ୍ର କାର୍ଯ୍ୟ କରିବା ଏବଂ ଆତଙ୍କବାଦ ବିରୋଧରେ ସମ୍ମିଳିତ କାର୍ଯ୍ୟାନୁଷ୍ଠାନ ଲାଗି ସଂକଳ୍ପ ନେଇଛନ୍ତି। ଅଷ୍ଟ୍ରେଲିଆର ମେଲବୋର୍ନରେ ଅନୁଷ୍ଠିତ ଏହି ବୈଠକରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନିଓ ବ୍ଲିଙ୍କେନ୍, ଜାପାନ ବହିର୍ବ୍ୟାପାର ମନ୍ତ୍ରୀ ୟୋଶିମାସା ହାୟାଶି ଏବଂ ଅଷ୍ଟ୍ରେଲିଆ ପ୍ରତିପକ୍ଷ ମାରିସ୍ ପାଏନ୍ ଯୋଗଦେଇଥିଲେ। ଉଦାରତା, ଜାତୀୟ ସାର୍ବଭୌମତ୍ୱର ସୁରକ୍ଷା ଏବଂ ନିୟମର ପାଳନ ତଥା ନିରପେକ୍ଷ କାର୍ଯ୍ୟାନୁଷ୍ଠାନ ନୀତିକୁ ସମର୍ଥନ ଜାରି ରହିବ ବୋଲି କ୍ୱାଡ୍ ବିଦେଶ ମନ୍ତ୍ରୀମାନେ ପୁନର୍ବାର ସୁନିଶ୍ଚିତ କରିଥିବା ବୈଠକ ଶେଷରେ ଗଣମାଧ୍ୟମକୁ ମିଳିତ ବିବୃତି ଦେଇ ପାଏନ୍ କହିଛନ୍ତି। ଏହା

**କ୍ୱାଡ୍ ରାଷ୍ଟ୍ର ବହିର୍ବ୍ୟାପାର ମନ୍ତ୍ରୀଙ୍କ ବୈଠକ**

ଚାଇନାକୁ ଏକ ବାର୍ତ୍ତା ଭଳି ପ୍ରତୀୟମାନ ହେଉଛି। ସାରା ବିଶ୍ୱର ଭଲ ପାଇଁ ଏବଂ ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ କରିବା ଦିଗରେ କ୍ୱାଡ୍ ଏକ ଶକ୍ତି ଭାବେ କାର୍ଯ୍ୟ କରୁଥିବା ବହିର୍ବ୍ୟାପାର ମନ୍ତ୍ରୀ ଜୟଶଙ୍କର କହିଛନ୍ତି। ମୁକ୍ତ, ଅବାଧ ଓ ସମାବେଶୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଲାଗି ଆମର ମିଳିତ ସ୍ୱପ୍ନକୁ ବଢ଼ାଇବା ନିମନ୍ତେ ଏଜେଣ୍ଡା ପ୍ରସ୍ତୁତ ହୋଇଛି। ଉକ୍ତ ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ଆର୍ଥିକ ସମୃଦ୍ଧିଦିଗରେ ଏକାଠି କାର୍ଯ୍ୟ କରିବା ଲାଗି କ୍ୱାଡ୍ ସଦସ୍ୟ ରାଷ୍ଟ୍ରମାନେ ଆଗ୍ରହୀ ଥିବା ଜୟଶଙ୍କର ସୂଚନା ଦେଇଛନ୍ତି।

ବୈଠକରେ କୋଭିଡ୍ ମହାମାରୀର ମୁକାବିଲା ପାଇଁ କ୍ୱାଡ୍ ରାଷ୍ଟ୍ରଗୁଡ଼ିକର ଉଦ୍ୟମ ଉପରେ ସମୀକ୍ଷା ହୋଇଥିଲା। ନିରାପଦ ଓ ସୁଲଭ ମୂଲ୍ୟରେ ଟିକା ଯୋଗାଣକୁ ତ୍ୱରାନ୍ୱିତ କରାଇବା, ସାମର୍ଥ୍ୟ ବୃଦ୍ଧିରେ ସହଯୋଗ ଏବଂ ଭିତ୍ତିଭୂମି ବିକାଶ ପାଇଁ ବହିର୍ବ୍ୟାପାର ମନ୍ତ୍ରୀମାନେ ସହମତ ହୋଇଥିଲେ। ଆଲୋଚନା ପୂର୍ବରୁ ବହିର୍ବ୍ୟାପାର ମନ୍ତ୍ରୀମାନେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍‌ଙ୍କୁ ଭେଟିଥିଲେ। ଶନିବାର ଜୟଶଙ୍କର ଏବଂ ପାଏନ୍‌ଙ୍କ ମିଳିତ ଅଧ୍ୟକ୍ଷତାରେ ଦ୍ୱାଦଶ ଭାରତ-ଅଷ୍ଟ୍ରେଲିଆ ବହିର୍ବ୍ୟାପାର ମନ୍ତ୍ରୀସ୍ତରୀୟ ଆଲୋଚନା ଅନୁଷ୍ଠିତ ହେବ।

# ଚନ୍ଦ୍ରଶେଖରନ୍ ଟାଟା ସନ୍ସ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପୁନଃ ନିଯୁକ୍ତ



ନୂଆଦିଲ୍ଲୀ,୧୧।୨(ପି.ଟି.)

ଏନ୍. ଚନ୍ଦ୍ରଶେଖରନ୍‌ଙ୍କୁ ଟାଟା ସନ୍ସ ଏହାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ଆଉ ୫ ବର୍ଷ ଲାଗି ପୁନଃ ନିଯୁକ୍ତ କରିଛି। ବୋର୍ଡ ସଦସ୍ୟମାନେ ଚନ୍ଦ୍ରଶେଖରନ୍‌ଙ୍କ ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିବା ସହ ପରବର୍ତ୍ତୀ ୫ ବର୍ଷ ଲାଗି ତାଙ୍କର ପୁନଃ ନିଯୁକ୍ତିକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରିଥିଲେ ବୋଲି ଟାଟା ସନ୍ସ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ବୈଠକରେ ସ୍ୱତନ୍ତ୍ର ନିମନ୍ତ୍ରିତ ଭାବେ ଯୋଗଦେଇଥିବା ରତନ ଟାଟା କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଚନ୍ଦ୍ରଶେଖରନ୍‌ଙ୍କ ନେତୃତ୍ୱରେ ଟାଟା ଗ୍ରୁପ୍‌ର ପ୍ରଗତି ଓ ପ୍ରଦର୍ଶନକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ତାଙ୍କର ପୁନଃ ନିଯୁକ୍ତି ପାଇଁ ସୁପାରିସ କରିଥିଲେ। ଗତ ୫ ବର୍ଷ ହେଲା ଟାଟା ଗ୍ରୁପ୍‌ର ନେତୃତ୍ୱ ନେବାର ସୌଭାଗ୍ୟ ପାଇଥିଲି। ଏବେ ପୁଣି ୫ ବର୍ଷ ପାଇଁ ନେତୃତ୍ୱ ନେବାର ସୁଯୋଗ ପାଇଥିବାରୁ ବହୁତ ଖୁସି ବୋଲି ଚନ୍ଦ୍ରଶେଖରନ୍ କହିଛନ୍ତି। ୨୦୧୬ ଅକ୍ଟୋବରରେ ଚନ୍ଦ୍ରଶେଖରନ୍ ଟାଟା ସନ୍ସ ବୋର୍ଡରେ ଯୋଗଦେଇଥିଲେ ଏବଂ ୨୦୧୭ ଜାନୁୟାରୀରେ ଏହାର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୧ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ଟାଟା ସନ୍ସର ମୋଟ ରାଜସ୍ୱ ପରିମାଣ ୧୦୩ ବିଲିୟନ ଡଲାର (୭.୭ ଲକ୍ଷ କୋଟି ଟଙ୍କା)।

# ବିଶାଖାପାଟଣା ହୋଇପାରେ ଆନ୍ଧ୍ର ରାଜଧାନୀ

ନୂଆଦିଲ୍ଲୀ,୧୧।୨(ପି.ଟି.)


ୱାଇ.ଏସ୍. ଜଗନମୋହନ ରେଡ୍ଡୀ

ତେଲୁଗୁ ନୂଆବର୍ଷ ଉଗାଡ଼ି ସମୟରେ କିମ୍ବା ଏହା ପରେ ଆନ୍ଧ୍ରପ୍ରଦେଶ ରାଜଧାନୀ ଅମରାବତୀରୁ ବିଶାଖାପାଟଣା ସ୍ଥାନାନ୍ତର ହୋଇପାରେ। ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ରାଜଧାନୀ ସ୍ଥାନାନ୍ତର ପାଇଁ ଏକ ପ୍ରକାର ମନ ସ୍ଥିର କରିଥିବା ଜଣାପଡ଼ିଛି। ସେ ୩ ରାଜଧାନୀ ପରିବର୍ତ୍ତେ ବିଶାଖାପାଟଣାରେ ଗୋଟିଏ ରାଜଧାନୀ ପାଇଁ ଦାବି କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ କୁହାଯାଇଛି। ନିକଟରେ ତେଲୁଗୁ ଚଳଚ୍ଚିତ୍ର ଶିଳ୍ପର ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ଜଗନ ଏଭଳି ସୂଚନା ଦେଇଥିଲେ। ଏପ୍ରିଲ ୨ରେ ଉଗାଡ଼ି ପଡୁଥିବାବେଳେ ସେହିଦିନ ରାଜଧାନୀ ସ୍ଥାନାନ୍ତର ପାଇଁ ଯୋଜନା ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶର ଏକମାତ୍ର ସହର ବିଶାଖାପାଟଣା ହିଁ ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦ ଏବଂ ତାମିଲନାଡୁ ରାଜଧାନୀ ଚେନ୍ନାଇ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବ ବୋଲି ପୂର୍ବରୁ ଜଗନ କହିଥିଲେ।

# ଦଳିତ ଯୁବତୀଙ୍କୁ ବଳାତ୍କାର, ହତ୍ୟା କରାଯାଇଥିଲା

ଉନ୍ନାଓ,୧୧।୨

ଉତ୍ତରପ୍ରଦେଶର ଉନ୍ନାଓ ଜିଲାରେ ୨୨ ବର୍ଷୀୟା ଦଳିତ ଯୁବତୀ ନିଖୋଜ ହେବାର ୨ ମାସ ପରେ ତାଙ୍କ ଗଳିତ ମୃତଦେହ ଏକ ଆଶ୍ରମ ନିକଟବର୍ତ୍ତୀ ଜମିରୁ ମିଳିଛି। ମୃତଦେହକୁ ଉକ୍ତ ଜମିରେ ପୋତାଯାଇଥିଲା। ଆଶ୍ରମଟି ସମାଜବାଦୀ ପାର୍ଟି ସରକାରରେ ମନ୍ତ୍ରୀ ଥିବା ଫତେହ ବାହାଦୁର ସିଂଙ୍କର। ତାଙ୍କ ପୁଅ ରାଜୋଲ ସିଂ ମାମଲାର ମୁଖ୍ୟ ଅଭିଯୁକ୍ତ ଅଛନ୍ତି। ଯୁବତୀଙ୍କୁ ହତ୍ୟା କରାଯିବା ପୂର୍ବରୁ ବଳାତ୍କାର କରାଯାଇଥିବା ତାଙ୍କ ମାଆ ସନ୍ଦେହ ପ୍ରକଟ କରିବା ସହ ଅପରାଧୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିପାଇଁ ସେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ

**ପୂର୍ବତନ ମନ୍ତ୍ରୀଙ୍କ ଆଶ୍ରମ ନିକଟରୁ ଗଳିତ ମୃତଦେହ ଜବତ**

ଭେଟିବା ପାଇଁ ଚାହିଁଛନ୍ତି।

ଦଳିତ ଯୁବତୀ ଜଣକ ଦୁଇମାସ ହେଲା ନିଖୋଜ ଥିଲେ। ଝିଅ ନିଖୋଜ ଥିବା ନେଇ ଡିସେମ୍ବର ୮ରେ ତାଙ୍କ ମାଆ ଥାନାରେ ଏତଲା ଦେଇଥିଲେ। ତାଙ୍କ ନିଖୋଜ ପାଇଁ ମାଆ ରାଜୋଲଙ୍କୁ ଦାୟୀ କରିଥିଲେ। ତେବେ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ନ ଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଗତ ମାସ ୨୪ରେ ପୀଡ଼ିତାଙ୍କ ମାଆ ନ୍ୟାୟ ଦାବିରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ କାର୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣା ପରେ ପୋଲିସ ରାଜୋଲଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ବିଭିନ୍ନ ତଥ୍ୟ ପ୍ରମାଣକୁ ଆଧାର କରି ପୋଲିସ ଗୁରୁବାର ଯୁବତୀଙ୍କ ଗଳିତ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଯୁବତୀଙ୍କୁ ଗଳା ଦବାଇ ହତ୍ୟା କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ତାଙ୍କ ବେକ ହାଡ଼ ଭାଙ୍ଗିଥିବା ରିପୋର୍ଟରେ କୁହାଯାଇଛି। କୋଟୱାଲି ପୋଲିସର ଏସ୍‌ଡବ୍ଲ୍ୟୁଏଟି ଟିମ୍ ୪ ଫୁଟ ମାଟି ଖୋଳିବା ପରେ ମୃତଦେହ ମିଳିଥିଲା।

ଅନ୍ୟ ପକ୍ଷରେ ଦଳିତ ଯୁବତୀ ହତ୍ୟା ଘଟଣା ସହ ସମାଜବାଦୀ ପାର୍ଟି ଏବଂ ରାଜୋଲ ସିଂଙ୍କର କୌଣସି ସମ୍ପର୍କ ନ ଥିବା ଅଖିଳେଶ ଯାଦବ କହିଛନ୍ତି। ପୂର୍ବତନ ମନ୍ତ୍ରୀ ଫତେହ ବାହାଦୁରଙ୍କର ୪ ବର୍ଷ ହେଲା ମୃତ୍ୟୁ ଘଟିଲାଣି। ତାଙ୍କ ପୁଅ ରାଜୋଲଙ୍କର ଦଳ ସହ ସମ୍ପର୍କ ନ ଥିବା ସେ କହିଛନ୍ତି।

# ବିଚାରପତି ଗଣେଦିୱାଲାଙ୍କ ଇସ୍ତଫା

ମୁମ୍ବାଇ,୧୧।୨

**ମହଙ୍ଗା ପଡ଼ିଲା ସ୍କିନ୍-ଟୁ-ସ୍କିନ୍ କଣ୍ଟାକ୍ଟ ରାୟ**


ଜଷ୍ଟିସ୍ ପୁଷ୍ପା ବୀରେନ୍ଦ୍ର ଗଣେଦିୱାଲା

ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ପ୍ରସଙ୍ଗରେ ଲଗାତର ବିବାଦୀୟ ରାୟ ଦେବା ଜଣେ ମହିଳା ବିଚାରପତିଙ୍କୁ ମହଙ୍ଗା ପଡ଼ିଛି। 'ସ୍କିନ୍-ଟୁ-ସ୍କିନ୍ କଣ୍ଟାକ୍ଟ' ରାୟକୁ ନେଇ ଚର୍ଚ୍ଚିତ ଓ ସମାଲୋଚିତ ଜଷ୍ଟିସ୍ ପୁଷ୍ପା ବୀରେନ୍ଦ୍ର ଗଣେଦିୱାଲା ଶେଷରେ ଚାକିରି ଛାଡ଼ିଦେଇଛନ୍ତି। ବମ୍ବେ ହାଇକୋର୍ଟର ନାଗପୁର ଖଣ୍ଡପୀଠରେ ଅଧ୍ୟକ୍ଷତା କରୁଥିବା ଗଣେଦିୱାଲା ଗୁରୁବାର ବିଚାରପତି ପଦରୁ ଇସ୍ତଫା ଦେଇଛନ୍ତି। ଅତିରିକ୍ତ ବିଚାରପତି ରୂପେ ତାଙ୍କ କାର୍ଯ୍ୟକାଳ ଶୁକ୍ରବାର ଶେଷ ହେଉଥିବାବେଳେ ସୁପ୍ରିମକୋର୍ଟ ଚାକିରି ଅବଧି ବୃଦ୍ଧି କରି ନ ଥିଲେ କି ପଦୋନ୍ନତି ମଧ୍ୟ ଦେଇ ନ ଥିଲେ।

୨୦୧୯ ଜାନୁୟାରୀ ୧୬ରେ ବମ୍ବେ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ କାର୍ଯ୍ୟରତ ଗଣେଦିୱାଲାଙ୍କୁ ସ୍ଥାୟୀ ଜଜ୍ ରୂପେ ନିଯୁକ୍ତି ଦେବା ଲାଗି ସୁପ୍ରିମକୋର୍ଟ କଲେଜିୟମ୍ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ତେବେ ୨୦୨୧ ଜାନୁୟାରୀରେ ଜଷ୍ଟିସ୍ ଗଣେଦିୱାଲା ୩ଟି ମହିଳା ବିରୋଧୀ ରାୟ ଦେଇ ବିବାଦୀୟ ହୋଇଥିଲେ। ଏଥିଯୋଗୁ ସୁପ୍ରିମକୋର୍ଟ କଲେଜିୟମ୍ ପରବର୍ତ୍ତୀ ସମୟରେ ସୁପାରିସ ପ୍ରତ୍ୟାହାର କରିଥିଲେ। ଅର୍ଥାତ୍ ଗଣେଦିୱାଲାଙ୍କୁ ୨୦୨୨ ଫେବୃୟାରୀ ୧୨ରୁ ଜିଲା ସେସନ୍ସ ଜଜ୍ ଭାବେ ପଦାବନତି ମିଳିଥାଆନ୍ତା। ଫଳରେ ସେ ବାଧ୍ୟ ହୋଇ କାର୍ଯ୍ୟକାଳ ଶେଷ ହେବାର ଦିନକ ପୂର୍ବରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

**ମାମଲା ନଂ.୧:** ଜଣେ ନାବାଳିକାଙ୍କୁ ୩୯ ବର୍ଷୀୟ ଅଭିଯୁକ୍ତ ଖାଦ୍ୟ ଦେବା ବାହାନାରେ ନିଜ ଘରକୁ ନେଇ ଯୌନ ଉତ୍ପୀଡ଼ନ କରିଥିଲେ। ଏହି ମାମଲାରେ ତଳ କୋର୍ଟ ଅଭିଯୁକ୍ତଙ୍କୁ ପୋକ୍ସୋ ଆଇନ ବଳରେ ଦୋଷୀ ସାବ୍ୟସ୍ତ କରି ସର୍ବନିମ୍ନ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ନାବାଳିକାଙ୍କ ସ୍ତନ ସ୍ପର୍ଶ କରିଥିବା ଦୋଷୀ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୨୦୨୧ ଜାନୁୟାରୀ ୧୯ରେ ଜଷ୍ଟିସ୍ ଗଣେଦିୱାଲାଙ୍କ ଜଣିକିଆ ଖଣ୍ଡପୀଠ ରାୟରେ କହିଥିଲେ, ନାବାଳିକାଙ୍କ ବସ୍ତ୍ର ନ କାଢ଼ି ତାଙ୍କ ସ୍ତନକୁ ଛୁଇଁବା ପୋକ୍ସୋ ଆଇନ ବଳରେ ଦଣ୍ଡନୀୟ ନୁହେଁ। କାରଣ ଅଭିଯୁକ୍ତ ପ୍ରତ୍ୟକ୍ଷ ଭାବେ ତାଙ୍କ ଚର୍ମକୁ ସ୍ପର୍ଶକରି ନାହାନ୍ତି। ଗଣେଦିୱାଲା ଦୋଷୀଙ୍କ ୩ ବର୍ଷ ଜେଲ ଦଣ୍ଡାଦେଶକୁ ୧ ବର୍ଷ ପର୍ଯ୍ୟନ୍ତ ଖସାଇଦେଇଥିଲେ।

**ମାମଲା ନଂ. ୨:** ୨୦୨୧ ଜାନୁୟାରୀ ୨୮ରେ ଗଣେଦିୱାଲା ଅନ୍ୟ ଏକ ମାମଲାର ରାୟରେ କହିଥିଲେ, ଜଣେ ନାବାଳିକାଙ୍କ ହାତ ଧରିବା ଓ ନିଜ ପ୍ୟାଣ୍ଟର ଜିପ୍ ଖୋଲିବା ପୋକ୍ସୋ ଆଇନ କିମ୍ବା ଉତ୍ତେଜିତ ଯୌନ ଅପରାଧ ପରିସରରେ ଆସୁନାହିଁ। ୫ ବର୍ଷୀୟା ଶିଶୁକନ୍ୟା ପ୍ରତି ଯୌନ ଉତ୍ପୀଡ଼ନ ଓ ଅସଦାଚରଣ ମାମଲାରେ ସେସନ୍ସ କୋର୍ଟ ଅଭିଯୁକ୍ତ ଲିବ୍‌ନସ୍ କୁଜୁର୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ତେବେ ୫୦ ବର୍ଷୀୟ ଅଭିଯୁକ୍ତ ଉକ୍ତ ରାୟକୁ ବମ୍ବେ ହାଇକୋର୍ଟର ନାଗପୁର ଖଣ୍ଡପୀଠରେ ଚ୍ୟାଲେଞ୍ଜ କରିଥିଲେ। ଏହି ମାମଲାରେ ଜଷ୍ଟିସ୍ ଗଣେଦିୱାଲା ଅଭିଯୁକ୍ତଙ୍କୁ ପୋକ୍ସୋ ଆଇନରୁ ଦୋଷମୁକ୍ତ କରିଥିଲେ।

**ମାମଲା ନଂ. ୩:** ତୃତୀୟ ମାମଲାରେ ଜଣେ ଦୋଷୀଙ୍କୁ ଅନୁରୂପ ଅଭିଯୋଗରୁ ଦୋଷମୁକ୍ତ କରିଥିଲେ। ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେଇ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ଖଲାସ କରିଥିଲେ। ୨୦୨୧ ଫେବୃୟାରୀରେ ଜଷ୍ଟିସ୍ ଗଣେଦିୱାଲା ନିଜ ରାୟରେ କହିଥିଲେ, ପୀଡ଼ିତାଙ୍କ ବୟାନ ବିଶ୍ୱାସଯୋଗ୍ୟ ନୁହେଁ। ତାଙ୍କ ଶରୀରରେ କ୍ଷତ ନ ଥିବାରୁ ମହିଳା ଜଣକ ଅପରାଧକୁ ବିରୋଧ କରି ନ ଥିଲେ ଏବଂ ଉଭୟଙ୍କ ସହମତିରେ ଶାରୀରିକ ସମ୍ବନ୍ଧ ସ୍ଥାପନ ହୋଇଥାଇପାରେ ବୋଲି ସେ ରାୟ ଦେଇଥିଲେ।

## କ'ଣ କହିଥିଲେ ସୁପ୍ରିମକୋର୍ଟ

ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଗଣେଦିୱାଲାଙ୍କ ରାୟ ଏକ ବିପଜ୍ଜନକ ଧାରା ସୃଷ୍ଟି କରିବ ବୋଲି ସୁପ୍ରିମକୋର୍ଟଙ୍କୁ କହିଥିଲେ। ଏହାସହ ଉକ୍ତ ରାୟ ଉପରେ ସ୍ଥଗିତାଦେଶ ଜାରି କରିବା ପାଇଁ ଅନୁରୋଧ କରିଥିଲେ। ଫଳରେ ଶୀର୍ଷ ଅଦାଲତ ଗଣେଦିୱାଲାଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ୨୦୨୧ ନଭେମ୍ବର ୧୮ରେ ଜଷ୍ଟିସ୍ ଉଦୟ ଉମେଶ ଲଳିତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ବେଲା ଏମ୍. ତ୍ରିବେଦୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, ଅଭିଯୁକ୍ତ ଜଣେ ଶିଶୁକନ୍ୟାଙ୍କ ଚର୍ମ ସ୍ପର୍ଶ କରିଛନ୍ତି କି ନାହିଁ ତାହା ବଡ଼କଥା ନୁହେଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସମ୍ପୃକ୍ତ ବ୍ୟକ୍ତିଙ୍କ ଯୌନ ଇଚ୍ଛା। ମନ୍ଦ ଉଦ୍ଦେଶ୍ୟ ରଖି ଛୁଇଁବା ମଧ୍ୟ ଯୌନ ଉତ୍ପୀଡ଼ନ। ଆଇନର ଗଳାବାଟ ଦେଇ କୌଣସି ଅପରାଧୀଙ୍କୁ ଖସିଯିବାକୁ ଦିଆଯିବ ନାହିଁ କହି ଗଣେଦିୱାଲାଙ୍କ ବିବାଦୀୟ 'ସ୍କିନ୍-ଟୁ-ସ୍କିନ୍ କଣ୍ଟାକ୍ଟ' ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ।

## ସଂକ୍ଷେପରେ

### କୁଜଙ୍ଗରେ ନିର୍ବାଚନୀ ହିଂସା: ଥାନାରେ ଅଭିଯୋଗ

କୁଜଙ୍ଗ,୧୧।୨(ଡି.ଏନ୍.ଏ.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ କୁଜଙ୍ଗ ବ୍ଲକ୍ ବାଲିଆ ପଞ୍ଚାୟତରେ ଶୁକ୍ରବାର ପ୍ରଥମ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଏ ନେଇ ୨ ଗୋଷ୍ଠୀ ପରସ୍ପର ବିରୋଧରେ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାଲିଆ ପଞ୍ଚାୟତର କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ସରୋଜିନୀ ନାୟକଙ୍କ ସ୍ୱାମୀ ପ୍ରକାଶଙ୍କ ଅଭିଯୋଗ ଅନୁଯାୟୀ, ସେ ,ସମିତି ସଭ୍ୟ ପ୍ରାର୍ଥୀ ହାପିନା ଦାସ ଓ କେତେଜଣ ସମର୍ଥକଙ୍କ ସହ ପାନପଲ୍ଲି ଗ୍ରାମରେ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କରୁଥିଲେ। ଏହି ସମୟରେ ବିଜେଡି ସମର୍ଥିତ ପ୍ରାର୍ଥିନୀ ସୋନାଲୀ ଗଚ୍ଛାୟତଙ୍କ ସ୍ୱାମୀ ପ୍ରଭାସ ୬ ଜଣଙ୍କ ସମର୍ଥକଙ୍କ ସହ ସେଠାରେ ପହଞ୍ଚି ପ୍ରଚାର ବନ୍ଦ କରିବାକୁ କହିଥିଲେ। ଏଥିସହ ପ୍ରକାଶ ଓ ଅନ୍ୟମାନଙ୍କୁ ଲୁହା ରଡ୍‌ରେ ପିଟି ପୋଷାକ ଚିରିଦେଇଥିଲେ। ଅପରପକ୍ଷେ ସୋନାଲୀଙ୍କ ସମର୍ଥକମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପ୍ରକାଶ ଓ ତାଙ୍କ ସହଯୋଗୀ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସୋନାଲୀଙ୍କ ସମର୍ଥକ ଝୁନିଲତା ଗଚ୍ଛାୟତଙ୍କ ଦୋକାନରୁ ଟଙ୍କା ଛଡାଇ ନେଇଥିଲେ। ପୋଲିସ୍ ଉଭୟ ପକ୍ଷରୁ ଏତଲାକୁ ଗ୍ରହଣ କରି ତଦନ୍ତ ଜାରି ରଖିଛି। ତଦନ୍ତ ପରେ ମାମଲା ରୁଜୁ କରାଯିବ ବୋଲି ଥାନା ଅଧିକାରୀ ସୁଜିତ୍ ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ପ୍ରକାଶ କହିଛନ୍ତି, ସ୍ତ୍ରୀଙ୍କ ସପକ୍ଷରେ ଜନସମର୍ଥନ ବଢୁଥିବାରୁ ବିରୋଧୀ ହିଂସାର ବାଟ ଆପଣାଇଛନ୍ତି। ଏ ବିଷୟରେ ସୋନାଲୀଙ୍କ ସ୍ୱାମୀ କହିଛନ୍ତି, ପ୍ରକାଶ ଅବଧି ନ ଥିବା ଔଷଧ ଓ ଟଙ୍କା ବାଣ୍ଟୁ ଥିବାରୁ କିଛି ସମର୍ଥକ ଏହାକୁ ବିରୋଧ କରିଥିଲେ। ପୋଲିସ ଉଭୟ ପକ୍ଷର ଏତଲାକୁ ଗ୍ରହଣ କରି ତଦନ୍ତ ଜାରି ରଖିଛି। ଏହା ଶେଷ ହେବା ପରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ରାଜନୈତିକ ହିଂସାରୁ ସଂଘବଦ୍ଧ ଆକ୍ରମଣ: ଜଣେ ଗିରଫ

ଭଦ୍ରକ ଅଫିସ,୧୧।୨: ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ହରସିଂପୁର ପଞ୍ଚାୟତର ବାରବାଟିଆ ଶୁଣ୍ଡିସାହିରେ ଗୁରୁବାର ଅପରାହ୍ନରେ ରାଜନୈତିକ ହିଂସା ଘଟିଛି। ସଂଘବଦ୍ଧ ଆକ୍ରମଣରେ ବିଶ୍ୱନାଥ ପରିଡ଼ା ନାମକ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ଏବେ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ନେଇ ପୀରହାଟ ପୋଲିସ ୨ଟି ମାମଲା ରୁଜୁ କରି ସୁଶାନ୍ତ ଜେନା ନାମକ ଯୁବକଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ଦୁଇପକ୍ଷଙ୍କ ମଧ୍ୟରେ ବାକ୍‌ବିତଣ୍ଡା ଓ ସାମୟିକ ଗଣ୍ଡଗୋଳକୁ ନେଇ ବିଶ୍ୱନାଥ ଥାନାରେ ଏତଲା ଦେଇଥିଲେ। ପୋଲିସ ଏହାର ତଦନ୍ତ ମଧ କରିଥିଲା। ସେ ଘରକୁ ଫେରୁଥିବା ବେଳେ ଗାଁ ଦାଣ୍ଡରେ ଅପରପକ୍ଷରୁ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତିହିଡ଼ି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବାପା ଅଭିମନ୍ୟୁଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା(ନଂ.୧୯/୨୨) ରୁଜୁ କରିଛି। ଅପରପକ୍ଷରୁ ପ୍ରତିମା ଜେନାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅନ୍ୟ ଏକ ମାମଲା(ନଂ.୨୦/୨୨) ରୁଜୁ କରିଛି। ତାଙ୍କ ସ୍ୱାମୀ ପ୍ରଶାନ୍ତ ଜେନା ଘରକୁ ଫେରୁଥିବା ବେଳେ ଅପରପକ୍ଷ ଆକ୍ରମଣ କରିଥିବା ସେ ଏତଲାରେ ଦର୍ଶାଇଛନ୍ତି।

# ଜିଲାରେ ନିର୍ବାଚନୀ ଅସହିଷ୍ଣୁତା ବଢୁଛି

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୨

- ଥାନାରେ ପୋଷ୍ଟର ଚିରାଠାରୁ ଆକ୍ରମଣ ମାମଲା
- ବୁଥ୍ ରାଗିଂ ସମ୍ଭାବନାକୁ ନେଇ ପ୍ରାର୍ଥୀଙ୍କ ଆଶଙ୍କା

କେନ୍ଦ୍ରାପଡ଼ା ଅଫିସ, ୧୧।୨

କେନ୍ଦ୍ରାପଡ଼ା ଜିଲାର ଆଳି ଓ ଡେରାବିଶ ବ୍ଲକ ଅଞ୍ଚଳରେ ଆସନ୍ତା ୧୬ ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ, ଭୋଟ ଗ୍ରହଣର ୩୬ ଘଣ୍ଟା ପୂର୍ବରୁ ପ୍ରଚାର କାର୍ଯ୍ୟ ସରିବ। ଏହାକୁ ଦୃଷ୍ଟିରେ ରଖି ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟକୁ ତୀବ୍ର କରିଥିବା ବେଳେ ପ୍ରତିପକ୍ଷଙ୍କ ପ୍ରତି ଅସହିଷ୍ଣୁତା ବଢ଼ିଚାଲିଛି। ଆଳି ବ୍ଲକ ଅଞ୍ଚଳର ଜଣେ ସରପଞ୍ଚଙ୍କ ଘର ପୂର୍ବରୁ ପୋଡି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ବ୍ଲକର ନିଆଳ ସରପଞ୍ଚଙ୍କ ପରିବାର ସଦସ୍ୟଙ୍କ ଉପରେ ଆକ୍ରମଣ ହୋଇଥିବା ଥାନାରେ ନଂ.୪୦/୨୨ରେ ମାମଲା ହୋଇଛି। ସରପଞ୍ଚ ସୁକାନ୍ତି ମଲ୍ଲିକଙ୍କ ଝିଆ ସୋନାଲିଙ୍କୁ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ସୋନାଲିଙ୍କ ଦେଢ଼ଶୁର ଅଶୋକ ନିଆଳ ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ମହାକାଳପଡ଼ା ବ୍ଲକ ବାରଡାଙ୍ଗ ପଞ୍ଚାୟତରେ ପୋଷ୍ଟର ଚିରାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଦୁଇ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗପତ୍ର ଦିଆଯାଇଛି। ପ୍ରାର୍ଥୀଙ୍କ ପ୍ରତିଦ୍ୱନ୍ଦ୍ୱିତା ଏତେ ତୀବ୍ର ହୋଇଛି ଯେ, ବୁଥ୍ ର୍ୟାଗିଂ ପରି ଘଟଣା ଆଶଙ୍କା କରାଯାଉଛି। ବିଭିନ୍ନ ସ୍ଥାନରେ ବୁଥ୍‌କୁ ଉତ୍ତେଜନାପ୍ରବଣ ଘୋଷଣା କରିବାକୁ ପ୍ରାର୍ଥୀମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ବିଭୂତିଭୂଷଣ ରାଉତ, ସୁନୀଲ କୁମାର ଗନ୍ତାୟତ, ବାନାମ୍ବର ସାହୁ ପ୍ରମୁଖ କହିଛନ୍ତି, ଗତ ୨୦୧୭ରେ ଜିଲାରେ ମାତ୍ର ୫୬୮ଟି ଉତ୍ତେଜନାପ୍ରବଣ ବୁଥ୍ ଚିହ୍ନଟ ହୋଇଥିଲା। ତେବେ ଚଳିତବର୍ଷ ଏପରି ବୁଥ୍ ସଂଖ୍ୟା ଅଢ଼େଇଗୁଣ ବଢ଼ିଥିବା ଜିଲା ପ୍ରଶାସନ ତଥ୍ୟରୁ ସୂଚନା ମିଳିଛି। ଜିଲାରେ ଏବେ ୧୫୭୫ ଉତ୍ତେଜନାପୂର୍ଣ୍ଣ ବୁଥ୍ ଚିହ୍ନଟ ହୋଇଥିବା ବେଳେ ନିର୍ବାଚନୀ ଅସହିଷ୍ଣୁତା ପାଇଁ ସଂଖ୍ୟା ଅଧିକ ହେବା ସମ୍ଭାବନା ଅଛି। ରାଜନୈତିକ ଅସହିଷ୍ଣୁତାର କାରଣ ପଦବୀ ସହିତ ଅନୁଦାନ ଅର୍ଥ। ତୃଣମୂଳସ୍ତରର ସମସ୍ୟା ସମାଧାନ ପାଇଁ ଲୋକ ପ୍ରତିନିଧିଙ୍କୁ ପଦବୀ ସହିତ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ପାଇଁ ସରକାରୀ ଅନୁଦାନ ଆସୁଛି। ପଦବୀର ଉପଯୋଗ କରି ଅର୍ଥର ସୁବିନିଯୋଗ କରିବା ଲୋକପ୍ରତିନିଧିଙ୍କ କାମ। ତେବେ ଏହି ଅନୁଦାନ ଅର୍ଥ ହିଁ ଅନର୍ଥ ସୃଷ୍ଟି କରୁଛି। ଅଧିକାଂଶ ପଞ୍ଚାୟତରେ ଅନୁଦାନ ଅର୍ଥ ପଦବୀଧାରୀଙ୍କ ପକେଟକୁ ଯାଉଛି। ଏଥିପାଇଁ ନିର୍ବାଚନରେ ଜିତିବାକୁ ନେଇ ରଣନୀତି ପ୍ରସ୍ତୁତ କରାଯାଉଛି। ଫଳରେ ଭୋଟ ସମୟରେ ଥାନାରେ ମାମଲା ସଂଖ୍ୟା ବଢୁଛି। ଜିଲା ପ୍ରଶାସନ ପକ୍ଷରୁ ବୁଥ୍‌ଗୁଡ଼ିକରେ ସିସିଟିଭି ଲଗାଇବା ଓ ପୋଲିସ ବଳକୁ ମୁତୟନ କରିବା ଜରୁରୀ ହୋଇପଡିଛି। ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା କହିଛନ୍ତି, ଚଳିତ ନିର୍ବାଚନର ସୁପରିଚାଳନା ପାଇଁ ଜିଲା ପୋଲିସ ପ୍ରସ୍ତୁତ ହୋଇଛି। ସମ୍ବେଦନଶୀଳ ସ୍ଥାନଗୁଡିକ ଚିହ୍ନଟ କରାଯାଇ ପୋଲିସ ବଳ ମୁତୟନ କରାଯାଇଛି। ନିର୍ବାଚନୀ ହିଂସା ରୋକିବାକୁ ମୋବାଇଲ ଟିମ୍ ଗଠନ ହୋଇଛି। ଠିକଣା ସମୟରେ ଉପଯୁକ୍ତ ପଦକ୍ଷେପ ନିଆଯାଉଥିବାରୁ ଚଳିତ ନିର୍ବାଚନ ସୁଚାରୁରୂପେ ସମ୍ପନ୍ନ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

## ବିଜେଡି-ସ୍ୱାଧୀନ ମଧ୍ୟରେ କଡ଼ା ଟକ୍କର

ମାର୍ଶାଘାଇ,୧୧।୨ (ଡି.ଏନ.ଏ.)

ମାର୍ଶାଘାଇ ବ୍ଲକରେ ପଞ୍ଚାୟତ ନିର୍ବାଚନରେ ୩ ଜିଲା ପରିଷଦ ଜୋନ୍ ମଧ୍ୟରୁ ୨୪ ନଂ. ଜୋନ୍‌ରେ ପ୍ରଥମ ଥର ବିଜେଡି ପ୍ରାର୍ଥୀ ଓ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଥିବା ରାଜନୈତିକ ବିଶ୍ଳେଷକ କହୁଛନ୍ତି। ଏହି ଜୋନ୍‌ରେ ସର୍ବାଧିକ ୯ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ବିଜେଡି ପ୍ରାର୍ଥୀ ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରମୋଦ ରଥ, ଭାଜପାରୁ ପ୍ରଜେଶ ରଞ୍ଜନ ନାୟକ, କଂଗ୍ରେସରୁ ଦୋଳଗୋବିନ୍ଦ ମାହାଳି, ସିପିଆଇରୁ ସୀତାକାନ୍ତ ନାୟକ, ସ୍ୱାଧୀନ ଭାବେ ମାଧବ ଚରଣ ନାୟକ, ପ୍ରତାପ ଚନ୍ଦ୍ର ପରିଡ଼ା, ଜଳନ୍ଧର ବେହେରା ଓ ରାଜେନ୍ଦ୍ର ମଲ୍ଲିକ ନିର୍ବାଚନ ଲଢୁଛନ୍ତି। ତେବେ ଏହି ଜୋନ୍‌ରେ ବିଜେଡି ପ୍ରାର୍ଥୀଙ୍କ ସହ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସମର୍ଥିତ ପ୍ରାର୍ଥୀ ମାଧବ ନାୟକଙ୍କ ମୁକାବିଲା ହେଉଛି। ଭାଜପା ପ୍ରାର୍ଥୀ ନିର୍ବାଚନ ପ୍ରଚାରରେ ପଛରେ ପଡ଼ିଥିବା ଦେଖିବାକୁ ମିଳୁଛି। ବିଜେଡି ପ୍ରାର୍ଥୀ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହି ଘରକୁ ଘର ବୁଲି ଲୋକଙ୍କୁ ବୁଝାଇ ଭୋଟ ଭିକ୍ଷା କରୁଛନ୍ତି। ଭାଜପା ପ୍ରାର୍ଥୀ ଭୋଟରଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ବିଷୟରେ ବୁଝାଇ ନିଜ ପ୍ରଚାର କରୁଛନ୍ତି। ତେବେ ସ୍ୱାଧୀନ ପ୍ରାର୍ଥୀ ନାୟକ ବିଜେଡି ଓ ଭାଜପାରୁ ପ୍ରାର୍ଥୀ ହୋଇଥିବା ଦୁଇଜଣ ଜୋନ୍ ବାହାରର ଓ ମୁଁ ଏଇ ମାଟିର ପୁଅ କହି ଘର ଘର ବୁଲି ନିଜ ସପକ୍ଷରେ ଭୋଟ ଦେବାକୁ କହୁଛନ୍ତି। ଏହି ଜୋନ୍‌ଟି ଆଖୁଆଦକ୍ଷିଣୀ, ବନ୍ଧକଟା, ବଛରାଇ, ମହେନ୍ଦ୍ରନଗର, ଜମପଡା, ଜଳପୋକ, ଆଇତିପୁର, କରିଲୋପାଟଣା ପଞ୍ଚାୟତକୁ ନେଇ ଗଠିତ। ଆଖୁଆଦକ୍ଷିଣୀ ପଞ୍ଚାୟତଟି ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ରହିଥିବା ବେଳେ ବାକି ୭ଟି ପାଟକୁରା ନିର୍ବାଚନମଣ୍ଡଳୀରେ ରହିଛି। ବିଜେଡି ପାଇଁ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରଓ୍ୱାଲ୍ ଓ ତାଙ୍କ ପୁଅ ସଞ୍ଜୟ ପ୍ରଚାର ମଙ୍ଗ ଧରିଛନ୍ତି। ଭାଜପା ପ୍ରାର୍ଥୀଙ୍କ ପାଇଁ ଜିଲାସ୍ତରୀୟ ନେତୃବୃନ୍ଦଙ୍କୁ ଛାଡ଼ିଦେଲେ ରାଜ୍ୟସ୍ତରୀୟ ନେତୃବୃନ୍ଦ ଏପର୍ଯ୍ୟନ୍ତ ପ୍ରଚାର ମଇଦାନକୁ ଓହ୍ଲାଇ ନ ଥିବା ଜଣାଯାଇଛି। ସ୍ୱାଧୀନ ପ୍ରାର୍ଥୀ ନାୟକଙ୍କ ପାଇଁ ଛାମୁଆ କର୍ମୀମାନେ ଜୋର୍‌ଦାର ପ୍ରଚାର ଚଳାଇଛନ୍ତି। ଏହା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଏକାନ୍ତ ଅନୁଗତ ତଥା ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କାଙ୍କ ନିଜସ୍ୱ ଜୋନ୍। ଅତନୁଙ୍କ ବହୁ ସମର୍ଥକ ଥିବାରୁ ସେମାନଙ୍କ ଭୋଟ ବ୍ୟାଙ୍କ ଉପରେ ଉଭୟ ପ୍ରାର୍ଥୀଙ୍କ ତୀକ୍ଷ୍ଣ ନଜର ରହିଛି।

# ଷ୍ଟ୍ରଙ୍ଗ୍‌ରୁମ୍, କାଉଣ୍ଟିଂ ହଲ୍‌ରେ ସିସିଟିଭି ବ୍ୟବସ୍ଥା



ବୈଠକରେ ଜିଲାପାଳ ଓ ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀମାନେ।

## ପୋଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ କମିଟି ବୈଠକ

ଜଗତ୍‌ସିଂହପୁର ଅଫିସ, ୧୧।୨

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସୁପରିଚାଳନା ନିମନ୍ତେ ପୋଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପାରୁଲ ପଟୱାରୀ ଯୋଗଦେଇ କହିଥିଲେ, ଫେବୃୟାରୀ ୧୬ରୁ ନିର୍ବାଚନ ଆରମ୍ଭ ହେବ। ନିର୍ବାଚନ ଯେପରି ଅବାଧ ଓ ନିରପେକ୍ଷ ହେବ ସେନେଇ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ମଧ୍ୟରେ ଉତ୍ତମ ସମନ୍ୱୟର ଆବଶ୍ୟକତା ରହିଛି। ନିର୍ବାଚନ କମିଶନର ଜାନୁୟାରୀ ୧୧ରୁ ଫେବୃୟାରୀ ୨୮ ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି ଲାଗୁ କରିଛନ୍ତି। ଜିଲାରେ ପଞ୍ଚାୟତ ନିର୍ବାଚନ ସୁପରିଚାଳନା ନିମନ୍ତେ ବରିଷ୍ଠ ଅଧିକାରୀଙ୍କୁ ତଦାରଖ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ସଚ୍ଚିଦାନନ୍ଦ ସାହୁଙ୍କୁ ଜଗତ୍‌ସିଂହପୁର ଓ ବିରିଡ଼ି ବ୍ଲକ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କୁ କୁଜଙ୍ଗ ଓ ଏରସମା ବ୍ଲକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଚିନ୍ମୟୀ ବିଶ୍ୱାଳଙ୍କୁ ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କୁ ବାଲିକୁଦା ଏବଂ ନାଉଗାଁ ବ୍ଲକ ଦାୟିତ୍ୱ ଦିଆଯାଇଛି। ବୈଠକରେ ଏସ୍‌ପି ଅଖିଳେଶ୍ୱର ସିଂ କହିଥିଲେ, ପୋଲିସ ଅଧିକାରୀ ସମସ୍ତ ବୁଥ ପରିଦର୍ଶନ କରିଛନ୍ତି। ବିଡିଓ ଓ ଆଇଆଇସିଙ୍କ ସମନ୍ୱୟରେ ନିର୍ବାଚନ ଠିକ୍‌ଭାବେ ପରିଚାଳନା ହେବ। ଜିଲାରେ ୧୦୩ ଜିଲା ପରିଷଦ ସଭ୍ୟ, ୬୫୮ ସମିତିସଭ୍ୟ, ୭୯୧ ସରପଞ୍ଚ, ୫୫୭୦ ଜଣ ୱାର୍ଡ ସଭ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତରେ ସରପଞ୍ଚ ଓ ୨୩ଟି ୱାର୍ଡସଭ୍ୟ ପଦବୀ ପାଇଁ ନିର୍ବାଚନ ହେବନାହିଁ। ଜିଲାରେ ୧୦୦୪ଟି ୱାର୍ଡସଭ୍ୟ ଓ ୨ଟି ପଞ୍ଚାୟତ ଯଥା ଏରସମା ବ୍ଲକ ଗଡ଼ହରିଶପୁର ସମିତିସଭ୍ୟ ଓ ବିରିଡ଼ି ବ୍ଲକ ପୂରଣ ସମିତିସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରତି ପଞ୍ଚାୟତ ପାଇଁ ଜଣେ ଲେଖାଏ ସେକ୍ଟର ଅଫିସର, ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିୟୋଜିତ ହୋଇଛନ୍ତି। ଜିଲାରେ ୭୫୦ ସମ୍ବେଦନଶୀଳ ଓ ୨୨୯ଟି ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି । ଜିଲାରେ ୬୧୫ଟି ବୁଥରେ ମହିଳା ପୋଲିଂ ପାର୍ଟିଙ୍କୁ ନିୟୋଜିତ କରାଯାଇଛି। ଷ୍ଟ୍ରଙ୍ଗରୁମ୍ ଓ କାଉଣ୍ଟିଂ ହଲ୍‌ରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ସମସ୍ତ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍‌ରେ ଭିଡିଓଗ୍ରାଫି କରାଯିବ। ନିର୍ବାଚନର ୩୬ ଘଣ୍ଟା ପୂର୍ବରୁ ପ୍ରଚାର ବନ୍ଦ ହେବ। ନିର୍ବାଚନ ଆରମ୍ଭର ୪୮ ଘଣ୍ଟା ପୂର୍ବରୁ ମଦ ଦୋକାନ ବନ୍ଦ କରାଯିବ। ପ୍ରତି ବୁଥ୍‌ରେ ଜଣେ ପୋଲିସ କର୍ମଚାରୀ ନିୟୋଜିତ ହେବେ। ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ବିମଳେନ୍ଦୁ ରାୟ ଯୋଗଦେଇ କହିଥିଲେ, ସେକ୍ଟର ଅଫିସରମାନେ ପ୍ରିଜାଇଡିଂ ଅଫିସରମାନଙ୍କୁ ଗାଇଡ୍ କରିବେ। ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଳି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଏଥିରେ ଜିଲାର ୩ ଅତିରିକ୍ତ ଜିଲାପାଳ, ଡିଆର୍‌ଡିଏ ପିଡିଙ୍କ ସମେତ ଜଗତ୍‌ସିଂହପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା, ନିମାଇଁ ଚରଣ ସେଠୀ, ଧର୍ମେନ୍ଦ୍ର ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ପଟ୍ଟାମୁଣ୍ଡାଇ ପୌର ପ୍ରଶାସନର ସର୍ବଦଳୀୟ ବୈଠକ

## ଫେବୃୟାରୀ ୧୧ ରୁ ୧୬ ମଧ୍ୟରେ ଭୋଟର ତାଲିକା ସଂଶୋଧନ

ପଟ୍ଟାମୁଣ୍ଡାଇ,୧୧।୨(ସ୍ୱ.ପ୍ର.)

ନିର୍ବାଚନ ପାଇଁ ପଟ୍ଟାମୁଣ୍ଡାଇ ପୌର ପ୍ରଶାସନ ପକ୍ଷରୁ ପରିଷଦ ସଭାଗୃହରେ ସର୍ବଦଳୀୟ ବୈଠକ ଶୁକ୍ରବାର ବସିଥିଲା। ଏଥିରେ ଭୋଟର ତାଲିକା ସଂଶୋଧନ ଓ ୱାର୍ଡ ପୁନର୍ଗଠନ ସମ୍ପର୍କରେ ରାଜନୈତିକ ଦଳମାନଙ୍କୁ ସୂଚନା ଦିଆଯାଇଛି। ବୈଠକରେ କେନ୍ଦ୍ରାପଡ଼ା ଅତିରିକ୍ତ ପିଡି ମନ୍ଦରଧର ମହାଳିକ ଓ ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ ଯୋଗଦେଇ ପରିଷଦର ୨୦ଟି ୱାର୍ଡର ନିର୍ବାଚନକୁ ନେଇ ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ସୂଚନା ଦେଇଥିଲେ। ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିବା କହିଥିଲେ। ଜାନୁୟାରୀ ୧ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପରିଷଦରେ ୨୦ଟି ୱାର୍ଡର ପ୍ରାଥମିକ ଭୋଟର ତାଲିକା ପରିଷଦ କାର୍ଯ୍ୟାଳୟରେ ପ୍ରକାଶିତ କରାଯାଇଛି। ଏହି ତାଲିକା ସର୍ବସାଧାରଣ ଦେଖିବାକୁ ୧୧।୨।୨୨ରୁ ୧୫।୨।୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ଭୋଟର ସେମାନଙ୍କ ନାମ ରହିଛି କି ନାହିଁ ତାହା ତନଖି କରିବାକୁ କୁହାଯାଇଛି। ଭୋଟର ତାଲିକାରେ ସ୍ଥାନ ପାଇ ନ ଥିଲେ ନାମ, ବୟସ, ସାହି ଇତ୍ୟାଦି ୯ଟି ଭ୍ରମ ସଂଶୋଧନ କରିବାକୁ ଫର୍ମ ନଂ. ୩ ଓ ଭୁଲ ୱାର୍ଡର ସଂଶୋଧନ ପାଇଁ ଫର୍ମ ନଂ. ୪ ରେ ଦରଖାସ୍ତ ଫେବୃୟାରୀ ୧୧ ରୁ ୧୬ ତାରିଖ ମଧ୍ୟରେ ଆବେଦନ କରିବାକୁ କୁହାଯାଇଛି। ୧୮ରେ ଅଭିଯୋଗର ଶୁଣାଣୀ କରାଯାଇ ୧୯ରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶିତ ହେବ। ୨୪ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶିତ ହେବ। ୨୮ରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଏହାର ନକଲ ପଠାଯିବ। ପୌରାଞ୍ଚଳରେ ମୋଟ ଭୋଟ ଗ୍ରହଣ କେନ୍ଦ୍ର(ବୁଥ୍) ସଂଖ୍ୟା ୩୩ରୁ ୩୪କୁ ବୃଦ୍ଧି କରାଯାଇଛି। ବୈଠକରେ ପୌର ନିର୍ବାଚନ ଭୋଟର ତାଲିକା କାର୍ଯ୍ୟ ପାଇଁ ସମସ୍ତ ଭୋଟର ସଚେତନ ହେବା ସହ ଅଗାମୀ ୧୬ ତାରିଖ ସୁଦ୍ଧା ଆବେଦନ କରିବା ସହ ସହଯୋଗ କାମନା କରିଛନ୍ତି। ଏଥିରେ ବିଜେଡି ପକ୍ଷରୁ ବୁଢ଼ା ଲେଙ୍କା, କଂଗ୍ରେସ ପକ୍ଷରୁ ଆଲୋକ ରଞ୍ଜନ ଧଳ, ଭାଜପା ପକ୍ଷରୁ ବିଶ୍ୱରଞ୍ଜନ ପାତ୍ର ଓ ସିପିଆଇଏମ୍ ପକ୍ଷରୁ ବାବାଜୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ବିଭିନ୍ନ ଦଳର କର୍ମକର୍ତ୍ତା ଓ ଅଧିକାରୀମାନେ।

## ଟଙ୍କା ଫେରସ୍ତ ଦାବିକଲେ କ୍ଷତିଗ୍ରସ୍ତ ଜମାକାରୀ

ଉଦଳା, ୧୧।୨ (ଡି.ଏନ.ଏ.)

ପୁଣିଗର୍ଜିଲେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ। ଦୁଇ ପଇସା ଲାଭ ପାଇବା ଆଶାରେ ଟଙ୍କା ଜମା କରି କ୍ଷତିଗ୍ରସ୍ତ ହୋଇଥିବା ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳର ଜମାକାରୀମାନେ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ତହସିଲଦାରଙ୍କୁ ଭେଟି ଟଙ୍କା ଫେରସ୍ତ ପାଇଁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଏହି ଦାବି ଉପରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି କ୍ଷତିଗ୍ରସ୍ତ ଜମାକାରୀ ନିରଞ୍ଜନ ମହାରଣା, ସାବିତ୍ରୀ ଦାସ, ତୁଳସୀ ଦାସ, ମହେନ୍ଦ୍ର ବେହେରା, ନୀହାର ରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର ନାଥ ସାହୁ, ଅଭିନ୍ନ ଚନ୍ଦ୍ର ମାଇତି ପ୍ରମୁଖ ଚେତାବନୀ ଦେଇଛନ୍ତି।

# ମାମଲା ଚିନ୍ତାରେ ମୃତ୍ୟୁ

ବାଲିକୁଦା, ୧୧।୨(ସ୍ୱ.ପ୍ର.)

ସିଆର୍‌ପିସି ଦଫା ୧୦୭ ମାମଲାରେ ଯୋଡ଼ି ହୋଇଯିବାରୁ ଜଣେ ବିଜେଡି କର୍ମୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମାମଲା ଯୋଗୁ ଚିନ୍ତାଗ୍ରସ୍ତ ହୋଇ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଥିବା କୁହାଯାଇଛି। ସେ ହେଲେ ବାଲିକୁଦା ଥାନା କୃଷ୍ଣଦାସପୁର ପଞ୍ଚାୟତ ଅନ୍ତର୍ଗତ ରାୟରପୁର ଗାଁର ପ୍ରଶାନ୍ତ ସାହୁ (୫୩)। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ କୌଣସି ବିଶୃଙ୍ଖଳିତ ଆଚରଣ ପାଇଁ ତାଙ୍କ ନାମରେ ଆଉ କେତେ ଜଣ କର୍ମୀଙ୍କ ନାମରେ ପୋଲିସ ମାମଲା ରୁଜ କରି ଶୁକ୍ରବାର ୧୦ଟାରେ ହାଜିର ହେବାକୁ ନୋଟିସ ଦେଇଥିଲା। ଏନେଇ ପ୍ରଶାନ୍ତ ଗୁରୁବାରଠାରୁ ଚିନ୍ତିତ ଥିଲେ। ଏସମ୍ପର୍କରେ କଣ କରିବାକୁ ହେବ ସେନେଇ ଅନ୍ୟମାନଙ୍କଠାରୁ ପରାମର୍ଶ ନେଇଥିଲେ। କେମିତି ମୁକୁଳିବା ଓ ବେଲ କେମିତି ମିଳିବ ସେନେଇ ବୁଝାଶୁଝା କରିଥିଲେ। ଭୋର ୫ ଟା ସମୟରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ନେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବିରୋଧରେ ସ୍ମାରକପତ୍ର

ନାଉଗାଁ,୧୧।୨(ସ୍ୱ.ପ୍ର.)

ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ଓଡିଶା ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଛି। ଏନେଇ ଶୁକ୍ରବାର ମଞ୍ଚର ନାଉଗାଁ ବ୍ଲକ ଶାଖା ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟକୁ ଏକ ସ୍ମାରକପତ୍ର ଟାଟା ପାୱାର ମ୍ୟାନେଜର ମାଧ୍ୟମରେ ପଠାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଏହି ନିଷ୍ପତ୍ତି ଦ୍ୱାରା ବିଦ୍ୟୁତ୍ ସେବା ପ୍ରଦାନକାରୀ ସଂସ୍ଥା ଲାଭବାନ ହେବେ। କିନ୍ତୁ ସାଧାରଣ ଉପଭୋକ୍ତା ଅସୁବିଧାରେ ସମ୍ମୁଖୀନ ହେବେ। ଏହାକୁ ଦୃଷ୍ଟିରେ ରଖି ସରକାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ବଂଶୀଧର ବେହେରା,ସୁବାସ ସ୍ୱାଇଁ,ରଞ୍ଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଆଲୋଚନା ପାଇଁ ବିରୋଧୀଙ୍କ ନିଷ୍ପତ୍ତି



ଫୁଲଖାଇ ମନ୍ଦିରରେ ଆୟୋଜିତ ବୈଠକ

କୁଜଙ୍ଗ,୧୧।୨(ଡି.ଏନ୍.ଏ.)

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଗାଁରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ପ୍ରଶାସନ ସହ ଚାଲିଥିବା ଆନ୍ଦୋଳନ କ୍ରମଶଃ ଥମିବାରେ ଲାଗିଛି। ଏବେ ଗାଁର ପ୍ରକଳ୍ପ ବିରୋଧୀମାନେ ଆନ୍ଦୋଳନରୁ ଓହରି ପ୍ରଶାସନ ସହ ଆଲୋଚନା କରିବାକୁ ରାଜି ହୋଇଛନ୍ତି। ପ୍ରଶାସନ ଓ ବିରୋଧୀଙ୍କ ମଧ୍ୟରେ ବୁଝାମଣାର ସେତୁ ପାଲଟିଥିବା ନିର୍ଭୟ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଫୁଲଖାଇ ମନ୍ଦିର ପରିସରରେ ଏ ପ୍ରସଙ୍ଗରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିରୋଧୀ ଆନ୍ଦୋଳନର ପୁରୋଧା ଦୀନବନ୍ଧୁ ସ୍ୱାଇଁ, ନୃସିଂହ ରାଉତ , ନିତ୍ୟାନନ୍ଦ ସ୍ୱାଇଁ, ଅକ୍ଷୟ ଦାସ, ଯୋଗେନ୍ଦ୍ର ମଲ୍ଲିକ୍, ଅକ୍ଷୟ ବେହେରା, ବିବେକ ସ୍ୱାଇଁ, ନିବାସ ଦାସ, ଧନେଶ୍ୱର ଦାସଙ୍କ ସମେତ ଦେଢ ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇଥିଲେ। ବୈଠକରେ ଜିଲା ପ୍ରଶାସନକୁ ଗାଁକୁ ଡାକି ସେମାନଙ୍କର ଆପତ୍ତି ଅଭିଯୋଗ ଜଣାଇବା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ଶୁକ୍ରବାର ନିର୍ଭୟ ସାମନ୍ତରାୟଙ୍କ ନେତୃତ୍ୱରେ ଗାଁର ଏକ ପ୍ରତିନିଧି ଦଳ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଆମନ୍ତ୍ରଣ କରିବାକୁ ସ୍ଥିର କରାଯାଇଥିଲା। ଢିଙ୍କିଆ ଗାଁରେ ପ୍ରକଳ୍ପ ବିରୋଧୀ ଓ ପୋଲିସ ମଧ୍ୟରେ କିଛି ଦିନ ହେବ ଛକପଞ୍ଝା ଲାଗି ରହିଥିଲା। ଫଳରେ ପରିସ୍ଥିତି ଅଶାନ୍ତ ହୋଇ ଯାଇଥିଲା।

# ଚାନ୍ଦିବାଉଁଶମୂଳ ପଞ୍ଚାୟତରେ ୬ ଆହତ

## ନିର୍ବାଚନୀ ହିଂସା

ରାଜନଗର,୧୧।୨(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାବେଳେ ରାଜନଗର ବ୍ଲକରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ପ୍ରଥମଥର ଦୁଇ ଗୋଷ୍ଠୀ ମଧ୍ୟରେ ନିର୍ବାଚନକୁ ନେଇ ହିଂସା ଉପୁଜିଛି। ଏଥିରେ ୬ଜଣ ଆହତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ରାଜନଗର ଥାନାରେ ଚାନ୍ଦିବାଁଶମୂଳ ପଞ୍ଚାୟତ ବାହାରଗଡ ଗାଁର ରତ୍ନାକର ମହାକୁଡ ଓ ସସ୍ମିତା ମଳିକ ପୃଥକ୍ ଅଭିଯୋଗ କରିଛନ୍ତି। ରତ୍ନାକରଙ୍କ ଅଭିଯୋଗ ମୁତାବକ, ମଧ୍ୟାହ୍ନ ୧୨ ଟାରେ ତାଙ୍କ ପୁଅ ସନ୍ତୋଷ ବିବାହ ଉତ୍ସବରେ ଯୋଗଦେବାକୁ ଗୁଳା ଗାଁକୁ ଯାଉଥିଲେ। ଗାଁ ଶେଷ ମୁଣ୍ଡରେ କାରଥିବା ସମୟରେ ପୂର୍ବ ଯୋଜନା ମୁତାବକ ଗ୍ରାମର ବାବୁଲି ମଳିକ, ମୁନା ମଳିକ ଗାଡି ଅଟକାଇ ପଥରରେ ସନ୍ତୋଷଙ୍କ ମୁଣ୍ଡକୁ ବାଡେଇ ଫଟେଇଥିଲେ। ବାବୁଲି ଲୁହା ରଡ ଦ୍ୱାରା ବାଡେଇ ମାରି ଦେବାକୁ ଉଦ୍ୟମ କଲାବେଳେ ସନ୍ତୋଷ ଦୌଡି ଗାଁ ଭିତରକୁ ପଳାଇଥିଲେ। ରତ୍ନାକର ପହଞ୍ଚି ଘଟଣା ସମ୍ପର୍କରେ ଜାଣିବାକୁ ଚାହିଁବାରୁ ଗଣ୍ଡଗୋଳକାରୀ ତାଙ୍କୁ ଗାଳି ଗୁଲଜ ସହ ଅଜୟ ଠେଙ୍ଗାରେ ଆକ୍ରମଣ କରିଛନ୍ତି। ଏହି ସମୟରେ ଭାଗୀରଥ ମଳିକ, ମେଘନାଦ ମଳିକ ପହଞ୍ଚି ମିଳିମିଶି ବାଡେଇ ଥିଲେ। ଗଣ୍ଡଗୋଳକାରୀଙ୍କଠାରୁ ଉଦ୍ଧାର କରିବାକୁ ଯାଇ ସୁରେଶ ମଳିକ ଆହତ ହୋଇଛନ୍ତି। ଚିତ୍କାର ଶୁଣି ଗାଁ ଲୋକ ପହଞ୍ଚି ଯିବାରୁ ଗଣ୍ଡଗୋଳକାରୀ ଛାଡି ଦେଇଥିଲେ। ଲୋକଙ୍କୁ ଭୋଟ ନ ଦେଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଛନ୍ତି ବୋଲି ରତ୍ନାକର ଅଭିଯୋଗ କରିଛନ୍ତି। ସୁମିତ୍ରାଙ୍କ ଅଭିଯୋଗ ମୁତାବକ, ସେ ଘରକାମ କରୁଥିବା ସମୟରେ ତାଙ୍କ ଶ୍ୱଶୁର ସରେଶ ମଳିକ ଘର ପିଣ୍ଡାରେ ବସିଥିଲେ। ହଠାତ୍ ଗାଁର ରତ୍ନାକର, ସୁଧାକର, ସନ୍ତୋଷ, ଦୀପକ ପଲାଇ, ପବନ ମହାକୁଡ, ମିଳନ ପାଣି ପ୍ରମୁଖ ୧୦ରୁ୧୫ ଲୋକ ପହଞ୍ଚି ଶ୍ୱଶୁରଙ୍କୁ ଟାଣି ମାଡ ମାରିବା ସହ ଜାତି ନେଇ ଗାଳି ଗୁଲଜ କରିଥିଲେ। ଶ୍ୱଶୁରଙ୍କ କାନ୍ଦ ଶୁଣି ମୁଁ କାନ୍ଦିବାରୁ ବିବେକାନନ୍ଦ ମୋତେ ଖରାପ ଭାଷାରେ ଗାଳି ଗୁଲଜ କରିଥିଲେ। ସେ ମୋ ତଳି ପେଟରେ ଗୋଇଠା ମାରିବାରୁ ପରିବାର ଲୋକେ ଆସି ଭଙ୍ଗା ରୁଜା କଲେ। ୮ ମାସର ଗର୍ଭବତୀ ବୋଲି ସସ୍ମିତା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏଥିସହ ରାତିରେ ଘରପୋଡି ଦେବେ ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଛି। ସୁମିତ୍ରାଙ୍କ ସହ କୁନା ମଳିକ, ସୁରେଶ ମଳିକ, ସୁବାସ ମଳିକ ଆହତ ହୋଇଥିବା ଦର୍ଶାଯାଇଛି। ସୁବାଷ ମଧ୍ୟ ରତ୍ନାକର ଓ ତାଙ୍କ ସମର୍ଥକଙ୍କ ବରୋଧରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବାହାରଗଡ ଗାଁର ଝୁନାରାଣୀ ମଳିକ ୧୦ନଂ. ୱାର୍ଡରୁ ୱାର୍ଡସଭ୍ୟା ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ସ୍ୱାମୀ ମାନଗୋବିନ୍ଦ ମଳିକ ରାଜନଗର ଥାନାରେ ଦେଇଥିବା ଅଭିଯୋଗ ମୁତାବକ, ସେହି ଗାଁର ଅଜୟ ମଳିକ, ଜାମିନିକାନ୍ତ ଦାସ, କୈଳାସ ଚନ୍ଦ୍ର ଦାସ, କଳ୍ପତରୁ ଦାସ, ହେମନ୍ତ ମଳିକ ମଧ୍ୟ ଗୁରୁବାର ରାତି ୧ଟାରେ ମୋ ସ୍ତ୍ରୀ ଘରେ ଶୋଇଥିବା ସମୟରେ ସଂଘବଦ୍ଧ ଭାବେ ଆମ ଘରର କବାଟକୁ ବାଡେଇ ଜବରଦସ୍ତ ପଶିବାକୁ ଉଦ୍ୟମ କରିଥିଲେ। ଆମେ କବାଟ ଖୋଲି ନ ଥିଲୁ। ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ସହିତ ଆମ ଜାତି ନେଇ ଗାଳି ଗୁଲଜ କରିଥିଲେ। ଭୋଟ ପାଇଁ ଆଉ ପ୍ରଚାର କଲେ ମୋତେ ଓ ମୋ ସ୍ତ୍ରୀକୁ ଜୀବନରୁ ମାରି ଦେବା ପାଇଁ ଧମକ ଦେଇଥିଲେ। ପାଟିଶୁଣି ପଡୋଶୀ ଉଠିବାରୁ ସେମାନେ ପଳାଇ ଯାଇଥିଲେ। ଶୁକ୍ରବାର ଆପରାହ୍ନ ୩ଟାରେ ଝୁନାରାଣୀ ପ୍ରଚାର କରୁଥିବା ସମୟରେ ଗୁରୁବାର ରାତିରେ କବାଟ ବାଡେଇ ଧମକ ଦେଇଥିବା ବ୍ୟକ୍ତିମାନେ ରାସ୍ତାରେ ଅଟକାଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ସହ ମାଡ ମାରିବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।





ଆହତ ବ୍ୟକ୍ତିମାନଙ୍କୁ ଚିକିତ୍ସା କରାଯାଉଛି।

## ସଂକ୍ଷେପରେ

### ଶନିଦେବଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଧର୍ମଶାଳା,୧୧।୨(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ କୋଟପୁର ପଞ୍ଚାୟତର ବୃଦ୍ଧଲିଙ୍ଗ ମହାଦେବ ମନ୍ଦିର ପରିସରରେ ଶ୍ରୀଶ୍ରୀ ଶନିଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ୩ ଦିନ ବ୍ୟାପୀ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁ ପୂଜା, ମଣ୍ଡପ ପୂଜା, ଚଣ୍ଡୀ ପାଠ, ଗୀତା ପାଠ, ଅଗ୍ନି ସ୍ଥାପନ ଓ ଯଜ୍ଞ କାର୍ଯ୍ୟ ଆଦି ସମ୍ପନ୍ନ ହୋଇଛି। ଶନିଦେବଙ୍କ ମନ୍ଦିର ପ୍ରତିଷ୍ଠା ସହ ଶନିଦେବଙ୍କ ସିଂହାସନ ଆରୋହଣ କରାଯାଇଥିଲା। ବୃଦ୍ଧଲିଙ୍ଗ ପୂଜା କମିଟି ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ନାରାୟଣ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ପୁରୋଧା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭକ୍ତ ନିରଞ୍ଜନ ଦାଶ, ସଞ୍ଜୟ ସାମଲ, ନିର୍ମାଳ ଚନ୍ଦ୍ର ରାୟ, ବ୍ରଜକିଶୋର ଦାଶ ଓ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ସୁରକ୍ଷା ପାଚେରି ଭାଙ୍ଗି ପଶିଲା ଜଙ୍ଗଲୀ ହାତୀ

**ବାରଙ୍ଗ,୧୧।୨(ଡି.ଏନ୍.ଏ.):** ନନ୍ଦନକାନନରେ ପୁଣି ସୁରକ୍ଷା ପାଚେରି ଭାଙ୍ଗି ଭିତରକୁ ପଶିଛନ୍ତି ଚନ୍ଦକା ଜଙ୍ଗଲର ଦୁଇ ହାତୀ। ଗୁରୁବାର ରାତିରେ ସୁରକ୍ଷା ପାଚେରି ଭାଙ୍ଗି ଭିତରକୁ ପଶି ଆସିଥିବାର ଜଣାପଡ଼ିଛି। ପରିସରରେ ପଶି ଏଣେତେଣେ ବୁଲି ବୋଟ୍ ଘାଟ ପାଖ ପମ୍ପଘର ପଛପଟେ ଲାଗିଥିବା କଦଳୀ ଗଛଗୁଡିକୁ ଭାଙ୍ଗି ଖାଇଦେଇଛନ୍ତି ଏହି ଦୁଇ ହାତୀ। ଏହାସହ ଶିଶୁ ରେଳଗାଡ଼ି ରେଳଧାରଣା ଉପରେ ଚାଲି ଚାଲି ବାଘ ସଫାରି ଦେଇ ହମିରାଟାଙ୍ଗୀ ଜଙ୍ଗଲ ଭିତରେ ପଶିରହିଛନ୍ତି। ସିକ୍ୟୁରିଟି ବିଭାଗର ଜଗୁଆଳମାନେ ନନ୍ଦନକାନନ ଭିତରେ ଜଗୁଥିଲେ ମଧ ହାତୀ ବିଷୟରେ ଜାଣିପାରିନାହାନ୍ତି। ଶୁକ୍ରବାର ସକାଳେ କଦଳୀ ଗଛଗୁଡିକ ଭାଙ୍ଗିଥିବା ଜାଣି ସିସିଟିଭି ଫୁଟେଜ୍‌କୁ ଅନୁଧାନ ପରେ ଜଙ୍ଗଲୀ ହାତୀ ପଶିଥିବାର ଜାଣିବାକୁ ପାଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଖବର ପାଇ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଏକ ଟିମ୍ ନନ୍ଦନକାନନ ଟିମ୍ ସହ ମିଶି ହାତୀଦ୍ୱୟକୁ ଘଉଡାଇବା ପାଇଁ ଦିନସାରା ଚେଷ୍ଟା କରିଥିଲେ ମଧ ସେମାନେ ହମିରାଟାଙ୍ଗୀ ଜଙ୍ଗଲ ଭିତରୁ ପଦାକୁ ବାହାରି ନ ଥିଲେ। ପୁଣି ରାତିରେ ହାତୀ ଘଉଡ଼ାଇବା ଅଭିଯାନ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବଲଙ୍ଗା, ୧୧।୨(ଡି.ଏନ୍.ଏ.):** ବଲଙ୍ଗା ଥାନା ଦୁର୍ଗାପୁର ଗ୍ରାମ ନିକଟସ୍ଥ ଏକ ଗଛରୁ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଜବତ କରିଛି। ସେ ହେଲେ ଏହି ଥାନା ଉକ୍ତ ଗ୍ରାମର ବିଜୟ ସ୍ୱାଇଁ (୩୫)। ଏ ନେଇ ପୋଲିସ ମାମଲା (ନଂ.୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ବିଜୟ ପରିବାର ସହ ରୁହନ୍ତି। ତେବେ ଗୁରୁବାର କୌଣସି କାର୍ଯ୍ୟରେ ବାହାରକୁ ଯାଇ ଫେରି ନ ଥିଲେ। ଶୁକ୍ରବାର ସ୍ଥାନୀୟ ଗ୍ରାମର କେତେଜଣ ବ୍ୟକ୍ତି ସେହି ରାସ୍ତାରେ ଯିବାବେଳେ ଏକ ଆମ୍ବଗଛରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ନିକଟକୁ ଯିବାବେଳେ ତାହା ବିଜୟଙ୍କ ମୃତଦେହ ବୋଲି ଜାଣି ତାଙ୍କ ସ୍ତ୍ରୀ ସବିତା ଓ ପୋଲିସକୁ ଜଣାଇଥିଲେ।

# ବିଜୟଧାରା ବଦଳାଇପାରେ ଶ୍ରମିକ ଅଶାନ୍ତି

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

**ଯାଜପୁର ଅଫିସ/କଳିଙ୍ଗନଗର, ୧୧।୨(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଖଣି ତଥା ଶିଳ୍ପ ଶ୍ରମିକମାନେ ଗଣତାନ୍ତ୍ରିକ ଅଧିକାର ପ୍ରତି ସର୍ବାଧିକ ସଚେତନ। ଏଠାରେ ୨୦୧୯ରେ ୭୯.୩୮%, ୨୦୧୪ରେ ୮୪.୩୫%, ୨୦୦୯ରେ ୭୬.୪୪% ଓ ୨୦୦୪ ସାଧାରଣ ନିର୍ବାଚନରେ ୭୬.୩୯% ମତଦାନ ହୋଇଥିଲା। ଏହି ନିର୍ବାଚନମଣ୍ଡଳୀରେ କମ୍ ଭୋଟ ବ୍ୟବଧାନରେ ହାରଜିତ୍ ହୋଇଆସୁଛି। ବିଜେଡି ସବୁଥର ବାଜିମାରି ନେଉଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ସୁକିନ୍ଦା ନିର୍ବାଚନମଣ୍ଡଳୀର ସମସ୍ତ ୬ ଜିଲା ପରିଷଦ ଜୋନ୍‌କୁ ବିଜେଡି ଅକ୍ତିଆର କରିଥିଲା। ହେଲେ ଚଳିତ ପଞ୍ଚାୟତ ନିର୍ବାଚନରେ ଯଦି ଅଧିକ ସଂଖ୍ୟାରେ ମତଦାନ ହୁଏ, ତା'ହେଲେ ବିଜୟଧାରା ବଦଳିପାରେ। ଏହାର କାରଣ ସ୍ଥାନୀୟ ଅଞ୍ଚଳରେ ବିକାଶ ନ ହେବା ଏବଂ ଶ୍ରମିକ ଛଟେଇକୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷ ବୋଲି କୁହାଯାଉଛି। ବିରୋଧୀ ଦଳ ଭାଜପା ଏବଂ କଂଗ୍ରେସ ଏହାକୁ ନିର୍ବାଚନ ପ୍ରସଙ୍ଗ କରି ଜୋରଦାର ଅଭିଯାନ ଚଳାଇଛନ୍ତି।

ସୁକିନ୍ଦା ବିଧାୟକ ତଥା ବିଜେଡି ନେତା ପ୍ରୀତିରଞ୍ଜନ ଘଡ଼େଇ ଦଳର ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଥିବାରୁ ପଞ୍ଚାୟତ ନିର୍ବାଚନ ସମୟରେ ତାଙ୍କର ପ୍ରାୟତଃ ଦେଖା ମିଳୁନାହିଁ। ତାଙ୍କ ସ୍ଥାନରେ ପୁରୁଖା ବିଜେଡି ନେତା ପ୍ରଫୁଲ୍ଲ ଘଡ଼େଇ ନିର୍ବାଚନ ପରିଚାଳନା କରୁଛନ୍ତି। ହେଲେ ଖଣି ଓ ଶିଳ୍ପାଞ୍ଚଳରେ ଶ୍ରମିକ ଛଟେଇ ସହ ମୌଳିକ ସୁବିଧାରୁ ବଞ୍ଚିତ ଲୋକେ ଅସନ୍ତୁଷ୍ଟ ହେବା ସହ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ଏହା ବିଜେଡି ପାଇଁ କ୍ଷତି ନୁହେଁ ବୋଲି କୁହଯାଇ ନ ପାରେ। କାରଣ ସବୁ ଅସନ୍ତୁଷ୍ଟ ଯେ ଭୋଟ ବର୍ଜନ କରିବେ ତାହା କହିହେବ ନାହିଁ। ତେଣୁ ଶ୍ରମିକ ଅଶାନ୍ତି ବିଜେଡି ପାଇଁ ଅଡୁଆ ସୃଷ୍ଟି କରିପାରେ ବୋଲି ମତପ୍ରକାଶ ପାଇଛି। ଗତ ସାଧାରଣ ନିର୍ବାଚନ(୨୦୧୯) ପୂର୍ବରୁ କାଳିଆପାଣି ଓଏମ୍‌ସି ପାର୍କରେ ଆୟୋଜିତ ଏକ ବୈଠକରେ ଜଣେ ଶ୍ରମିକ ନେତା ବିଜେଡିକୁ ଭୋଟ ନ ଦେଲେ ନିଯୁକ୍ତିରୁ ଛଟେଇ ବୋଲି ଚେତାବନୀ ଦେଇଥିଲେ, ଯାହାର ପ୍ରଭାବ ସେତେବେଳେ ଭାଜପା ସପକ୍ଷରେ ଯାଇଥିଲା। ଏଠାରେ ପ୍ରଥମ କରି ଭାଜପା ଦ୍ୱିତୀୟ ଦଳ ଭାବେ ବିଜେଡିକୁ ଟକ୍କର ଦେଇଥିଲା। ଭାଜପା ପ୍ରାର୍ଥୀ ପ୍ରଦୀପ ବଳ ସାମନ୍ତ ମାତ୍ର ୧୬,୭୨୪ ଭୋଟ ବ୍ୟବଧାନରେ ବିଜେଡିର ପ୍ରୀତିରଞ୍ଜନ ଘଡ଼େଇଙ୍କଠାରୁ ହାରିଥିଲେ। ବର୍ତ୍ତମାନ ପଞ୍ଚାୟତ ନିର୍ବାଚନରେ ବିଜେଡିର ନିର୍ବାଚନ ଭାର ସମ୍ଭାଳିଥିବା ପ୍ରଫୁଲ୍ଲ ଘଡ଼େଇ ପୂର୍ବରୁ ୪ ଥର ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକର ମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଅବକାରୀ ମନ୍ତ୍ରୀ ଭାବେ ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବସ୍ଥାପିତ କରିଥିଲେ। ତଥାପି ନଗଡ଼ା ଭଳି ଚିତ୍ର ସାରା ବିଶ୍ୱରେ ବଦନାମ ଆଣିଥିଲା। ଏବେ ବି ଏକାଧିକ ଗ୍ରାମକୁ ସୁଦୃଢ଼ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ନଗଡ଼ାକୁ ନିର୍ମାଣ ହୋଇଥିବା ରାସ୍ତାରେ ବିପୁଳ ହରିଲୁଟ ହୋଇଥିବା ନେଇ ଲୋକାୟୁକ୍ତ ଓ କାଳିଆପାଣି ଥାନାରେ ଅଭିଯୋଗ ହୋଇଛି। ଏହାସହ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅବହେଳା କରାଯାଉଛି। ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଧୂଳିଧୂଆଁ ଓ ଜଳବାହିତ ରୋଗରେ ଆକ୍ରାନ୍ତ ଅଛନ୍ତି। କିଡ୍‌ନୀ ରୋଗରେ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଏହିସବୁ କାରଣରୁ ସୁକିନ୍ଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦାନଗଦି ବ୍ଲକ ଶାଳିଜଙ୍ଗା ପଞ୍ଚାୟତ ୮ ନମ୍ବର ୱାର୍ଡ ବେଣାପାଟିଆ ଗ୍ରାମବାସୀ ଏବଂ ସୁକିନ୍ଦା ବ୍ଲକ ଚିଙ୍ଗୁଡ଼ିପାଳ ପଞ୍ଚାୟତର ନାଟୋର ଗ୍ରାମର ଲୋକେ ଚଳିତ ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ବିରୋଧୀ ଦଳ ଭାଜପା ଏବଂ କଂଗ୍ରେସ ଶାସକ ଦଳ ବିରୋଧରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଲୋକଙ୍କ ନିକଟତର ହେବାକୁ ଚେଷ୍ଟା ଚଳାଇଛନ୍ତି। ତେବେ ସମସ୍ୟା ଦୀର୍ଘଦିନର ହୋଇଥିଲାବେଳେ ବିରୋଧୀ ଦଳଗୁଡ଼ିକ ପ୍ରାୟତଃ ନିର୍ବାଚନ ସମୟରେ ସକ୍ରିୟ ରହୁଥିବାରୁ ସେମାନେ ଲୋକଙ୍କ ଆସ୍ଥାଭାଜନ ହୋଇପାରୁନାହାନ୍ତି। ଫଳରେ ବିଜେଡି ୩୦ ବର୍ଷ ହେଲା ନିର୍ବାଚନରେ ସଫଳ ହୋଇଆସୁଛି। ଏହି ଧାରା ଚଳିତ ପଞ୍ଚାୟତ ନିର୍ବାଚନରେ ବଦଳୁଛି କି ନାହିଁ ତାହା ଭୋଟଗଣତି ପରେ ସ୍ପଷ୍ଟ ହୋଇଯିବ।

ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାରଙ୍ଗପୁର ଗ୍ରାମର ସୁକାନ୍ତ ନାଏକ କୁହନ୍ତି, ବିଜେଡି ନେତୃବୃନ୍ଦ ଏଠାରେ ଦୀର୍ଘଦିନ ଧରି ନିର୍ବାଚିତ ହୋଇ ବିଭିନ୍ନ ମନ୍ତ୍ରୀ ପଦରେ ଅଳଙ୍କୃତ ହୋଇଛନ୍ତି। କିନ୍ତୁ ଆଜି ବି ବିଭିନ୍ନ ଗ୍ରାମକୁ ପକ୍କା ରାସ୍ତା, ସ୍ୱଚ୍ଛ ପାନୀୟ ଜଳ ଆଦି ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ଲୋକେ ଚୁଆପାଣି ପିଉଛନ୍ତି। ଲୋକେ ଏଥର ଉଚିତ ଜବାବ ଦେବେ ବୋଲି ଆଲୋଚନା ହେଉଥିବା ନାଏକ କହିଛନ୍ତି। ଯଖପୁରା ଅଞ୍ଚଳର ସାମାଜିକ କର୍ମୀ ଅକ୍ଷୟ ଧଳ କୁହନ୍ତି, ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଖଣି ଓ କାରଖାନା ଭରପୂର ରହିଛି। କିନ୍ତୁ ସ୍ଥାନୀୟ ନିଯୁକ୍ତି ଗୌଣ ଥିବାରୁ ଆଜି ବି ଲୋକେ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। କେତେକ ପ୍ରଭାବଶାଳୀ ନେତାଙ୍କ ପରୋକ୍ଷ ସହଯୋଗରେ ଖଣି ଓ ଶିଳ୍ପରେ ବାହାର ରାଜ୍ୟର ଲୋକଙ୍କ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିବାବେଳେ ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର କୁହନ୍ତି, ଜିଲାର ସମସ୍ତ ୩୯ଟି ଜୋନ୍‌ରେ ବିଜେଡି ବିଜୟୀ ହେବ। ଏଥିରେ କୌଣସି ଦ୍ୱିମତ ନାହିଁ।

**ସୁକିନ୍ଦା ନିର୍ବାଚନମଣ୍ଡଳୀ**

| ୨୦୧୭ ପଞ୍ଚାୟତ ନିର୍ବାଚନ ଭୋଟ ହାର | ୨୦୧୯ ସାଧାରଣ ନିର୍ବାଚନ |
|---|---|
| ବିଜେଡି– ୫୨.୨୫% | ବିଜେଡି–୪୮.୨% |
| କଂଗ୍ରେସ–୩୪.୦୬% | ଭାଜପା–୩୭.୭୯% |
| ଭାଜପା– ୯.୪୪% | କଂଗ୍ରେସ–୧୧.୫୮% |

## ୩ ଛାତ୍ରୀଛାତ୍ର ମେଧାବୃତ୍ତି ପାଇଁ ଯୋଗ୍ୟ ବିବେଚିତ

**କାଳିଆପାଣି,୧୧।୨(ଡି.ଏନ.ଏ.)**

ଖଣି ନିଗମ ପରିଚାଳିତ କାଳିଆପାଣି ହାଇସ୍କୁଲର ୩ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୦୨୦–୨୧ ବର୍ଷ ପାଇଁ ଦଶମ ଶ୍ରେଣୀ ଛାତ୍ର କ୍ଷୀରୋଦ ମହାନ୍ତ, ଛାତ୍ରୀ ମୋନିକା ମଲ୍ଲିକ ଓ ଅପରାଜିତା ସୋରେନ ଏହି ବୃତ୍ତି ପାଇବେ। ଏନେଇ ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉଦ୍ୟମ ଓ ପିଲାଙ୍କ ଚେଷ୍ଟା ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା ପ୍ରକାଶ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରାର୍ଥୀ ମଦ ମଗାଇଥିବା ସନ୍ଦେହ

**ବିଞ୍ଝାରପୁର,୧୧।୨(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅଧୀନ ଅରେଇ ନିକଟରୁ ପୋଲିସ ଶୁକ୍ରବାର ସକାଳେ ବିଦେଶୀ ମଦ ବୋଝେଇ ଏକ ମାରୁତି ଭ୍ୟାନ୍ ଜବତ କରିଛି। ଉକ୍ତ ଭ୍ୟାନ୍‌ରେ ୪୪ ପେଟି ମଦ ଥିଲା, ଯାହାର ଆନୁମାନିକ ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ଏହି ମଦ ବୋଝେଇ ଭ୍ୟାନ୍‌ଟି ଯାଜପୁରରୁ ବିଞ୍ଝାରପୁର ଅଞ୍ଚଳକୁ ଆସୁଥିଲା। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ (ଓଆର୍–୦୧–୭୮୭୧) ମାରୁତି ଭ୍ୟାନ୍‌କୁ ଅଟକାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୯୦/୨୨) ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ତେବେ ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ବିଭିନ୍ନ ଗାଁରେ ମଦ କାରବାର ବଢ଼ି ଚାଲିଛି। ଜବତ ମଦକୁ କେହି ପ୍ରାର୍ଥୀ ନିଜ ସମର୍ଥକଙ୍କ ପାଇଁ ମଗାଇ ପାରିଥାନ୍ତି ବୋଲି ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଆଇଆଇସି ଅମରେନ୍ଦ୍ର ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ମଦ କେଉଁଠୁ ଆସିଲା ଏବଂ କେଉଁଆଡ଼େ ଯାଉଥିଲା ତାହାର ତଦନ୍ତ ଚାଲିଛି। ଏହି ମଦ ଚାଲାଣରେ କିଏ କିଏ ସମ୍ପୃକ୍ତ ଅଛନ୍ତି ତଦନ୍ତ ପରେ ଜଣାପଡ଼ିବ। ଏହାପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବରୀ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ



ପୋଲିସ କର୍ମଚାରୀମାନେ ଫ୍ଲାଗ୍ ମାର୍ଚ୍ଚ କରୁଛନ୍ତି।

**ବରୀ,୧୧।୨(ଡି.ଏନ.ଏ.)**

ଚଳିତ ପଞ୍ଚାୟତ ନିର୍ବାଚନରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା କ୍ଷେତ୍ରରେ ବରୀ ରାମଚନ୍ଦ୍ରପୁର ପୋଲିସ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି। ବିଶେଷକରି ପଞ୍ଚାୟତ ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ସହ ଭୋଟରଙ୍କୁ ମତଦାନ କରିବା କ୍ଷେତ୍ରରେ ପୋଲିସ ପ୍ରଶାସନ ସବୁବେଳେ ସଜାଗ ଅଛି ବୋଲି ଫ୍ଲାଗ୍‌ମାର୍ଚ୍ଚ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି। ଏହି ମର୍ମରେ ଶୁକ୍ରବାର ବରୀ ବ୍ଲକ୍‌ର ମୁଖ୍ୟ ବଜାର ବରୀ ମାଉଣ୍ଡଠାରେ ଥାନା ଅଧିକାରୀ କାବୁଲି ବାରିକଙ୍କ ନେତୃତ୍ୱରେ ଥାନାର ସମସ୍ତ କର୍ମଚାରୀଙ୍କ ସମେତ ଆଇଆର୍‌ବି ଫୋର୍ସମାନେ ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି। ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଜନସାଧାରଣଙ୍କୁ ସଚେତନ କରାଯାଇଛି। ତେବେ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ହେବା ଲାଗି ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ଥାନା ଅଧିକାରୀ କହିଛନ୍ତି। ବରୀ ବ୍ଲକ୍‌ର ମୋଟ୍ ୨୯ ପଞ୍ଚାୟତରେ ୩୮୦ ବୁଥ୍ ହୋଇଛି। ଉକ୍ତ ବୁଥ୍‌ଗୁଡ଼ିକରେ ୧ ଲକ୍ଷ ୩୭ ହଜାର ୯୨୪ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ ବୋଲି ଜଣାପଡ଼ିଛି।

# ଟ୍ରକ୍ ଚାଳକଙ୍କ ଲାଗି ଦୁଇ ସୁବିଧାକେନ୍ଦ୍ରର ଭିତ୍ତିପ୍ରସ୍ତର

**କାଳିଆପାଣି,୧୧।୨(ଡି.ଏନ.ଏ.)**

ପ୍ରତିଦିନ ଖଣି ଅଞ୍ଚଳକୁ କ୍ରୋମାଇଟ୍ ପରିବହନ ନିମନ୍ତେ ଆସୁଥିବା ଶତାଧିକ ଟ୍ରକ୍‌ର ଚାଳକ ଓ ହେଲ୍‌ପରଙ୍କ ମୌଳିକ ସମସ୍ୟା ସମାଧାନ ଲାଗି ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍ ପକ୍ଷରୁ ସୁକିନ୍ଦା ଓ ସାରୁଅବିଲ -କମର୍ଦ୍ଦା ଖଣିରେ ୨ଟି ସୁବିଧାକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯେଉଁଥିରେ ସ୍ନାନାଗାର, ଶୌଚାଳୟ, ପାନୀୟଜଳ, କ୍ୟାଣ୍ଟିନ, ବିଶ୍ରାମାଗାର ଓ ନିୟମିତ ପ୍ରଶିକ୍ଷଣ ବ୍ୟବସ୍ଥା ସହ ସମସ୍ତ ସୁବିଧା ଉପଲବ୍ଧ ହେବ। ଏହା ସେମାନଙ୍କ ମନୋବଳ ସୁଦୃଢ଼ କରିବା ସହ ଉତ୍ପାଦନ ଓ ସୁରକ୍ଷାରେ ସହାୟକ ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ଯାଜପୁର ରୋଡ୍ ଖଣି ଉପନିର୍ଦ୍ଦେଶକ ପ୍ରିୟଦର୍ଶୀ ସନ୍ଦୀପ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇଟି ଖଣିରେ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଇ–ପରିବହନ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଟାଟା ଷ୍ଟିଲ୍‌ର ବରିଷ୍ଠ ଜିଏମ୍ ଇଂ. ସୁଶାନ୍ତ କୁମାର ମିଶ୍ର ଏଥିରେ ପୌରୋହିତ୍ୟ କରି ଇ–ପରିବହନ ବ୍ୟବସ୍ଥା ଯୋଗୁ ଖଣିରେ ପ୍ରବେଶଠାରୁ ପ୍ରସ୍ଥାନ ପର୍ଯ୍ୟନ୍ତ ଯାନର ସମସ୍ତ ତଥ୍ୟ ଅନାୟାସରେ ଜାଣିହେବ ବୋଲି ପ୍ରକାଶ କରିଥିଲେ। ପ୍ରଶାସନିକ ବରିଷ୍ଠ ଅଧିକାରୀ ଗୌତମ ଚକ୍ରବର୍ତ୍ତୀଙ୍କ ସହ ବହୁ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ସୁବିଧାକେନ୍ଦ୍ର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

# ଜଗା ଦର୍ଶନ ପାଇଁ ଦଣ୍ଡବତରେ ଯାଉଛନ୍ତି ଭକ୍ତ

**ବାରଙ୍ଗ, ୧୧।୨(ଡି.ଏନ୍.ଏ.)**

ସଂସାରର ମଙ୍ଗଳ କାମନା କରି ବାହାରିଛନ୍ତି ପୁରୀ। ତାହା ପୁଣି ଶରୀରକୁ କଷ୍ଟ ଦେଇ, ରାସ୍ତାରେ ଖାଲିପାଦରେ ଚାଲିବା ସହ ଦଣ୍ଡ ମାରି ମାରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଯାଉଛନ୍ତି ୭୦ ବର୍ଷର ବୃଦ୍ଧ ରାମହଂସ ଦାସ। ରାଜସ୍ଥାନର ସବିମାଧପୁର ଜିଲା ଗଙ୍ଗାପୁରସେଠ ତହସିଲର ଖଣ୍ଡଦୀପ ଗ୍ରାମରେ ରାମହଂସଙ୍କ ଘର। ୨୯ ଏପ୍ରିଲରୁ ଘରୁ ବାହାରିବା ସହ ଏହା ମଧ୍ୟରେ ୯ମାସ ୧୪ଦିନ ବିତିଗଲାଣି। ତାଙ୍କ ସାଥିରେ ଜଣେ ଯୁବକ ମଧ ଚାଲି ଚାଲି ଯାଉଛନ୍ତି। ଯେଉଁଠି ରାତି ହେଉଛି ସେଠାରେ ସେ ବିଶ୍ରାମ ନେଉଛନ୍ତି। ତେବେ ଶୁକ୍ରବାର ଅପରାହ୍ନରେ ବାରଙ୍ଗସ୍ଥିତ ରାମଦାସପୁରଠାରେ ପହଞ୍ଚିବା ପରେ ଦେଖଣାହାରିଙ୍କ ଭିଡ଼ ଲାଗିରହିଥିଲା। ସ୍ଥାନୀୟ ଲୋକଙ୍କ ଅନୁରୋଧକ୍ରମେ ସେ ରାମଦାସପୁର ପଞ୍ଚାୟତ କାର୍ଯ୍ୟାଳୟରେ ରାତ୍ରିଯାପନ କରିଛନ୍ତି। ମେରା ସବ୍‌କୁଛ୍ ଶ୍ରୀଜଗନ୍ନାଥ ଓ ଜଗତ୍ କଲ୍ୟାଣ ଉଦ୍ଦେଶ୍ୟରେ ବାହାରିଥିବା ରାମହଂସ କହିଛନ୍ତି।

# ବିଧାୟିକାଙ୍କୁ କଳାପତାକା ପ୍ରଦର୍ଶନ

**ପ୍ରାର୍ଥୀ ଚୟନ ଅଡୁଆ**

**ବିଞ୍ଝାରପୁର,୧୧।୨(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନ ଲାଗି ବିଞ୍ଝାରପୁର ବିଧାୟିକା ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଚୟନ କରାଯାଇଥିବା ପ୍ରାର୍ଥୀଙ୍କୁ ଅନେକ ସ୍ଥାନରେ ଲୋକେ ଗ୍ରହଣ କରୁନାହାନ୍ତି। ଏହାକୁନେଇ ବିଦ୍ରୋହ ବଢୁଥିବାବେଳେ ବିଧାୟିକାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି। ଶୁକ୍ରବାର ବିଧାୟିକା ଦଳୀୟ ପ୍ରାର୍ଥୀଙ୍କ ଲାଗି ନିର୍ବାଚନ ପ୍ରଚାରକୁ ଯାଇଥିବେଳେ ଲୋକେ ତାଙ୍କୁ ବିରୋଧ କରିଛନ୍ତି। ବ୍ଲକ ଅଧୀନ ପ୍ରୀତିପୁର ପଞ୍ଚାୟତକୁ ସେ ପୂର୍ବାହ୍ନରେ ଯାଇଥିଲେ। ପଞ୍ଚାୟତର ମହାଦେବ ବଣିଆସାହିଠାରେ ଗ୍ରାମବାସୀ ତାଙ୍କୁ କଳାପତାକା ପ୍ରଦର୍ଶନ କରିବା ସହ ତାଙ୍କ ବିରୋଧରେ ନାରାବାଜି କରିଥିଲେ। ଏପରି କି ତାଙ୍କ ଗାଡ଼ିରେ ବସିଥିବା ପିଏସ୍‌ଓ ଉତ୍ୟକ୍ତ ଲୋକଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ସେ ବିଫଳ ହୋଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବିଧାୟିକା ସେଠାରୁ ପଳାଇ ଯାଇଥିଲେ।

# ମହାଲକ୍ଷ୍ମୀ, ବିମଳାଙ୍କ ମନ୍ଦିର ପ୍ରତିଷ୍ଠା

**ଧର୍ମଶାଳା,୧୧।୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦଳା–ହରିଦାସପୁର ଗ୍ରାମରେ ପ୍ରତିଷ୍ଠିତ ଶ୍ରୀସ୍ୱପ୍ନେଶ୍ୱର ମହାଦେବ ଓ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପାର୍ଶ୍ୱରେ ମା' ମହାଲକ୍ଷ୍ମୀ ଓ ମା' ବିମଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସାଧିବାସ, ବାସ୍ତୁପୂଜା, ଅଗ୍ନିସ୍ଥାପନ, ଶ୍ରୀବିଗ୍ରହଙ୍କ ଧନ୍ୟାଧିବାସ, ଗର୍ଭାଧାନ କର୍ମ, ସୂର୍ଯ୍ୟପୂଜା, ଗୁରୁପୂଜା, ଯଜ୍ଞକର୍ମ ଆଦି ଯଥାବିଧି ମୁଖ୍ୟ ପଣ୍ଡିତ କମଳ ଲୋଚନ ଶତପଥୀଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ସୁରେନ୍ଦ୍ର ବ୍ୟାସ, ସୂର୍ଯ୍ୟକାନ୍ତ ମିଶ୍ର, ବିଜୟ ପଣ୍ଡା, ଅମରେଶ ରଥ, ଲକ୍ଷ୍ମୀନାରାୟଣ ବ୍ୟାସଙ୍କ ଦ୍ୱାରା ସମାହିତ ହୋଇଛି। ମନ୍ଦିର ପୂଜକ ବାମନ ଚରଣ ମିଶ୍ର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ କେଶବ ଚନ୍ଦ୍ର ଜେନା, ଡା. ତମାଳ ବରଣ ଦାସ, ଶକୁନ୍ତଳା ଦାସ, ଅର୍ଜୁନ ଚରଣ ପରିଡ଼ା ଓ ବୈଜୟନ୍ତୀ ପରିଡ଼ା କାର୍ଯ୍ୟ ନିର୍ବାହ କରିଥିଲେ। ଗୁରୁବାର ରାତିରେ ବିଗ୍ରହମାନଙ୍କ ନବଯୌବନ ଦର୍ଶନ ଓ ମନ୍ଦିର ବିଜେ ପରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ୪ଦିନ ଧରି ଉକ୍ତ କାର୍ଯ୍ୟକ୍ରମକୁ ଉପକର୍ତ୍ତା ଶୀତ ବେହୁରାଙ୍କ ସମେତ କଦଳା ଓ ହରିଦାସପୁର ଗ୍ରାମବାସୀ ପରିଚାଳନା କରିଥିଲେ। ରମାକାନ୍ତ ଜେନା, କୈଳାସ ଚନ୍ଦ୍ର ରାଉତ, ଅଖିଳ ସ୍ୱାଇଁ, କଳ୍ପତରୁ ପଣ୍ଡା, ମାନସ ରାଉତ ପ୍ରମୁଖ ଯୋଗଦେଇ ମା'ଙ୍କ କୃପାଲାଭ କରିଥିଲେ। ଉକ୍ତ ୨ ମନ୍ଦିରର ନିଖୁଣ କାରୁକାର୍ଯ୍ୟ ବୈକୁଣ୍ଠ ମହାରଣା ଓ ତାଙ୍କ ସହଯୋଗୀ ଜିତେନ୍ଦ୍ର ଓଝାଙ୍କ ଦ୍ୱାରା କରାଯାଇଛି। କରୋନା କଟକଣା ଅନୁସାରେ ଭକ୍ତମାନେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ।



ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

# ପ୍ରତିଦ୍ୱନ୍ଦ୍ୱିତାରେ ପୁରୁଖା ନେତା

**ବଡ଼ଚଣା ୧୯ ନଂ. ଜୋନ୍ ଜିଲା ପରିଷଦ ଆସନ**

**ଚଣ୍ଡିଖୋଲ,୧୧।୨(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକର ୧୯ ନଂ. ଜୋନ୍ ଜିଲା ପରିଷଦ ଆସନରେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ, ଭାଜପା ଓ ଆମ୍ ଆଦମୀ ପାର୍ଟି ପକ୍ଷରୁ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଏଠାରେ ବିଜେଡି ପକ୍ଷରୁ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, କଂଗ୍ରେସ ପକ୍ଷରୁ ଜିଲା ସେବାଦଳ ଅଧ୍ୟକ୍ଷ ଶ୍ରୀକାନ୍ତ ମଲ୍ଲିକ, ଭାଜପା ପକ୍ଷରୁ ସମିତିସଭ୍ୟ କିଶୋର ରାଉତ ଓ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ମୋକିମ ଖାଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ବଡ଼ବାଲିକୁଦା, ଚାରିନଙ୍ଗଳ, ନଳିପୁର, ବରପଦା, ମଝିପଡ଼ା, ଅଚ୍ୟୁତବସନ୍ତ, ମାଣ୍ଡୁକା, ବାଲିଚନ୍ଦ୍ରପୁର ଓ ପତରାଜପୁର ୯ ପଞ୍ଚାୟତର ୧୨୭ ୱାର୍ଡକୁ ନେଇ ଏହି ଜୋନ୍ ଗଠିତ। ଉକ୍ତ ଜୋନ୍‌ର ମୋଟ୍ ଭୋଟର ସଂଖ୍ୟା ୪୦,୭୦୦। ଯେଉଁଥିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୨୦,୭୬୩ ହୋଇଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧୯,୩୩୫ ରହିଛି। ୨୦୧୭ ପଞ୍ଚାୟତ ନିର୍ବାଚନ ଫଳାଫଳ ଶାସକ ବିଜେଡି ସପକ୍ଷରେ ରହିଥିଲା। ବିଜେଡି ପ୍ରାର୍ଥୀ ଇତିଶ୍ରୀ ସାମଲ ୧୧,୭୯୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ନିକଟତମ କଂଗ୍ରେସ ପ୍ରାର୍ଥୀ ଗୀତାଞ୍ଜଳି ରାଉତ ୮,୨୨୯ ଭୋଟ ପାଇଥିବାବେଳେ ଭାଜପା ପ୍ରାର୍ଥୀ ଅମିତା ଜେନା ୫,୧୭୯ ଖଣ୍ଡ ଭୋଟ୍ ପାଇଥିଲେ। ସେହିଭଳି ସ୍ୱାଧୀନ ପ୍ରାର୍ଥୀ ସଙ୍ଗୀତା ବଳ ୧୧୩୨ ଖଣ୍ଡ ଭୋଟ ପାଇଥିଲେ। ତେବେ ଚଳିତ ଥର ଶାସକ ବିଜେଡିରୁ ପ୍ରାର୍ଥୀ ହୋଇଥିବା ଅରବିନ୍ଦ ଏବେ ବ୍ଲକ ବିଜେଡି ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ୧୮ ନଂ. ଜୋନ୍‌ରୁ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚନ ଜିଣିଥିବା ଅରବିନ୍ଦଙ୍କ ଏହି ଜୋନ୍‌ର ସମସ୍ତ ପଞ୍ଚାୟତର ପ୍ରମୁଖ କର୍ମୀଙ୍କ ସହ ସିଧାସଳଖ ସମ୍ପର୍କ ରଖିଛନ୍ତି। ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା, ବିଧାୟକଙ୍କ ବିକାଶ ଓ ଦଳର ସଙ୍ଗଠନ ବଳରେ ଚଳିତ ନିର୍ବାଚନରେ ବିଜୟୀ ହେବାକୁ ଆଶାରଖି ସେ ପ୍ରଚାରକୁ ଜୋରଦାର କରିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଶ୍ରୀକାନ୍ତ ଜଣେ ଦକ୍ଷ ସଙ୍ଗଠକ। କଂଗ୍ରେସର ଜିଲା ସେବାଦଳ ଅଧ୍ୟକ୍ଷ ଭାବେ ସେ କାର୍ଯ୍ୟ କରୁଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଶ୍ରୀକାନ୍ତଙ୍କ ସ୍ତ୍ରୀ ଗୀତାଞ୍ଜଳି ଏହି ଜୋନ୍‌ରୁ ପ୍ରାର୍ଥୀ ହୋଇ ୮ ହଜାରରୁ ଅଧିକ ଭୋଟ ହାତେଇଥିଲେ। ବଡ଼ଚଣା ନିର୍ବାଚନମଣ୍ଡଳୀରେ କଂଗ୍ରେସ ସଙ୍ଗଠନ ଭୁଶୁଡ଼ିଥିଲେ ମଧ ଶ୍ରୀକାନ୍ତ ଏହି ଜୋନ୍‌ର ପୁରୁଣା ମୁହଁ ଭାବେ ନିଜର ସଙ୍ଗଠନ, ସ୍ଥାନୀୟ ସମସ୍ୟା, ଶାସକ ଦଳର ଦୁର୍ନୀତି ଓ କେନ୍ଦ୍ର ସରକାରଙ୍କ ଦରଦାମ ବୃଦ୍ଧି ଆଦି ପ୍ରସଙ୍ଗକୁ ନେଇ ପ୍ରଚାର ଜୋରଦାର କରିଛନ୍ତି। ସେହିଭଳି ଭାଜପାରୁ ପ୍ରାର୍ଥୀ ହୋଇଥିବା କିଶୋର ରାଉତ ମାଣ୍ଡୁକା ପଞ୍ଚାୟତ ସମିତିସଭ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ରାଉତ ଦୁଇଦୁଇଥର ସମିତିସଭ୍ୟ ନିର୍ବାଚିତ ହୋଇଛନ୍ତି। ସେ ମଧ ଜଣେ ଭଲ ସଙ୍ଗଠକ ଭାବେ ଜଣାଶୁଣା। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ଶାସକ ଦଳର ଦୁର୍ନୀତିକୁ ଅସ୍ତ୍ରକରି ସେ ଲୋକଙ୍କ ପାଖକୁ ଯାଉଛନ୍ତି। ଭୋଟର ତାଙ୍କୁ ସମର୍ଥନ ଦେବେ ବୋଲି ସେ ଆଶାବାଦୀ। ସେହିପରି ଆମ୍ ଆଦ୍‌ମୀ ପାର୍ଟିର ପ୍ରାର୍ଥୀ ମୋକିମ ପ୍ରଥମ କରି ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ସେ ସାଇକେଲ ଧରି ଗାଁ ଗାଁ ବୁଲି ନିର୍ବାଚନ ପ୍ରଚାର ଚଳାଇଛନ୍ତି। ତେବେ ୨୦୧୨ ଓ ୨୦୧୭ରେ ଏଠାରୁ ବିଜେଡି ପ୍ରାର୍ଥୀ ଭାବେ ଇତିଶ୍ରୀ ସାମଲ ବିଜୟୀ ହୋଇଥିଲେ। ତେଣୁ ବିଜେଡିର ଗଡ଼ କୁହାଯାଉଥିବା ଏହି ଜୋନ୍‌କୁ ଏଥର କେଉଁ ଦଳ ହାତେଇବ ତାହା ଭୋଟ ଗଣତି ପରେ ଜଣାପଡ଼ିବ।

# ଲତାଜୀ, କବି ପ୍ରଦୀପ ଓ ଫେବୃୟାରୀ ୬



୨୮ ସେପ୍ଟେମ୍ବର, ୧୯୨୯ – ୬ ଫେବୃୟାରୀ, ୨୦୨୨

ଭାରତ-ଭାରତୀ

ମୋତେ ୯ ପୂରି ୧୦ ଚାଲିଥାଏ। ପଞ୍ଚମ ଶ୍ରେଣୀରେ ପଢୁଥାଏ। ସେତେବେଳକୁ ପଞ୍ଚମଶ୍ରେଣୀ ପରୀକ୍ଷା ନିଜ ସ୍କୁଲରେ ନ ହୋଇ ଅନ୍ୟ ଏକ ସ୍କୁଲର ପରୀକ୍ଷା କେନ୍ଦ୍ରରେ ହେଉଥାଏ। ସୁତରାଂ ମୁଁ ମୋ' ଗାଁ ସ୍କୁଲର ଛାତ୍ର ଥିଲେ ବି ଗାଁ ଠୁଁ ୧୨ କି.ମି. ଦୂର ଚରମ୍ପା(ଭଦ୍ରକ)ର ଆର୍.ସି. ବିହାରୀଲାଲ ସରକାରୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାକୁ ଯାଇଥାଏ। ପରୀକ୍ଷା ସରିବା ଦିନ ପିଲାଙ୍କ ମନ ଖୁସି ପାଇଁ ସିନେମା ଆଦି ଦେଖିବା ଏକ ଚାଲ୍ ଥାଏ। ଆମେ ସବୁ ପରୀକ୍ଷାର୍ଥୀ ଆମ ଶିକ୍ଷକଙ୍କ ଗହଣରେ ଚରମ୍ପାର ଏକମାତ୍ର ସିନେମା ହଲ୍ 'କୈଳାସ ଟକିଜ୍'କୁ ସିନେମା ଦେଖିବାକୁ ଗଲୁ। ସିନେମା ଚାଲିଥାଏ 'ଆର୍‌ଜୁ'(Arzoo)। ରାମାନନ୍ଦ ସାଗର ନିର୍ଦ୍ଦେଶିତ ଏହି ସିନେମାର ସଙ୍ଗୀତ ନିର୍ଦ୍ଦେଶକ ଶଙ୍କର ଜୟ କିଷାନ୍। ଅଭିନୟରେ ରାଜେନ୍ଦ୍ର କୁମାର, ସାଧନା, ଫିରୋଜ ଖାଁ ଓ ନାଜିର୍ ହୁସେନ୍ ପ୍ରମୁଖ। ସାଧନାଙ୍କ ପାଇଁ ଏହି ଫିଲ୍ମରେ ଗୋଟେ ଗୀତ ଗାଇଥାନ୍ତି ଲତା ମଙ୍ଗେସ୍‌କର। ଗୀତଟି ହେଉଛି: "ଆଜ୍ ରୁଠ୍‌କର୍ ଅବ୍ କହାଁ ଜାୟେଗା/ ଜହାଁ ଜାୟେଗା ହମେ ପାୟେଗା"। ଗୀତଟି ଉଦ୍ଦିଷ୍ଟ ଥାଏ ରାଜେନ୍ଦ୍ର କୁମାରଙ୍କ ପ୍ରତି। ବଡ଼ ହେଲା ପରେ ଜାଣିଲି ଗୀତଟିର ଗୀତିକାର ହେଉଛନ୍ତି କବି ପ୍ରଦୀପ, ଦେଶାତ୍ମବୋଧକ ଗୀତ ରଚନାରେ ମାହିର୍ ଯେଉଁ କବିଙ୍କୁ ଦିଆଯାଏ 'ରାଷ୍ଟ୍ରକବି'ର ମାନ୍ୟତା।

ଏ ସବୁ କଥା ଲେଖିବାର ଉଦ୍ଦେଶ୍ୟ ହେଉଛି କବି ପ୍ରଦୀପଙ୍କ ସହିତ ମୋ' ଅବଚେତନର ସମ୍ବନ୍ଧକୁ ସ୍ମରଣ କରିବା। ଅନ୍ୟ ଉଦ୍ଦେଶ୍ୟଟି, ଯାହା ସବୁଠୁଁ ମହତ୍ତ୍ୱପୂର୍ଣ୍ଣ ଏହି ଆଲେଖ୍ୟ ପାଇଁ– ତାହା ହେଲା ଭାରତରତ୍ନ, ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କ ସହ ପ୍ରଦୀପଙ୍କ ଅମ୍ଲାନ ସମ୍ବନ୍ଧକୁ କୋଟି କୋଟି ଲତାପ୍ରେମୀଙ୍କ ମାନସଲୋକରେ ପୁନଶ୍ଚ ଜାଗୃତ କରାଇବା। ୯୨ ବର୍ଷ ବୟସରେ, ୬ ଫେବୃୟାରୀରେ ଭାରତର ସଙ୍ଗୀତ-ବିତାନକୁ ଅରକ୍ଷ କରି ଲତା ମଙ୍ଗେସ୍‌କର ଚାଲିଗଲେ ଅମରଧାମକୁ। କିନ୍ତୁ ଯେଉଁ ଦିନଟିକୁ ତାଙ୍କର ବିଦାୟ ପାଇଁ ନିୟତି ନିଧାନ କଲା, ସେହି ଦିନଟିର ବିଶେଷତ୍ୱକୁ ବହୁ ଲତାପ୍ରେମୀ ହୁଏତ ବିଶ୍ଳେଷଣ କରିବାର ଅବକାଶ ପାଇ ନ ଥିବେ। ସେହି ଦିନଟି ଥିଲା ଲତାଙ୍କ ସଙ୍ଗୀତ ଜୀବନ ସହ ଓତପ୍ରୋତ ଭାବେ ଜଡ଼ିତ କବି ପ୍ରଦୀପଙ୍କର ପ୍ରୟାଣ ଦିବସ। ୧୯୧୫ ମସିହା ଫେବୃୟାରୀ ୬ ତାରିଖରେ ମଧ୍ୟପ୍ରଦେଶର ଉଜ୍ଜୟିନୀ ନିକଟବର୍ତ୍ତୀ ଏକ ଗାଁରେ ସେ ଜନ୍ମ ହୋଇଥିଲେ। ସଙ୍ଗୀତ ଦୁନିଆର ସବୁଠୁଁ ଏକ ବଡ଼ ବିଡ଼ମ୍ବନା ଏହି ଯେ ଶ୍ରୋତାମାନେ ଚିହ୍ନନ୍ତି ଗାୟିକାଗାୟକଙ୍କୁ, ଅନ୍ତରାଳରେ ରହିଯାଆନ୍ତି ଶ୍ରୋତାଙ୍କ ଚେତନାରେ କୁହୁକ ରଚୁଥିବା ଗୀତଟିର ରଚୟିତା। ଲତାଙ୍କର ସହସ୍ର ସହସ୍ର ଗୀତ ମଧ୍ୟରୁ ଯେଉଁସବୁ ଗୀତ ପାଇଁ ସେ ଆଜି 'ଭାରତରତ୍ନ', ସେ ସବୁ ଗୀତର ରଚୟିତାଙ୍କୁ କିଏ ମନେପକାଏ ? ଲତାଙ୍କ ଗୀତର ପ୍ରଭାବ ବଳୟ ବାହାରେ ରହିଯାଉଥିବା ଗୀତିକାର ଜଣଙ୍କୁ ଶ୍ରୋତାଙ୍କ ସାମ୍ନାକୁ ଆଣିଲେ ଯାଇ ଲତା-ପ୍ରଦୀପ ଯୋଡ଼ିଙ୍କ ସ୍ମୃତି ଅଧିକ ମହିମାନ୍ୱିତ ହେବ। ଲତାଙ୍କ ବହୁ ପ୍ରସିଦ୍ଧ ଗୀତର ବିଧିବିହିତ ସେଇ ଗୀତିକାର ଜଣକ ହେଉଛନ୍ତି କବି ପ୍ରଦୀପ (ମୂଳ ନାମ ରାମଚନ୍ଦ୍ର ନାରାୟଣଜୀ ଦ୍ୱିବେଦୀ ଓ ଛଦ୍ମନାମ 'କବି ପ୍ରଦୀପ')।

ପ୍ରଦୀପ ବହୁ ଭାରତୀୟ ଚଳଚ୍ଚିତ୍ର ପାଇଁ ଗୀତ ଲେଖିଛନ୍ତି। ୧୯୩୯ରେ 'କଂଗନ' ଚଳଚ୍ଚିତ୍ରରେ ତାଙ୍କର ହୁଏ ପ୍ରଥମ ଆବିର୍ଭାବ ଗୀତିକାର ଭାବେ। ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରୁ ସେତେବେଳେ ସେ ନୂଆ ନୂଆ ସ୍ନାତକ। ୧୯୪୦ରେ ମୁକ୍ତିଲାଭ କରିଥିବା 'ବନ୍ଧନ' ଚଳଚ୍ଚିତ୍ରରେ 'ଚଲ୍ ଚଲ୍‌ରେ ନୌଯବାନ' ଗୀତ ଲେଖି ସେ ଲୋକଲୋଚନକୁ ଆସନ୍ତି ଜଣେ ଭବିଷ୍ୟଭରା ଗୀତିକାର ଭାବେ। 'କିସ୍‌ମତ' (୧୯୪୩)ରେ "ଦୂର୍ ହଟୋ ୟେ ଦୁନିୟା ୱାଲୋ, ହିନ୍ଦୁସ୍ତାନ ହମାରା ହେଁ" ଗୀତଟି ପ୍ରସାରିତ ହେବା ପରେ ସେ ବ୍ରିଟିଶ୍ ସରକାରଙ୍କ କୋପଦୃଷ୍ଟିରେ ପଡ଼ିଥିଲେ ଓ ତାଙ୍କୁ ଆତ୍ମ-ନିର୍ବାସନରେ ରହିବାକୁ ହୋଇଥିଲା। 'ପୁନର୍ମିଳନ'(୧୯୪୦), 'ନୟା ସଂସାର'(୧୯୪୧), 'ଅନ୍‌ଜାନ୍' ଓ 'କିସ୍‌ମତ୍'(୧୯୪୩), 'ମଶାଲ'(୧୯୫୦), 'ଜାଗୃତି'(୧୯୫୪), 'ପୈଗମ୍'(୧୯୫୯) ଓ 'ସମ୍ବନ୍ଧ'(୧୯୬୯) ଭଳି ପ୍ରଖ୍ୟାତ ଚଳଚ୍ଚିତ୍ର ପାଇଁ ପ୍ରଦୀପ ଲେଖିଥିବା ଗୀତ ଆଜି କେବଳ ଭାରତ ନୁହେଁ, ଭାରତ ବାହାରର ସଙ୍ଗୀତପ୍ରେମୀଙ୍କ ପାଇଁ ଏକ ଏକ ବୌଦ୍ଧିକ ଅର୍ଜନ ; ଯାହାର ହିସାବ କରିବସିଲେ ଏହି ଛୋଟ ଲେଖାଟିରେ ସ୍ଥାନ ସଙ୍କଟ ଦେଖାଦେବ। ଏଠାରେ ଲତାଙ୍କ ସହ ତାଙ୍କର କାଳଜୟୀ ସମ୍ବନ୍ଧକୁ ଦର୍ଶାଇବା ପାଇଁ ଲତା ଗାଇଥିବା ଓ ପ୍ରଦୀପ ଲେଖିଥିବା ଗୋଟିଏ ବହୁ ପ୍ରସିଦ୍ଧ ଗୀତର ଉଦାହରଣ ଦେଇ ଉଭୟ ଆତ୍ମା ପ୍ରତି ମୁଁ ଦେଶ ଓ ଜାତିର ଶ୍ରଦ୍ଧା ଜ୍ଞାପନ କରିବି।

ସେହି ଗୀତଟି କିନ୍ତୁ କୌଣସି ଚଳଚ୍ଚିତ୍ରର ନୁହେଁ, ଅଥଚ ଲତା ମଙ୍ଗେସ୍‌କର ଓ କବି ପ୍ରଦୀପଙ୍କର ସବୁଠୁଁ ବଡ଼ ପରିଚୟ। ଉଭୟଙ୍କର ଏହା ସିଗ୍‌ନେଚର ସଙ୍ଗ୍। ଗୀତଟି ହେଲା– "ୟେ ମେରେ ୱତନ କେ ଲୋଗୋଁ"। ୧୯୬୨ର ଚାଇନା-ଭାରତ ଯୁଦ୍ଧରେ ଶହୀଦ ହୋଇଥିବା ଭାରତୀୟ ସେନାଙ୍କ ପ୍ରତି ଶୋକପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଗୀତଟିର ଉଦ୍ଦେଶ୍ୟ। ଯୁଦ୍ଧ ସରିବାର ମାତ୍ର ଦୁଇମାସ ହୋଇଥାଏ। ଭାରତବାସୀଙ୍କ ସ୍ମୃତିରୁ ଲିଭି ନ ଥାଏ ଯୁଦ୍ଧରେ ଆପଣାର ଲୋକଙ୍କୁ ହରାଇବାର ବ୍ୟଥା। ୧୯୬୩ ଜାନୁୟାରୀ ୨୭ ଦିନ ଦିଲ୍ଲୀର ଜାତୀୟ ଷ୍ଟାଡିୟମ୍‌ରୁ ଗୀତଟି ଗାଇଥିଲେ କିମ୍ବଦନ୍ତୀ-ଗାୟିକା ଲତା ମଙ୍ଗେସ୍‌କର। ଶ୍ରୋତୃମଣ୍ଡଳୀରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଥିଲେ ରାଷ୍ଟ୍ରପତି ଏସ୍. ରାଧାକ୍ରିଷ୍ଣନ୍ ଓ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ। ସେଦିନର ଅନୁଭୂତିକୁ ଲତା ଲିପିବଦ୍ଧ କରିଛନ୍ତି ଏହିପରି: "ଗୀତଟି ଗାଇବାବେଳେ ମୋ' ଭିତରେ ଏକ ଡର ଥିଲା। ହୁଏତ ଗାଇବାବେଳେ କିଛି ଭୁଲ୍‌ଭଟକା ହେଇଯିବ! କିନ୍ତୁ ଆସର ସରିବା ପରେ ଯେତେବେଳେ ମୁଁ ପଣ୍ଡିତଜୀଙ୍କୁ ଭେଟିଲି, ଦେଖିଲି ତାଙ୍କ ଆଖି ଲୁହ ଛଳଛଳ।" ଆହୁରି ଲେଖିଛନ୍ତି: "ପଣ୍ଡିତ ନେହେରୁ ଅନ୍ୟମାନଙ୍କ ସହ କଥା ହେଉଥା'ନ୍ତି। ମୋତେ ହଠାତ୍ କେହି ନ ଦେଖିପାରିଲା ଭଳି ଏକ ଅନ୍ଧାରୁଆ କୋଣରେ ମୁଁ ଠିଆ ହୋଇଥାଏ। ଶୁଣିଲି, ପଣ୍ଡିତଜୀ କହୁଛନ୍ତି– ଲତା କାହିଁ ?" ଇନ୍ଦିରାଗାନ୍ଧୀ ହଠାତ୍ ଆସି ମୋ' ହାତ ଧରି ନେଇଗଲେ। କହୁଥା'ନ୍ତି– ଆସ, ତମକୁ ତମର ଦୁଇଜଣ ପିଲା ଫ୍ୟାନ୍‌ଙ୍କ ସହିତ ଭେଟ କରାଇଦେବି। ତା'ପରେ ସେ ତାଙ୍କ ଦୁଇ ପୁଅ ରାଜୀବ ଓ ସଂଜୟଙ୍କ ସହ ମୋତେ ଭେଟ କରାଇଦେଲେ। ସେମାନେ ମୋତେ 'ନମସ୍ତେ' କହି ଭିତରକୁ ଧାଇଁ ପଳାଇଲେ।

"ୟେ ମେରେ ୱତନ କେ ଲୋଗୋଁ" ଗୀତଟିର ରଚନା ଲଗ୍ନକୁ ମନେପକାଇ ଅଜୟ ମାଂକୋଟିଆ (ପୂର୍ବତନ ଆୟକର କମିଶନର ଓ ପ୍ରସିଦ୍ଧ ସ୍ତମ୍ଭକାର) ଲେଖିଛନ୍ତି: "ମୁମ୍ବାଇର ମହିମ ବେଳାଭୂମିରେ ବନ୍ଧୁମାନଙ୍କ ସହ ପ୍ରଦୀପ ଚାଲିଥା'ନ୍ତି। ହଠାତ୍ ଜଣେ ବନ୍ଧୁଙ୍କଠାରୁ କଲମ ମାଗି ନେଇ ତାଙ୍କ ସିଗାରେଟ ଖୋଳରେ ଥିବା କାଗଜରେ ଲେଖିବସିଲେ ଜଗତ ପ୍ରସିଦ୍ଧ ଗୀତଟିର ଏଇ କେଇଧାଡ଼ି: 'କୋଇ ଶିଖ୍ କୋଇ ଜାଟ୍ ମରାଠା, କୋଇ ଗୁର୍ଖା କୋଇ ମଦ୍ରାସୀ/ ସରହଦ ପର୍ ମରନେୱାଲା, ହର୍ ବୀର୍ ଥା ଭାରତବାସୀ/ ଯୋ ଖୁନ୍ ଗିରା ପର୍ବତ ପର୍, ୱୋ ଖୁନ୍ ଥା ହିନ୍ଦୁସ୍ତାନୀ, ଯୋ ଶହୀଦ ହୁୟେ ହେଁ ଉନ୍‌କୀ, ଜରା ୟାଦ୍ କରୋ କୁର୍‌ବାନୀ।" ମେହବୁବ୍ ଖାଁ ଥିଲେ ଗୀତଟିର ପ୍ରଯୋଜକ। ଗୀତଟିରେ ଭଉଣୀ ଆଶା ଭୋଁସ୍‌ଲେଙ୍କୁ ଜଡ଼ିତ କରିବାକୁ ଲତା ଚାହିଁଥିଲେ ବି ତାହା ସମ୍ଭବ ହୋଇ ନ ଥିଲା– ଏହା ଏକ ଭିନ୍ନ ପ୍ରସଙ୍ଗ। ଉଲ୍ଲେଖନୀୟ ଯେ ଦିଲ୍ଲୀର ଜାତୀୟ ଷ୍ଟାଡିୟମ୍‌ରେ ଲତା ପ୍ରଦୀପଙ୍କ ଗୀତ ଗାଇଥିଲେ ବି ପ୍ରଦୀପଙ୍କୁ ଏହି ଉତ୍ସବକୁ ଆମନ୍ତ୍ରିତ କରାଯାଇ ନ ଥିଲା। ପରେ ସେ ୨୧ ମାର୍ଚ୍ଚ ୧୯୬୩ରେ ମୁମ୍ବାଇର ଆର୍.ଏମ୍. ହାଇସ୍କୁଲରେ ଅନୁଷ୍ଠିତ ଏକ ଉତ୍ସବରେ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ଏହି ଗୀତଟି ଗାଇ ଶୁଣାଇଥିଲେ। ଏହା ହେଲା ଗୀତଟିର ସଂକ୍ଷିପ୍ତ ଅନ୍ତରାଳ। ୧୯୯୮ ଡିସେମ୍ବର ୧୧ରେ ମୁମ୍ବାଇରେ ତିରୋଧାନ ହୋଇଥିଲା କବି ପ୍ରଦୀପଙ୍କର, ଏବେ ଲତା ଚାଲିଗଲେ ପ୍ରଦୀପଙ୍କ ତିରୋଧାନ ଦିବସରେ। ଯେଣୁ ଆମକୁ ଅଜ୍ଞାତ ବିଧିନିର୍ଦ୍ଦିଷ୍ଟ ଏହି ସଂଯୋଗର ରହସ୍ୟ, ତେଣୁ କେମିତି କହିବା ଏହା କାକତାଳୀୟ ?

ଲତା ଥିଲେ ଭାରତୀୟ ସଙ୍ଗୀତର ପରିପୂର୍ଣ୍ଣ ଆତ୍ମା। ଗୀତଟିଏ ଗାଇଲାବେଳେ ସେ କେବଳ ନିଜ କଣ୍ଠର ଉପଯୋଗ କରୁ ନ ଥିଲେ, ମନ ଓ ଚେତନାରେ ପାଲଟି ଯାଉଥିଲେ ଗୋଟିପଣେ ସେଇ ସଙ୍ଗୀତ। ଗୀତ ପାଇଁ ଗାୟକ ବାଛିଲାବେଳେ ବାଛିବା ଲୋକର ଏକାଧିକ ବିକଳ୍ପ ଥାଇପାରେ, କିନ୍ତୁ ଗାୟିକା ପସନ୍ଦବେଳେ ଲୋକଙ୍କ ନଜରରେ କେବଳ ଥିଲେ ଜଣେ– ଲତା ମଙ୍ଗେସ୍‌କର। ସେହିପରି ନିଜ ଫିଲ୍ମ ପାଇଁ ଗୀତିକାର ବାଛିଲାବେଳେ ଅନେକଙ୍କର ପ୍ରଥମ ରୁଚି ଥିଲେ କବି ପ୍ରଦୀପ। ଉଭୟଙ୍କ ଅମର ସ୍ମୃତି ପ୍ରତି ଆଜି 'ଧରିତ୍ରୀ' ଓ ଧରାର ଏ ମିଳିତ ଶ୍ରଦ୍ଧାଞ୍ଜଳି!

**ଡକ୍ଟର ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫



କବି ପ୍ରଦୀପ (୧୯୧୫-୧୯୯୮) ଥିଲେ ଭାରତୀୟ ଗୀତି-ଜଗତର ସେଇ ବିରଳ ଗୀତିକାର, ଯିଏ କାହାଣୀର ପ୍ରସଙ୍ଗ ସହ ଖାପଖୋଇଲା ଭଳି ଅର୍ଥପୂର୍ଣ୍ଣ ଗୀତ ରଚନା କରୁଥିଲେ। ତାଙ୍କ ରଚିତ ଗୀତଗୁଡ଼ିକର ଭାଷା ଥିଲା ସରଳ ଓ ସର୍ବବୋଧଗମ୍ୟ। ଗଢ଼ଣର ଢାଞ୍ଚା ଥିଲା ଭୂମିସ୍ପର୍ଶୀ। ଶ୍ରୋତାଙ୍କ ଅନ୍ତରକୁ ତାଙ୍କ ଗୀତ ଅତି ଗଭୀରରେ ଛୁଉଁଥିଲା ବୋଲି ସେ ଥିଲେ ଅବିଶ୍ୱସନୀୟ ଭାବେ ଲୋକପ୍ରିୟ। ପାଞ୍ଚ ଦଶନ୍ଧି ବ୍ୟାପୀ ସୃଜନ-ଜୀବନରେ ସେ ମୋଟ ୧୭୦୦ ଗୀତ ରଚନା କରିଥିଲେ, ଯହିଁରେ ଅନ୍ତର୍ଭୁକ୍ତ ଥିଲା ୭୨ଟି ସିନେମା ଗୀତ। ଭାରତୀୟ ସଙ୍ଗୀତକୁ ନିଜର ବହୁମୂଲ୍ୟ ଅବଦାନ ପାଇଁ ତାଙ୍କୁ ମିଳିଥିଲା 'ସଂଗୀତ ନାଟକ ଏକାଡେମୀ ପୁରସ୍କାର' (୧୯୬୧), ବଙ୍ଗ ସିନେ-ସାମ୍ବାଦିକ ସଂଘ ପ୍ରଦତ୍ତ ଶ୍ରେଷ୍ଠ ପ୍ରଚ୍ଛଦ ଗାୟକ ପୁରସ୍କାର (୧୯୭୫, 'ଜୟ ସନ୍ତୋଷୀ ମା' ଚଳଚ୍ଚିତ୍ର ପାଇଁ), 'ଦାଦା ସାହେବ ଫାଲ୍‌କେ ଆୱାର୍ଡ' (୧୯୯୭, ଆଜୀବନ ସାଧନା ପାଇଁ)।

## କବିତା

### ପ୍ରେମ ଚର୍ଚ୍ଚା

**କମଳ କୁମାର ମହାନ୍ତି**

କେତେକେତେ ଓଠର ରକ୍ତିମା
କବରୀର ବାସ ଆଉ
ଆଖିର ଭାଷାରେ
ମୁଁ ତାକୁ ଖୋଜିଲାବେଳକୁ
କବାଟ ବନ୍ଦ !

ମନ୍ଦିରର ଅର୍ଘ୍ୟ ଆଳତିରେ
ଶୁଭିଲାନି ଆକୁଳ ଦିବ୍ୟମନ୍ତ୍ର
ମୁଖଶାଳାଠୁଁ ଅନ୍ତର୍ବେଦୀଯାଏ
ଦେବତାଙ୍କ ସନ୍ଧାନରେ
ସରିଲା ଆୟୁଷ !

ପରଶମଣିର ବାହାନାରେ
ଏଣେ ମିଳିଲା ପଥରର ସ୍ପର୍ଶ
ପଥର ବି ଲୋଡ଼ିଥିଲା
ନାରୀର ସଂସର୍ଗ
ଇଚ୍ଛିଥିଲା ତୀବ୍ର ବାସନା
ତେଣେ ମନ୍ଦିରରୁ
ଉଭାନ୍ ହୋଇସାରିଥିଲେ
ପରମ ଦେବତା,
ନାରୀର ଦେହରୁ
ପଡ଼ିପଡ଼ି ବି ଅବୁଝା
ରହିଯାଇଥିଲା ପ୍ରୀତିର ଭାଷା !

ଶୁଣିଥିଲି କିଏ ଜଣେ ଦିବ୍ୟପ୍ରେମକୁ
ଶାପଦେଇ ଥାପି ଦେଇଥିଲେ
ପଥର ସନ୍ଧିରେ କେଉଁକାଳୁ
ଆଉଜଣେ ଦିବ୍ୟାତ୍ମାର ଛୁଆଁରେ
ସେ ପଥର ଆହା ନାରୀ ପାଲଟିଲା !

ଏଣେ ପ୍ରେମର ନିବିଡ଼ତାକୁ
ଦେହର ଅର୍ଗଳିରେ ଖୋଜି ଖୋଜି
ମୁଁ ବିଫଳ ସାରାକାଳ !

ଦେହ ଓ ପ୍ରେମର
ଚର୍ଚ୍ଚା ବାଟେଘାଟେ ସିନା,
ଦେହ ପାଇଁ ପ୍ରେମ
କେବେ ହେଲା କି ଚର୍ଚ୍ଚିତ !

ମୋ: ୯୪୩୯୦୪୭୨୮୩

ଗୀତି-କବିତା

### ତୁମ ଘର

**ପୀୟୁଷ ପଟ୍ଟନାୟକ**

ତୁମ ଘର ଛାତ ପରେ
ହାତ ଟେକି ଧରିହୁଏ ଜହ୍ନ
ଦେହ ମନ ଛୁଇଁଯାଏ
ଅମାନିଆ ଅଳସ ପବନ।

ରାତି ହୁଏ ଆହୁରି ଅନ୍ଧାର
ତୁମ ଆଖି କଜଳଠୁ କଳା
ପରସ୍ତ ପରସ୍ତ ସ୍ୱପ୍ନ
ବୁଣିଦିଏ ସମ୍ମୋହନଭରା।

ଦିନ ସେଠି ଶୁଭ୍ରତର
ଅସରନ୍ତି ସମ୍ଭାବନାମୟ
ନୁଆଁଣିଆ ଅପରାହ୍ନ
ଆଙ୍କିଦିଏ ହର୍ଷର ବଳୟ।

ଗ୍ରୀଷ୍ମ ସେଠି ହୁଏ ନାହିଁ
କାହିଁ କେବେ ଏତେ ଦୁର୍ବିଷହ
ତୁମର ସାନ୍ନିଧ୍ୟ କାଳେ
କରି ଦେଉଛି ତାକୁ ନିରୁପାୟ।

ବର୍ଷା ଖାଲି ଢାଳିଦିଏ
ଭିଜାଭିଜା ସ୍ନେହଭରା ବାରି
ଶୀତର ସକାଳେ ଫୁଟେ
ବଞ୍ଚିବାର ଇଚ୍ଛାର ଶିଉଳି।

ତୁମ ଘର ଚାରିପଟେ
ବସନ୍ତର ସଦା ଆଲିଙ୍ଗନ
ବିଞ୍ଚିବିଞ୍ଚି ମଲ୍ଲୀଫୁଲ ବାସ୍ନା
ଆନନ୍ଦରେ ଭରିଦିଏ ଅବସନ୍ନ ମନ।

ସେ ଘରକୁ ଖୋଜିଖୋଜି
ଥକିଲାଣି ଦୁଇ ପାଦ ମୋର
ମରୀଚିକା ପରି ଲାଗେ
ଘୁଞ୍ଚିଯାଏ ଦୂର ବହୁ ଦୂର।

ତୁମେ ବୋଧେ ଚାହିଁ ନାହଁ
ଦେବା ପାଇଁ ଘରର ଠିକଣା
ତୁମ ମନ ପରିଧିରେ ଯେଣୁ
ମୋ' ଠିକଣା ସମ୍ପୂର୍ଣ୍ଣ ଅଜଣା।

ମୋ: ୭୫୦୬୧୮୯୦୩୦

## କାଳକାଳକୁ

**"ଏକ ଲମ୍ବା ଭାଷଣଠାରୁ ଭଲ ଗୋଟିଏ ବିନୟୀ ଶବ୍ଦ।"**
**– ଚାର୍ଲସ ଡିକେନ୍ସ**



**ଚାର୍ଲସ ଡିକେନ୍ସଙ୍କ** ଜନ୍ମ ୭ ଫେବୃୟାରୀ ୧୮୧୨ରେ ଇଂଲଣ୍ଡରେ ଏବଂ ପରଲୋକ ସେଇଠି ୯ ଜୁନ୍ ୧୮୭୦ରେ, ୫୮ ବର୍ଷ ବୟସରେ। ଇଂଲିଶ୍ ଭାଷାରେ ଭିକ୍ଟୋରିଆ ଯୁଗର ଏହି ସର୍ବଶ୍ରେଷ୍ଠ ଔପନ୍ୟାସିକ ତାଙ୍କ ଜୀବଦ୍ଦଶାରେ ନିଜ ରଚନା ପାଇଁ ପାଇଛନ୍ତି ଅବିଶ୍ୱସନୀୟ ଖ୍ୟାତି। ତାଙ୍କର କେତେକ ବହୁଚର୍ଚ୍ଚିତ ପୁସ୍ତକ ହେଉଛି– 'ଦ ପିକ୍‌ଉଇକ୍ ପେପର୍ସ', 'ଓଲିଭର୍ ଟୁଇଷ୍ଟ', 'ନିକୋଲାସ ନିକଲବୀ', 'ଏ କ୍ରିଷ୍ଟମାସ୍ କାରୋଲ୍', 'ବ୍ଲିକ୍ ହାଉସ୍', 'ଏ ଟେଲ୍ ଅଫ୍ ଟୁ ସିଟିଜ୍' ଓ 'ଗ୍ରେଟ୍ ଏକ୍ସପେକ୍‌ଟେସନ୍ସ'। 'ଆରବିଆନ୍ ନାଇଟ୍‌ସ'ର ଉପକଥାଗୁଡ଼ିକ ତାଙ୍କ ଲେଖାକୁ ପ୍ରଭାବିତ କରିଥିବା କୁହାଯାଏ। ଡିକେନ୍ସଙ୍କ ରଚନାର ଶକ୍ତି ତାଙ୍କ ବ୍ୟଙ୍ଗ ଓ ଶ୍ଳେଷରେ ହିଁ ସଂଗୋପିତ ଥାଏ।

## ପୁସ୍ତକ ପରିଚୟ

### ପରାଗ ସଂଗମ



**କବି:** ହରିହର ମିଶ୍ର
**ପ୍ରକାଶକ:** ପ୍ରଗତି, ବାଦାମବାଡ଼ି, କଟକ-୯
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୫୦/-

ଆଲୋଚ୍ୟ ପୁସ୍ତକରେ ଥିବା ସୂଚନାରୁ ଜଣାଯାଏ 'ପରାଗ ସଙ୍ଗମ' ହେଉଛି କବିଙ୍କର ୨୭ତମ କବିତାଗ୍ରନ୍ଥ, ଯେଉଁଥିରେ ମୋଟ ୫୫ଟି କବିତା ସ୍ଥାନିତ। ହରିହରଙ୍କ କବିତାଗୁଡ଼ିକ ପ୍ରାୟତଃ ଅନ୍ତର୍ମୁଖୀ ଓ ଏହି କାରଣରୁ ତାଙ୍କର ବହୁ କବିତାରେ ବକ୍ତବ୍ୟର ସ୍ୱଷ୍ଟତା ନ ଥାଏ। କବିତାଗୁଡ଼ିକର ଗଠନ ପରିପାଟୀରେ ମଧ୍ୟ କ୍ୱଚିତ୍ ଥାଏ ସାମ୍ପ୍ରତିକତାର କାରିଗରି। ବିଭିନ୍ନ ସମୟରେ ଲେଖାଯାଇଥିବା ଓ ନାନା ଆଡ଼େ ପ୍ରକାଶ ପାଇଥିବା କବିତାଗୁଡ଼ିକୁ ସମ୍ଭବତଃ ବହିଟିରେ ଏକାଠି କରାଯାଇଥିବାରୁ ବହିର ଏକ ସାମଗ୍ରିକ ଭାବରୂପ ପାଠିକାପାଠକଙ୍କୁ ଆଚ୍ଛନ୍ନ କରିପାରେ ନାହିଁ। 'କସ୍ତୁରୀ' କବିତାର ଆରମ୍ଭଟି ଏହିପରି: "ଏକାଏକା ଯାଉଯାଉ/ ଏକତ୍ର ହୋଇଯାଏ କବି।/ ପୁନଶ୍ଚ ବଂଶ ବିସ୍ତାର/ ରାଷ୍ଟ୍ରରେ ବିଶ୍ୱରେ କେଉଁଠି ସେ/ ଏକାଏକା ଯାଉଥିବା ନାଉରୀଟି/ ସୂର୍ଯ୍ୟାସ୍ତ ହ୍ରଦରେ ?" – କ'ଣ ଏହାର ଲକ୍ଷ୍ୟ ? କ'ଣ ବକ୍ତବ୍ୟ ? କେବେକେବେ ମରୁଡ଼ିଗ୍ରସ୍ତ ଧାନ କିଆରିରେ କାନ୍ଦିଏ ଅଧେ ଅର୍ଦ୍ଧପୁଷ୍ଟ ଧାନ ଟହଲୁଥିଲା ପରି କୌଣସି କୌଣସି କବିତାରେ ମନକୁ ଛୁଇଁଲାଭଳି ଧାଡ଼ିଟିଏମାନ ଯଦିଓ ଦୃଶ୍ୟମାନ, ସେସବୁ ବହିଟିକୁ ସାମଗ୍ରିକଭାବେ ଗୁଣାତ୍ମକ ସୁରକ୍ଷା ଦେଇପାରନ୍ତି ନାହିଁ। 'ସ୍କୁଟୀ ଚଢ଼ି ଯାଉଥିବା ତୁଣ୍ଡିବନ୍ଧା ଝିଅର ଆଖିରେ ଚଇତ ବିଜୁଳି ଆସେ' ('ଧୂଳିଝଡ଼' ପୃ: ୬୩)– ଧାଡ଼ିଟି ମନ୍ଦ ନୁହେଁ, କିନ୍ତୁ କାହିଁ ଏହି ଅନୁଭବର ବିସ୍ତରଣ ଅନ୍ୟ କବିତାରେ ? କବି ଉପକ୍ରମଣିକାରେ ବହିରେ ଥିବା କବିତାଗୁଡ଼ିକର ଉଦ୍ଦେଶ୍ୟ ସମ୍ପର୍କରେ ଯାହା କହିଛନ୍ତି, ତାହା କେତେଦୂର ବାସ୍ତବାୟିତ ହୋଇଛି, ତାହା ପାଠକମାନେ ବିଚାର କରିବେ। ସବୁଠି ଅବକ୍ଷୟ ସ୍ୱଷ୍ଟ, ତେବେ କେଉଁ ଚିହ୍ନରା ଆଖି ପାଉଁଶ ତଳେ ନିଆଁକୁ ନ ଭେଟିବ– କିଏ କହିବ ?

### ମହାମନ୍ତ୍ରୀ ଉବାଚ



**ଲେଖକ:** ଡ. ନାରାୟଣ ମହାନ୍ତି
**ପ୍ରକାଶକ:** ନୀହାରିକା ଦାସ ସ୍ମୃତିନ୍ୟାସ, କଟକ
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୦୦/-

ବିଭିନ୍ନ ଖବରକାଗଜ ଓ ପତ୍ରିକାରେ ପ୍ରକାଶ ପାଇଥିବା ୫୦ଟି ରମ୍ୟ ଓ ବ୍ୟଙ୍ଗଧର୍ମୀ ରଚନାକୁ ଏକାଠି କରି ଲେଖକ ଏହି ପୁସ୍ତକଟି ପ୍ରକାଶ କରିଛନ୍ତି। ଲେଖାଗୁଡ଼ିକ ପଢ଼ିଲେ ମନେହୁଏ, ଏସବୁ ବାସ୍ତବତା ଓ କଳ୍ପନାର ସୀମାରେଖାକୁ ଅମାନ୍ୟ କରି ଜୀବନର ସତ୍ୟକୁ ଆଲୋକିତ କରିବାର ବ୍ରତରେ ବ୍ରତୀ। ପ୍ରତ୍ୟେକଟି ଲେଖାର ଭାଷା ଅତ୍ୟନ୍ତ ସରସ ଗଦ୍ୟରେ ସବଳିତ। ଗୋଟିକର ଉଦାହରଣ ନିଆଯାଉ। 'ସିଟିବସ୍ ବନାମ ଡକାଳି, ଟଣାଳି ଓ ଖଞ୍ଜାଳି' – ସିଟି ବସ୍‌ରେ ବସି ଯାତ୍ରା କରୁଥିବାବେଳେ ଲେଖକଙ୍କ ପାଖରେ ବସିଥିବା ଯାତ୍ରୀଟି ଏକାଧିକବାର ତାଙ୍କ ବାମପଟକୁ ଚାହିଁ ନମସ୍କାର କରୁଥିବାର ଦେଖି 'କାହାକୁ ନମସ୍କାର କରୁଛନ୍ତି' ? ବୋଲି ଲେଖକ ପଚାରିବାରୁ ସେ ଉତ୍ତର ଦେଲେ– 'ହାଇକୋର୍ଟ'କୁ। ଏହାର କାରଣ କ'ଣ ଜାଣିବାକୁ ଜିଜ୍ଞାସା କଲାରୁ ସେ ଯାହା ଯାହା କହିଲେ– ତାହା ହେଉଛି ଏହି ଲେଖାଟିର ପ୍ରତିପାଦ୍ୟ ବିଷୟ। ଏଥିରେ ଘରୋଇ ବସ୍‌ରେ ଭୁବନେଶ୍ୱର ଯିବାର ଯେଉଁ ତିକ୍ତ ଅନୁଭୂତି ବର୍ଣ୍ଣିତ, ତାହା ଅଙ୍ଗେ ନ ନିଭାଇଲେ କେହି ଲେଖିପାରିବେ ନାହିଁ। ଲିଙ୍କ୍‌ରୋଡ୍‌ରେ ଘରୋଇ ବସ୍‌ରେ ଡକାଳିମାନେ 'ଭୁବନେଶ୍ୱର'କୁ ଯେପରି ଉଚ୍ଚାରଣ କରନ୍ତି, ତାହା ହେଉଛି 'ଭୋଁସ୍ର'। ପଢୁପଢୁ ହସ ଲାଗେ, କିନ୍ତୁ ଏ ହସ 'ହସିବା' ପାଇଁ ଉଦ୍ଦିଷ୍ଟ ନୁହେଁ, 'ଚେତିବା' ପାଇଁ ଉଦ୍ଦିଷ୍ଟ। ବ୍ୟଙ୍ଗ ରଚନାରୁ ଦିନକୁ ଦିନ ରସିକତା କମିଯାଇ 'ଅସୂୟା' ତା' ସ୍ଥାନ ନେଉଛି। କିନ୍ତୁ ଡ. ମହାନ୍ତିଙ୍କର ଲେଖାଗୁଡ଼ିକ ବ୍ୟକ୍ତିଗତ ଅସୂୟାଶୂନ୍ୟ, ଆମ ସମାଜ ଓ ବ୍ୟକ୍ତିଜୀବନର ନାନା ଅସଂଗତିକୁ ଚିହ୍ନେଇ ଦେବାର ଉଦ୍ୟମ। ଏଥିରେ ପ୍ରତ୍ୟକ୍ଷ ଉପଦେଶ ନାହିଁ, କିନ୍ତୁ ପରୋକ୍ଷରେ କର୍ତ୍ତବ୍ୟାକର୍ତ୍ତବ୍ୟକୁ ଚିହ୍ନିତ କରାଯାଇଛି ସ୍ୱଷ୍ଟ ଭାବେ। ବହିଟି ପାଠକୀୟ ଆଦୃତି ପାଇବା ଅବଧାରିତ।

## ତୁମ ଲିପି ଅସୁମାରି ଆୟୁଷକୁ ନେଉ...

ପ୍ରତିଫଳନ



କବି ପ୍ରମୋଦ କୁମାର ମହାନ୍ତିଙ୍କ ପରଲୋକ ହୋଇଛି ୨ ଫେବୃୟାରୀ ୨୦୨୨ରେ। ୧୯୬୭ରେ କଟକ ଅଗ୍ରଦୂତ ପ୍ରକାଶନୀ ପ୍ରକାଶ କରିଥିଲେ ତାଙ୍କର ପ୍ରଥମ କବିତା ପୁସ୍ତକ 'କ୍ରମଶଃ'। ୧୯୪୨ରେ ଜଗତ୍‌ସିଂହପୁର ଜିଲାର ବିରିଡ଼ିଠାରେ ଜନ୍ମିତ ପ୍ରମୋଦଙ୍କ ଅନ୍ୟ ପ୍ରମୁଖ କାବ୍ୟଗ୍ରନ୍ଥ ମଧ୍ୟରେ ରହିଛି 'ଦେବୀପାଦ', 'ଅଧାଅଧା ଆଲିମ୍ପନ', 'ଅକାତକାତ', 'ଅସରନ୍ତି ଅଣସର', 'ଅଲଗାକୁହା' ଓ 'ଅକ୍ଷର ସେବା'। 'ଅସରନ୍ତି ଅଣସର' ପାଇଁ ୨୦୦୮ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଏହି କବିଙ୍କୁ ମିଳିଥିଲା କବିତା ପାଇଁ 'ଧରିତ୍ରୀ ସମ୍ମାନ' ୧୯୮୩ରେ। 'କ୍ରମଶଃ'ରେ ସ୍ଥାନିତ ତାଙ୍କର 'ଗୋପବନ୍ଧୁ' କବିତାଟି ଏଠାରେ ପ୍ରକାଶ କରି ତାଙ୍କ ସ୍ମୃତି ପ୍ରତି ଜଣାଉଛୁଁ ସଶ୍ରଦ୍ଧ ଶୋକାଞ୍ଜଳି।




### ଗୋପବନ୍ଧୁ

"ଅପାରଗ ଅଦାତା ମୁଁ ଅକାରଣେ ଜୀବୀ
ମୁହିଁ ନ ଜାଣଇ ତୋତେ କେଉଁମତେ ସେବି।"
– ସାରଳା ଦାସ

ତୁମରି ଚେହେରା ଆମେ ଦେଖିଗଲୁ
ଆତ୍ମାର ଭଙ୍ଗା ଆରିଶିରେ।
ଭକ୍ତି ଆଉ ନମ୍ରତାର ନିଶୂନ ଗାଆଁରେ
ନିବୁଜ କୋଲପ ଭାଙ୍ଗି ତୁମକୁ ପାଇଲୁ
ସମୟର ଶୂନ୍ୟ ସିନ୍ଦୁକରେ।।

ମୋ' ପିତୃପୁରୁଷ ଯଥା: ବାପା, ବୋଉ, ଜେଜେ ଇତ୍ୟାଦିଙ୍କ
ରକ୍ତ ପୋଷାକରେ
ନିଜକୁ ବୁଡ଼ାଇ ରଖି ଆପାଦ ମସ୍ତକ,
ତାଳପତ୍ର ଛତା ତଳେ ତୁମେ କି କାନ୍ଦୁଚ ? –
ଭାଙ୍ଗି ବହୁ ବେହେଲା ବଇଁଶୀ, ସାରଙ୍ଗୀ ଓ ଚୁପ୍ ସାହାନାଇ ?
ପଞ୍ଜୁରି ପୀଡ଼ିତ ଏକ ବଣି ଚଢ଼େଇର ଗୁମୋଟ୍ ଆଖିରେ

ତୁମେ କି ଜିଇଚ ଏକ ବିନ୍ଦୁ ମାଲକୋଷ୍ ହୋଇ ?
ଅଥବା ଗାଉଚ ଗୀତ ସମୁଦ୍ର ସମାନ

ପ୍ରତିଦିନ ପାହାନ୍ତାରେ ଈଶ୍ୱରଙ୍କୁ ନିଦରୁ ଉଠାଇ ?

କୁହ–
ପୃଥିବୀର ଓଠରେ କି ତୁମେ ମୁଠେ ନୀଳହସ ?
ଆପଣା ଦେଉଳେ ଅବା ଲୁହଭିଜା ଶବ୍ଦର ପାହାଚ ?
ମାନବିକତାର ଇନ୍ଦ୍ରଦ୍ୟୁମ୍ନ ଆଣ୍ଠୁକୁଡ଼ା ହେଉଥିଲା ବେଳେ
ତୁମେ ଏକ ମହାଦୀପ
ଊର୍ଦ୍ଧ୍ୱତାର ଆହୁରି ଊର୍ଦ୍ଧ୍ୱରେ
ନୀଳଚକ୍ର କୂଳେ।

## ଶୁଆ

ମିନି ଗଳ୍ପ

**ଶଶିକାନ୍ତ ମେହେର**

'ନେହା' ସେ ଏକ ଛୋଟ ବାଳିକା। ତା' ସାଙ୍ଗେ ତା'ର ଭାଇଟିଏ ଥିଲା ଆଉ ମା' ବାପା ସହ ଏକ ଛୋଟ ପରିବାର ଥିଲେ ସେମାନେ। ଦିନେ ନେହାର ବାପା ତା' ପାଇଁ ଗୋଟିଏ ଶୁଆ ଆଣିଦେଇଥିଲେ। ନେହା ଭାରି ସଉକରେ ଅତି ଯତ୍ନର ସହ ସେ ଶୁଆକୁ ପାଳନ କରୁଥିଲା। ନେହା ସେ ଶୁଆକୁ ଏକ ସୁନ୍ଦର ପିଞ୍ଜରା ଭିତରେ ରଖିଥାଏ। ପ୍ରତ୍ୟେକ ଦିନ ସେ ଶୁଆକୁ ଖାଇବାକୁ ଦେଉଥାଏ। ତା'ର ଭାରି ଇଚ୍ଛା ଥିଲା ତା' ସହ କଥାହେବା ପାଇଁ। କାରଣ ନେହାକୁ ତା' ବାପା କହିଥିଲେ କି ଏ ଶୁଆକୁ ପାଳନ କଲେ ସେ କଥା କହିବ ଓ ତୋ' ନାଁ ଧରି ଡାକିବ। ତେଣୁ ନେହା ଭାରି ଯତ୍ନର ସହ ତାକୁ ସବୁଦିନ ଖାଇବାକୁ ଦେଉଥାଏ, ଆଉ ପାଳନ କରୁଥାଏ।

ଧୀରେ ଧୀରେ ସେ ଶୁଆ କଥା କହିବାକୁ ଲାଗିଲା। ନେହାକୁ ଦେଖିଲେ ସେ ତା'ର ନାଁ ଧରି ଡାକେ। ନେହା ଭାରି ଖୁସି ଅନୁଭବ କରୁଥାଏ କି ଶୁଆ ତା'ର ନାଁ ଡାକି ଜାଣିଲାଣି! ନେହା ଦିନେ ସକାଳୁ ଉଠି ଶୁଆକୁ ଖାଇବାକୁ ଦେଉଥାଏ। ପ୍ରତ୍ୟେକ ଦିନ ସେ ଶୁଆକୁ ପିଞ୍ଜରା ଭିତରେ ଖାଇବାକୁ ଦିଏ, ହେଲେ ସେଦିନ ସକାଳେ ତା'ର ଇଚ୍ଛା ହେଲା ଯେ ପିଞ୍ଜରା ଭିତରୁ ତାକୁ ବାହାର କରି ଖାଇବାକୁ ଦେବି। ପିଞ୍ଜରା ଭିତରୁ ଯେମିତି ବାହାର କଲା ସେ ଶୁଆକୁ, ଶୁଆ ଫୁର୍ କିନା ଆକାଶକୁ ଉଡ଼ିଗଲା।



ନେହା ଏହା ଦେଖି ମନରେ ଦୁଃଖ ଅନୁଭବ କରୁଥାଏ କି ସେ ଶୁଆ ଆଉ ଫେରିବ ନାହିଁ। ଏଥର ତ ଶୁଆ ଉଡ଼ିଗଲା, ଆଉ କିଏ ସକାଳୁ ତା' ନାଁ ଧରିବ, କାହାକୁ ସେ ଖାଇବାକୁ ଦେବ, ଏସବୁ କଥା ଭାବୁଥାଏ। ଭାବୁଥାଏ, ଆଉ ଡାକୁଥାଏ, ଆ... ମୋ' ଶୁଆ... ଆ..., ଆ... ମୋ' ଶୁଆ... ଆ...। ଏହି ସମୟରେ ହଠାତ୍ ଦେଖିଲା ତା' ଆଗ ପଟରୁ ଉଡ଼ିଆସୁଥାଏ ତା'ର ସେଇ ଶୁଆ। ନେହା ଶୁଆକୁ ଦେଖି ଭାରି ଖୁସି ହେଲା। ପିଞ୍ଜରାରୁ ବାହାରି ଉଡ଼ିଯାଇଥିବା ଶୁଆ ପୁଣି ତା' ନିକଟକୁ ଫେରିଆସିଲା। ଆଗ ପଟରୁ ଶୁଆ ଉଡ଼ିଉଡ଼ି ଆସି ରାବ କରୁଥାଏ, ଆଉ ଡାକୁଥାଏ– ନେହା...ନେହା... ପ୍ରେମ ଭାବ ପୋଷଣ କଲେ ପର ଆପଣାର ହୋଇଥାଏ।

ଜମଲା, ପଦ୍ମପୁର, ବରଗଡ଼
ମୋ: ୮୦୧୮୧୬୮୯୬୮

## ସଂକ୍ଷେପରେ

### ୧୧ ରାଜ୍ୟରେ ପୁଷ୍ଟିଯୁକ୍ତ ଚାଉଳ ପାଇଲଟ ପ୍ରକଳ୍ପ

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ଓଡ଼ିଶା ସମେତ ୧୧ ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍)ରେ ପୁଷ୍ଟିଯୁକ୍ତ ଚାଉଳ ଯୋଗାଣ ଯୋଜନା ଆରମ୍ଭ ହୋଇଛି। ୨୦୧୯-୨୦ରୁ ୩ବର୍ଷ ପାଇଁ ପାଇଲଟ ପ୍ରକଳ୍ପ ଭାବେ ଏହି ଯୋଜନା ଆରମ୍ଭ କରାଯାଇଛି। ଏଥିପାଇଁ ୧୭୪.୬୪ କୋଟି ବ୍ୟୟବରାଦ ହୋଇଛି। ଶୁକ୍ରବାର ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଏହି ସୂଚନା ଦେଇଛନ୍ତି। ଚୌବେ କହିଛନ୍ତି, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଛତିଶଗଡ଼, ଉତ୍ତରପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଝାଡ଼ଖଣ୍ଡରେ ପିଡିଏସ୍‌ରେ ପୁଷ୍ଟିଯୁକ୍ତ ଚାଉଳ ଯୋଗାଣ ଯୋଜନା କାର୍ଯ୍ୟକାରୀ ହେଉଛି। ପାଇଲଟ ସ୍କିମ୍‌ରେ ଏ ପର୍ଯ୍ୟନ୍ତ ୩.୬୪ ଲକ୍ଷ ମେଟ୍ରିକ ଟନ୍ ପୁଷ୍ଟିଯୁକ୍ତ ଚାଉଳ ଯୋଗାଇ ଦିଆଯାଇଛି। ପୁଷ୍ଟିଯୁକ୍ତ ଚାଉଳ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର- ରାଜ୍ୟ ୯୦:୧୦ ଅନୁପାତରେ କିଲୋ ପିଛା ମିଲରମାନଙ୍କୁ ୭୩ ପଇସା ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

### ଭୋଟର ସଚେତନତା ପ୍ରତିଯୋଗିତା

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ଭାରତର ନିର୍ବାଚନ କମିଶନଙ୍କ ଭୋଟର ସଚେତନତା ପ୍ରତିଯୋଗିତା 'ମୋ ଭୋଟ୍ ହେଉଛି ମୋ ଭବିଷ୍ୟତ- ଗୋଟିଏ ଭୋଟର ଶକ୍ତି' ବର୍ତ୍ତମାନ ଲାଇଭ୍ ଅଛି। ବିଜେତାଙ୍କ ପାଇଁ ନଗଦ ପୁରସ୍କାର ବ୍ୟବସ୍ଥା ରହିଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି। ଭାରତର ନିର୍ବାଚନ କମିଶନ ଜାତୀୟ ମତଦାତା ଦିବସ-୨୦୨୨ ଅବସରରେ ପ୍ରତ୍ୟେକ ଭୋଟର ଗୁରୁତ୍ୱକୁ ଦୋହରାଇବା ପାଇଁ ଏହି ସଚେତନତା ପ୍ରତିଯୋଗିତାର ଶୁଭାରମ୍ଭ କରିଛନ୍ତି। ଏହା ୨୦୨୨ ଜାନୁୟାରୀ ୨୫ରୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଚାଲିବ। ଗଣତନ୍ତ୍ରରେ ପ୍ରତ୍ୟେକ ଭୋଟର ମହତ୍ତ୍ୱ ବିଷୟରେ ଧାରଣା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। କୁଇଜ୍, ସ୍ଲୋଗାନ୍, ଗୀତ, ଭିଡିଓ ମେକିଂ ଏବଂ ପୋଷ୍ଟର ଡିଜାଇନ୍ ଭଳି ୫ ପ୍ରତିଯୋଗିତାକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି।

# ଜନଜାତି ଅଞ୍ଚଳରେ ଛାତ୍ରୀଛାତ୍ରଙ୍କ ବିକାଶ ଉପରେ ଗୁରୁତ୍ୱ

## 'ମୋ ସ୍କୁଲ୍' ଅଭିଯାନର ୯ମ ପରିଚାଳନା ପରିଷଦ ବୈଠକ

- ଭଲ ପ୍ରଦର୍ଶନ କରୁଥିବା ଶିକ୍ଷକଙ୍କୁ ମିଳିବ ପୁରସ୍କାର
- ସ୍କୁଲ୍ ବନ୍ଦ ଜନିତ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ

ଭୁବନେଶ୍ୱର, ୧୧।୨(ବ୍ୟୁରୋ)




'ମୋ ସ୍କୁଲ୍' ଅଭିଯାନର ୯ମ ପରିଚାଳନା ପରିଷଦ ବୈଠକ ଶୁକ୍ରବାର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ୍ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ଯୋଗଦେଇ କହିଥିଲେ, 'ମୋ ସ୍କୁଲ୍' ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ବ୍ୟାପକତା, ନିରପେକ୍ଷତା ଓ ସ୍ୱଚ୍ଛତାକୁ ବଜାୟ ରଖିବା ପାଇଁ ସ୍କୁଲ୍‌ସ୍ତରରେ ମନିଟରିଂକୁ ପ୍ରାଥମିକତା ଦିଆଯାଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ ପ୍ରକଳ୍ପ କାର୍ଯ୍ୟର ତଦାରଖ ସହ ଜନଜାତି ଅଞ୍ଚଳରେ ଥିବା ସ୍କୁଲ୍ ଓ ଛାତ୍ରୀଛାତ୍ରଙ୍କ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକଙ୍କ ଦକ୍ଷତା ବିକାଶ, ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଅଭିବୃଦ୍ଧି, ଶିକ୍ଷା ଉପକରଣ ଆଦି ପ୍ରସ୍ତୁତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିଭଳି ମୋ ସ୍କୁଲ୍ ଅଭିଯାନରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପ୍ରତି ଜିଲାର ୩ଜଣ ଲେଖାଏ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପୁରସ୍କୃତ କରାଯିବ। ସ୍କୁଲ୍‌ସ୍ତରରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ କମିଟି ଗଠନ କରାଯିବ। ଏହି କମିଟି ସ୍କୁଲ୍‌ରେ କ୍ରୀଡ଼ା, ବିଜ୍ଞାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିବ। ଏଥିସହ ପୁରାତନ ଛାତ୍ରୀଛାତ୍ର ସଂଘ ସ୍କୁଲ୍ ଓ ନିକଟ ଅଞ୍ଚଳରେ ବୃକ୍ଷରୋପଣ, କିଚେନ୍ ଗାର୍ଡେନ୍ ଏବଂ ଅନ୍ୟାନ୍ୟ ଗୋଷ୍ଠୀ ସହଭାଗିତାଭିତ୍ତିକ କାର୍ଯ୍ୟକ୍ରମ କରିବ। କୌଣସି କାରଣରୁ ସ୍କୁଲ୍ ବନ୍ଦ ହେଲେ ପିଲାଙ୍କ ପାଠପଢ଼ାରେ ଯେପରି ବ୍ୟାଘାତ ସୃଷ୍ଟି ନ ହେବ, ସେଥିପାଇଁ ୟୁନିସେଫ୍ ଓ ପୁରାତନ ଛାତ୍ରୀଛାତ୍ରଙ୍କ ସହଭାଗିତାରେ ଆସନ୍ତା ୨ବର୍ଷ ପାଇଁ ମୋ ସ୍କୁଲ୍ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ। ପ୍ରଥମେ ପ୍ରାଥମିକ ବିଦ୍ୟାଳୟକୁ ଓ ପରେ ମାଧ୍ୟମିକ ବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ସ୍ଥିର ହୋଇଛି।

ବୈଠକରେ ମୋ ସ୍କୁଲ୍ ସଦସ୍ୟ ସଚିବ ତଥା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ମୋ ସ୍କୁଲ୍ ଅଭିଯାନର ମୁଖ୍ୟ ପରିଳନା ଅଧିକାରୀ ଅମରଜିତ ଜେନା, ଭାରପ୍ରାପ୍ତ ଅଧିକାରୀ ପ୍ରବୀର କୁମାର ଖିଲାର, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶିକା ପୁନମ ଗୁହା ତାପସ କୁମାରଙ୍କ ସମେତ ଢେଙ୍କାନାଳ ଜିଲାପାଳ ଓ ଖୋର୍ଦ୍ଧା ପିଡିଡିଆର୍‌ଡିଏ ଉପସ୍ଥିତ ଥିଲେ।

# 'ଭାଜପା ଜାତିଗତ ବିଭେଦ ସୃଷ୍ଟି କରି ରାଜନୀତି କରୁଛି'

## ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଭିଭାଷଣର ଜବାବ ରଖିଲା କଂଗ୍ରେସ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ସଂସଦରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ 'କଂଗ୍ରେସର ସମୟ ଥିଲା ଅନ୍ଧାକାରର ଯୁଗ ଓ ୨୦୧୪ ପରେ ଦେଶରେ ଅମୃତକାଳ ଆରମ୍ଭ ହୋଇଛି'। ଏହାକୁ କଡା ଭାଷାରେ ସମାଲୋଚନା କରିଛି କଂଗ୍ରେସ। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କର ଏହା ଅତ୍ୟନ୍ତ କୁତ୍ସିତ, ଘୃଣ୍ୟ ଓ ନିମ୍ନମାନର ମନ୍ତବ୍ୟ। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କଠାରୁ ଆରମ୍ଭ କରି ବିଭିନ୍ନ ସମୟରେ କଂଗ୍ରେସ ସରକାରରେ ରହି ଆସିଛି। ପ୍ରତିଟି କ୍ଷେତ୍ରରେ ବିକାଶର ଅୟମାରମ୍ଭ କରିଛି। ସ୍ୱାଧୀନତା ବେଳକୁ ଦେଶ ଶିକ୍ଷାକ୍ଷେତ୍ରରେ ବହୁ ପଛରେ ଥିଲା। ସେତେବେଳେ ମାତ୍ର ୨୦ଟି ବିଶ୍ୱବିଦ୍ୟାଳୟ ଓ ୪୯୬ଟି କଲେଜ ଥିଲା। କିନ୍ତୁ ୨୦୧୪ ବେଳକୁ ଦେଶରେ ୬୬୭ଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇସାରିଥିଲା। ତନ୍ମଧ୍ୟରୁ ୪୫ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ୩୧୮ଟି ରାଜ୍ୟ ବିଶ୍ୱବିଦ୍ୟାଳୟ ରହିଛି। ୩୭ ହଜାର ୮ ଶହରୁ ଅଧିକ କଲେଜ ହୋଇପାରିଛି। ବୈଷୟିକ ଶିକ୍ଷା କ୍ଷେତ୍ରରେ ନେହେରୁଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ୧୯୫୦ରେ ପ୍ରଥମ ଆଇଆଇଟି ଖଡ଼ଗପୁରରେ ଓ ୧୯୫୬ ବେଳକୁ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ପ୍ରତିଷ୍ଠା ହୋଇସାରିଥିଲା। ୧୯୫୫ରେ ଭିଲାଇରେ ଦେଶର ପ୍ରଥମ ଷ୍ଟିଲ ପ୍ଲାଣ୍ଟ ଓ ୧୯୬୯ରେ ଇସ୍ରୋ ସ୍ଥାପନ କରାଯାଇଥିଲା। କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ମାଧ୍ୟମରେ ୨୦୧୪ ସୁଦ୍ଧା ଦେଶରେ ୩୧୨ ମିଲିୟନ ଟନ ଖାଦ୍ୟଶସ୍ୟ ଉତ୍ପାଦନ ହୋଇପାରିଥିଲା। ଅପରପକ୍ଷରେ ଗାନ୍ଧୀଙ୍କୁ ନେଇ କଂଗ୍ରେସର ଯେଉଁ ପରିବାରବାଦ୍ କଥା କୁହାଯାଉଛି, ଭାଜପାରେ ତାହା ନାହିଁ ବୋଲି ମୋଦି ଦୃଢ଼ତାର ସହ କରିପାରିବେ କି? ଆଶା କରାଯାଉଥିଲା ପ୍ରଧାନମନ୍ତ୍ରୀ ସଂସଦରେ ଦେଶର ଅର୍ଥନୀତି, ଆଇନକାନୁନ ପରିସ୍ଥିତି, କୃଷକଙ୍କ ସମସ୍ୟା, ବେରୋଜଗାର ସମସ୍ୟା ଓ ବୈଦେଶିକ ନୀତିକୁ ନେଇ ଏକ ଅଭିଭାଷଣ ରଖିବେ। କିନ୍ତୁ ଦୀର୍ଘ ୮ବର୍ଷ ଧରି ପ୍ରଧାନମନ୍ତ୍ରୀ ଜାତି ଜାତି ଭିତରେ ବିଭେଦ ସୃଷ୍ଟି କରି ଧର୍ମଭିତ୍ତିକ ରାଜନୀତି କରିବା ଛଡ଼ା ଅନ୍ୟ କିଛି କରିନାହାନ୍ତି ବୋଲି ରଜନୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ ଓ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ETCPMIBBS2022001, ତା.11.01.2022ରିଖ ର ଶୁଦ୍ଧିପତ୍ର ସଂ.1, ତା.08.02.2022ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ପ୍ରକାଶିତ ଅନୁଯାୟୀ - ତା.11.02.2022 ରିଖ 1200 ଘଟିକାରେ, ପଢ଼ାଯିବା ଆବଶ୍ୟକ - ତା.21.02.2022 ରିଖ 1200 ଘଟିକାରେ।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ରୁ ଶୁଦ୍ଧିପତ୍ର ସମ୍ବନ୍ଧୀୟ ଅବଗତ ନିମନ୍ତେ ପରାମର୍ଶ ଦିଆଯିବା ସହିତ ତଦନୁସାରେ ସେମାନଙ୍କର ଇ-ଅଫର ମୂଲ୍ୟାଙ୍କନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର
PR-123/CE/21-22

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/21-22/E-Tender/105,ତା.10.02.2022ରିଖ
ଟେଣ୍ଡର ସଂ.e-tender-HQ-KUR-277-2021,ତା.03.02.2022ରିଖ

ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ପୁରୀ ଷ୍ଟେସନ ଠାରେ ନମନୀୟ ଲୁହା ପାଇପ (Ductile Iron pipes)ସହିତ ଫିଟ୍‌ଗୁଡ଼ିକର 2000 ମିଟର ପୁରୁଣା G.I. ହାଇଡ୍ରାଣ୍ଟ ଲାଇନ୍‌ର ସ୍ଥାନାନ୍ତରଣ ସହିତ କୋଚ୍ ୱାଟରିଙ୍ଗ୍ ଏବଂ ଜଳ ନିଷ୍କାସନ ପ୍ରଣାଳୀର ପ୍ରସ୍ତାବିତ ମରାମତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 96.00 ଲକ୍ଷ, EMD (ଟଙ୍କାରେ) : 1,92,000/-, ଶେଷ ହେବା ଅବଧି : 06 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.02.2022 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-808/M/21-22

# ୪ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଠାବ

## ଅତିରିକ୍ତ ଜିଲାପାଳଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ାଉ

ସୁନ୍ଦରଗଡ଼, ୧୧।୨(ଡି.ଏନ୍.ଏ.)



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ସକାଳୁ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ବିଶ୍ୱଜିତ୍ ମହାପାତ୍ରଙ୍କ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହୋଇଛି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ମୋଟ୍ ୮ଟି ଟିମ୍ ଅତିରିକ୍ତ ଜିଲାପାଳଙ୍କ ସୁନ୍ଦରଗଡ଼ ସରକାରୀ ବାସଭବନ, କାର୍ଯ୍ୟାଳୟ ସମେତ ଭୁବନେଶ୍ୱର ନୟାପଲ୍ଲୀ, ବାଲିଅନ୍ତା, ଜଗତ୍‌ସିଂହପୁର ଜିଲାର ପୈତୃକ ଘର ଜଡ଼ାତିରା, ରଘୁନାଥପୁରର ରେଢୁଆ, ମଣିଜଙ୍ଗା ଓ ରାଜଗାଙ୍ଗପୁରସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘର ଏକକାଳୀନ ୮ଟି ସ୍ଥାନରେ ଚଢ଼ାଉ କରାଯାଇଛି। ସନ୍ଧ୍ୟା ସୁଦ୍ଧା ଚଢ଼ାଉ ଜାରି ରହିଥିବାରୁ ବହିର୍ଭୂତ ସମ୍ପତ୍ତିର ସବିଶେଷ ଆକଳନ ହୋଇପାରିନାହିଁ। ହେଲେ ବର୍ତ୍ତମାନ ସୁଦ୍ଧା ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଏହି ଚଢ଼ାଉବେଳେ ବିଭିନ୍ନ ବ୍ୟାଙ୍କ ଓ ଇନ୍‌ସ୍ୟୁରାନ୍ସ କମ୍ପାନୀରେ ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜମାଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ୮ ଡିଏସ୍‌ପି, ୮ଇନ୍‌ସପେକ୍ଟର, ୫ ଏଏସ୍‌ଆଇ ସାମିଲ ଅଛନ୍ତି। ଭିଜିଲାନ୍ସ ଟିମ୍ ପକ୍ଷରୁ ସୁନ୍ଦରଗଡ଼ସ୍ଥିତ ତାଙ୍କ ସରକାରୀ ବାସଭବନ ଓ କଲେକ୍ଟୋରିଏଟରେ ଥିବା କାର୍ଯ୍ୟାଳୟକୁ ସିଲ୍ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ମହାପାତ୍ର ଭୁବନେଶ୍ୱର ଚାଲିଯାଇଥିବାରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଧରି ସୁନ୍ଦରଗଡ଼ ପହଞ୍ଚିବା ପରେ ଏଠାରେ ଥିବା ସରକାରୀ ବାସଭବନ ଓ କାର୍ଯ୍ୟାଳୟ ଯାଞ୍ଚ କରାଯିବ। ଅତିରିକ୍ତ ଜିଲାପାଳ ମହାପାତ୍ର ଏମ୍‌ସିଏଲ୍ ବସୁନ୍ଧରା କୋଇଲା ଖଣିର ମଧ୍ୟ ଅତିରିକ୍ତ ଦାୟିତ୍ୱ(ପୁନର୍ବାସ ଓ ଥଇଥାନ)ରେ ଥିଲେ। ହେମଗିର ଅଞ୍ଚଳରେ ଖଣି ବିସ୍ଥାପିତଙ୍କ କ୍ଷତିପୂରଣ ପ୍ରଦାନରେ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ୧୯୯୭ ଓଏଏସ୍ ବ୍ୟାଚ୍‌ର ମହାପାତ୍ର ୧୯୯୯ରେ ଚାକିରି ଆରମ୍ଭ କରିଥିଲେ। ଚାକିରି ଶେଷହେବାକୁ ୧୮ ଦିନ ବାକି ଥିଲା। ସେ ପାନପୋଷ ଉପଜିଲାପାଳ ଥିବାବେଳେ ପଦୋନ୍ନତି ପାଇ ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ।

# ପୂର୍ବ ଶତ୍ରୁତାରୁ ବୃଦ୍ଧାଙ୍କୁ ହତ୍ୟା, ପୁତୁରା ଗିରଫ

କଳିଙ୍ଗନଗର,୧୧।୨(ଡି.ଏନ୍.ଏ.)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବୃଦ୍ଧାଙ୍କୁ ତାଙ୍କ ପୁତୁରା କୋଦାଳ ବେଣ୍ଟରେ ପିଟି ହତ୍ୟା କରିଛନ୍ତି। ଯାଜପୁର ଜିଲା ଟମକା ଥାନା ଅଧୀନ ଚିଟିରି ନୂଆଗାଁ ମାଝି ସାହିରେ ଗୁରୁବାର ଏହି ଘଟଣା ଘଟିଛି। ମୃତକ ହେଲେ ମାନ୍ଦା ହାଁସଦା(୬୫)। ପୋଲିସ ବୃଦ୍ଧାଙ୍କ ପୁତୁରା ନୂଆଗାଁ ମାଝିସାହିର ମିର୍ଜା ହାଁସଦା(୫୨)ଙ୍କୁ ଶୁକ୍ରବାର ଗିରଫ କରିଛି। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯିବ। ଏନେଇ ଥାନାରେ ନଂ.୧୯/୨୨ରେ ଏକ ମାମଲା ରୁଜୁ ହୋଇଛି।

ଅଭିଯୋଗ ମୁତାବକ, ମାନ୍ଦା ଓ ମିର୍ଜାଙ୍କ ପରିବାର ମଧ୍ୟରେ ବିଭିନ୍ନ କାରଣକୁ ନେଇ ଦୀର୍ଘ ଦିନ ହେଲା ବିବାଦ ଲାଗି ରହିଥିଲା। ଏପରି କି ମିର୍ଜା ଅନେକ ସମୟରେ ମଦପିଇ ନିଶାସକ୍ତ ଅବସ୍ଥାରେ ରହୁଥିଲେ। ଘଟଣାଦିନ ମାନ୍ଦା ଘର ନିକଟ ବିଲରେ ଛେଳି ଚରାଉଥିଲେ। ତେବେ ମାନ୍ଦା ଏକୁଟିଆ ଥିବା ସୁଯୋଗ ନେଇ ମିର୍ଜା ଏକ କୋଦାଳ ବେଣ୍ଟରେ ମାନ୍ଦାଙ୍କ ମୁଣ୍ଡ ପଛ ପାର୍ଶ୍ୱକୁ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ମାନ୍ଦା ଅଚେତ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମାନ୍ଦାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ହତ୍ୟାକାଣ୍ଡ ସମ୍ପର୍କରେ ମାନ୍ଦାଙ୍କ ପୁଅ ଶଙ୍କର ଥାନାରେ ଲିଖିତ ଅଭିଯୋଗ କରିଥିଲେ ବୋଲି ଥାନା ଅଧିକାରୀ ସୁକାନ୍ତ ପାତ୍ରଙ୍କଠାରୁ ସୂଚନା ମିଳିଛି। ହତ୍ୟାକାଣ୍ଡରେ ବ୍ୟବହୃତ କୋଦାଳ ବେଣ୍ଟକୁ ପୋଲିସ ଜବତ କରିଛି।

## ପ୍ରଥମ ପୃଷ୍ଠାରୁ...

### ବିକ୍ଷୋଭ ପରିବର୍ତ୍ତେ...

ଭାରତରେ ବହୁ ଭାଷା, ସଂସ୍କୃତି ଓ ଧର୍ମର ଲୋକେ ବସବାସ କରୁଛନ୍ତି। ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଭାବେ ଏହା କୌଣସି ଧର୍ମକୁ ନିଜର ପରିଚୟ କରିନାହିଁ। ପ୍ରତ୍ୟେକ ନାଗରିକ ସେମାନଙ୍କ ପସନ୍ଦ ଅନୁସାରେ ଯେକୌଣସି ଧର୍ମ ଗ୍ରହଣ କରିବା ଅଧିକାର ରହିଛି ଏକଥା ସତ, କିନ୍ତୁ ଏହି ଅଧିକାର ନିରଙ୍କୁଶ ନୁହେଁ ବୋଲି ଅଦାଲତ କହିଛନ୍ତି। ଇସ୍‌ଲାମ ଧର୍ମରେ ଶ୍ରେଣୀ ଗୃହରେ ହିଜାବ ପିନ୍ଧିବା ସାମ୍ବିଧାନିକ ଗ୍ୟାରେଣ୍ଟି ଦୃଷ୍ଟିରୁ କେତେ ଜରୁରୀ, ତାହାର ଗଭୀର ଅନୁଧ୍ୟାନ କରାଯିବା ଆବଶ୍ୟକତା ରହିଛି ବୋଲି ଖଣ୍ଡପୀଠ କହିଛନ୍ତି। ସଭ୍ୟ ସମାଜରେ ଧର୍ମ, ସଂସ୍କୃତି ଆଦି ନାମରେ ସାଧାରଣ ଶାନ୍ତି ଭଙ୍ଗ କଲା ଭଳି କୌଣସି କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ। ଦୀର୍ଘ ଆନ୍ଦୋଳନ ଏବଂ ଶିକ୍ଷାନୁଷ୍ଠାନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯିବା ସନ୍ତୋଷଜନକ କଥା ନୁହେଁ। ଏହା ଉପରେ ଜରୁରୀ ଭିତ୍ତିରେ ଶୁଣାଣି ଜାରି ରହିବ ବୋଲି ଖଣ୍ଡପୀଠ କହିଛନ୍ତି।

### ନାବାଳିକା ବଳାତ୍କାରୀଙ୍କୁ...

କରିଥିଲେ। ନାବାଳିକାଙ୍କୁ ନ ପାଇ ତାଙ୍କ ମା' ପାଟିକରି ଡାକିବାରୁ ଉକ୍ତ କୋଠରି ମଧ୍ୟରୁ ଅଭିଯୁକ୍ତ ଗୁରୁଚରଣ ଦୌଡ଼ି ପଳାଇ ଯାଇଥିଲେ। ଝିଅଙ୍କଠାରୁ ବଳାତ୍କାର ସମ୍ପର୍କରେ ଜାଣିବା ପରେ ପରିବାର ଲୋକେ ଅଭିଯୁକ୍ତଙ୍କ ବାପା ମୁଚିରାମ ପୁର୍ତ୍ତିଙ୍କୁ ଜଣାଇଥିଲେ। ଏହାପରେ ୧୬ ତାରିଖରେ ନାବାଳିକାଙ୍କ ପରିବାର ଖମାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୭/୧୬ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ଗୁରୁଚରଣଙ୍କୁ ଗିରଫ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସୁଶାନ୍ତ କୁମାର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

### ଆଉ ୨୦ ମୃତ...

କୋଭିଡ୍‌ର ଯେତିକି ଭାରିଆଣ୍ଟ ଅଛି, ସେହି ମଧ୍ୟରେ ଓମିକ୍ରନ୍ ଅଧିକ ରହିଛି। ଯେତିକି ନମୁନା ଯାଇଥିଲା, ସେଥିରୁ ୯୮ ପ୍ରତିଶତ ଓମିକ୍ରନ୍ ଚିହ୍ନଟ ହୋଇଛନ୍ତି। ଓମିକ୍ରନ୍‌ର ପ୍ରଭାବ କଥା ଯଦି ଦେଖିବା, ତା'ହେଲେ ରାଜ୍ୟରେ ଅଧିକ ଗୁରୁତର ରହିବ ନାହିଁ। ଓମିକ୍ରନ୍ ଭାରିଆଣ୍ଟରେ ଯେପରି ଅନ୍ୟ ଦେଶ ବା ରାଜ୍ୟରେ କେସ୍ କମୁଛି, ସେପରି ଆମ ରାଜ୍ୟରେ କେସ୍ କମିବ ବୋଲି ଆମର ଆଶା ରହିଛି। ମୋଟାମୋଟି କହିବାକୁ ଗଲେ, ଆମେ ଧୀରେ ଧୀରେ ଭଲ ସ୍ଥିତିକୁ ଆସୁଛେ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

### ମା'ବାପା କୋଳକୁ...

ୟୁନିଟ୍ ସିଡବ୍ଲୁସିରେ ହାଜର କରାଇଥିଲା। ସିଡବ୍ଲୁସିର ନିର୍ଦ୍ଦେଶ ଅନୁସାରେ, ଶିଶୁଟି ଜିଲା ଶିଶୁ ସୁରକ୍ଷା ୟୁନିଟ୍ ହେପାଜତରେ ଥିଲା। ହେଲେ ମା'ବାପାଙ୍କୁ ଶିଶୁପୁତ୍ର ଦିଆଯାଇ ନ ଥିଲା। ଏପରି କି ଦେଖାକରିବାର ସୁଯୋଗ ଦେଇ ନ ଥିଲେ। ଶିଶୁପୁତ୍ରକୁ ହସ୍ତାନ୍ତର କରା ନ ଯିବାରୁ ମା'ବାପା ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ। ଏ ନେଇ ରବୀନ୍ଦ୍ର ଓ ଜଲି କୁହନ୍ତି, ପିଲାକୁ ପାଇ ଆମ୍ଭେ ବହୁତ ଖୁସି। ଆମ୍ଭ ପୁଅକୁ ଆମକୁ ଦେବାକୁ ପ୍ରଶାସନ ହଇରାଣ କରୁଥିଲା। ଧରିତ୍ରୀରେ ଖବର ପ୍ରକାଶନ ପରେ ପ୍ରଶାସନ ଯାହାହେଉ ଆମ୍ଭ ଶିଶୁକୁ ଶୀଘ୍ର ଫେରାଇଦେଲା ବୋଲି କହି ଧନ୍ୟବାଦ ଦେଇଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ଉପେନ୍ଦ୍ରନାଥ ବଡ଼ଜେନା କୁହନ୍ତି, ଜିଲାପାଳ ଓ ସିଡବ୍ଲୁସିଙ୍କ ନିର୍ଦ୍ଦେଶ ଅନୁସାରେ ଶିଶୁପୁତ୍ରକୁ ମା'ବାପାଙ୍କୁ ହସ୍ତାନ୍ତର କରାଯାଇଛି। ମା'ବାପାଙ୍କ ପାଖକୁ ଶିଶୁକୁ ହସ୍ତାନ୍ତର କରି ପ୍ରଶାସନ ତା'ର ଦାୟିତ୍ୱ ଶେଷ କରିଛି ବୋଲି କହିଛନ୍ତି।

### ଆଶା, ଆଟେଣ୍ଡାଣ୍ଟ, ନର୍ସ ବହିଷ୍କୃତ, ନିଲମ୍ବନ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଲେବର ରୁମ୍‌ର ନର୍ସ ତଥା ୱାର୍ଡ ଇନ୍‌ଚାର୍ଜ ନୟାଗଡ଼ ଟାଉନ ଥାନା ଚଣ୍ଡିବସ୍ତ ଗାଁର କମଳା ଦେଈ(୫୨) ନିଲମ୍ବନ ହୋଇଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ଲେବର ରୁମ୍‌ର ୱାର୍ଡ ଆଟେଣ୍ଡାଣ୍ଟ ଓଡ଼ଗାଁ ଆଦର୍ଶ ଥାନା ଦଳକସାହିର ପୁଷ୍ପାଞ୍ଜଳି ପଣ୍ଡା(୪୨) ଓ ଆଶାକର୍ମୀ ଇଟାମାଟି ଥାନା ନୋତର ଗାଁର ଭାନୁମତି ନାୟକ (୪୬) ବହିଷ୍କୃତ ହୋଇଛନ୍ତି। ପ୍ରକାଶ ଯେ, ଜାନୁୟାରୀ ୨୮ରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁପୁତ୍ର ବିକ୍ରି ଘଟଣାରେ ଏହି ୩ ମହିଳା ୮ ତାରିଖରେ ଜେଲ ଯାଇଥିଲେ। ଜେଲରେ ୪୮ ଘଣ୍ଟା ରହିବା ପରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ହୋଇଛି। ଏ ନେଇ ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ନର୍ସ କମଳା ଦେଈଙ୍କୁ ମୁଁ ଗୁରୁବାର ନିଲମ୍ବନ କରିଥିଲି। ଶୁକ୍ରବାର ବଡ଼ପଣ୍ଡୁସର ମେଡିକାଲ ଅଫିସର ଆଶାକର୍ମୀ ଭାନୁମତି ନାୟକ ଓ ୱାର୍ଡ ଆଟେଣ୍ଡାଣ୍ଟ ପୁଷ୍ପାଞ୍ଜଳି ପଣ୍ଡାଙ୍କୁ ଜିଲାପାଳଙ୍କ ସୁପାରିସ୍‌ରେ ଶୁକ୍ରବାର ବହିଷ୍କୃତ କରାଯାଇଛି।

**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**

**TENDER CALL NOTICE**

**Letter No. LXVII-271/2021/R.S/T.C./1917** **Date: 10.02.2022**

No. JJ-33: Sealed tenders are invited for Engagement of Technical Support Agency to provide experts and resources to Road Safety Cell of STA for this office latest by 07.03.2022. For details please go through our website **www.odishatransport.gov.in**.

By order of Transport Commissioner
**Sd./- Addl. Commissioner Transport (Admin).**
**STA, Odisha, Cuttack**
**OIPR-38003/11/0023/2122**

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

**INVITATIONS FOR BIDS (IFB)**

File No. B-IV-H-(H&D)-39/2021 Lr. No. 5119 Bhubaneswar, the 9th Feb. 2022

No. B-1017 **Invitation for Bids**

**Bid Identification No. C.E. (B) - 36/2021-22**

| | | |
|---|---|---|
| 1. | The Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | |
| 2. | Nature of Work | Building works |
| 3. | No. of Work | 01 No. |
| 4. | Bid Cost | Rs.10,000/- (each) |
| 5. | Class of Contractor | Special/Super Class |
| 6. | Availability of Bid documents in the website | From Dt.16.02.2022 to 17.00 hours of Dt.02.03.2022. |
| 7. | Date of opening of Bid | Dt.03.03.2022 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | |

**Sd./- Chief Engineer (Buildings)**
**Odisha, Bhubaneswar**
**OIPR-34117/11/0111/2122**

**OFFICE OF THE EXECUTIVE ENGINEER**
**MAYURBHANJ LIFT IRRIGATION DIVISION, BARIPADA**
E-mail-olicbpd@ymail.com

**SHORT TENDER CALL NOTICE No.354 Dt.08.02.2022**

No. CAD-2933:- Sealed tenders are invited from interested reputed Travel Agencies / Tour operators or private individuals for providing 1 No. of Non A.C. Diesel driven Bollero having sitting capacity not more than ten including driver for official use by the Executive Engineer, M.L.I. Division, Baripada on monthly rent basis for 1 year from 01.04.2022 to 31.03.2023. The terms & conditions along with general information for hiring vehicle can be obtained from the Office of the Executive Engineer, Mayurbhanj Lift Irrigation Division, Baripada on all working days between 11.00 A.M to 4 P.M. from 21.02.2022 to 25.02.2022 on payment of Rs.100/- (Rupees one hundred) only in shape of Demand Draft to be drawn in favour of the Executive Engineer, M.L.I. Division, Baripada payable at Baripada & 5% GST on the paper cost should be deposited in the GSTIN-21AAACO5986G1ZF in legal name / trade name Odisha Lift Irrigation Corporation Ltd. through e-challan. The tender completed in all respect should reach the undersigned on or before 24.02.2022 by 2.00 P.M. and shall be opened on 02.03.2022 at 4.00 P.M. in presence of the bidders or their authorized representatives.

The authority reserves the right to accept or reject any or all the tenders without assigning any reason thereof.

**Sd./- (Gokulananda Patra)**
**EXECUTIVE ENGINEER**
OIPR-32215/11/0007/2122

**ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା-୨୦୨୧-୨୨**
**14th STATE LEVEL KALINGA HERBAL FAIR – 2021-22**
Organised by State Medicinal Plants Board, Odisha

**ଷ୍ଟଲ ବୁକିଂ ନିମନ୍ତେ ବିଶେଷ ସୂଚନା**

**No.CAD-2940:**ସରକାରୀ ସଂସ୍ଥା, ଜଙ୍ଗଲ ଉନ୍ନୟନ କର୍ତ୍ତୃପକ୍ଷ, ବୈଦ୍ୟ ଓ ପାରମ୍ପରିକ ଚିକିତ୍ସକ, ଔଷଧୀୟ ବୃକ୍ଷରୁ ମିଳୁଥିବା ପଦାର୍ଥଗୁଡିକର ଉତ୍ପାଦନକାରୀ ଓ ତତ୍ ସମ୍ପର୍କୀୟ ବ୍ୟବସାୟୀ ପ୍ରତିଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନ ସୁରକ୍ଷା ସମିତି ଏବଂ ସ୍ୱେଚ୍ଛାସେବୀ ସଂଗଠନମାନେ ଉକ୍ତ ମେଳାରେ ଭାଗନେବା ପାଇଁ କାର୍ଯ୍ୟାଳୟ ସମୟରେ ନିମ୍ନଲିଖିତ କାର୍ଯ୍ୟାଳୟ ଓ ଅଧିକାରୀଙ୍କ ସହିତ ସମ୍ପର୍କ କରିବାକୁ ଅନୁରୋଧ। ପ୍ରତ୍ୟେକ ଷ୍ଟଲ ନିମନ୍ତେ ୨ ଜଣଙ୍କର ରହିବା ଏବଂ ଖାଇବାର ବନ୍ଦୋବସ୍ତ ଅଛି।

| Place & Venue | Date | Contacts for Stall Booking and Sponsorship |
|---|---|---|
| Janata Maidan Bhubaneswar | 8th to 14th March, 2022 | M/s. Bharati Chitralaya, Event Manager Sri Narendra Sahoo Mob-9437044375/ 6371466401 & State Medicinal Plants Board, Odisha. Aranya Bhawan, Chandrasekharpur, Bhubaneswar-751023 Tele - 0674-2954911, E-mail: smpborissa@gmail.com |

**Stall charges for booking (Stall size 10x10x10 ft.)**

For VSS, SHG, Vaidya and other Traditional Healers - Rs.1,500/- per Stall, Govt. Institution - Rs.2,500/- per Stall, NGO Rs.2,000/- per Stall, Pharmaceutical Company/ Traders - Rs. 3,000/- per Stall, Medicinal Plants cultivators/ farmers- Rs. 1,000/- per stall & Yoga- Rs. 500/- per stall.

ବିଶେଷ ସୂଚନା–ଷ୍ଟଲ ପାଇଁ ଟଙ୍କା ଦାଖଲକାରୀ ମେଳା ଉଦ୍‌ଘାଟନ ଦିନ ଅପରାହ୍ନ ୩ଟା ସୁଦ୍ଧା ଷ୍ଟଲକୁ ନିଜ ଦଖଲକୁ ନ ନେଲେ ଜମା ଟଙ୍କା ବାଜ୍ୟାପ୍ତି କରାଯିବ ଓ ଷ୍ଟଲକୁ ଅନ୍ୟ ଇଚ୍ଛୁକ ବ୍ୟକ୍ତିଙ୍କୁ ଦିଆଯିବ।

**Sd./-Chief Executive, SMPB, Odisha**
OIPR-10122/11/0003/2122

**TENDER NOTICE**

**No.D-311:**Sealed Quotations are invited from interested parties for supplying 'Goat Meat' to the Police Canines of C.I.D:, C.B. Hdqrs. K9 Squad, Cuttack for the Year 2022-23. Parties should have valid licence to deal with Goat Meat and a Meat Shop at Cuttack City. The Selected Party should supply the "Goat Meat" daily by 8 A.M. In the Kennel, which may vary from 3 Kg. to 4 Kg. depending upon the availability of Canine in the Kennel. The selected Party has to deposit a sum of Rs.2000/- (Rupees Two Thousand) only as Caution Money and abide by the conditions that the amount will be Forfeited in case of short supply or irregular supply or defect noticed in the quality of Goat Meat. Quotations specifying the rate per Kilogram, the particulars of licence (with a copy), the location of Meat Shop etc. be sent to the undersigned by 14.03.2022 positively. The Parties are also required to deposit earnest money of Rs.250/- (Rupees Two Hundred Fifty) only in cash (refundable) at the time of opening of the quotations.

Quotations will be opened on **17.03.2022** at 12 Noon in the Office of the undersigned in presence of the parties or their representatives. The undersigned reserves the right to accept or reject any or all without assigning any reason. The Selected Parties shall be required to deposit the caution money of (Rs.2000) within 07 (seven) days thereafter and supply Meat from **01.04.2022.**

**Sd./- Supdt. of Police, C.I.D.,C.B., Odisha, Cuttack**
**OIPR-12039/11/0001/2122**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୨/୨୦୨୨ | Bhubaneswar, Saturday, February 12/ 2022

# ଭାରତର କ୍ଲିନ୍ ସୁଇପ୍

■ ତୃତୀୟ ଦିନିକିଆରେ ୱେଷ୍ଟଇଣ୍ଡିଜ ୯୬ ରନରେ ପରାସ୍ତ
■ ଶ୍ରେୟାସ ପ୍ଲେୟର ଅଫ୍ ଦି ମ୍ୟାଚ, ପ୍ରସିଦ୍ଧ ପ୍ଲେୟର ଅଫ୍ ଦି ସିରିଜ


ଉଇକେଟ ନେବାପରେ ଦୀପକ ଚହର (ଡାହାଣରୁ ଦ୍ୱିତୀୟ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ଅହମଦାବାଦ, ୧୧।୨**

ଶ୍ରେୟାସ ଆୟାର ଓ ରିଷଭ ପନ୍ତଙ୍କ ଶତକୀୟ ଭାଗୀଦାରି ପରେ ବୋଲରଙ୍କ ଉନ୍ନତ ପ୍ରଦର୍ଶନ ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୯୬ ରନରେ ପରାସ୍ତ କରିଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜକୁ କ୍ଲିନ୍‌ସୁଇପ୍ କରିଛି ଟିମ୍ ଇଣ୍ଡିଆ। ଏଠାରେ ଭାରତ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୨୬୫ ରନକରି ସମସ୍ତ ଉଇକେଟ ହରାଇଥିଲା। ୨୬୬ ରନ ବିଜୟ ଲକ୍ଷ୍ୟରେ ୱେଷ୍ଟଇଣ୍ଡିଜ ୩୭.୧ ଓଭରରେ ୧୬୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଶ୍ରେୟାସ ଆୟାର ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ରସିଦ୍ଧ କ୍ରିଷ୍ଣା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

ସିରିଜର ପୂର୍ବ ୨ଟି ମ୍ୟାଚ ପରି ଏଠାରେ ମଧ୍ୟ ୱେଷ୍ଟଇଣ୍ଡିଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କୌଣସି ବ୍ୟାଟର ଭାରତୀୟ ବୋଲରଙ୍କୁ ଉପଯୁକ୍ତ ମୁକାବିଲା କରି ବଡ଼ ସ୍କୋର କରିପାରି ନ ଥିଲେ। ୨୫ ରନ ମଧ୍ୟରେ ଟପ୍ ଅର୍ଡରର ୩ ବ୍ୟାଟର ଶାଇ ହୋପ୍ (୫), ବ୍ରେଣ୍ଡନ କିଙ୍ଗ (୧୪) ଓ ଶାମରା ବ୍ରୁକ୍ସ (୦)ଙ୍କ ଉଇକେଟ ହରାଇ ୱେଷ୍ଟଇଣ୍ଡିଜ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ପାର୍ଟନରଶିପ୍ ଅଭାବରୁ ଦଳ କ୍ରମେ ପରାଜୟମୁହାଁ ହୋଇଥିଲା। ମିଡ୍‌ଲ ଅର୍ଡରରେ ଅଧିନାୟକ ନିକୋଲାସ ପୁରନ ୩୪ ରନ କରିଥିବାବେଳେ ଲୋୟର ଅର୍ଡରରେ ଆଲଜାରି ଜୋସେଫ ୨୯ ଓ ଓଡେନ ସ୍ମିଥ ୧୮ ବଲ୍‌ରୁ ଦ୍ରୁତ ୩୬ (୩ ଚୌକା, ୩ ଛକା) ରନର ଇନିଂସ ଖେଳିଥିଲେ ହେଁ ତାହା ଦଳର ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ୩ଟି ଲେଖାଏ ଏବଂ ଦୀପକ ଚହର ଓ କୁଳଦୀପ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଭାରତ ୪୨ ରନରେ ଟପ୍ ଅର୍ଡରର ୩ ଉଇକେଟ ହରାଇଥିଲା। ଅଧିନାୟକ ରୋହିତ ଶର୍ମା ୧୩, ପ୍ରତ୍ୟାବର୍ତ୍ତନକାରୀ ଶିଖର ଧାୱନ ୧୦ ରନ କରିଥିବାବେଳେ ବିରାଟ କୋହଲି ଖାତା ଖୋଲିପାରି ନ ଥିଲେ। ତେବେ ଶ୍ରେୟାସ ଆୟାର ଓ ରିଷଭ ପନ୍ତ ୪ର୍ଥ ଉଇକେଟରେ ୧୧୦ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ୫୪ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୫୬ ରନ କରିଥିବାବେଳେ ରିଷଭଙ୍କୁ ଆଉଟ କରି ହେଡେନ ୱାଲ୍ସ ଯୋଡ଼ି ଭାଙ୍ଗିଥିଲେ। ଫର୍ମରେ ଥିବା ସୂର୍ଯ୍ୟକୁମାର ଯାଦବ ମାତ୍ର ୬ ରନ କରିବାକୁ ସକ୍ଷମ ହୋଇଥିଲେ ହେଁ ଆୟାର ୧୧୧ ବଲ୍‌ରୁ ୯ ଚୌକା ସହ ସର୍ବାଧିକ ୮୦ ରନ କରିଥିଲେ। ଲୋୟର ଅର୍ଡରରେ ଦୀପକ ଚହର ୩୮ ବଲ୍‌ରୁ ୩୮ (୪ ଚୌକା, ୨ ଛକା) ଓ ୱାଶିଂଟନ ସୁନ୍ଦର ୩୩ (୩୪ ବଲ୍, ୨ ଚୌକା, ୧ ଛକା) ରନ କରିବା ସହ ୭ମ ଉଇକେଟରେ ୫୧ ବଲ୍‌ରୁ ୫୩ ରନର ପାର୍ଟନରଶିପ୍ ଗଢ଼ିବାରୁ ଭାରତ ଏକ ଚ୍ୟାଲେଞ୍ଜିଂ ସ୍କୋର କରିବାରେ ସକ୍ଷମ ହୋଇଥିଲା। ୫୦ତମ ଓଭରର ଶେଷ ବଲ୍‌ରେ ମହମ୍ମଦ ସିରାଜଙ୍କୁ ଜାସନ ହୋଲ୍ଡର ଆଉଟ କରିଥିଲେ। ୱେଷ୍ଟଇଣ୍ଡିଜ ବୋଲରଙ୍କ ମଧ୍ୟରେ ହୋଲ୍ଡର ସର୍ବାଧିକ ୪ଟି, ଆଲଜାରି ଜୋସେଫ ଓ ହେଡେନ ୱାଲ୍ସ ୨ଟି ଲେଖାଏ ଏବଂ ଓଡେନ ସ୍ମିଥ ଓ ଫାବିଆନ ଆଲେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୨୬୫/ଅଲଆଉଟ (ଶ୍ରେୟାସ ଆୟାର-୮୦, ରିଷଭ ପନ୍ତ-୫୬, ଦୀପକ ଚହର-୩୮, ୱାଶିଂଟନ ସୁନ୍ଦର-୩୩, ଜାସନ ହୋଲ୍ଡର-୪/୩୪, ଆଲଜାରି ଜୋସେଫ-୨/୫୪, ହେଡେନ ୱାଲ୍ସ-୨/୫୯)। ୱେଷ୍ଟଇଣ୍ଡିଜ ୩୭.୧ ଓଭରରେ ୧୬୯/ଅଲ୍‌ଆଉଟ (ଓଡେନ ସ୍ମିଥ-୩୬, ନିକୋଲାସ ପୁରନ-୩୪, ଆଲଜାରି ଜୋସେଫ-୨୯, ମହମ୍ମଦ ସିରାଜ-୩/୨୯, ପ୍ରସିଦ୍ଧ କ୍ରିଷ୍ଣା-୩/୨୭, ଦୀପକ ଚହର-୨/୪୧, କୁଳଦୀପ ଯାଦବ-୨/୫୧)।

# ଜାତୀୟ ହୁଇଲ ଚେୟାର ଫେନ୍ସିଂ ୨୫ରୁ



ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା କର୍ମକର୍ତ୍ତାମାନେ ଶୁକ୍ରବାର ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୧୧।୨ (କ୍ରୀଡ଼ା ପ୍ରତିନିଧି)**

ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା (ପିଏସ୍‌ଏଓ) ଆନୁକୂଲ୍ୟରେ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ୧୪ତମ ଜାତୀୟ ହୁଇଲ ଚେୟାର ଫେନ୍ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହା ଚଳିତ ମାସ ୨୫ରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପିଏସ୍‌ଏଓ ପକ୍ଷରୁ ଶୁକ୍ରବାର ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ କ୍ରମାଗତ ୫ ଥର ଚାମ୍ପିୟନ ହୋଇଥିବା ଓଡ଼ିଶା ଏଥର ଆୟୋଜନର ଭାର ନେଇଛି। ପୂର୍ବରୁ ଭୁବନେଶ୍ୱରରେ ୪ର୍ଥ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସଫଳତାର ସହ ଆୟୋଜିତ ହୋଇଥିଲା। ଆଗାମୀ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୨୫୦ରୁ ଊର୍ଦ୍ଧ୍ୱ ପାରା ଖେଳାଳି ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ଚେନ୍ନାଇର ଏସିଆନ ଗେମ୍ସ ପଦକ ବିଜେତା ଏସ୍. ନୋରୁଦ୍ଦିନ, ଅନ୍ତର୍ଜାତୀୟ ପଦକ ବିଜେତା ସୁରେଶ ଜୋସେଫ, ଓଡ଼ିଶାର ଭି. ରମେଶ ରାଓ, ରାଖାଲ କୁମାର ସେଠୀ, କର୍ଣ୍ଣାଟକର ଭେଙ୍କଟେଶ୍ ବାବୁ ଓ କେ. ତ୍ୟାଗରାଜନ, ହରିୟାଣାର ଦେବେନ୍ଦ୍ର କୁମାରଙ୍କ ଭଳି ପାରା ଏସିଆଡ୍ ଖେଳାଳି ଅନ୍ୟତମ। ସେହିପରି ମହିଳା ବିଭାଗରେ ଓଡ଼ିଶାର ମାଳତୀ ପାତ୍ରର, ପୂଜାସ୍ୱିନୀ ନାୟକ, ଦେବମୃତ ସାହୁ ଓ ରେଖାଙ୍କ ପରି ଅନ୍ତର୍ଜାତୀୟ ଖେଳାଳିଙ୍କ ଆକ୍ସନ ଆଗାମୀ ଟୁର୍ନାମେଣ୍ଟରେ ଦେଖିବାକୁ ମିଳିବ।

# ଇରାନରେ ଟାଇଟଲ ଜିତିଲେ ତସନିମ୍

**ସିରାଜ (ଇରାନ),୧୧।୨ (ପି.ଟି.)**

ଭାରତ ଏବଂ ବିଶ୍ୱର ନମ୍ବର ୱାନ ଜୁନିୟର ବ୍ୟାଡ୍‌ମିଣ୍ଟନ ଖେଳାଳି ତସନିମ୍ ମୀର୍ ଇରାନ ଫାଜର ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଗୁଜରାଟର ଏହି ୧୬ ବର୍ଷୀୟା ପ୍ରଥମ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ହିସାବରେ ବିଶ୍ୱର ନମ୍ବର ୱାନ ୧୯ ବର୍ଷରୁ କମ୍ ସିଙ୍ଗଲ୍ସ ଖେଳାଳି ମାନ୍ୟତା ଲାଭ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସେ ଇଣ୍ଡୋନେସିଆର ୟୁଲିୟା ୟୋସେଫିନ୍ ସୁସାନ୍ତୋଙ୍କୁ ୨୧-୧୧, ୧୧-୨୧, ୨୧-୭ରେ ହରାଇଛନ୍ତି। ତସନିମ୍ ଫାଇନାଲ ପ୍ରବେଶ ପୂର୍ବରୁ ସେମିଫାଇନାଲରେ ବିଶ୍ୱର ୭୧ ନମ୍ବର ମାର୍ଟିନା ରେପିସ୍କାଙ୍କୁ ହରାଇଥିଲେ।


ତସନିମ୍ ମୀର୍

# କବିର ହଂସଙ୍କୁ ଟାଇଟଲ


ପିତା ଚେତନ ହଂସଙ୍କ ସହ କବିର।

**ସର୍ବଭାରତୀୟ ଟେନିସ**

**ଭୁବନେଶ୍ୱର, ୧୧।୨ (କ୍ରୀଡ଼ା ପ୍ରତିନିଧି):** ଗୁରଗାଁଓଠାରେ ଚଳିତ ମାସ ୭ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏଆଇଟିଏ (ସର୍ବଭାରତୀୟ ଟେନିସ ଆସୋସିଏଶନ) ଟୁର୍ନାମେଣ୍ଟରେ ଓଡ଼ିଶାର କବିର ହଂସ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ନୂଆଦିଲ୍ଲୀର ଅଭିଷେକ ଗୌରଙ୍କୁ ୬-୭(୩), ୬-୧, ୬-୪ ସେଟ୍‌ରେ ପରାସ୍ତ କରିଥିଲେ। କବିର ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ବିବିଏ ଅଧ୍ୟୟନ କରୁଛନ୍ତି ଏବଂ କିଟ୍ ଅନ୍ତର୍ଜାତୀୟ ସ୍କୁଲର ପୁରାତନ ଛାତ୍ର। ଟେନିସ ଯାତ୍ରାରେ କ୍ରମାଗତ ସମର୍ଥନ ଯୋଗାଇ ଦେଇ ଆସିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ କବିର ଧନ୍ୟବାଦ ଜଣାଇଛନ୍ତି। ଅଚ୍ୟୁତ ମଧ୍ୟ କବିରଙ୍କୁ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। କବିର ହେଉଛନ୍ତି ଶେଲି ଓ ଚେତନ ହଂସଙ୍କ ପୁତ୍ର।

# ପ୍ରଥମ ଟି୨୦ରେ ଅଷ୍ଟ୍ରେଲିଆ ବିଜୟୀ

**ସିଡ୍‌ନୀ, ୧୧।୨ (ଏପି):** ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଟି୨୦ରେ ଅଷ୍ଟ୍ରେଲିଆ ୨୦ ରନରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଅଷ୍ଟ୍ରେଲିଆ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୪୯ ରନ କରିଥିଲା। ବର୍ଷା ଯୋଗୁ ଡକ୍‌ୱର୍ଥ ଲୁଇସ୍ ସିଷ୍ଟମ ଅନୁସାରେ ଭ୍ରମଣକାରୀ ଦଳ ପାଇଁ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଶ୍ରୀଲଙ୍କା ୧୯ ଓଭରରେ ୮ ଉଇକେଟ ବିନିମୟରେ ୧୨୨ ରନ କରିବାରେ ସମର୍ଥ ହୋଇଥିଲା।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଜମାକାରୀଙ୍କ ଟଙ୍କା ଫେରସ୍ତ ଦାବିରେ ବିକ୍ଷୋଭ

**ଚିଟଫଣ୍ଡ ଠକେଇ ପ୍ରସଙ୍ଗ**

**ନୟାଗଡ଼ ଅଫିସ,୧୧।୨:** ରାଜ୍ୟରେ ଚିଟ୍‌ଫଣ୍ଡ ଠକେଇ ଘଟଣାରେ ଜମାକାରୀଙ୍କ ଟଙ୍କା ତହସିଲ ଜରିଆରେ ଫେରାଇବାକୁ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ କରାଯାଇଛି। ଅନ୍ୟପକ୍ଷେ ତହସିଲ ଜରିଆରେ ଜମାକାରୀଙ୍କୁ ଚିହ୍ନଟ କରାଯାଉ। କମିଶନଙ୍କ ଦ୍ୱାରା ସୁପାରିସ ହୋଇଥିବା ଅର୍ଥ କର୍ପୋସ ଫଣ୍ଡରୁ ଜମାକାରୀଙ୍କୁ ଫେରାଇବାର ବ୍ୟବସ୍ଥା କରିବାକୁ ଦାବି ରହିଛି। ଜାମାକାରୀଙ୍କ ଆନ୍ଦୋଳନକୁ ଅଣଦେଖା କଲେ ଚାଷୀଙ୍କ ଶୈଳୀରେ ଜମାକାରୀ ସତ୍ୟାଗ୍ରହ ଜାରି ରଖିବେ ବୋଲି ଚେତାବନୀ ଦିଆଯାଇଛି।

### ଶିଶୁଗୃହ ଅନ୍ତେବାସୀଙ୍କୁ ସ୍ୱଚ୍ଛତା ସାମଗ୍ରୀ ବଣ୍ଟନ

ମାଲକାନଗିରି,୧୧।୨(ଡି.ଏନ୍.ଏ.):ମାଲକାନଗିରି ଜିଲା ଅନ୍ତର୍ଗତ ବିଭିନ୍ନ ଶିଶୁ ଗୃହରେ ରହୁଥିବା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀଙ୍କୁ ଶୁକ୍ରବାର ସ୍ୱଚ୍ଛତା ସାମଗ୍ରୀ ପ୍ୟାକେଟ ବଣ୍ଟନ କରାଯାଇଛି । ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ସଂସ୍ଥା ୟୁନିସେଫ୍ ଓ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଅଞ୍ଚଳର ପରିବର୍ତ୍ତନ ଶିଶୁଗୃହ,କୋରକୁଣ୍ଡା ଅଞ୍ଚଳର ନୀଳାଞ୍ଚଳ ସେବାଶ୍ରମ ଓ ମୁଣ୍ଡିଗୁଡ଼ାସ୍ଥିତ ଜୟ ଚିଲ୍ଡ୍ରେନ ହୋମ୍‌ର ଅନ୍ତେବାସୀଙ୍କୁ ସାବୁନ, ସାନିଟାଇଜର, ମାସ୍କ ଓ ମଗ ଆଦି ସାମଗ୍ରୀ ବଣ୍ଟନ କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ମାଜିଷ୍ଟ୍ରେଟ ରାକେଶ କୁମାର ମୁଦୁଲି, ଜିଲା ଶିଶୁ ସୁରକ୍ଷା ବିଭାଗୀୟ ଅଧିକାରୀ ସୁଦେଷ୍ଣା ରାଉତ ଓ ପରିବର୍ତ୍ତନ ସଂସ୍ଥାର ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ। ପ୍ରଦାନ କରାଯାଇଥିବା ସାମଗ୍ରୀ ବ୍ୟବହାର କରିବା ଲାଗି ମାଜିଷ୍ଟ୍ରେଟ ମୁଦୁଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ।

### ତୋଟାଗୁଡ଼ାବାସୀଙ୍କ ଭରସା ଝରଣାପାଣି

ଦଶମନ୍ତପୁର,୧୧।୨ ( ଡି.ଏନ୍.ଏ.):ଖରା ନ ଆସୁଣୁ ଆରମ୍ଭ ହେଲାଣି ଜଳକଷ୍ଟ। ପାଣିମୁନ୍ଦେ ପାଇଁ ଚିନ୍ତାରେ ରହିଲେଣି ଲୋକେ। ନଳକୂପ ଥାଇ ନ ଥିବା ଭଳି ଏପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁର୍ଜାର ପଞ୍ଚାୟତର ତୋଟାଗୁଡ଼ା ଗ୍ରାମରେ। ୫୨ ପରିବାର ବସବାସ କରୁଥିବା ଏହି ଗ୍ରାମରେ ରହିଛି ଗୋଟିଏ ନଳକୂଅ। ୩ ବର୍ଷ ହେଲା ନଳକୂଅ ଅଚଳ ହୋଇପଡ଼ିଛି। ମରାମତି ଲାଗି ଗ୍ରାମବାସୀ ଅନେକ ଥର ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରି ମିଳିନି କିଛି ସୁଫଳ। କିଛି ମାସ ହେଲା ତୋଟାଗୁଡା ଓ ପଣସଗୁଡ଼ା ଗାଁ ମୁଣ୍ଡରେ ସୋଲାର ପମ୍ପ ସଂଯୋଗ କରି ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ମାତ୍ର ଏଥିରୁ ଗ୍ରାମବାସୀଙ୍କୁ ନିୟମିତ ପିଇବା ପାଣି ମିଳୁନାହିଁ। ଗ୍ରାମବାସୀ ନିକଟସ୍ଥ ଝାଙ୍କରଝୋଲା ଝରଣାରୁ ପାଣି ସଂଗ୍ରହକରି ଚଳୁଥିବା କହନ୍ତି।

### ୧୫ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ

ରାଇକିଆ,୧୧।୨(ଡି.ଏନ.ଏ.): ରାଇକିଆ ପୋଲିସ ଶୁକ୍ରବାର ଗଞ୍ଜେଇ ଚାଲାଣ ଅଭିଯୋଗରେ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ଅଞ୍ଚଳର ପ୍ରଶାନ୍ତ କୁମାର ଜେନା ଏବଂ ସନ୍ତୋଷ କୁମାର ଲାଲ। ରାଇକିଆଠାରୁ ଚାଲାଣ ପାଇଁ ପ୍ରସ୍ତୁତି ହେଉଥିବା ବେଳେ ପୋଲିସ ଖବର ପାଇ ସେମାନଙ୍କଠାରୁ ୧୫ କେଜି ଗଞ୍ଜେଇ ଜବତ କରିଥିଲା। ଏ ନେଇ ରାଇକିଆ ଥାନାରେ ନଂ. ୨୪/୨୨ରେ ମାମଲା ରୁଜୁ କରିଥିବା ରାଇକିଆ ଥାନା ଅଧିକାରୀ ଶାନ୍ତନୁ ପ୍ରଧାନ କହିଛନ୍ତି।

# ଶ୍ମଶାନ ଜମିକୁ ନେଇ ଗ୍ରାମବାସୀଙ୍କ ଧାରଣା

ପାରଳାଖେମୁଣ୍ଡି:୧୧।୨(ଡି.ଏନ୍.ଏ.)



ଗ୍ରାମବାସୀ ଧାରଣାରେ ବସିଛନ୍ତି।

ଗଜପତି ଜିଲା ରାଣୀପେଣ୍ଠ ଗ୍ରାମରେ ଶୁକ୍ରବାର ଏକ ଶ୍ମଶାନ ଜମିକୁ ନେଇ ବିବାଦ ଦେଖାଦେଇଛି। ରାଣୀପେଣ୍ଠ ଗ୍ରାମ ଉପକଣ୍ଠରେ ଏକ ସରକାରୀ ଜମିକୁ ବାରିକ ସମ୍ପ୍ରଦାୟର ଲୋକେ ଶ୍ମଶାନ ଭାବେ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବ୍ୟବହାର କରୁଛନ୍ତି। ଏବେ ଏହି ଜମି ଉପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପାଣିଟାଙ୍କି ନିର୍ମାଣ ପାଇଁ ଜାଗା ଚିହ୍ନଟ କରିଛି, ଯାହାକୁ ସ୍ଥାନୀୟ ବାରିକ ସମ୍ପ୍ରଦାୟର ଲୋକେ ତୀବ୍ର ବିରୋଧ କରିଛନ୍ତି । ତେବେ ଏହି ଜମିଟି ସରକାରୀ ରେକର୍ଡରେ ରାଜସ୍ୱ ବିଭାଗର ଖାଲିଜମି ହିସାବରେ ରହିଛି। କିନ୍ତୁ ଏହା ଶ୍ମଶାନ ଜମିରେ ରେକର୍ଡଭୁକ୍ତ ହୋଇନାହିଁ। ହେଲେ ବାରିକ ସମ୍ପ୍ରଦାୟର ଲୋକେ ଏହି ଜମିକୁ କାହିଁ କେତେ ଦଶନ୍ଧି ଧରି ଶ୍ମଶାନ ଭାବେ ବ୍ୟବହାର କରୁଥିବାରୁ ଏହାକୁ ଛାଡ଼ ବୋଲି ଗ୍ରାମର ପୁରୁଷ ମହିଳା ମିଳିତ ଭାବେ ଏକତ୍ରିତ ହୋଇ ଧାରଣା ଦେଇଛନ୍ତି। ସ୍ଥାନୀୟ ତହସିଲ୍‌ଦାର, ପାରଳାଖେମୁଣ୍ଡି ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଛନ୍ତି, ତଥାପି ଲୋକେ ନିଜ ଜିଦ୍‌ରେ ଅଡ଼ି ବସିଥିବାରୁ ବର୍ତ୍ତମାନ କାମ ବନ୍ଦ ରହିଛି। ଏଥିଲାଗି ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ତେବେ ତହସିଲଦାରଙ୍କ କହିବା ହେଲା, ପୂର୍ବରୁ ଏହି ଜମିକୁ ଗାଁ ଲୋକଙ୍କୁ ଜଳ ଯୋଗାଣ ପାଇଁ ନିରୂପଣ ସହ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗକୁ ହସ୍ତାନ୍ତର କରାଯାଇଛି। ତେବେ ଏପ୍ରକାର ସମସ୍ୟା ଉପୁଜିବା ପରେ ସେମାନଙ୍କ ପାଇଁ ଅନ୍ୟତ୍ର ଜାଗା ସନ୍ଧାନ କରି ଯୋଗାଇ ଦିଆଯିବ ବୋଲି କାଶୀନାଗର ତହସିଲ୍‌ଦାର ସୀମାଞ୍ଚଳ ମହାନ୍ତି କହିଛନ୍ତି।

# ଭାଜପା-ବିଜେଡିର କଡ଼ା ମୁକାବିଲା, ପଛରେ କଂଗ୍ରେସ

ଗୋପାଳପୁର,୧୧।୨(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ତାରିଖ ନିକଟତର ହେଉଥିବା ବେଳେ ଗ୍ରାମାଞ୍ଚଳରେ ତିନି ଦଳର ପ୍ରଚାର ଜମୁଛି। ଗୋପାଳପୁର ନିର୍ବାଚନ ମଣ୍ଡଳୀଟି ରାଜ୍ୟ ରାଜନୀତିରେ ହଟ୍‌ସ୍ପଟ ରୂପେ ପରିଚିତ ହୋଇଛି। ଏଠାରେ ଭାଜପା ଓ ବିଜେଡି ମଧ୍ୟରେ ସିଧାସଳଖ କଡ଼ା ମୁକାବିଲା ହେଉଛି। ୨୦୧୭ ନିର୍ବାଚନରେ ୫୩ନଂ ଜୋନଟି ଭାଜପା ଖାତାକୁ ଯାଇଥିବା ବେଳେ ୫୪ ଓ ୫୫ନଂ ଜୋନରେ ବିଜେଡି ବାଜି ମାରିଥିଲା। ବର୍ତ୍ତମାନ ରାଜନୀତି ପାଣିପାଗ ସମ୍ପୂର୍ଣ୍ଣ ଓଲଟା ହୋଇଛି। ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାସ ବିଜେଡିର ପ୍ରଚାର ମଙ୍ଗ ଧରିଥିବା ବେଳେ ଭାଜପାର ଜିଲା ସଭାପତି ବିଭୂତି ଭୂଷଣ ଜେନା ପ୍ରଚାରର ମୁଖ୍ୟ ସାଜିଛନ୍ତି। ୫୩ ନଂ. ଜୋନରେ ଜିଲା ପରିଷଦ ପ୍ରାର୍ଥୀ ଭାବେ ବିଜେଡି ପକ୍ଷରୁ ଏସ୍.ରାଜେଶ୍ୱରୀ ଦୋରା ପ୍ରାର୍ଥୀ ହୋଇଥିବା ବେଳେ ଭାଜପା ପକ୍ଷରୁ କାଜଲ ପାତ୍ର ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏଠାରେ କଂଗ୍ରେସ ପ୍ରଚାରରେ ବହୁ ପଛରେ ପଡ଼ିଥିବା ଅନୁମାନ କରାଯାଉଛି। ୫୪ନଂ ଜୋନରେ ବିଜେଡି ପ୍ରାର୍ଥୀ ଦୀପକ କୁମାର ସାମନ୍ତ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ଏହି ଜୋନକୁ ଧସେଇ ପଶିବା ପାଇଁ ଭାଜପା ପ୍ରାର୍ଥୀ ସୁବାଶିଷ ସାହୁ ଗୋଟିଚାଳନା ଆରମ୍ଭ କରିଛନ୍ତି। ଏହି ଜୋନରେ ମଧ୍ୟ କଂଗ୍ରେସର ଆଖିଦୃଶିଆ ପ୍ରଚାର ହେଉନି। ୫୫ନଂ ଜୋନର ବିଜେଡି ପ୍ରାର୍ଥୀ ତଅପୋଇ ଦାସ ନିର୍ବାଚନ ଲଢୁଥିବା ବେଳେ ଭାଜପା କେ.କୁରୁମେୟାଙ୍କୁ ପ୍ରାର୍ଥୀ କରିଛି।

### ୩୮ନଂ. ଜିଲା ପରିଷଦ ଜୋନ୍ : ମଜଭୁତ ସ୍ଥିତିରେ ବିଜେଡି

ପୋଲସରା,୧୧।୨(ଡି.ଏନ.ଏ.)

ପୋଲସରା ବ୍ଲକ ଅନ୍ତର୍ଗତ ୩୮ନଂ. ଜିଲା ପରିଷଦ ଜୋନ୍‌ରେ ଚାରୋଟି ପ୍ରମୁଖ ରାଜନୈତିକ ଦଳକୁ ନେଇ ରାଜନୀତି ସରଗରମ ରହିଛି। ବ୍ଲକର ଭାବରଡା, ଚିରିକିପଡା ଶାସନ, କଣଛାଇ, କେନ୍ଦୁବାଡି, ଢୁଙ୍କାପଡା, ବଡ଼ ପଙ୍କଳବାଡି, ସୋରଡ଼, ମନ୍ଦାର ପଞ୍ଚାୟତକୁ ନେଇ ଗଠିତ ଏହି ଜୋନ୍ ପୂର୍ବରୁ ବିଜୁ ଜନତା ଦଳ ଦଖଲରେ ରହି ଆସିଛି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ଅନିତା ନାୟକ, କଂଗ୍ରେସରୁ ପଞ୍ଚାନନ ନାୟକ ଓ ଭାଜପାରୁ ଧର୍ମେନ୍ଦ୍ର କୁମାର ପାଢ଼ୀ ପ୍ରାର୍ଥୀ ହୋଇଥିବା ବେଳେ ସମସ୍ତ ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଉଛନ୍ତି ବିଜେଡିର ଅଶୋକ କୁମାର ବିଷୋୟୀ। ବିଜେଡିକୁ ଛାଡି ଅନ୍ୟ ସମସ୍ତ ଦଳ ନୂଆ ମୁହଁ ଦେଇଥିବା ବେଳେ ବିଜେଡିର ୩୮ନଂ. ଜିଲା ପରିଷଦ ପ୍ରାର୍ଥୀ ବିଜେଡିର ପୁରୁଣା ନେତା। ସେ ବିଜେଡିର ପୋଲସରା ବ୍ଲକ ସମ୍ପାଦକ ଭାବରେ ନିଜ ଦାୟିତ୍ୱ ତୁଲାଇ ଆସିଛନ୍ତି। ଦଳୀୟ ସଙ୍ଗଠନ ଓ କାର୍ଯ୍ୟକ୍ରମ ଗୁଡିକରେ ଅଶୋକ କୁମାର ବିଷୋୟୀ ସ୍ୱତଃପ୍ରବୃତ୍ତ ଭାବରେ ଜଡ଼ିତ ଥିବାରୁ ସେ ମଜଭୁତ ସ୍ଥିତିରେ ରହିଥିବା ଜଣାପଡିଛି। ତାହା ବ୍ୟତୀତ ଅଶୋକଙ୍କ ସ୍ତ୍ରୀ ସସ୍ମିତା କୁମାରୀ ତରାଇ ଗତ ନିର୍ବାଚନରେ ୩୮ ନଂ. ଜିଲା ପରିଷଦ ଭାବେ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ବିକାଶ ଧାରା ସହ ସାଙ୍ଗଠନିକ ଦକ୍ଷତା ଆଧାରରେ ବିଜେଡିର ସ୍ଥିତି ମଜଭୁତ ଥିବା ସୂଚନା ମିଳିଛି।

# ବିଜେଡିର ନିର୍ବାଚନୀ ସଭା ସହ ମିଶ୍ରଣପର୍ବ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ନୂଆଗଡ଼,୧୧।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନୂଆଗଡ଼ ବ୍ଲକ ୫ନଂ ଜୋନରେ ବିଜେଡି ପକ୍ଷରୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ଜେମ୍‌ସ ରାଇକା ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ନିର୍ବାଚନକୁ ଦୃଷ୍ଟିରେ ରଖି ବିଜୟ ହାସଲ କରିବା ପାଇଁ ଗଜପତି ଜିଲା ନୂଆଗଡ଼ ବ୍ଲକ ଲୁହାଙ୍ଗର ପଞ୍ଚାୟତର ସଉରି ଗ୍ରାମରେ ବିଜେଡିର ନିର୍ବାଚନୀ ସଭା ସହିତ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗ ଦେଇଥିବା ବେଳେ ନୂଆଗଡ଼ ବ୍ଲକ ପର୍ଯ୍ୟବେକ୍ଷକ ଜଗଦୀଶ ସାହୁ, ଦୁର୍ଯ୍ୟୋଧନ ସ୍ୱାଇଁ, ଜିଲା ପରିଷଦ ପ୍ରାର୍ଥୀ ଜେମ୍‌ସ ରାଇକା, ବ୍ଲକ ସଭାପତି ଇନୋସ ରଇତ ଯୋଗଦେଇଥିଲେ। ନୂତନ ଭାବେ ବିଜେଡିରେ ଯୋଗ ଦେଇଥିବା କର୍ମୀମାନଙ୍କୁ ଅତିଥିମାନେ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଜିଲା ପରିଷଦ ପ୍ରାର୍ଥୀ ଜେମସ ରାଇକା, ଲୁହାଙ୍ଗର ପଞ୍ଚାୟତ ସରପଞ୍ଚ ପ୍ରାର୍ଥିନୀ ସୁବାସିନୀ ମଣ୍ଡଳ, ସମିତି ସଭ୍ୟା ପ୍ରାର୍ଥୀ ଅର୍ଚ୍ଚନା ମଣ୍ଡଳଙ୍କୁ ମଧ୍ୟ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ଏମ୍‌ପି ପ୍ରତିନିଧି ସୁଦାମ ରଇତ ପରିଚାଳନା କରିଥିବା ବେଳେ ଯୁବ କର୍ମୀ କ୍ରିଷ୍ଣା ନାୟକ ଧନ୍ୟବାଦ ଦେଇଥିଲେ।

# ଧାନ ଚାଷୀଙ୍କ ସମବାୟ ବ୍ୟାଙ୍କ ଆଗରେ ଧାରଣା ଦେବେ

ଓଡ଼ଗାଁ, ୧୧।୧ (ସ୍ୱ.ପ୍ର.)

ଓଡ଼ଗାଁ କୃଷି ସମବାୟ ସମିତିରେ ୩୪୬ ହିତାଧିକାରୀଙ୍କୁ ଟଞ୍ଚକତା ପୂର୍ବକ ପଞ୍ଜିକୃତ ନ କରିବା କାରଣରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସେମାନଙ୍କ ଦାବି ପୂରଣ କରା ନ ଗଲେ ସମବାୟ ବ୍ୟାଙ୍କ ଆଗରେ ଧାରଣା ଦିଆଯିବ। ଏଥି ନିମନ୍ତେ ସେମାନେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀଙ୍କୁ ଦାୟୀ କରିବା ସହ ବାରମ୍ବାର ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ଉପାୟରେ ଦାବି ଜଣାଇଥିଲେ ସୁଦ୍ଧା ଏଥିପ୍ରତି କେହି କର୍ଣ୍ଣପାତ କରିନାହାନ୍ତି। ବରଂ ଯେନେ ତେନ ଉପାୟରେ ସେମାନଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଉଦ୍ୟମ ହେଉଥିବା ସେମାନେ କହିଛନ୍ତି।

୪ ତାରିଖରେ ସମସ୍ତ ଚାଷୀ ଏକତ୍ରିତ ହୋଇ ସମିତି କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ସେମାନଙ୍କୁ ଧାନ ବିକ୍ରି ଟୋକେନ ନିମନ୍ତେ ଦାବି କରିଥିଲେ। ହେଲେ ୧୦ ତାରିଖ ସୁଦ୍ଧା ସେମାନଙ୍କ କଥା ବିଚାର କରିବା କହି ଧାରଣାସ୍ଥଳରୁ ଉଠାଇ ଦିଆଯାଇଥିଲା। ହେଲେ ପ୍ରତିଶ୍ରୁତି ଅନୁସାରେ ୧୦ ତାରିଖରେ ସେମାନେ ଏ ନେଇ ବୁଝିବାକୁ ଆସିଥିଲେ। ହେଲେ ସମିତି ସମ୍ପାଦକଙ୍କଠାରୁ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନ ମିଳିବାରୁ ଚାଷୀମାନେ ସମ୍ପୃକ୍ତ କର୍ମଚାରୀଙ୍କୁ ତାଲା ପକାଇ ଦେଇଥିଲେ। ଏପରି କି ଏ ନେଇ ଚାଷୀମାନେ ସ୍ଥାନୀୟ ଥାନା ଅଧିକାରୀ, ବିଡିଓ, ତହସିଲଦାର ଓ ସମବାୟ ଅଧିକାରୀଙ୍କୁ ନିଜର ଦୁଃଖ ଜଣାଇଥିଲେ। ସବୁ ଦିଗରୁ ସେମାନେ ନିରାଶ ହେବାରେ ଶୁକ୍ରବାର ପୁଣି ଥରେ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ସମିତି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ସେମାନଙ୍କ ସହିତ ଆଲୋଚନା କରିବାକୁ ଜଣେ ମିଲର ଓ ସମ୍ପାଦକ ଆସିଥିଲେ। ହେଲେ ମିଲରଙ୍କ ସହ ଯୁକ୍ତିତର୍କ ହେବାରେ ସେ କୁଆଡେ ସେମାନଙ୍କୁ ଦେଖି ଦେବ ବୋଲି କହିବା ସହ ତୁମେ ସବୁ ହଳିଆ ପିଲା ବୋଲି କହିଥିଲେ। ଫଳରେ ଏ ନେଇ ଚାଷୀମାନେ ସ୍ଥାନୀୟ ଥାନାରେ ମିଲର ବିରୋଧରେ ଅଭିଯୋଗ କରିଥିଲେ। ତେବେ ଦୁଇଦିନ ମଧ୍ୟରେ ତାଙ୍କ ଦାବି ନ ଶୁଣିଲେ ସେମାନେ ସ୍ଥାନୀୟ ସମବାୟ ବ୍ୟାଙ୍କ ବନ୍ଦ କରି ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଲିଖିତ ଭାବେ ଆଗୁଆ ଶାଖା ପରିଚାଳକଙ୍କୁ ଜଣାଇଛନ୍ତି। ଅନ୍ୟପକ୍ଷେ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଏହାର ପ୍ରତିଫଳନ ପଡିବା ଆଶାଙ୍କା ସୃଷ୍ଟି ହୋଇଛି।

### ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ




ଚିତ୍ରକୋଣ୍ଡା,୧୧।୨(ଡି.ଏନ.ଏ.)

ଗଞ୍ଜେଇ ଚୋରାଚାଲାଣ ବେଳେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ଏହାକୁ ଜବତ କରିଛି। ଜବତ ଗଞ୍ଜେଇର ପରିମାଣ ୧କୁଇଣ୍ଟାଲ ୩୨୦ ଗ୍ରାମ। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତରପ୍ରଦେଶ ରାଇବରେଲି ଅଞ୍ଚଳର ଅମିତ କୁମାର ତ୍ରିପାଠୀ ଓ ଅବଦୁଲ ତାଲିବଉଭୟ। ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ବିଳମ୍ବିତ ରାତିରେ ଚିତ୍ରକୋଣ୍ଡା ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ ଓଡିଶା-ଆନ୍ଧ୍ର ସୀମାନ୍ତ ରେଖାପାଲି ଅଞ୍ଚଳରେ ତଲାସୀ ଅଭିଯାନ ଚଳାଇଥିଲା। ଏହି ସମୟରେ ଆନ୍ଧ୍ର ଆଡୁ ଆସୁଥିବା ଏକ କାରକୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏହାର ବଜାର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ପ୍ରକାଶ କରିଛି। ଜବତ ଗଞ୍ଜେଇ ଆନ୍ଧ୍ରର ଦାରାକୋଣ୍ଡା ଅଞ୍ଚଳରୁ ଉତ୍ତରପ୍ରଦେଶର ରାଇବରେଲି ଅଞ୍ଚଳକୁ ଚାଲାଣ ହେଉଥିଲା।

### ବିହନ ବଣ୍ଟନ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୧୧।୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ଗାଜୁଲୁମାଡୁଡ଼ି ପଞ୍ଚାୟତର ତୋଣ୍ଟାପାଲିଠାରେ ଚିତ୍ରକୋଣ୍ଡା ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ତୋଣ୍ଟାପାଲି ବନ ସୁରକ୍ଷା ସମିତିକୁ ପନିପରିବା ମଞ୍ଜି ଓ ବିଭିନ୍ନ ପ୍ରକାର ଫଳ ଚାରା ବଣ୍ଟନ କରାଯାଇଛି। ସୃଷ୍ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗର ନମିତା ମାଢ଼ି, ବନରକ୍ଷୀ ଶ୍ରୀମନ୍ତ ଗିରି, ଟିମ ଲିଡର ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ଡେଭଲପମେଣ୍ଟ ଅଫିସର ରଞ୍ଜିତ ରାଜୁ, ଅଜୟ ନାୟକ, ଆନିମେଟର ବୁଧୁ ଖେମୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଆହୁରି ୯ଟି ଗ୍ରାମରେ ପନିପରିବା ମଞ୍ଜି ଓ ଚାରା ବଣ୍ଟନ କରାଯିବ ବୋଲି ସୃଷ୍ଟି ଅନୁଷ୍ଠାନ ପକ୍ଷରୁ କୁହାଯାଇଥିଲା।

# ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ, ଦାବିପତ୍ର ପ୍ରଦାନ

## ମାର୍ଚ୍ଚ ୨୨ରୁ ପଞ୍ଚମ ସେମିଷ୍ଟର ପରୀକ୍ଷା

ଭଞ୍ଜନଗର,୧୧।୨(ଡି.ଏନ୍.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ମାର୍ଚ୍ଚ ୨୨ତାରିଖରୁ ଯୁକ୍ତ ୩ ପଞ୍ଚମ ସେମିଷ୍ଟର୍ ପରୀକ୍ଷା ଆରମ୍ଭ ହେବ। ଅଫଲାଇନରେ ପରୀକ୍ଷା ପାଇଁ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜଗୁଡିକ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପରୀକ୍ଷା ପରିଚାଳନା ନେଇ ବୁଧବାର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ (କେଏସ୍‌ୟୁବି) କଲେଜରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୪ ଓ ୧୫ ତାରିଖରେ ମିଡ୍ ସେମିଷ୍ଟର ପରୀକ୍ଷା ହେବ। ଏଥିସହ ଏଣ୍ଡ ସେମିଷ୍ଟର୍ ପରୀକ୍ଷାର ସପ୍ତାହେ ପୂର୍ବରୁ ସମସ୍ତ ପ୍ରାକ୍ଟିକାଲ ପରୀକ୍ଷା ଶେଷ କରିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ କଲେଜକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଅଫ୍‌ଲାଇନରେ ପରୀକ୍ଷା ନିଷ୍ପତ୍ତିକୁ ଛାତ୍ରୀଛାତ୍ରମାନେ ବିରୋଧ କରିଛନ୍ତି। ଅନ୍‌ଲାଇନରେ ପରୀକ୍ଷା ଦାବି ନେଇ କେଏସ୍‌ୟୁବି କଲେଜର ଛାତ୍ରମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅନଲାଇନରେ ପରୀକ୍ଷା ନ ହେଲେ ଆଗକୁ ଜୋର୍‌ଦାର୍ ଆନ୍ଦୋଳନ ହେବ ବୋଲି କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଛାତ୍ର ନେତା ରଘୁନନ୍ଦନ ପଟ୍ଟନାୟକ, ରବି ଜେନା, କାହ୍ନୁ ଗଉଡ, ଶଙ୍କର ସାହୁ, ସିପୁନ ସାହୁ, ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦ୍ରଶେଖର ଦେବଙ୍କ ମନ୍ଦିର ପ୍ରତିଷ୍ଠା



ମନ୍ଦିର ପ୍ରତିଷ୍ଠା ଅବସରରେ ପୂଜା ଚାଲିଛି।

ଖଣ୍ଡପଡ଼ା,୧୧।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବେଣାଗାଡ଼ିଆ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ଗାଁରେ ଶ୍ରୀଚନ୍ଦ୍ରଶେଖର ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ସ୍ଥାପନ୨ ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ମନ୍ଦିର ପରିସରରେ ଆୟୋଜିତ ପୂର୍ଣ୍ଣାହୁତି ଉତ୍ସବରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମୁଖ୍ୟ ପୁରୋଧା ଭାବେ ପଣ୍ଡିତ ବିଜୟ କୁମାର ଦାଶ ସମସ୍ତ ଦାୟିତ୍ୱ ସମ୍ପନ୍ନ କରିଥିଲେ। ସମସ୍ତ ନୀତିକାନ୍ତି ସମାପନ ପରେ ନୂତନ ମନ୍ଦିରରେ ବିଗ୍ରହମାନଙ୍କୁ ସ୍ଥାପନ କରାଯାଇଥିଲା। ସେହିପରି ମନ୍ଦିରରେ ଧ୍ୱଜା, ପାର୍ଶ୍ୱ ଦେବଦେବୀଙ୍କ ସମେତ ଲିଙ୍ଗ ଓ ତ୍ରିଶୂଳ ସ୍ଥାପନ କରାଯାଇଛି। ତେନ୍ତୁଳିଆପଲ୍ଲୀ ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରେ ମନ୍ଦିର ପ୍ରତିଷ୍ଠାଠାରୁ ଆରମ୍ଭ କରି ସମସ୍ତ ମାଙ୍ଗଳିକ କାର୍ଯ୍ୟ ଶେଷ ହୋଇଥିଲା।

# ନିପା ପକ୍ଷରୁ ପୁରସ୍କୃତ ବିଇଓଙ୍କୁ ସମ୍ବର୍ଦ୍ଧନା

ଗୋପାଳପୁର,୧୧।୨(ଡି.ଏନ.ଏ.)

ନୂଆଦିଲ୍ଲୀସ୍ଥିତ ଜାତୀୟ ଶୈକ୍ଷିକ ଯୋଜନା ଓ ପ୍ରଶାସନ ସଂସ୍ଥାନ (ନିପା) ପକ୍ଷରୁ ଗତ ୧୦ରେ ଜାତୀୟସ୍ତରରେ ଆଭାସୀ ମାଧ୍ୟମରେ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ପ୍ରାୟ ୧୦୦ ଜଣ ଜିଲା ଓ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ୨୦୧୮-୧୯ ଓ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ତାଙ୍କର ପ୍ରଶାସନିକା ଦକ୍ଷତା ଓ ଉତ୍ତମ ପ୍ରଦର୍ଶନ ନିମନ୍ତେ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରଙ୍ଗେଇଲୁଣ୍ଡା ବିଇଓ ଡ. ପ୍ରଭାତୀ କୁମାରୀ ମହାପାତ୍ରଙ୍କୁ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ଡ. ସୁଭାଷ ସରକାର ପୁରସ୍କୃତ କରିଥିଲେ। ୨୦୧୮ରୁ ରଙ୍ଗେଇଲୁଣ୍ଡା ବିଇଓ ଭାବେ କାର୍ଯ୍ୟରତ ଥିବା ମହାପାତ୍ର ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଓ ସିଦ୍ଧି ହାସଲ ନିମନ୍ତେ ଦିଶା ନାମକ ଏକ ଅଭିଯାନ ଆରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ସମ୍ମାନିତ ହୋଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏବିଇଓ ପ୍ରସନ୍ନ ରଥ, ସିଆର୍‌ସିସି ସୁଧାଂଶୁ ଶେଖର ଦଳେଇ, ଗୌରାଙ୍ଗ ବେହେରା, ଅରୁଣ କାନ୍ତ ସାହୁ, ଗୌରୀଶଙ୍କର ଗୌଡ଼, ନୟନା ପଟ୍ଟନାୟକ, ରାଜେନ୍ଦ୍ର ବେହେରା, ଶଶିଧର ପାଢ଼ୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଦାମନଯୋଡ଼ିର ଅଂଶୁମାନ ପାଇଲେ ସଫଳତା

ଦାମନଯୋଡ଼ି,୧୧।୨(ଡି.ଏନ୍.ଏ.)

ଭୁବନେଶ୍ୱରର ପଠାଣି ସାମନ୍ତ ପ୍ଲାନେଟୋରିୟମ ଓ ଟାଟା ଷ୍ଟିଲ୍‌ର ମିଳିତ ଆନୁକୂଲ୍ୟରେ ଏବଂ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସହଯୋଗରେ ଗତ ଡିସେମ୍ବର ୧୨ ଓ ୧୩ରେ ଯୁବ ମହାକାଶ ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ପରୀକ୍ଷା-୨୦୨୧ ଅନ୍‌ଲାଇନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୨୭୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ ସ୍କୁଲର ନବମ ଶ୍ରେଣୀ ଛାତ୍ର ଅଂଶୁମାନ ସାହୁ ଶ୍ରେଷ୍ଠ ୨୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇ ପୁରସ୍କୃତ ହୋଇଛନ୍ତି। ପୁରସ୍କାର ସ୍ୱରୂପ ଅଂଶୁମାନଙ୍କୁ ଏକ ଟେଲିସ୍କୋପ, ପୁସ୍ତକ ଓ ପ୍ରମାଣପତ୍ର ମିଳିଛି। ଡିସେମ୍ବର ୧୩ରେ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ପ୍ଲାନେଟୋରିୟମ ନିର୍ଦ୍ଦେଶକ ଲକ୍ଷ୍ମୀଧର ଦାଶ, ଟାଟା ଷ୍ଟିଲ୍ ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନ ପ୍ରମୁଖ ଉପସ୍ଥିତ ଥିଲେ। ଅଂଶୁମାନଙ୍କ ସଫଳତା ପାଇଁ ଡିପିଏସ୍ ଅଧ୍ୟକ୍ଷା ଦୀପାନ୍ୱିତା ଦାସଙ୍କ ସହିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୌର ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

ଜି.ଉଦୟଗିରି,୧୧।୨(ଡି.ଏନ.ଏ.)



ପୌର ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ ।

ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି ପରିଷଦ। ୱାର୍ଡ ସଂରକ୍ଷଣ ସହିତ ଅଧ୍ୟକ୍ଷ ପଦବୀ ପାଇଁ ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପରେ ଗୁରୁବାର ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ବସିଛି ସର୍ବଦଳୀୟ ବୈଠକ। ସ୍ଥାନୀୟ ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତାଗଣ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ମାସ ୧୧ରୁ ୧୬ ମଧ୍ୟରେ ଭୋଟରମାନେ ନିଜ ନିଜର ନାମ ତନଖି କରିନେବା ସହିତ ସଂଶୋଧନ, ଅନ୍ତର୍ଭୁକ୍ତ କରିବା ପାଇଁ ଆବେଦନ କରିପାରିବେ। ବୈଠକରେ ପରିଷଦ ତରଫରୁ ସତ୍ୟ ପ୍ରକାଶ ମହାପାତ୍ର, କମୁପାଣି ପାଣିଗ୍ରାହୀ, ପ୍ରଦୀପ କୁମାର ଶତପଥୀଙ୍କ ସହିତ ବିଜେଡି ତରଫରୁ ନଗର ସଭାପତି ଗୋପାଳ ମହାପାତ୍ର, ସମ୍ପାଦକ ଅଶ୍ୱିନୀ କୁମାର ନାୟକ, ଜିଲା ସମ୍ପାଦକ ତଥା ପୂର୍ବତନ ଅଧ୍ୟକ୍ଷ ସଞ୍ଜୀବ କୁମାର ପାତ୍ର, ଭାଜପା ତରଫରୁ ନଗର ସଭାପତି ଉଦେସନ ପ୍ରଧାନ, ଜିଲା ଓବିସି ମୋର୍ଚ୍ଚା ଉପ ସଭାପତି ସନ୍ତୋଷ କୁମାର ମୁନୀ, ଭାଜପା ନଗର ଉପ ସଭାପତି ରସାନନ୍ଦ ନାୟକ, କଂଗ୍ରେସ ତରଫରୁ ନଗର ଉପ ସଭାପତି ହିରେନ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଭୋଟର ତାଲିକା ସଂଶୋଧନ ସହିତ ବିଭିନ୍ନ ବୁଥରେ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

### ପ୍ରାର୍ଥୀ ଲାଗି ବିଧାୟିକାଙ୍କ ପ୍ରଚାର

କବିସୂର୍ଯ୍ୟନଗର,୧୧।୨(ଡି.ଏନ.ଏ.)

କବିସୂର୍ଯ୍ୟନଗର ୭ନଂ. ଜୋନ୍ ବିଜେଡି ପ୍ରାର୍ଥୀ ସନ୍ତୋଷ କୁମାର ପାଢ଼ୀଙ୍କ ଲାଗି ଖୋଦ୍ ବିଧାୟିକା ଲତିକା ପ୍ରଧାନ ପ୍ରଚାର ଜୋରଦାର କରିଛନ୍ତି। ଶୁକ୍ରବାର ପ୍ରାକ୍ତନ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀଙ୍କ ନିଜ ଗ୍ରାମ ତଥା ରିଷିପୁର ପଞ୍ଚାୟତରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ ବିଧାୟିକା। ରିଷିପୁର, ବଡ଼ମହୁରି, ଆଠଗଡ଼ ଓ ବାଉଁଶିଆ ପଞ୍ଚାୟତକୁ ନିଜ ସମର୍ଥକ, ଶୁଭେଚ୍ଛୁ, ଦଳୀୟ ପ୍ରାର୍ଥୀ ଓ ନେତାଙ୍କୁ ନେଇ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ବାବୁଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ କିପରି ଲୋକଙ୍କ ପାଖରେ ପହଞ୍ଚାଯାଇଛି, ତାହାକୁ ଆଧାର କରି ନିଜ ପ୍ରାର୍ଥୀ ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରିଥିଲେ ପ୍ରାର୍ଥୀ ଓ ବିଧାୟିକା।

# ପ୍ରାଥମିକ ଚିଠା ଭୋଟର ତାଲିକା ପ୍ରକାଶ

ବୁଗୁଡ଼ା,୧୧।୨(ଡି.ଏନ.ଏ.)



ବୁଗୁଡ଼ା ଏନ୍‌ଏସି।

ଆଗାମୀ ମାର୍ଚ୍ଚ ପ୍ରଥମ ସପ୍ତାହରେ ପୌର ନିର୍ବାଚନ ବିଗୁଲ୍ ବାଜିବାର ସମ୍ଭାବନା ରହିଥିବା ପରିପ୍ରେକ୍ଷୀରେ ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ପ୍ରାଥମିକ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏହାର ପ୍ରାଥମିକ ଭୋଟର ତାଲିକା ସାର୍ବଜନୀନ କରାଯାଇଥିବା ବେଳେ କୌଣସି ସଂଶୋଧନ କିମ୍ବା ଅଭିଯୋଗ ପାଇଁ ଫେବୃୟାରୀ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ନାଗରିକମାନେ ଅଭିଯୋଗ କରିପାରିବେ ବୋଲି ଏନ୍‌ଏସି ପକ୍ଷରୁ କୁହାଯାଇଛି। ବୁଗୁଡା ଏନ୍‌ଏସିର ଇଲେକ୍ସନ ଅଫିସର ପ୍ରସ୍ତୁତ କରିଥିବା ପ୍ରାଥମିକ ତାଲିକା ଜନସାଧାରଣ ସମୀକ୍ଷା କରିପାରିବେ ଏବଂ ଫେବୃୟାରୀ ୧୧ରୁ ୧୬ ତାରିଖ ମଧ୍ୟରେ କୌଣସି ଅଭିଯୋଗ କିମ୍ବା ଦାବି ଥିଲେ ଫର୍ମ ୩ ଓ ୪ ଯୋଗେ ଏନ୍‌ଏସି କାର୍ଯ୍ୟାଳୟରେ ଦାଖଲ କରିପାରିବେ। ଏ ସମ୍ପର୍କିତ ସମସ୍ତ ତଥ୍ୟ ଏନ୍‌ଏସିର ୱେବସାଇଟ୍ ବୁଗୁଡ଼ା ଏନ୍‌ଏସି ଡଟ୍ କମ୍‌ରେ ଉପଲବ୍ଧ ହେଉଥିବା ବେଳେ ଫର୍ମ ନଂ ୩ ଓ ୪ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିବ। ପ୍ରକାଶିତ ପ୍ରାଥମିକ ଚିଠା ଭୋଟର ତାଲିକା ପ୍ରକାରେ ୧୩ଟି ୱାର୍ଡକୁ ନେଇ ଗଠିତ ବୁଗୁଡ଼ା ଏନ୍‌ଏସିରେ ମୋଟ ୧୨ ହଜାର ୭୨୫ ଜଣ ଭୋଟର ରହିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବାପ ଘରେ ମହିଳାଙ୍କ ଆତ୍ମହତ୍ୟା

**ହିଞ୍ଜିଳିକାଟୁ,୧୧।୨(ଡି.ଏନ୍.ଏ.):** ହିଞ୍ଜିଳି ଥାନା ଶାସନଆମ୍ବଗାଁରେ ଜଣେ ବିବାହିତା ମହିଳା ବାପ ଘରେ ଗୁରୁବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ପୂଜା ବେହେରା (୨୪)। ପୂଜାଙ୍କ ସ୍ୱାମୀ ଗୁଜରାଟରେ ରହୁଥିବା ବେଳେ ସେ ୨ ମାସ ପୂର୍ବରୁ ବାପ ଘରକୁ ଆସିଥିଲେ। ଗୁରୁବାର ବିଳମ୍ବିତ ରାତିରେ ପରିବାର ଲୋକେ ପୂଜାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ନଂ. ୨/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁକ୍ରବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ସପ୍ତାହ ବ୍ୟାପୀ ଭାଗବତ ପାରାୟଣ



**ଖଣ୍ଡପଡ଼ା, ୧୧।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଦରଦା ଗ୍ରାମସ୍ଥ ମା’ ମହିଷାଶୁଣୀ ପୀଠରେ ପ୍ରତିବର୍ଷ ପରି ଚଳିତବର୍ଷ ସପ୍ତାହ ବ୍ୟାପୀ ୧୫ତମ ଭାଗବତ ପାରାୟଣ ମହାଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏ ଅବସରରେ ଗ୍ରାମର ଶତାଧିକ ମହିଳାପୁରୁଷ ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ସେମାନେ ମହିଷାଶୁଣୀ ପୀଠକୁ ଆସି କଳସ ସ୍ଥାପନ କରିବା ପରେ ଭାଗବତ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାତ୍ର ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଏହି ପୀଠର ଉନ୍ନତି କିମ୍ବା ବିକାଶ ଦିଗରେ ଦେବୋତ୍ତର ବିଭାଗ ଧ୍ୟାନ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ପୂର୍ବତନ ତହସିଲଦାର ଦେବରାଜ ସେଠୀ ବିଶିଷ୍ଟ ଅତିଥି ରୂପେ ଯୋଗଦେଇଥିଲେ।

### ଘରୁ ଗହଣା ଚୋରି

**ବ୍ରହ୍ମପୁର ଅଫିସ,୧୧।୨:** ସଦର ଥାନା ଅନ୍ତର୍ଗତ ଶକ୍ତିନଗରସ୍ଥିତ ତାଲାବନ୍ଦ ଘରୁ ଚୋରି ହୋଇଛି। ଗୃହକର୍ତ୍ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଚୋର ଗ୍ୟାଙ୍ଗ ଘରୁ ସୁନା ଗହଣା ଚୋରାଇ ନେଇଛନ୍ତି। ଶୁକ୍ରବାର ଏହା ଜଣାପଡ଼ିଛି। ମୃଣାଳିନୀ ମିଶ୍ର ତାଙ୍କ ଝିଅ ସହ ଶକ୍ତିନଗର ୭ମ ଲାଇନ୍‌ରେ ଭଡ଼ାଘରେ ରହୁଛନ୍ତି। ଗତ ପ୍ରାୟ ୩ଦିନ ହେଲା ସେମାନେ ତାଙ୍କର ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଘରେ ତାଲା ପଡ଼ିଥିଲା। ଶୁକ୍ରବାର ସକାଳେ ସେମାନେ ବ୍ରହ୍ମପୁରକୁ ଫେରି ଦେଖିବା ବେଳକୁ ତାଲା ଭଙ୍ଗା ଯାଇଥିବା ଓ ଘରେ ଜିନିଷପତ୍ର ଫିଙ୍ଗା ଫୋପଡ଼ା ହୋଇଥିବା ଦେଖିଥିଲେ। ଆଲମୀରାରୁ କାନଫୁଲ, ସୁନା ଚୁଡ଼ି ଓ ୧୦ହଜାର ଟଙ୍କା ଗାଏବ ହୋଇଥିବା ଦେଖି ମୃଣାଳିନୀ ପୋଲିସକୁ ଖବର ଦେଇଥିଲେ।

# ଫାଇଦା ଉଠାଇପାରୁନାହାନ୍ତି ଭାଜପା, କଂଗ୍ରେସ

**ନୟାଗଡ଼ ଅଫିସ/ରଣପୁର, ୧୧।୨(ସ୍ୱ./ପ୍ର.)**

**୨୪ନଂ. ଜିଲାପରିଷଦ ଜୋନ୍ ରଣପୁର ବ୍ଲକ**



- ଶାସକ ଦଳରେ ବଳ କଷାକଷି
- ବନ୍ଧମୁଣ୍ଡାର ରୂପରେଖ ବଦଳୁ ନ ଥିବାରୁ ବଢ଼ୁଛି ଅସନ୍ତୋଷ

ନୟାଗଡ଼ ଜିଲା ରଣପୁର ବ୍ଲକ ୨୪ନଂ. ଜୋନ୍‌ରେ ଶାସକ ଦଳରେ ଚାଲିଛି ବଳ କଷାକଷି। ଏହି ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରଚାରରେ ଆଗୁଆ ଥିବାବେଳେ ଦଳୀୟ କନ୍ଦଳ ଚିନ୍ତା ବଢ଼ାଉଛି। ଏହି ଜୋନ୍ ଅଧୀନ ପଞ୍ଚାୟତଗୁଡ଼ିକରେ ବିଜେଡି ସମର୍ଥନରେ ଟିକେଟ ପାଇ ନ ଥିବା ଅସନ୍ତୁଷ୍ଟମାନେ ପ୍ରାର୍ଥୀ ହୋଇ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ବିଭାଜନ କରୁଛନ୍ତି। ସେହିଭଳି ସରପଞ୍ଚ ଓ ସମିତିସଭ୍ୟ ଟିକେଟ ନ ପାଇ ଅସନ୍ତୁଷ୍ଟ ରହିଥିବା କେତେଜଣ ବ୍ୟକ୍ତି ଜିଲା ପରିଷଦ ପ୍ରାର୍ଥୀଙ୍କୁ ପରାସ୍ତ କରି ରାଗ ପରିଶୋଧ କରିବାକୁ ଗୋଟି ଚଳାଉଛନ୍ତି। ହେଲେ ଭାଜପା ହେଉ କି କଂଗ୍ରେସ ଏହି ଅସନ୍ତୁଷ୍ଟମାନଙ୍କୁ ନିଜ ସପକ୍ଷକୁ ନେବାରେ ସକ୍ଷମ ହୋଇପାରୁନାହାନ୍ତି। ଭାଜପା ଓ ବିଜେଡି ପ୍ରାର୍ଥୀ ବିଜୟୀ ପାଇଁ ଦିନରାତି ଏକ୍ କରିଥିଲେ ମଧ୍ୟ କଂଗ୍ରେସ ତା’ର କସରତ ଜାରି ରଖିଛି। ଅନ୍ୟପକ୍ଷେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବନ୍ଧମୁଣ୍ଡା ପଞ୍ଚାୟତର ରୂପରେଖ ବଦଳୁ ନ ଥିବାରୁ ଅସନ୍ତୋଷ ଓ ଆନ୍ଦୋଳନ ଦାନା ବାନ୍ଧୁଛି, ଯାହାଫଳରେ ସ୍ଥାନୀୟ ଅଞ୍ଚଳର ଆଦିବାସୀ ଶାସକ ଦଳ ଉପରେ ଖପ୍ପା ହୋଇ ରହିଛନ୍ତି। ଏହି ପଞ୍ଚାୟତର ଜରିପଡା, ଡିମିରିବାରି, ରାଆଁଳା, ବଡ଼ଟାକୁଣ୍ଡାଝରି, ସାନତୁଲୁବି, ତୁଲୁବି, ବେତୁଲି, ନୂଆଗାଁ ଓ ଉକୁଟିକୁମି ପରି ଗାଁକୁ ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ବି ରାସ୍ତାଟିଏ ନାହିଁ। ବିଭିନ୍ନ ସମୟରେ ଶାସକ ଦଳର ନେତା ପ୍ରତିଶ୍ରୁତି ଦେଇ ଭୁଲିଯିବା ଭୋଟ ବିଭାଜନର କାରଣ ହୋଇପାରେ। ସେହିପରି ଏଠାକାର ୩ରୁ ୪ଟି ଗାଁକୁ ଛାଡିଦେଲେ ଅବଶିଷ୍ଟ ୨୪ଟି ଗାଁର ଆଦିବାସୀ ଓଡ଼ିଆ କନ୍ଧ ହୋଇଯିବାରୁ ବନବାସୀ ହୋଇ ବି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଆସୁଛନ୍ତି। ଆଦିବାସୀ ମାନ୍ୟତା ଦାବିରେ ୨୦୦୦ ମସିହାରୁ ଲଢ଼େଇ କରି ଆସୁଥିଲେ ମଧ୍ୟ ଏଯାବତ୍ ସେମାନଙ୍କୁ ଅଣଦେଖା କରାଯାଉଛି। ଜାତିଗତ ପ୍ରମାଣପତ୍ର ପାଉ ନ ଥିବାରୁ ଜଙ୍ଗଲରେ ୧୦୦ରୁ ଊର୍ଦ୍ଧ୍ୱ ବର୍ଷ ହେଲା ରହି ମଧ୍ୟ ସେମାନଙ୍କ ନାଁରେ ଜମି ରେକର୍ଡଭୁକ୍ତ ହୋଇପାରୁନାହିଁ। ପଟିଆ ପଞ୍ଚାୟତ ଦଳିତ ସମ୍ପ୍ରଦାୟର କେତେଗୋଟି ପରିବାର ଖଇରାପାଇକ ହୋଇଯାଇଥିବାରୁ ଆଦିବାସୀଙ୍କ ପରି ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଅନ୍ୟପକ୍ଷେ ୨୪ନଂ. ଜୋନ୍‌ର ଅନେକ ଗାଁରେ ସରକାରୀ ଯୋଜନା ଫେଲ ମାରୁଥିଲେ ହେଁ ଏହାର ପ୍ରତିକାର ନାହିଁ। ବନ୍ଧମୁଣ୍ଡା, ଚମ୍ପାଗଡ଼, ଚାନ୍ଦପୁର, ଜଙ୍କିଆ, ପଟିଆ, ମୟୂରଝାଲିଆ, ରାଇପଡ଼ା, କନ୍ଧନୟାଗଡ଼, କେରେଣ୍ଡାଟାଙ୍ଗୀ ଓ ଝାଡ଼ପଡ଼ା ପଞ୍ଚାୟତକୁ ନେଇ ଗଠିତ ୨୪ ନଂ. ଜିଲା ପରିଷଦ ଜୋନ୍। ଏଠାରେ ଭାଜପାରୁ ବୁଦ୍ଧିମତି ପ୍ରଧାନ, କଂଗ୍ରେସରୁ ଆରତି ଜେନା, ବିଜେଡିରୁ ଜ୍ୟୋତ୍ସ୍ନାମୟୀ ଦଳବେହେରା, ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ)ରୁ ଜ୍ୟୋତ୍ସ୍ନାରାଣୀ ନାୟକ ନିର୍ବାଚନ ଲଢ଼ୁଛନ୍ତି। ଭାଜପା ରଣପୁର ବ୍ଲକର ପୂର୍ବତନ ଚେୟାରମ୍ୟାନ ବୁଦ୍ଧିମତିଙ୍କୁ ପ୍ରାର୍ଥୀ କରି ଗଡ଼ ଦଖଲ କରିବାକୁ ଉଦ୍ୟମ କରିଛି। ବିଜେଡି ଓ କଂଗ୍ରେସ ନୂଆ ପ୍ରାର୍ଥୀ ଦେଇଥିଲେ ମଧ୍ୟ ଟକରାଟକରି ଚାଲିଛି। ଏ ନେଇ ବନ୍ଧମୁଣ୍ଡା ଅଞ୍ଚଳର ତିଳୋତ୍ତମା ନାମ୍ନୀ ଜଣେ ମହିଳା କୁହନ୍ତି, ଆମ ପାଇଁ କୌଣସି ସରକାରଙ୍କ ଆନ୍ତରିକତା ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ମିଳୁନାହିଁ। ହାତଗଣତି କିଛି ଲୋକ ଏ ଯୋଜନାରେ ସାମିଲ ହେଉଛନ୍ତି। ଗାଁକୁ ରାସ୍ତା ହୋଇପାରୁନାହିଁ। ପ୍ରାର୍ଥୀମାନେ ଆସି ଭୋଟ ପ୍ରଚାର କରି ଫେରୁଛନ୍ତି। ହେଲେ ଭୋଟରଙ୍କ ଉତ୍ତର ଦେଇ ନ ପାରି ହଟହଟା ହେଉଛନ୍ତି। ରାମଚନ୍ଦ୍ର ସାହୁ ନାମକ ଜଣେ ଭୋଟର କୁହନ୍ତି, ପ୍ରାର୍ଥୀମାନେ ବିଜୟୀ ହେବାକୁ ଭୋଟରଙ୍କ ପାଖକୁ ବାରମ୍ବାର ଧାଉଁଛନ୍ତି। ଭୋଟର ରାଗୁନାହାନ୍ତି। ନିର୍ବାଚନ ପରେ ଭୋଟର ନେତାଙ୍କ ପାଖକୁ ଗଲେ ନେତା କାମ ତ କରୁନାହାନ୍ତି ବରଂ ରାଗିଯାଇ ଏପଟସେପଟ କହୁଛନ୍ତି। ଭୋଟ ପରେ ଭୋଟ ହେଉଛି ହେଲେ ବଦଳି ପାରୁନି ଗରିବ, ଖଟିଖିଆ ଲୋକର ରୋଜଗାର, ଗାଁର ଚିତ୍ର କହି କ୍ଷୋଭ ପ୍ରକାଶ କରିଥିଲେ।

## ତହସିଲ ସମ୍ମୁଖରେ ଚିଟ୍‌ଫଣ୍ଡ ଜମାକାରୀଙ୍କ ବିକ୍ଷୋଭ




**ଦଶପଲ୍ଲା,୧୧।୨(ଡି.ଏନ୍.ଏ.)**

ଚିଟ୍‌ଫଣ୍ଡ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ଦଶପଲ୍ଲା ଶାଖା ପକ୍ଷରୁ ତହସିଲ କାର୍ଯ୍ୟାଳୟକୁ ଘେରିବା ସହ ସମ୍ମୁଖରେ ଶୁକ୍ରବାର କ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଚିଟ୍‌ଫଣ୍ଡ ଟଙ୍କା ଫେରାଇବା ଦାବିରେ ଏକ ସମୟରେ ରାଜ୍ୟବ୍ୟାପୀ ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୨-୩ ବର୍ଷରେ ଜମା ଟଙ୍କା ୨ଗୁଣ ହେବାର ଲୋଭ ଦେଖାଇ କୋଟି କୋଟି ଟଙ୍କା ନେଇଯାଇଛନ୍ତି। ପରେ ଯେତେବେଳେ ଟଙ୍କା ଫେରାଇବା ସମୟ ଆସିଲା କମ୍ପାନୀମାନେ ଧୀରେ ଧୀରେ ଅଫିସ ବନ୍ଦ କରିବା ଆରମ୍ଭ କଲେ। ଏ ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ କେତେଗୋଟି କମ୍ପାନୀକୁ ବନ୍ଦ କରିଦେଲେ। ଲୋକଙ୍କୁ ପ୍ରତିଶ୍ରୁତି ଦେଲେ ଆମେ ସେମାନଙ୍କଠାରୁ ଜମାଟଙ୍କା ଫେରସ୍ତ ଆଣି ତୁମକୁ ଦେବୁ। ଧାରଣା, ଧର୍ମଘଟ, ରାସ୍ତା ବନ୍ଦ ଆଦି ହେବା ପରେ ୨୦୧୯ରେ ଅଳ୍ପ ଲୋକଙ୍କୁ କିଛି ଟଙ୍କା ଫେରାଇଥିଲେ ହେଁ ଅଦ୍ୟାବଧି ବହୁ ଜମାକାରୀ ଟଙ୍କା ପାଇନାହାନ୍ତି। ଟଙ୍କା ଫେରସ୍ତ ପାଇଁ ତହସିଲ ଅଫିସ ଘେରାଉ କରାଯିବା ସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ନୟାଗଡ଼ ଜିଲା ସଭାପତି ଚଣ୍ଡାଳ ପ୍ରଧାନ, ନିତ୍ୟାନନ୍ଦ ମହାଳିକ, ସୁନନ୍ଦ ଦାସ, ମମତା ମିଶ୍ର, ପ୍ରଦିପ ହେରା ଅଧିକାରୀ ପ୍ରଧାନ ଚିନ୍ତାମଣି ବେହେରାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିଲା। ପର୍ଯ୍ୟାୟକ୍ରମେ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଜିଲା ସଭାପତି ସୂଚନା ଦେଇଛନ୍ତି।

# ୧୨ ମାସ ହେଲା ବୃଦ୍ଧାଙ୍କୁ ମିଳୁନି ଭତ୍ତା, ରାଶନ ସାମଗ୍ରୀ

**ନୂଆଗାଁ, ୧୧।୨ (ଡି.ଏନ୍.ଏ.)**

**କର୍ମଚାରୀଙ୍କ ଅବହେଳାରୁ ଦୁଃଖରେ ଦିନ କାଟୁଛନ୍ତି**



ଦାରିଦ୍ର୍ୟର ସୀମାରେଖା ତଳେ ରହୁଥିବା ଗରିବ ଲୋକଙ୍କୁ ଖାଦ୍ୟ ଦେବାକୁ ୫ କେଜି ରାଶନ ଯୋଗାଇ ଦେଉଛନ୍ତି। ସେହିପରି ବାର୍ଦ୍ଧକ୍ୟ ସମୟ ଅବା ବିଧବା ମହିଳାଙ୍କୁ ସହାୟ ପାଇଁ ସରକାର ଭତ୍ତା ଯୋଜନା କରିଛନ୍ତି। ମାତ୍ର ଯାହାର ବିପରୀତ ଦେଖିବାକୁ ମିଳିଛି ଓଡ଼କପା ଗାଁର ୮୩ ବର୍ଷିୟା ଆଦିବାସୀ ମହିଳା ସୁଶୀଳା ପ୍ରଧାନଙ୍କ କ୍ଷେତ୍ରରେ। ସେ ୧୨ ମାସ ହେଲା ଭତ୍ତା କି ରାଶନ ନ ପାଇ କଷ୍ଟରେ ଦିନ କାଟୁଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁହାଁବାରି ପଞ୍ଚାୟତ ଓଡ଼କପା ଗାଁର ସୁଶୀଳା। ୧୫ ବର୍ଷ ପୂର୍ବେ ସ୍ୱାମୀଙ୍କ ଦେହାନ୍ତ ପରେ ଏକମାତ୍ର ପୁଅ ଭରସାରେ ଚଳି ଆସୁଛନ୍ତି। ବିଧବା ହେବା ପରେ ସରକାରଙ୍କ ଭତ୍ତା ଯୋଜନାରେ ସାମିଲ ହୋଇ ପ୍ରତି ମାସରେ ଶହେ ଟଙ୍କା ପାଉଥିଲେ। କିନ୍ତୁ ବର୍ତ୍ତମାନ ସେହି ଭତ୍ତା ବୃଦ୍ଧି ହୋଇ ଏବେ ୭୦୦ ଟଙ୍କାରେ ପହଞ୍ଚିଛି। ପରଘରେ ମୂଲ ଲାଗି ମା’କୁ ମୁଠେ ଖାଇବାକୁ ଦେଉଥିବା ପୁଅ କରୋନା ମହାମାରୀ ସମୟରେ ଜୀବିକା ହରାଇ ବସିଲା। ଫଳରେ ପରିବାର ଚଳାଇବା କଷ୍ଟକର ହୋଇପଡିଲା। ଲୋକମାନେ ଜୀବିକା ହରାଇଥିବା ଯୋଗୁ ପରିବାର ପ୍ରତିପୋଷଣ ପାଇଁ ସରକାର ଅଗ୍ରିମ ଭତ୍ତା ଦେଉଛନ୍ତି। ୨୦୨୧ ଏପ୍ରିଲଠାରୁ ସୁଶୀଳାଙ୍କୁ ଆଦୌ ଭତ୍ତା ଦିଆଯାଇନାହିଁ ବୋଲି ଅଭିଯୋଗ କରିଛନ୍ତି। ପଞ୍ଚାୟତରୁ ଭତ୍ତା ଆଣିବାକୁ ଅକ୍ଷମ ବ୍ୟକ୍ତିମାନଙ୍କ ଘରେ ଭତ୍ତା ଟଙ୍କା ପହଞ୍ଚାଇବ। ଜଙ୍ଗଲ ମଧ୍ୟରେ ଅପନ୍ତରିଆ ଗ୍ରାମରୁ ଚାଲି ଚାଲି ପଞ୍ଚାୟତକୁ ଆସି ନ ପାରିବାରୁ ଭତ୍ତା ପାଇବାରୁ ବୃଦ୍ଧା ବଞ୍ଚିତ ହୋଇଗଲେ। ସେହିପରି ଡିସେମ୍ବର ୨୦୨୦ରୁ ସୁଶୀଳାଙ୍କୁ ରାଶନ ସାମଗ୍ରୀ ମଧ୍ୟ ଦିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ସୁଶୀଳା ଭତ୍ତା ନ ପାଇବା ବାବଦରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଘୁନାଥ ସାହୁଙ୍କୁ ପଚାରିବାରେ ବୃଦ୍ଧାଙ୍କ ଘରେ ଭତ୍ତା ଟଙ୍କା ଶୀଘ୍ର ପହଞ୍ଚାଇବା ପାଇଁ ବେରୁହାଁବାରି ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଶନ ନ ପାଇବା ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ଶ୍ରୀହର୍ଷଙ୍କୁ ପଚାରିବାରେ ତାଙ୍କ ରାଶନ କାର୍ଡ ଠିକ୍ ଅଛି। ତେଣୁ ରାଶନ ସାମଗ୍ରୀ ପାଇବା ପାଇଁ ବୃଦ୍ଧା ହକ୍‌ଦାର ବୋଲି ସେ କହିଛନ୍ତି।

# କାଠଗଣ୍ଡି ସହ ଟ୍ରାକ୍ଟର ଜବତ, ୨ ଗିରଫ



ଗିରଫ ୨ ଅଭିଯୁକ୍ତ।

**ଓଡ଼ଗାଁ, ୧୧।୨ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବନ ବିଭାଗ କର୍ମଚାରୀ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଶାଳ ଓ ପିଆଶାଳ କାଠଗଣ୍ଡି ସହ ଟ୍ରାକ୍ଟର ଜବତ କରିଛନ୍ତି। ଏହା ସହ ଟ୍ରାକ୍ଟର ମାଲିକ ତଥା ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଟ୍ରାକ୍ଟର ମାଲିକ ନନ୍ଦିଘୋର ଗ୍ରାମର ବଳଦେବ ପ୍ରଧାନ(୩୮) ଓ ହେଲପର ବୁଲୁ ବରାଡ(୩୪) ବୋଲି ଜଣାଯାଇଛି।

ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ ରେଞ୍ଜର ଅମ୍ରିତ କୁମାର ସାହୁଙ୍କ ନେତୃତ୍ୱରେ ବନ କର୍ମଚାରୀ ଓଡ଼ଗାଁ-ନନ୍ଦିଘୋର ରୋଡରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ କାଠ ବୋଝେଇ ଟ୍ରାକ୍ଟର ଦ୍ରୁତ ଗତିରେ ଆସୁଥିଲା। ବନ କର୍ମଚାରୀ ଟ୍ରାକ୍ଟରକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଚାଳକ ବନ ବିଭାଗ ଗାଡିକୁ ଧକ୍କା ଦେବା ସହ ଆକ୍ରମଣାତ୍ମକ ଢଙ୍ଗରେ ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ବନ କର୍ମଚାରୀଙ୍କ ଉଦ୍ୟମରୁ ଟ୍ରାକ୍ଟରକୁ ଜବତ କରିବା ସହ ଉଭୟଙ୍କୁ ଗିରଫ କରିଛି। ହେଲେ ସେଥିରେ ସଦ୍ୟ କଟା ଯାଇଥିବା ୧୫ ଶାଳ, ୧ ପିଆଶାଳ ଗଣ୍ଡି ସହ ସାଢେ ୬ କୁଇଣ୍ଟାଲ ମେଢା ରହିଥିବା ବନ ବିଭାଗ ପ୍ରକାଶ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ। ଏହାସହ ବନ ବିଭାଗ ନଂ.ଓଡି୨୫ଏ ୦୯୧୧ ଟ୍ରାକ୍ଟର ଜବତ କରିଥିଲେ। ହେଲେ ଏହାର ଟ୍ରଲି ନଂ. ଅସ୍ପଷ୍ଟ ରହିଛି। ରେଞ୍ଜର ସାହୁଙ୍କ ସହିତ ସଦର ବନପାଳ ସନ୍ଧ୍ୟାରାଣୀ ନାୟକ, ବାହାଡ଼ାଝୋଲା ବନପାଳ ସନାତନ ସ୍ୱାଇଁ, ବନରକ୍ଷୀ ଦିଲୀପ କୁମାର ପ୍ରଧାନ, ଧରଣୀଧର ନାୟକ ଓ ବନ ସୁରକ୍ଷା ସ୍କାର୍ଡ ପାଟ୍ରୋଲିଂରେ ସାମିଲ ଥିଲେ। ଅନ୍ୟପକ୍ଷେ ଜବତ କାଠ ଗୟଳସିଂ ସଂରକ୍ଷିତ ଜଙ୍ଗଲରୁ କାଟିଥିବା ଗିରଫ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ନିଜର ଭୁଲକୁ ସ୍ୱୀକାର କରିଛନ୍ତି। ହେଲେ ଅନ୍ୟ ଜଣକ ନିର୍ଦ୍ଦେଶରେ ସେମାନେ କାଠ କାଟିଥିବା କହିଛନ୍ତି।

## ବସ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ମାମଲା: ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଦିଗପହଣ୍ଡି,୧୧।୨(ଡି.ଏନ୍.ଏ.)**

ଦିଗପହଣ୍ଡି ପୋଲିସ ଶୁକ୍ରବାର କୋରାପୁଟ ଜିଲା ଅମ୍ବାଗୁଡ଼ା ଥାନା କୁମୁଟିପୁଟ ଗ୍ରାମର ଗାଡି ଚାଳକ ସରୋଜ କୁମାର ଶତପଥୀଙ୍କୁ ଥାନା ମାମଲା ନଂ. ୬୫/୨୨ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଗତ ବୁଧବାର ରାତିରେ ଦିଗପହଣ୍ଡି - ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ଡେଙ୍ଗାଓସ୍ତା ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ବସ (ନଂ. ଓଡି ୦୨ - ବି ଏ -୦୭୯୭) ଧକ୍କାରେ ଜଣେ ଅଚିହ୍ନା ଯୁବକଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲେ। ଯାତ୍ରୀବାହୀ ବସଟି ମାଲକାନଗିରି ଚିତ୍ରକୋଣ୍ଡାରୁ ଭୁବନେଶ୍ୱର ଭାୟା ବ୍ରହ୍ମପୁର ଅଭିମୁଖେ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ମୃତକ ଜଣକ ଜଣେ ଅଣଓଡ଼ିଆ ଏବଂ ସେ କିଛିଦିନ ହେଲା ଏଠାକୁ ଆସି ସ୍ଥାନୀୟ ଅଞ୍ଚଳରେ ଭିକ୍ଷା ବୃତ୍ତି କରି ଚଳୁଥିଲେ ବୋଲି ପୋଲିସକୁ ସୂଚନା ମିଳିଛି।

# ଅଙ୍ଗନୱାଡି କର୍ମୀ କରୁଛନ୍ତି ଭୋଟ ପ୍ରଚାର

**ନୟାଗଡ଼ ଅଫିସ,୧୧।୨**

ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଓଡ଼ଗାଁ ବ୍ଲକର ୧ନଂ. ଜିଲା ପରିଷଦ ଜୋନରେ ବିଜେଡି ପ୍ରାର୍ଥିନୀଙ୍କ ସହ ପାଣ୍ଡେରୀପଡା ଅଙ୍ଗନୱାଡି କର୍ମୀ ଗୋମତି ସାହୁ ଭୋଟ ପ୍ରଚାର କରୁଛନ୍ତି। ସେହିପରି ଏସ୍‌ଏଚଜି ଗ୍ରୁପର ସିଆରପି ଝୁନୀ ପ୍ରଧାନ ଅନୁରୂପ ଭାବେ ଭୋଟ ପ୍ରଚାର କରୁଛନ୍ତି। ଏ ନେଇ କଂଗ୍ରେସ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନଙ୍କୁ ଶୁକ୍ରବାର ଫେରାଦ୍ ଦିଆଯାଇଛି। ଶାସକ ଦଳ କିପରି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛି ଭୋଟ ପ୍ରଚାରର ଏକ ଫଟୋ ପଠାଇଛି ବୋଲି ଜିଲା ସଭାପତି ରଣଜିତ୍ ଦାଶ କହିଛନ୍ତି।



ପ୍ରଚାରରେ ସାମିଲ ହୋଇଥିବା ଅଙ୍ଗନୱାଡି କର୍ମୀ।

# ୭ ମୌଜାର ମହିଷାସୁଣୀ ପୀଠ ଅବହେଳିତ

**ଖଣ୍ଡପଡ଼ା, ୧୧।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ସଦର ମହକୁମାଠାରୁ ପ୍ରାୟ ୧୨ କିମି ଦୂର ଜଗନ୍ନାଥପ୍ରସାଦ ପଞ୍ଚାୟତ। ପାହାଡ଼ ପର୍ବତଘେରା ସବୁଜ ପରିବେଶ ମଧ୍ୟରେ ଥିବା ଦରଦା, ମହୁଲପଡା, କୁଆହରା, ପାଟଚଣ୍ଡୀ ପ୍ରସାଦ, ଗୋବର୍ଦ୍ଧନପୁର, କାଦୁଆପଡା ଓ ଜଗନ୍ନାଥପ୍ରସାଦ ଏପରି ୭ଟି ମୌଜା ତଥା ୨୧ଟି ୱାର୍ଡକୁ ନେଇ ପଞ୍ଚାୟତ ଗଠିତ। ଦରଦା ଗ୍ରାମ ମୁଣ୍ଡରେ ଥିବା ମା’ ମହିଷାସୁଣୀ ଦେବୀ ଏହି ୭ ମୌଜାର ଗ୍ରାମଦେବତୀ ଭାବେ ପୂଜା ପାଉଛନ୍ତି। ହେଲେ ପୀଠଟି ଅବହେଳିତ ଅବସ୍ଥାରେ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ କହିବାନୁଯାୟୀ, ଦରଦା ଗ୍ରାମ ପ୍ରଥମେ ଖଣ୍ଡପଡ଼ାର ପୂର୍ବତନ ରାଜା ସ୍ୱର୍ଗତ ରାମଚନ୍ଦ୍ର ସିଂହଙ୍କ ଖମାର ଗ୍ରାମ ଥିଲା। ଏଠାରେ ପରବର୍ତ୍ତୀ ସମୟରେ ମା’ ମହିଷାଶୁଣୀ ଠାକୁରାଣୀଙ୍କୁ ସ୍ଥାପନା କରାଯାଇଥିଲା। ୭ ମୌଜାର ଏହି ଠାକୁରାଣୀଙ୍କ ବିଭିନ୍ନ ପୂଜାପର୍ବ, ଯାନିଯାତ୍ରା ତଥା ମନ୍ଦିର ପରିଚାଳନା ପାଇଁ ପ୍ରାୟ ୪୪.୩୧ ଏକର ସମ୍ପତ୍ତି ରହିଛି। ଗ୍ରାମବାସୀଙ୍କଠାରୁ ପ୍ରକାଶ, ଏହି ମନ୍ଦିରରେ ଚୈତ୍ର ୭ମୀଠାରୁ ୯ମୀ ୩ଦିନ ଧରି ବାସନ୍ତୀ ଦୁର୍ଗାପୂଜା, ଦଶହରାରେ ୪ ଦିନ ଓ ରଜରେ ୩ ଦିନ ଏହି ପୀଠରେ ପାରମ୍ପରିକ ରୀତିରେ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହାଛଡ଼ା ଗ୍ରାମବାସୀଙ୍କ ସହଯୋଗରେ ପ୍ରତିବର୍ଷ ମାଘମାସ ନବମୀ ତିଥିରୁ ମାଘପୂର୍ଣ୍ଣମୀ ପର୍ଯ୍ୟନ୍ତ ୭ ଦିନ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥାଏ। ବିଶେଷକରି ଏ ଅଞ୍ଚଳର ଏକ ପର୍ବରେ ଠାକୁରାଣୀଙ୍କ ପାଇଁ ଭୋଗ ପ୍ରସ୍ତୁତ ହେବା ପରେ ସମୂହ ହାଣ୍ଡିଭଙ୍ଗା ପ୍ରଥା ଏକ ନିଆରା ପରମ୍ପରା। ବର୍ଷର ଏହିସବୁ ସମୟରେ ଯାନିଯାତ୍ରାରେ ୭ମୌଜା ସମେତ ଆଖପାଖ ପଞ୍ଚାୟତର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏଠାରେ ଥିବା ଏକମାତ୍ର ନଳକୂପରୁ ଲୁହାଳିଆ ପାଣି ବାହାରୁଥିବାରୁ ତାହା ପିଇବା ଉପଯୋଗୀ ନୁହେଁ। ଠାକୁରାଣୀଙ୍କ ୫ଟି ପୋଖରୀ ଓ ଜମିକୁ ନିଲାମ ଦେଇ ଦେବୋତ୍ତର ବିଭାଗ ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରୁଛି। ମାତ୍ର ଠାକୁରାଣୀଙ୍କ ଉପରୋକ୍ତ ଯାତ୍ରା ପାଇଁ ବିଭାଗ ପକ୍ଷରୁ ବାର୍ଷିକ ମାତ୍ର ୯ ଶହ ଟଙ୍କା ମିଳୁଥିବା ମନ୍ଦିର ପୂଜକ ରମେଶ ମହାପାତ୍ର ଓ ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଥିଲେ। ରାଜରାଜୁଡା ଶାସନ ପରେ ଏହି ପୀଠର ପରିଚାଳନା ଦାୟିତ୍ୱ ଖଣ୍ଡପଡା ଦେବୋତ୍ତର ବିଭାଗ ଉପରେ ନ୍ୟସ୍ତ ରହିଛି। ତେବେ ଏହି ପୀଠର ଆବଶ୍ୟକ ରକ୍ଷଣାବେକ୍ଷଣ ଓ ଉନ୍ନତି ଦିଗରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଧ୍ୟାନ ଦେଇ ପୀଠର ଉନ୍ନତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ମହିଷାସୁଣୀ ପୀଠ।

# ୪୮୩ ବୁଥ୍ ଉତ୍ତେଜନା ପ୍ରବଣ

**ନୟାଗଡ଼ ଅଫିସ,୧୧।୨**

**ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ**



- ସ୍ୱତନ୍ତ୍ର ମହିଳାବୁଥ୍ ଓ ୩୩ ଅସ୍ଥାୟୀ ବୁଥ୍
- ୧୪ଦିନ ବନ୍ଦ ରହିବ ମଦଦୋକାନ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୦୨୨ ନିମନ୍ତେ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଶୁକ୍ରବାର ପୋଲିସ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି ସିଦ୍ଧାର୍ଥ କଟାରିଆ, ସାଧାରଣ ପର୍ଯ୍ୟବେକ୍ଷକ ଭରତ ଚନ୍ଦ୍ର ବେହେରା, ଅର୍ଥ ପର୍ଯ୍ୟବେକ୍ଷକ ଅଶୋକ କୁମାର ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ ଏବଂ ଏଏସ୍‌ପି ଉମାକାନ୍ତ ମଲ୍ଲିକ ମଞ୍ଚାସୀନ ଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ନୟାଗଡ଼ ଜିଲାର ୧୯୪ ପଞ୍ଚାୟତର ୨,୯୮୮ଟି ଓାର୍ଡ ତଥା ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ଏଥିରୁ ୪୮୩ଟି ବୁଥ୍‌କୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି। ଉତ୍ତେଜନାପ୍ରବଣ ବୁଥ୍ ଅଞ୍ଚଳରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ ଏବଂ ପାଟ୍ରୋଲିଂ କରାଯିବ। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପକ୍କାଘର ଅଭାବରୁ ୩୩ ଗୋଟି ଅସ୍ଥାୟୀ ବୁଥ୍ ନିର୍ମାଣ ହେବ। ଜିଲାରେ ୩୧୩ ଜଣ ସେକ୍ଟର ଅଫିସର ନିୟୋଜିତ ହୋଇଛନ୍ତି। ଏଥିରେ ଓଡ଼ଗାଁ ବ୍ଲକ ପାଇଁ ୪୬, ରଣପୁରରେ ୫୫, ନୟାଗଡ଼ରେ ୪୨, ନୂଆଗାଁରେ ୩୪, ଦଶପଲ୍ଲାରେ ୩୪, ଗଣିଆରେ ୧୫, ଖଣ୍ଡପଡ଼ାରେ ୪୨ ଓ ଭାପୁର ବ୍ଲକରେ ୪୫ ଜଣ ଲେଖାଏ ସେକ୍ଟର ଅଫିସର ଅଛନ୍ତି। ଆସନ୍ତା ୧୫ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ନୟାଗଡ଼ ଜିଲାର ସମସ୍ତ ମଦ ଦୋକାନ ବନ୍ଦ ରହିବ। ପ୍ରତ୍ୟେକ ବ୍ଲକରେ ସ୍ୱତନ୍ତ୍ର ମହିଳା ବୁଥ୍ କରାଯିବ। ଏହି ବୁଥ୍‌ରେ କେବଳ ମହିଳା କର୍ମଚାରୀ ନିୟୋଜିତ ହେବେ। ଭୋଟ ହେବା ଦିବସର ପୂର୍ବାହ୍ନ ୭ଟାରୁ ଭୋଟଦାନ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ଅପରାହ୍ନ ୧ଟାରେ ଭୋଟ କେନ୍ଦ୍ରର ପ୍ରବେଶ ଦ୍ୱାର ବନ୍ଦ କରାଯିବ। ଭୋଟ କେନ୍ଦ୍ର ମଧ୍ୟରେ ଥିବା ସମସ୍ତ ଭୋଟର ମତଦାନ କରିପାରିବେ। ଭୋଟ ବାକ୍ସଗୁଡ଼ିକ ଭୋଟଦାନ କେନ୍ଦ୍ରରୁ ବ୍ଲକର ଷ୍ଟ୍ରଙ୍ଗ୍‌ରୁମ୍‌ରେ ପହଞ୍ଚିବା ପର୍ଯ୍ୟନ୍ତ ପୋଲିସ ଉପସ୍ଥିତ ରହିବ। ଫେବୃୟାରୀ ୨୬, ୨୭ ଓ ୨୮ ତାରିଖରେ ପ୍ରତ୍ୟେକ ବ୍ଲକରେ ଭୋଟ ଗଣତି ସକାଳ ୮ଟାରୁ ଆରମ୍ଭ ହେବ। ଷ୍ଟ୍ରଙ୍ଗ୍‌ରୁମ୍‌ଗୁଡ଼ିକ ୨୪ ଘଣ୍ଟା ସିସିଟିଭି ଏବଂ ପୋଲିସର ସତର୍କ ଦୃଷ୍ଟିରେ ରହିବ। ଏହି ବୈଠକରେ ଜିଲା ପଞ୍ଚାୟତ ଅଧିକାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବିଡିଓ, ତହସିଲଦାର,ଏସ୍‌ଡିପିଓ, ଆଇଆଇସି, ଥାନା ଅଧିକାରୀ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।